# ମଡ୍ୟୁଲ – ୨

# ଭାରତରେ ପ୍ରାକୃତିକ ପରିବେଶ, ସମ୍ପଦ ଏବଂ ପ୍ରଗତି


| | | |
|---|---|---|
| ପାଠ – ୯ | : | ଭାରତ ପ୍ରାକୃତିକ ଗଠନ ଓ ଅବସ୍ଥିତି |
| ପାଠ – ୧୦ | : | ଜଳବାୟୁ |
| ପାଠ – ୧୧ | : | ଜୈବ ବିବିଧତା |
| ପାଠ – ୧୨ | : | ଭାରତରେ କୃଷି |
| ପାଠ – ୧୩ | : | ପରିବହନ ଏବଂ ଯୋଗଯୋଗ |
| ପାଠ – ୧୪ | : | ଜନସଂଖ୍ୟା ଆମର ସବୁଠାରୁ ବଡ଼ |

# ୯

# ଭାରତର ପ୍ରାକୃତିକ ଗଠନ ଓ ଅବସ୍ଥିତି

**ଘରୋଇ ଶିକ୍ଷକ** – ପ୍ରିୟ ଛାତ୍ରଗଣ, ତୁମେମାନେ ନିଶ୍ଚୟ ସ୍ୱୀକାର କରିବ ଯେ ଆମ୍ଭେମାନେ ଯେଉଁ ସ୍ଥାନରୁ ଆସିଅଛୁ ତାହାର ପ୍ରଭାବ ଆମ୍ଭମାନଙ୍କର ଚିନ୍ତାଧାରା ଓ ଆଚରଣରେ ପରିଲକ୍ଷିତ ହୁଏ । ଆସ ଜାଣିବା ଆମ୍ଭେମାନେ କେଉଁ ସ୍ଥାନରୁ ଆସିଅଛୁ ?

**ନଟଶା** – ମୁଁ ହିସାର ସହରରୁ ଆସିଅଛି । ଫାରା ଫତେହାବାଦରୁ ଏବଂ ରାଜେନ୍ଦ୍ର ଭିୱାନିରୁ ଆସିଅଛି ।

**ଶିକ୍ଷକ** – ତୁମେମାନେ ଜାଣିଛ କି ଏସବୁ ସ୍ଥାନ କେଉଁଠାରେ ଅବସ୍ଥିତି ?

**ରାଜେନ୍ଦ୍ର** – ହଁ ସେଗୁଡ଼ିକ ହରିୟାଣାରେ ଅବସ୍ଥିତ । ଆହୁରି ମଧ୍ୟ ସେଗୁଡ଼ିକ ଭାରତରେ ଅବସ୍ଥିତ । ଭାରତ କେଉଁଠାରେ ଅବସ୍ଥିତ ଅଟେ ?

**ଫାରା** – ଭାରତର ଅବସ୍ଥିତି ବିଷୟରେ ଜାଣିବାର କ’ଣ ଆବଶ୍ୟକତା ରହିଅଛି ?

**ଶିକ୍ଷକ** – କୌଣସି ଦେଶର ଅବସ୍ଥିତି ସେ ଦେଶର ପରିଚୟର ଚାବିକାଠି ଅଟେ । ଏହା ସେ ଦେଶର ଜଳବାୟୁ, ଉଦ୍ଭିଦ, କୃଷି, ଅନ୍ୟାନ୍ୟ ସମ୍ବଳ ସମ୍ବନ୍ଧରେ ନିଶ୍ଚିତ ରୂପେ ଜଣାଇଦିଏ । ଏହା ସେ ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ଜୀବନ ଶୈଳୀ ଉପରେ ଗଭୀର ପ୍ରଭାବ ପକାଏ । ସେମାନେ କ’ଣ ଖାଆନ୍ତି ? ପୃଥିବୀ ସ୍ତରରେ ସେମାନଙ୍କର କଥା କେତେକ ଶକ୍ତିଶାଳୀ ଏହା ସୂଚାଇଥାଏ । ତେଣୁ କରି ଭାରତର ବିଭିନ୍ନ ଦୃଷ୍ଟିକୋଣ ବିଷୟରେ ଜାଣିବାକୁ ହେଲେ ଏହାର ଅବସ୍ଥିତି ବିଷୟ ଜାଣିବା ଦରକାର । ଆସ ଏହି ପାଠରେ ଏହା ବିଷୟରେ ଆଲୋଚନା କରିବା ।

## ଉଦ୍ଦେଶ୍ୟ

ଏହି ପାଠ୍ୟ ବିଷୟକୁ ପଢ଼ିସାରିଲା ପରେ ତୁମ୍ଭେମାନେ ନିମ୍ନଲିଖିତ ବିଷୟରେ ଜାଣିବାକୁ ସକ୍ଷମ ହେବ –

- ଅକ୍ଷାଂଶ ଓ ଦ୍ରାଘିମା ଅନୁସାରେ ଭାରତର ଅବସ୍ଥିତି ବିଷୟରେ ବର୍ଣ୍ଣନା ।
- ମାନଚିତ୍ର ମାଧ୍ୟମରେ ଭାରତର ପଡ଼ୋଶୀ ଦେଶର ଅବସ୍ଥିତି ବିଷୟରେ ବର୍ଣ୍ଣନା ।
- ଭାରତର ରାଜନୈତିକ ମାନଚିତ୍ରରେ ଏହାର ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅବସ୍ଥିତି ସମ୍ବନ୍ଧରେ ବର୍ଣ୍ଣନା ।

ମଡ୍ୟୁଲ – ୨
ଭାରତରେ ପ୍ରାକୃତିକ ପରିବେଶ, ସମ୍ପଦ ଏବଂ ପ୍ରଗତି

ଟିପ୍ପଣୀ

- ଭାରତର ମୁଖ୍ୟ ପ୍ରାକୃତି ବିଭାଗ ବିଷୟରେ ବର୍ଣ୍ଣନା ।
- ଭାରତର ଜଳ ନିଷ୍କାସନ ସମ୍ବନ୍ଧରେ ବର୍ଣ୍ଣନା
- ହିମାଳୟ ଏବଂ ଉପଦ୍ୱୀପୀୟ ଜଳ ନିଷ୍କାସନର ତୁଳନାତ୍ମକ ବିବରଣୀ ଏବଂ
- ନଦୀଗୁଡ଼ିକର ଜଳକୁ ପରିଷ୍କାର ରଖିବାକୁ ଲୋକମାନଙ୍କର ଭୂମିକା ।

## ୯.୧ ଅବସ୍ଥିତି

ଶିକ୍ଷକ – ପିଲାମାନେ ! ଯେତେବେଳେ କୌଣସି ବ୍ୟକ୍ତି ଭାରତ କେଉଁଠାରେ ଅବସ୍ଥିତ ବୋଲି ପଚାରିବ, ସେତେବେଳେ ଆମ୍ଭେ ଏହାର ଉତ୍ତର ନିମ୍ନଲିଖିତ ଦୁଇ ପ୍ରକାରରେ ଦେବା ।

(କ) ସମ୍ପୂର୍ଣ୍ଣ ଅବସ୍ଥିତି (ଖ) ସମ୍ପର୍କଜନିତ ଅବସ୍ଥିତି


ସମ୍ପୂର୍ଣ୍ଣ ଅବସ୍ଥିତିର ଅର୍ଥ ଏହାର ଅକ୍ଷାଂଶ ଓ ଦ୍ରାଘିମାକୁ ଡିଗ୍ରୀରେ ପ୍ରକାଶ କରିବ । ସମ୍ପର୍କ ଜନିତ ଅବସ୍ଥିତିରେ ଦୂରତା ଓ ନିକଟତା ବିଷୟ ଜାଣିବା ।

### ତୁମେ ଜାଣ କି

**ଅକ୍ଷାଂଶ** – ବିଷୁବରେଖାଠାରୁ ଉତ୍ତର ବା ଦକ୍ଷିଣରେ ପୃଥିବୀ ପୃଷ୍ଠରେ ଅବସ୍ଥିତ କୌଣସି ସ୍ଥାନର କୌଣିକ ଦୂରତାକୁ ଅକ୍ଷାଂଶ କୁହାଯାଏ ।

**ଦ୍ରାଘିମା** – ମୂଳ ଦ୍ରାଘିମାର ଗ୍ରୀନଉଇଚର ପୂର୍ବ ପଶ୍ଚିମରେ ପୃଥିବୀ ପୃଷ୍ଠରେ ଅବସ୍ଥିତ କୌଣସି ସ୍ଥାନର ଦୂରତାକୁ ଦ୍ରାଘିମା କୁହାଯାଏ ।

**କୌଣିକ ଦୂରତା**–ପୃଥିବୀ କେନ୍ଦ୍ର ସହିତ ପୃଥିବୀ ପୃଷ୍ଠରେ କୌଣସି ସ୍ଥାନ ଯେଉଁ କୋଣ ସୃଷ୍ଟି କରେ ତାକୁ କୌଣିକ ଦୂରତା କୁହାଯାଏ ।




(ଚିତ୍ର – ୯.୧)

**ଶିକ୍ଷକ** – ମାନଚିତ୍ର ସାହାଯ୍ୟରେ ଭାରତ ମୂଳ ଭୂଖଣ୍ଡ ଅକ୍ଷାଂଶ ଓ ଦ୍ରାଘିମାକୁ ତୁମେ କ'ଣ ବାହାର କରିପାରିବ ?

**ନଟଶା** – ଭାରତର ମୂଳ ଭୂଖଣ୍ଡ ୮°୪' ମିନିଟ ଉତ୍ତର ଅକ୍ଷାଂଶକୁ ୩୭°୬' ମିନିଟ ଉତ୍ତର ଅକ୍ଷାଂଶ ମଧ୍ୟରେ ବିସ୍ତୃତ ଅଟେ ଏବଂ ୬୮°୭' ମିନିଟ ପୂର୍ବ ଦ୍ରାଘିମାରୁ ୯୭°୨୫' ମିନିଟ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏପରିକି ଭାରତର ଉତ୍ତର ଦକ୍ଷିଣ ବିସ୍ତୃତି ୩୨୧୪ କି.ମି. ଓ ପୂର୍ବ ପଶ୍ଚିମ ବିସ୍ତୃତି ୨୯୩୩ କି.ମି. ଅଟେ । ପୃଥିବୀ ଭୂଭାଗର ୨.୪୨% ଭୂଭାଗ ଭାରତରେ ରହିଅଛି ।

**ଶିକ୍ଷକ** – ଭାରତର ସମ୍ପୂର୍ଣ୍ଣ ଉତ୍ତର ଗୋଲାର୍ଦ୍ଧ ଓ ପୂର୍ବ ଗୋଲାର୍ଦ୍ଧରେ ଅବସ୍ଥିତ ଅଟେ । କର୍କଟ କ୍ରାନ୍ତି ୨୩ ୧/୨° ଉତ୍ତରରେ ଭାରତର ମଧ୍ୟ ଭାଗ ଦେଇ ଯାଇଅଛି । ଏହା ଭାରତକୁ ପ୍ରାୟ ଦୁଇ ସମାନ ଭାଗରେ ବିଭକ୍ତ କରିଅଛି । ଏହାର ଉତ୍ତର ଭାଗକୁ ଉତ୍ତର ଭାରତ ଓ ଦକ୍ଷିଣ ଭାଗକୁ ଦକ୍ଷିଣ ଭାରତ କୁହାଯାଏ । ୮୨°.୩୦ ମିନିଟ ପୂର୍ବ ଦ୍ରାଘିମା ଭାରତ ମଧ୍ୟ ଭାଗ ଦେଇ ଗତି କରିଅଛି । ଏହା ଭାରତର ପ୍ରମାଣ ସମୟ ରୂପେ ଜଣାଶୁଣା ।

**ଶିକ୍ଷକ** – ବର୍ତ୍ତମାନ ଭାରତର ସମ୍ପର୍କିତ ଅବସ୍ଥିତ ବିଷୟରେ ଜାଣିବା । ମନେରଖ ସମ୍ପର୍କିତ ଅବସ୍ଥିତ, ଉତ୍ତର, ଦକ୍ଷିଣ, ଉତ୍ତରପୂର୍ବ ପ୍ରଭୃତି ସ୍ଥାନ ସହିତ ସମ୍ପର୍କ ସ୍ଥାପନ କରିଥାଏ । ଭାରତ ଏସିଆ ମହାଦେଶର ଏକ ଅଂଶ ବିଶେଷ ଅଟେ । ଭାରତ ତିନି ଦିଗରେ ଜଳ ଦ୍ୱାରା ବେଷ୍ଟିତ ହୋଇ ରହିଅଛି । ଏହାର ଉତ୍ତର ପଶ୍ଚିମ ଦିଗରେ ପାକିସ୍ଥାନ ଏବଂ ଆଫଗାନିସ୍ଥାନ, ଉତ୍ତର ଦିଗରେ ନେପାଳ, ଭୁଟାନ, ତିବ୍ବତ ଏବଂ ଚୀନ ଦେଶ ରହିଅଛି । ବଙ୍ଗଳା ଦେଶ ଏବଂ ମିଆଁମାର ଏହାର ପୂର୍ବରେ ରହିଅଛି, ଏହାର ଦକ୍ଷିଣରେ ଶ୍ରୀଲଙ୍କା ଏବଂ ମାଲଦ୍ୱୀପସ୍ ଭାରତ ମହାସାଗରରେ ରହିଅଛି । ଭାରତର ଦକ୍ଷିଣତମ ପ୍ରାନ୍ତ ଇନ୍ଦିରା ପଏଣ୍ଟ (୬°୪'ମିନିଟ ଉତ୍ତର ଅକ୍ଷାଂଶ) ନିକୋବର ଦ୍ୱୀପ ପୁଞ୍ଜରେ ରହିଅଛି । ଭାରତ ମୂଳ ଭୂଖଣ୍ଡର ଦକ୍ଷିଣତମ ପ୍ରାନ୍ତ କନ୍ୟାକୁମାରୀ ଅଟେ ।

### ? ତୁମେ ଜାଣ କି

୮୨°୩୦' ମିନିଟ ପୂର୍ବଦ୍ରାଘିମା ଉତ୍ତର ପ୍ରଦେଶର ମିର୍ଜାପୁର ସହର ଦେଇ ଯାଇଅଛି । ଏହା ଦେଶର ପ୍ରମାଣ ସମୟ ଅଟେ । ୮୨°୩୦' ପୂର୍ବ ଦ୍ରାଘିମା ରେଖାକୁ ଏଥିଯୋଗୁଁ ଭାରତର ପ୍ରମାଣ ସମୟ ବୋଲି ଧରି ନିଆଯାଇଅଛି କାରଣ ଗୁଜୁରାଟ ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ସମୟର ବ୍ୟବଧାନ ଦୁଇ ଘଣ୍ଟା ଅଟେ । ତେଣୁକରି ଦେଶର କେନ୍ଦ୍ରରେ ଥିବା ଦ୍ରାଘିମା ରେଖାକୁ ସମୁଦାୟ ଦେଶର ପ୍ରମାଣ ସମୟ ବୋଲି ବଛାଯାଇଅଛି ।

## ତୁମ ପାଇଁ କାର୍ଯ୍ୟ ୯.୧


୧. ଭାରତର ଅବସ୍ଥିତିକୁ ୯.୨ ଏବଂ ୯.୩ ଚିତ୍ରରେ ଚିହ୍ନିତ କର ।

୨. ଦୁଇ ଚିତ୍ର ମଧ୍ୟରେ ଭାରତର ସମ୍ପର୍କିତ ଅବସ୍ଥିତିର ପ୍ରଭେଦ ଦର୍ଶାଅ ।

୩. ତୁମ ଅନୁସାରେ କେଉଁ ଚିତ୍ରଟି ଠିକ୍ ଅଟେ ?

୪. ତୁମେ କାହିକି ଏପରି ଭାବୁଛ ?

କାରଣ : – ଉଭୟ ଚିତ୍ର ଠିକ୍ ଅଟେ । ଭାରତର ସମ୍ପର୍କିତ ଅବସ୍ଥିତି ଆମେରିକା ତୁଳନାରେ କୌଣସି ପାର୍ଥକ୍ୟ ନାହିଁ । ମାନଚିତ୍ରର ପ୍ରକୃତି ଅନୁସାରେ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏ । ଦୟାକରି ଏହି ଅଭ୍ୟାସକୁ ଗ୍ଲୋବ ଦେଖି ତୁମର ସନ୍ଦେହ ଦୂର କର ।





ଚିତ୍ର – ୯.୨ ମାନଚିତ୍ରରେ ଭାରତର ମୂଳ ଭୂଖଣ୍ଡ ଅକ୍ଷାଂଶ ଓ ଦ୍ରାଘିମା

## ୯.୧.୧ ଅବସ୍ଥିତିଗତ ଗୁରୁତ୍ୱ

୯.୪ ଚିତ୍ରରେ ତୁମେ କ'ଣ ଦେଖୁଛ ? କ୍ଷେତ୍ରଫଳ ଏବଂ ଜନସଂଖ୍ୟା ଦୃଷ୍ଟିରୁ ଭାରତ ଦକ୍ଷିଣ ଏସିଆର ସବୁଠାରୁ ବଡ଼ ଦେଶ ଅଟେ । ଏହା ମହାସାଗର ଦ୍ୱାରା ବେଷ୍ଟିତ । ଗଣନା ଅନୁଯାୟୀ ଭାରତ, ଭାରତ ମହାସାଗରରେ ଅବସ୍ଥିତ । ଏହା ୟୁରୋପ ଏବଂ ଆଫ୍ରିକା ମଧ୍ୟରେ ଦକ୍ଷିଣ ପୂର୍ବ ଏସିଆ ମଧ୍ୟରେ ଦୂର ପ୍ରାଚ୍ୟ ଏସିଆ ଏବଂ ଓସେଆନିଆଁ ମଧ୍ୟରେ ସାମୁଦ୍ରିକ ପଥକୁ ନିର୍ଦ୍ଦେଶିତ କରୁଅଛି । ଏଥିଯୋଗୁଁ ଭାରତର ବହୁ ପୁରାତନ କାଳରୁ ବହୁ ଦେଶ ମଧ୍ୟରେ ବାଣିଜ୍ୟିକ ସୁସମ୍ପର୍କ ସ୍ଥାପନ କରିପାରିଥିଲା । ଭାରତର ଅବସ୍ଥିତି ଜଳ ଓ ସ୍ଥଳରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ନଥୁଲା ଗିରିପଥ (ସିକିମ), ସିପକିଲା (ହିମାଚଳ ପ୍ରଦେଶ), ଯୋଜିଲା ଏବଂ ଦୂରଜିଲା (ଜାମ୍ମୁ ଏବଂ କାଶ୍ମୀର) ପ୍ରଭୃତି ବିଭିନ୍ନ ଗିରିପଥର ଗୁରୁତ୍ୱ ଏଠାରେ ରହିଅଛି । ଭାରତ ଓ ତିବ୍ବତର ପ୍ରଧାନ ବାଣିଜ୍ୟ

ପଥ ଦାର୍ଜିଲିଂ ନିକଟରେ କାଲିମ୍ ପଙ୍ଗକୁ ତିବ୍ବତର ଲାସା ସହିତ ଜେଲପେଲା ଗିରିପଥ ଦ୍ୱାରା ଯୋଗ କରାଯାଇଛି । ପ୍ରାଚୀନ ପରିବ୍ରାଜକମାନଙ୍କୁ ଆହୁରି ଅନେକ ଗିରିପଥ ଭାରତକୁ ପଥ ଦେଖାଇଥିଲା । ଏହି ପଥଗୁଡ଼ିକ କେବଳ ଯେ ବାଣିଜିକ ଗୁରୁତ୍ୱ ରହିଅଛି ତାହା ନୁହେଁ ଏବଂ ସଭ୍ୟତାର ବିନିମୟ କ୍ଷେତ୍ରରେ ଏହା ଗୁରୁତ୍ୱ ହାସଲ କରିଛି ।




**ଚିତ୍ର – ୯.୩ ଭାରତର ପ୍ରଧାନ ବାଣିଜିକ ପଥ**

## ପାଠଗତ ପ୍ରଶ୍ନାବଳୀ ୯.୧

୧. ୯.୩ରେ ଥିବା ମାନଚିତ୍ରକୁ ଦେଖି ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଦିଅ ।

(କ) ଭାରତର ପୂର୍ବ ଦିଗରେ ଥିବା ଦେଶମାନଙ୍କର ନାମ ଲେଖ ।

(ଖ) ଭାରତର ପୂର୍ବ ଏବଂ ପଶ୍ଚିମରେ ଥିବା ଦୁଇଗୋଟି ସମୁଦ୍ରର ନାମ ଲେଖ ।

(ଗ) ପ୍ରାକ୍ ପ୍ରଣାଳୀ ଦ୍ୱାରା କେଉଁ ଦେଶ ଭାରତ ସହିତ ସଂଯୁକ୍ତ ହୋଇଅଛି ।

(ଘ) କେଉଁ ଦୁଇ ଦେଶର ସୀମା ଭାରତ ସହିତ ମିଶିଛି ।

## ୯.୨ ଭାରତରେ ଥିବା ରାଜ୍ୟ ସମୂହ ଓ କେନ୍ଦ୍ରଶାସିତ ଅଞ୍ଚଳ


ଭାରତ ପୃଥିବୀର ସପ୍ତମ ବୃହତ୍ତମ ଦେଶ ଅଟେ । ଏହାର ସ୍ଥଳ ଭାଗର ସୀମାରେଖା ୧୫,୨୦୦ କି.ମି. ଏବଂ ଉପକୂଳର ସୀମାରେଖା ୬୧୦୦ କି.ମି. ଅଟେ । ଭାରତର ଭୂ-ଭାଗର କ୍ଷେତ୍ରଫଳ ୩.୨୮ ଲକ୍ଷ ବର୍ଗ କି.ମି. ଅଟେ । ପୃଥିବୀରେ ଥିବା ଭୂ-ଭାଗର ୨.୪୨ ଭାଗ ଭାରତରେ ରହିଛି ।

ଶାସନର ସୁବିଧା ଦୃଷ୍ଟିରୁ ଭାରତକୁ ୨୮ଗୋଟି ରାଜ୍ୟ ଓ ୭ ଗୋଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଛି । ଆସ ତଳେ ଥିବା ୯.୪ ମାନଚିତ୍ରକୁ ଦେଖିବା ।

ମଡ୍ୟୁଲ – ୨
ଭାରତରେ ପ୍ରାକୃତିକ ପରିବେଶ, ସମ୍ପଦ ଏବଂ ପ୍ରଗତି

ଟିପ୍ପଣୀ

ଏହି ମାନଚିତ୍ର ପ୍ରତ୍ୟକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସେମାନଙ୍କର ରାଜଧାନୀକୁ ସୂଚାଉଛି । ଏହା ଚିତ୍ତକର୍ଷକ ଯେ ଦିଲ୍ଲୀ ଭାରତର ରାଜଧାନୀ ହୋଇଥିଲା ବେଳେ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀର ମଧ୍ୟ ରାଜଧାନୀ ଅଟେ । ଅନ୍ୟ କୌଣସି ରାଜଧାନୀ ଏହିପରି ଥିବାର ତୁମେ ଚିହ୍ନିତ କରିପାରିବ କି ? ହଁ ଅଛି । ଚଣ୍ଡିଗଡ଼, ପଞ୍ଜାବ ଓ ହରିୟାଣ ରାଜ୍ୟ ଦ୍ୱୟର ରାଜଧାନୀ ଅଟେ । ପୁଣି ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ରାଜଧାନୀ ଅଟେ ।




ଚିତ୍ର – ୯.୪ ଭାରତର ରାଜନୈତିକ ମାନଚିତ୍ର

## ତୁମ ପାଇଁ କାର୍ଯ୍ୟ ୯.୨

ଉପରେ ଥିବା ମାନଚିତ୍ର ଦେଖି ଉତ୍ତର ବାହାର କରିବା । ନିମ୍ନଲିଖିତ ଗୋଟିଏ ସ୍ଥାନର ଅନ୍ୟ ସ୍ଥାନକୁ ଯିବା ପାଇଁ ହେଲେ ଅତିକମ୍‌ରେ ତୁମେ କେଉଁ କେଉଁ ରାଜ୍ୟ ମଧ୍ୟ ଦେଇଯିବ ।

(କ) କାଶ୍ମୀରରୁ ମିଜୋରାମ (ଖ) ପଞ୍ଜାବରୁ ବିହାର (ଗ) ଦିଲ୍ଲୀରୁ ବାଙ୍ଗାଲୋର (ଘ) ମୁମ୍ବାଇରୁ କୋଲକାତା (ଙ) ଚେନ୍ନାଇରୁ ରାୟପୁର

## ପାଠଗତ ପ୍ରଶ୍ନାବଳୀ ୯.୨

୧. ୯.୪ରେ ଥିବା ମାନଚିତ୍ରକୁ ଦେଖି ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଦିଅ ।

(କ) ଦକ୍ଷିଣ ଭାରତରେ ଥିବା ଦୁଇଗୋଟି ରାଜ୍ୟର ନାମ ଲେଖ ।

(ଖ) ଆନ୍ତର୍ଜାତିକ ସୀମାରେଖାକୁ ଲାଗିଥିବା ଦୁଇଗୋଟି ରାଜ୍ୟର ନାମ ଲେଖ ।

(ଗ) ସିକିମକୁ ଯେଉଁ ଦୁଇ ଦେଶର ସୀମା ଲାଗିଛି ସେମାନଙ୍କର ନାମ ଲେଖ ।

(ଘ) ଆରବ ସାଗର ମଧ୍ୟରେ ରହିଥିବା ଦୁଇଗୋଟି କେନ୍ଦ୍ରଶାସିତ ଅଞ୍ଚଳର ନାମ ଲେଖ ।

## ୯.୩ ଭାରତର ପ୍ରାକୃତିକ ବିଭାଗ

**ନଟଶା** – ଟେରାଇନ କ'ଣ ?

**ଶିକ୍ଷକ** – ଟେରାଇନ ହେଉଛି ଗୋଟିଏ ଭୂ-ଭାଗ ଯେଉଁଠାରେ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାର ଭୂ-ପ୍ରାକୃତି ରହିଅଛି ।

**ଫାରା** – ଏହା ମୁମ୍ବାଇର ବାଲୁକାମୟ ସମୁଦ୍ର ଉପକୂଳ ଓ ଶିଲଂର ପାହାଡ଼ିଆ ଭୂମି ପରି ।

**ଶିକ୍ଷକ** – ଠିକ୍ କହିଛ । ତୁମେ ଜାଣ ଯେ ଭାରତ ଏକ ବିଶାଳ ଦେଶ ଏବଂ ଏହାର ଭୂମିରୂପରେ ଭିନ୍ନତା ରହିଛି ।

**ରାଜେନ୍ଦ୍ର** – ଟୋପୋଗ୍ରାଫି କ'ଣ ?

**ଶିକ୍ଷକ** – ଟୋପୋଗ୍ରାଫି ଅର୍ଥ କୌଣସି ସ୍ଥାନର ଗଠନ ଯାହା ପ୍ରକୃତି ଦ୍ୱାରା ସୃଷ୍ଟି ହୋଇଥାଏ । ଏହା ଭୂପୃଷ୍ଠର ବିଭିନ୍ନ ପ୍ରକାର ଗଠନକୁ ପୃଥିବୀ ପୃଷ୍ଠରେ ଦେଖାଇଥାଏ ।

ଭାରତରେ ଭୂମି ରୂପର ଗଠନରେ ବ୍ୟତିକ୍ରମ ଦେଖାଦେଇଥାଏ । ଏହା ବୃହତ୍ ହିମାଳୟ ପର୍ବତ ଶ୍ରେଣୀ, ଉତ୍ତରସ୍ଥ ସମତଳ ଭୂମି, ଥର ମରୁଭୂମି, ଉପକୂଳବର୍ତ୍ତୀ ସମତଳ ଭୂମି ଏବଂ ଉପଦ୍ୱୀପୀୟ ମାଳଭୂମିକୁ ଅନ୍ତର୍ଭୁକ୍ତ କରୁଅଛି । ଟୋପୋଗ୍ରାଫିରେ ଯେଉଁ ବ୍ୟତିକ୍ରମ ଦେଖାଯାଇଅଛି ତାହାର ନିମ୍ନଲିଖିତ କାରଣ ହୋଇପାରେ ।


- ଶିଳା ଗଠନରେ ପାର୍ଥକ୍ୟ ଏହିପରି ଗଠନ ବିଭିନ୍ନ ଭୂତାତ୍ତ୍ୱିକ ସମୟରେ ହୋଇଅଛି ।
- ବହୁ ସଂଖ୍ୟକ ପ୍ରଣାଳୀ ଦ୍ୱାରା ଯାହାକି ପାଣିପାଗ, ଭୂକ୍ଷୟ ଏବଂ ସଞ୍ଚୟଜାତ ଭୂମି ରୂପ ସୃଷ୍ଟି କରି ବର୍ତ୍ତମାନର ଭୂମିରୂପ ଅବସ୍ଥାରେ ପହଞ୍ଚିଛି ।

**Weathering (ପାଣିପାଗ ଜନିତ)** – ପବନ, ପାଣି, ଜଳବାୟୁ ଦ୍ୱାରା ଶିଳାର ଉପରି ଭାଗରେ ଯେଉଁ ଭୌତିକ ଓ ରାସାୟନିକ ପରିବର୍ତ୍ତନ କ୍ରମାଗତ ଭାବରେ ଘଟୁଛି ତାକୁ Weathering କୁହାଯାଏ ।

**ଭୂକ୍ଷୟ –** କ୍ଷୟିତ ଶିଳାଖଣ୍ଡଗୁଡ଼ିକ କ୍ରମାଗତ ଭାବରେ ପବନ, ନଦୀ, ଜଳସ୍ରୋତ, ତୁଷାର ସ୍ରୋତ ଦ୍ୱାରା ପରିବାହିତ ହେବାକୁ ଭୂକ୍ଷୟ କୁହାଯାଏ ।

Weathering ରେ ଶିଳାଖଣ୍ଡଗୁଡ଼ିକ କେବଳ କ୍ଷୟିତ ହୁଏ ପରିବାହିତ ହୁଏ ନାହିଁ କିନ୍ତୁ ଭୂକ୍ଷୟ ଦ୍ୱାରା ଏହା ପରିବାହିତ ହୋଇ ଅନ୍ୟ ସ୍ଥାନକୁ ଯାଏ । ଦୁହିଁଙ୍କ ମଧ୍ୟରେ ଏହାହିଁ ପାର୍ଥକ୍ୟ ଅଟେ ।

ଭାରତରେ ପ୍ରାକୃତିକ ବିଭେଦତା ଦେଖାଯାଏ । କେତେକ ଅଞ୍ଚଳରେ ଉଚ୍ଚ ଗିରିଶୃଙ୍ଗ ରହିଛି ତ ଅନ୍ୟ ସ୍ଥାନମାନଙ୍କରେ ନଦୀ ଦ୍ୱାରା ଗଠିତ ସମତଳ ଭୂମି ରହିଛି । ଭୂ-ପ୍ରକୃତି ଅନୁସାରେ ଭାରତକୁ ନିମ୍ନଲିଖିତ ଛଅ ଭାଗରେ ବିଭକ୍ତ କରାଯାଇଅଛି ।




ଚିତ୍ର – ୯.୫ ଭାରତର ପ୍ରାକୃତିକ ବିଭାଗ

# ଭାରତର ପ୍ରାକୃତିକ ବିଭାଗ

**୧. ଉପରିସ୍ଥ ପର୍ବତ ଶ୍ରେଣୀ** – ଏହାକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଅଛି ।


(କ) ହିମାଳୟ ପର୍ବତ ଶ୍ରେଣୀ

(ଖ) ଟ୍ରାନ୍ସ ହିମାଳୟ

(ଗ) ପୂର୍ବାଞ୍ଚଳ ପର୍ବତ

## (କ) ହିମାଳୟ ପର୍ବତ ଶ୍ରେଣୀ

ହିମାଳୟ ଏକ ତରୁଣ ଭଙ୍ଗିଳ ପର୍ବତ ଅଟେ । ଏହା ପୃଥିବୀର ଉଚ୍ଚତମ ପର୍ବତଶ୍ରେଣୀ ଅଟେ । ହିମାଳୟ ପ୍ରାକୃତିକ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରୁଅଛି । ହିମାଳୟ ଦେଇ ଭାରତର ପଡ଼ୋଶୀମାନେ ପ୍ରବେଶ କରିବାକୁ ଏହାର ଅତ୍ୟଧିକ ଥଣ୍ଡା, ବରଫ ଏବଂ ବନ୍ଧୁର ଭୂମିରୂପ ନିରୁତ୍ସାହିତ କରୁଅଛି । ଏହାର ବିସ୍ତୃତି ପଶ୍ଚିମରୁ ପୂର୍ବକୁ ସିନ୍ଧୁ ନଦୀଠାରୁ ବ୍ରହ୍ମପୁତ୍ର ନଦୀ ପର୍ଯ୍ୟନ୍ତ ୨୫୦୦ କି.ମି. ଅଟେ । ଏହାର ପ୍ରସ୍ତ ପଶ୍ଚିମରେ ୪୦୦ କି.ମି. ଓ ପୂର୍ବରେ ୧୫୦ କି.ମି. ରହିଅଛି । ହିମାଳୟ ପର୍ବତଶ୍ରେଣୀ ତିନିଗୋଟି ସମାନ୍ତରାଳ ପର୍ବତ ଶ୍ରେଣୀରେ ବିଭକ୍ତ ହୋଇଅଛି ।




ଚିତ୍ର – ୯.୬ ହିମାଳୟ ପର୍ବତ

| | |
|---|---|
| ଗିରିପଥ | – ଦୁଇ ପର୍ବତ ଶ୍ରେଣୀ ମଧ୍ୟରେ ଥିବା ନିମ୍ନଭୂମି ଯେଉଁ ବାଟେ ପର୍ବତ ଅତିକ୍ରମ କରାଯାଏ । |
| ପର୍ବତ ଶ୍ରେଣୀ | – ଯାହାକି ପର୍ବତ, ଶୃଙ୍ଗ ଏବଂ ଅଧିତ୍ୟକାକୁ ନେଇ ଗଠିତ । |
| ଶୃଙ୍ଗ | – କୌଣସି ପର୍ବତର ଶୀର୍ଷ ଭାଗ |
| ଉପତ୍ୟକା | – ଦୁଇଗୋଟି ଉଚ୍ଚଭୂମି ମଧ୍ୟରେ ଥିବା ଚଟକା ଭୂମି । |
| ଡୁନ୍ | – ହିମାଚଳ ଏବଂ ସିୱାଲିଗ ମଧ୍ୟରେ ଥିବା ବିସ୍ତୃତ ଉପତ୍ୟକା । |

(୧) ବୃହତ୍ ହିମାଳୟ ବା ହିମାଦ୍ରି
(୨) ଉଚ୍ଚ ହିମାଳୟ ବା ହିମାଞ୍ଚଳ
(୩) ବାହ୍ୟ ହିମାଳୟ ବା ସିୱାଲିକ

## (୧) ବୃହତ୍ ହିମାଳୟ ବା ହିମାଦ୍ରି

ଉତ୍ତରସ୍ଥ ପର୍ବତ ଶ୍ରେଣୀ ଏବଂ ଗିରିଶୃଙ୍ଗକୁ ନେଇ ହିମାଦ୍ରି ଗଠିତ । ଏହାର ହାରାହାରି ଉଚ୍ଚତା ୬୦୦୦ ମିଟର ଏବଂ ପ୍ରସ୍ଥ ୧୨୦ ରୁ ୧୯୦ କି.ମି. । ଏହା ଏକ ନିରବଚ୍ଛିନ୍ନ ପର୍ବତ ଶ୍ରେଣୀ । ଏହା ବରଫ ଦ୍ୱାରା ଆଚ୍ଛାଦିତ ଅନେକ ତୁଷାର ସ୍ରୋତ ଏଠାରେ ଅବତରଣ କରୁଅଛି । ଏଠାରେ ଅନେକ ଉଚ୍ଚ ପର୍ବତ ଶୃଙ୍ଗ ଯଥା– ଏଭେରେଷ୍ଟ, କାଞ୍ଚନଜଙ୍ଘା, ମାକାଲୁ, ଧବଳଗିରି, ନଙ୍ଗା ପର୍ବତ ପ୍ରଭୃତି ରହିଅଛି । ଏମାନଙ୍କର ଉଚ୍ଚତା ୮୦୦୦ ମିଟରରୁ ଅଧିକ ଅଟେ । ମାଉଣ୍ଟ ଏଭେରେଷ୍ଟ ପୃଥିବୀର ଉଚ୍ଚତମ ଶୃଙ୍ଗ ଅଟେ । ଏହାର ଉଚ୍ଚତା୮୮୪୮ ମିଟର ଅଟେ । କାଞ୍ଚନଜଙ୍ଘା ଭାରତୀୟ ହିମାଳୟର ଉଚ୍ଚତମ ଶୃଙ୍ଗ ଅଟେ । ଏହି ଅଞ୍ଚଳରେ ଅନେକ ଉଚ୍ଚ ଗିରିପଥମାନ ରହିଅଛି । ସେଗୁଡ଼ିକ ହେଲା ବାରାଲାଛା–ଲା, ସିପକି–ଲା, ନାଥୁ–ଲା, ଯୋଜି–ଲା, ବୋମିଡି–ଲା ହିମାଳୟ ଗଙ୍ଗା ଏବଂ ଯମୁନା ନଦୀର ଉତ୍ପତ୍ତି ସ୍ଥଳ ଅଟେ ।

## (୨) ଉଚ୍ଚ ହିମାଳୟ ବା ହିମାଚଳ

ଏହି ପର୍ବତ ଶ୍ରେଣୀର ଉଚ୍ଚତା ୧୦୦୦ ମିଟରରୁ ୪୫୦୦ ମିଟର ମଧ୍ୟରେ ଏବଂ ଏହାର ପ୍ରସ୍ଥ ୫୦ କି.ମି. ଅଟେ । ଏହାର ପ୍ରମୁଖ ପର୍ବତ ଶ୍ରେଣୀ ହେଲା ପିରପଞ୍ଜାଲ, ଧଉଳଧର ଏବଂ ମହାଭାରତ ପର୍ବତଶ୍ରେଣୀ, ଏଠାରେ ସିମଲା, ଡେଲାହାଉସୀ, ଦାର୍ଜିଲିଂ, ଛକ୍ରାଟା, ମସୌରୀ, ନୈନୀତାଲ ପ୍ରଭୃତି ଅନେକ ଶୈଳନିବାସ ରହିଅଛି । ଏଠାରେ କାଶ୍ମୀର, କୁଲୁ, କାଙ୍ଗ୍ରା ପ୍ରଭୃତି ପ୍ରସିଦ୍ଧ ଉପତ୍ୟକାମାନ ରହିଅଛି ।

## (୩) ବାହ୍ୟ ହିମାଳୟ ବା ସିୱାଲିକ

ଏହା ହିମାଳୟ ପର୍ବତ ଶ୍ରେଣୀର ବାହାରେ ରହିଅଛି । ଏହାର ଉଚ୍ଚତା ୯୦୦ ମିଟରରୁ ୧୧୦୦ ମିଟର ମଧ୍ୟରେ ଏବଂ ଏହାର ପ୍ରସ୍ଥ ୫୦ କି.ମି. ଅଟେ । ଏଠାର ଅଣ୍ଲୋଚ କେତେକ ପାହାଡ଼ ରହିଅଛି । ସେଗୁଡ଼ିକ ହେଲା ଜାମ୍ମୁ ପାହାଡ, ମିଜୋ, ମିସମି ପାହାଡ଼ ପ୍ରଭୃତି । ହିମାଚଳ ଏବଂ ସିୱାଲିକ ପର୍ବତ ଶ୍ରେଣୀ ମଧ୍ୟରେ ରହିଥିବା ଉପତ୍ୟକାକୁ ଡୁନ୍ କହନ୍ତି । ସେଗୁଡ଼ିକ ହେଲା ଡେରାଡୁନ, କେଟଲିଡୁନ ଏବଂ ପାଟଲିଡୁନ ।

## (ଖ) ଟ୍ରାନ୍ସ ହିମାଳୟ ପର୍ବତଶ୍ରେଣୀ

ଏହା ବୃହତ୍ତର ହିମାଳୟ ଉତ୍ତରରେ ସମାନ୍ତରାଳ ଭାବରେ ଯାସକାର ପର୍ବତଶ୍ରେଣୀ ନାମରେ ଗତି କରିଅଛି । ଯାସକାର ପର୍ବତଶ୍ରେଣୀର ଉତ୍ତରରେ ଲାଦାଖ ପର୍ବତଶ୍ରେଣୀ ଅବସ୍ଥିତ । ସିନ୍ଧୁ ନଦୀ ଯାସକାର ଏବଂ ଲାଦାଖ ପର୍ବତଶ୍ରେଣୀ ମଧ୍ୟ ଦେଇ ଗତି କରୁଅଛି । ଦେଶର ସବା ଉତ୍ତରରେ କାରାକୋରମ ପର୍ବତଶ୍ରେଣୀ ଅବସ୍ଥିତ । କେ–୨ ପୃଥିବୀର ଦ୍ୱିତୀୟ ଉଚ୍ଚତମ ଏବଂ ଭାରତର ଉଚ୍ଚତମ ଶୃଙ୍ଗ ଅଟେ ।

## (ଗ) ପୂର୍ବାଞ୍ଚଳ ପର୍ବତ

ଭାରତର ପୂର୍ବରେ ଥିବା ମିସମି, ପାତକୋଇ, ନାଗା, ମିଜୋ ପ୍ରଭୃତି ପର୍ବତଶ୍ରେଣୀ ଏଠାରେ ରହିଅଛି । ମେଘାଳୟ ମାଳଭୂମି ଏହାର ଅଂଶ ବିଶେଷ । ଯାହାକି ଗାରୋ, ଖାସି ଏବଂ ଜୟନ୍ତିଆ ପର୍ବତ ମଧ୍ୟରେ ରହିଅଛି ।

## ପାଠଗତ ପ୍ରଶ୍ନାବଳୀ – ୯.୩

୧. ହିମାଳୟର ତିନିଗୋଟି ପର୍ବତ ଶୃଙ୍ଗର ନାମ ଲେଖ ।

୨. ୯.୬ ମାନଚିତ୍ରକୁ ବାହାର କରି ଚିହ୍ନିତ କର ।

(କ) କେଉଁ ରାଜ୍ୟରେ ନାଗା ପର୍ବତ ଏବଂ ନନ୍ଦାଦେବୀ ଅଛି ଚିହ୍ନିତ କର ?

(ଖ) ହଁ ନାହିଁରେ ଉତ୍ତର ଦିଅ ।

(୧) ମାଉଣ୍ଟ ଏଭେରେଷ୍ଟ ଭାରତରେ ଅବସ୍ଥିତ

(୨) ସିୱାଲିକ ପର୍ବତ ଶ୍ରେଣୀରେ ସିପକିଲା ଗିରିପଥ ରହିଅଛି ।

(୩) କୈଳାସ ରେଞ୍ଜରେ ମାନସରୋବର ହ୍ରଦ ରହିଅଛି ।

୩. ଯେଉଁ ଦେଶଗୁଡ଼ିକରେ ବୃହତ ହିମାଳୟ ଅବସ୍ଥିତ ତାହାର ନାମ ଲେଖ ।

୪. ପୂର୍ବାଞ୍ଚଳରେ ଥିବା ଦୁଇଗୋଟି ପାହାଡକୁ ଚିହ୍ନଟ କର ।

## ୨. ଉତ୍ତରସ୍ଥ ସମତଳ ଭୂମି

ଭାରତର ଉତ୍ତରସ୍ଥ ସମତଳ ଭୂମିରେ ଥିବା ରାଜ୍ୟଗୁଡ଼ିକୁ ୯.୬ ଚିତ୍ର ଦେଖି ଚିହ୍ନଟ କରିବାକୁ ଚେଷ୍ଟା କର । ଉତ୍ତରସ୍ଥ ସମତଳ ଭୂମି ହିମାଳୟର ଦକ୍ଷିଣ ଏବଂ ଉପଦ୍ୱୀପୀୟ ମାଳଭୂମିର ଉତ୍ତର ମଧ୍ୟରେ ଅବସ୍ଥିତ । ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀମାନଙ୍କ ଦ୍ୱାରା ଆନିତ ପଟୁମାଟି ଦ୍ୱାରା ଏହା ଗଠିତ ହୋଇଅଛି । ପଶ୍ଚିମରେ ଥିବା ପଞ୍ଜାବଠାରୁ ପୂର୍ବରେ ଥିବା ଆସାମ ପର୍ଯ୍ୟନ୍ତ ଏହାର ଦୈର୍ଘ୍ୟ ୨୪୦୦ କି.ମି. ଅଟେ । ଏହାର ପ୍ରସ୍ଥ ପଶ୍ଚିମରେ ୩୦୦ କି.ମି. ଥିଲାବେଳେ ପୂର୍ବରେ ପ୍ରାୟ ୧୫୦ କି.ମି. ରହିଅଛି । ଏହା ପ୍ରଧାନତଃ ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଏବଂ ଆସାମ ମଧ୍ୟରେ ରହିଅଛି । ଏହି ସମତଳ ଭୂମି ଅଧିକ ଉର୍ବର ଅଟେ । କାରଣ ହିମାଳୟରୁ ବାହାରିଥିବା ନଦୀମାନଙ୍କ ଦ୍ୱାରା ଆନିତ କ୍ଷୟଶୀଳ ଉର୍ବର ମୃର୍ତ୍ତିକା ଦ୍ୱାରା ଏହା ଗଠିତ । ଏହା ପୃଥିବୀର ବୃହତ୍ତମ ଉର୍ବର ସମତଳ ଭୂମି ମଧ୍ୟରୁ ଅନ୍ୟତମ ଅଟେ । ଏଠାରେ ମୁଖ୍ୟତଃ ଗହମ, ଧାନ, ଆଖୁ, ଡାଲିଜାତୀୟ ଶସ୍ୟ ତୈଳବୀଜ ଏବଂ ଝୋଟ ଚାଷ କରାଯାଏ । ଜଳସେଚନର ସୁବିଧା ଥିବାରୁ ଏଠାରେ ଅଧିକ ଖାଦ୍ୟଶସ୍ୟ ଉତ୍ପାଦିତ ହୁଏ । ଉତ୍ତରସ୍ଥ ସମତଳ ଭୂମି ବିସ୍ତୃତ ଭାବରେ ଦୁଇ ଭାଗରେ ବିଭକ୍ତ ।

(କ) ପଶ୍ଚିମସ୍ଥ ସମତଳ ଭୂମି

(ଖ) ଗଙ୍ଗା ବ୍ରହ୍ମପୁତ୍ର ସମତଳ ଭୂମି


**(କ) ପଶ୍ଚିମସ୍ଥ ସମତଳ ଭୂମି –** ଏହି ସମତଳ ଭୂମି ସିନ୍ଧୁ ନଦୀ ଦ୍ୱାରା ସୃଷ୍ଟି ହୋଇଅଛି । ଏହା ଆରାବଳୀ ପର୍ବତର ପଶ୍ଚିମରେ ଅବସ୍ଥିତ ଅଟେ । ଏହା ସତଲେଜ, ବେୟାସ ଏବଂ ରାବିନଦୀ ଦ୍ୱାରା ଆନିତ ପଟୁମାଟି ଦ୍ୱାରା ଗଠିତ । ସମତଳ ଭୂମିର ଏହି ଅଂଶକୁ ଦୋଆବ କୁହାଯାଏ ।

**(ଖ) ଗଙ୍ଗା ବ୍ରହ୍ମପୁତ୍ର ସମତଳ ଭୂମି –** ଏହି ଭୂମି ଦୁଇଗୋଟି ପ୍ରଧାନ ନଦୀ ଦ୍ୱାରା ଆନୀତ କ୍ଷୟଶୀଳ ପଦାର୍ଥ ଜମା ହୋଇ ସୃଷ୍ଟି ହୋଇଅଛି । ସେ ନଦୀ ଦୁଇଗୋଟି ହେଉଛନ୍ତି ଗଙ୍ଗା ଏବଂ ବ୍ରହ୍ମପୁତ୍ର । ମୂଳ ସଭ୍ୟତା ମହେଞ୍ଜୋଦାରୋ ଏବଂ ହରପା ସଭ୍ୟତାକୁ ନଦୀ ଉପତ୍ୟକା ସଭ୍ୟତା କୁହାଯାଏ । ଏହି ସଭ୍ୟତା ଏହି ସମତଳ ଅଞ୍ଚଳରେ ବ୍ୟାପି ରହିଥିଲା । କାରଣ ସେଠାରେ ନଦୀ ବେଷ୍ଟିତ ଉର୍ବର ସମତଳ ଭୂମି ଥିଲା ।

| | |
|---|---|
| **ଦୋଆବ –** | ଦୁଇନଦୀ ମଧ୍ୟରେ ଥିବା ଉର୍ବର ଭୂମି । ଉଦାହରଣ ପଞ୍ଜାବର ଦୋଆବ ଅଞ୍ଚଳ । |
| **ଖଦାର –** | ପ୍ରାୟ ପ୍ରତିବର୍ଷ ବନ୍ୟାପ୍ଲାବିତ ଅଞ୍ଚଳ । |
| **ଭାଙ୍ଗର –** | ଯେଉଁ ଅଞ୍ଚଳ କେବେ ହେଲେ ବନ୍ୟାପ୍ଲାବିତ ହୁଏ ନାହିଁ । |

## ୩. ଉପଦ୍ୱୀପୀୟ ମାଳଭୂମି

ତଳେ ଥିବା ମାନଚିତ୍ର (ଚିତ୍ର–୯.୭) ଦେଖିଲେ ତ୍ରିଭୁଜାକାର ଉପଦ୍ୱୀପୀୟ ମାଳଭୂମିକୁ ଦେଖିପାରିବ । ଏହା ପ୍ରାଚୀନ ଭୂଭାଗ ଗଣ୍ଡୱାନାଲ୍ୟାଣ୍ଡର ଅଂଶ ବିଶେଷ ଅଟେ । ଏହା ୫ ଲକ୍ଷ ବର୍ଗ କି.ମି. ଅଞ୍ଚଳକୁ ଅଧିକାର କରିଅଛି । ଏହାର ବିସ୍ତାର ଗୁଜୁରାଟ, ମହାରାଷ୍ଟ୍ର, ବିହାର, କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶରେ ରହିଅଛି ।




ଚିତ୍ର – ୯.୭ ଉପଦ୍ୱୀପୀୟ ମାଳଭୂମି

ଯେଉଁଥିରେ ଭାରତର ଉପଦ୍ୱୀପୀୟ ମାଳଭୂମିକୁ ଦର୍ଶାଯାଇଅଛି ।

ନର୍ମଦା ନଦୀ ଉପଦ୍ୱୀପୀୟ ମାଳଭୂମିକୁ ଦୁଇ ଭାଗରେ ବିଭକ୍ତ କରୁଅଛି ।

(i) କେନ୍ଦ୍ରୀୟ ଉଚ୍ଚଭୂମି (ii) ଦାକ୍ଷିଣାତ୍ୟ ମାଳଭୂମି

**(i) କେନ୍ଦ୍ରୀୟ ଉଚ୍ଚଭୂମି –** ଏହା ନର୍ମଦା ନଦୀ ଏବଂ ଉତ୍ତରସ୍ଥ ସମତଳ ଭୂମି ମଧ୍ୟରେ ବିସ୍ତୃତ । ଗୁରୁତ୍ୱପୂର୍ଣ୍ଣ ପର୍ବତ ଆରାବଳୀ ଗୁଜୁରାଟ ରାଜସ୍ଥାନ ଦେଇ ଦିଲ୍ଲୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଅଛି । ଆରାବଳୀ ପର୍ବତର ଉଚ୍ଚତମ ଶୃଙ୍ଗ ଗୁରୁଶିଖ (୧୭୨୨m) ମାଉଣ୍ଟଆବୁ ନିକଟରେ ରହିଅଛି । ମାଳବ ମାଳଭୂମି ଓ ଛୋଟ ନାଗପୁର ମାଳଭୂମି କେନ୍ଦ୍ରୀୟ ଉଚ୍ଚଭୂମିର ଅଂଶ ବିଶେଷ ଅଟେ । ମାଳବ ମାଳଭୂମିର ପ୍ରଧାନ ନଦୀ ବେତଓ୍ୱା, ଚମ୍ବଲ ଏବଂ କେନ ଅଟେ । ସେହିପରି ଛୋଟ ନାଗପୁର ମାଳଭୂମିର ପ୍ରଧାନ ପାହାଡ ମହାଦେବ , କୈମୁର ଏବଂ ମୈକାଲ ଅଟେ । ବିନ୍ଧ୍ୟ ସାତପୁରା ପାହାଡ ମଧ୍ୟରେ ନର୍ମଦା ନଦୀର ଉପତ୍ୟକା ରହିଅଛି । ଏହି ନଦୀ ପୂର୍ବରୁ ପଶ୍ଚିମକୁ ପ୍ରବାହିତ ହୋଇ ଆରବ ସାଗରରେ ପଡିଅଛି ।

**(ii) ଦାକ୍ଷିଣାତ୍ୟ ମାଳଭୂମି –** ଦାକ୍ଷିଣାତ୍ୟ ମାଳଭୂମି ଛୋଟ ନାଗପୁର ମାଳଭୂମି ପର୍ଯ୍ୟନ୍ତ ବିସ୍ତୃତ ଅଟେ । ଦାକ୍ଷିଣାତ୍ୟ ମାଳଭୂମିର କଳାମାଟି ଥିବା ଅଞ୍ଚଳକୁ ‘ଡେକାନଟ୍ରାପ’ କୁହାଯାଏ । ଏହା ଅଗ୍ନି ଉଦ୍‌ଗିରଣ ଫଳରେ ସୃଷ୍ଟି ହୋଇଅଛି । କୃଷ୍ଣ ମୃତ୍ତିକା କପା ଚାଷ ଏବଂ ଆଖୁଚାଷ ପାଇଁ ଉତ୍କୃଷ୍ଟ ଅଟେ । ଦାକ୍ଷିଣାତ୍ୟ ମାଳଭୂମି ଦୁଇ ଭାଗରେ ବିଭକ୍ତ ।

(କ) ପଶ୍ଚିମ ଘାଟ

(ଖ) ପୂର୍ବଘାଟ ପର୍ବତ ଶ୍ରେଣୀ

**(କ) ପଶ୍ଚିମ ଘାଟ** – ତୁମେ ଯଦି ମାନଚିତ୍ର ୯.୭କୁ ଲକ୍ଷ କରିବ ଦେଖିବ ଯେ ପଶ୍ଚିମ ଘାଟ ବା ସହ୍ୟାଦ୍ରି ପଶ୍ଚିମ ଭାଗରେ ରହିଅଛି । ଏହା ପଶ୍ଚିମ ଉପକୂଳ ସହିତ ସମାନ୍ତରାଳ ଭାବରେ ୧୬୦୦ କି.ମି. ପର୍ଯ୍ୟନ୍ତ ବିସ୍ତୃତ ଅଟେ । ଏହାର ହାରାହାରି ଉଚ୍ଚତା ୧୦୦୦ ମିଟର ଅଟେ । ଏହାର ପ୍ରସିଦ୍ଧ ଗିରିଶୃଙ୍ଗଗୁଡ଼ିକ ହେଲା ଦୋଦୋବେଡା, ଆନାଇମୁଡି ଏବଂ ମାକୁର୍ତ୍ତି । ଏହି ଅଞ୍ଚଳର ଉଚ୍ଚତମ ଶୃଙ୍ଗ ଆନାଇମୁଡି (୨୬୯୫ ମିଟର) ଅଟେ । ପଶ୍ଚିମଘାଟ ଏକ ନିରବଚ୍ଛିନ୍ନ ପର୍ବତ ଶ୍ରେଣୀ ଅଟେ । ଏହାକୁ ଅତିକ୍ରମ କରିବା ପାଇଁ ପାଲଘାଟ, ଥାଲଘାଟ ଏବଂ ଭୋର ଘାଟ ଗିରିପଥ ରହିଅଛି । ଗୋଦାବରୀ, ଭୀମା ଏବଂ କୃଷ୍ଣାନଦୀ ଏହାର ପୂର୍ବଦିଗରେ ଏବଂ ତାପ୍ତିନଦୀ ଏହାର ପଶ୍ଚିମ ଦିଗରେ ପ୍ରବାହିତ ହେଉଛନ୍ତି । ଆରବ ସାଗରରେ ପ୍ରବେଶ କରିବା ପୂର୍ବରୁ ଏହାର ସ୍ରୋତ ପ୍ରଖର ଅଟେ । ପ୍ରସିଦ୍ଧ ଯୋଗ ଜଳପ୍ରପାତ ସରାବତୀ ନଦୀଶାଖାରେ ଏବଂ ଶିବସମୁଦ୍ରମ ଜଳପ୍ରପାତ କାବେରୀ ନଦୀ ଶଯ୍ୟାରେ ରହିଅଛି ।

**(ଖ) ପୂର୍ବଘାଟ ପର୍ବତ ଶ୍ରେଣୀ** – ପୂର୍ବଘାଟ ପର୍ବତ ଶ୍ରେଣୀ ନିରବଚ୍ଛିନ୍ନ ପର୍ବତ ଶ୍ରେଣୀ ନୁହେଁ । ଏହାର ହାରାହାରି ଉଚ୍ଚତା ୬୦୦ ମିଟର ଅଟେ । ଏହା ମହାନଦୀ ଉପତ୍ୟକାର ଦକ୍ଷିଣରୁ ନୀଳଗିରି ପର୍ବତ ପର୍ଯ୍ୟନ୍ତ ପୂର୍ବ ଉପକୂଳ ସହିତ ସମାନ୍ତର ଭାବରେ ଗତି କରିଅଛି । ଏହି ଅଞ୍ଚଳର ଉଚ୍ଚତମ ଶୃଙ୍ଗ ମହେନ୍ଦ୍ରଗିରି (୧୫୦୧ ମିଟର) ଅଟେ । ପ୍ରସିଦ୍ଧ ପାହାଡ ମହେନ୍ଦ୍ରଗିରି, ଓଡ଼ିଶାର ନିମାଇଗିରି, ଦକ୍ଷିଣ ଆନ୍ଧ୍ରା ପ୍ରଦେଶର ନାଲାମଲାଇ, ତାମିଲନାଡୁର କୋଲିମାଲାଇ ଏବଂ ପଚାଇମାଲାଇ ଅଟେ । ଏହି ଅଞ୍ଚଳର ଜଳ ମହାନଦୀ, ଗୋଦାବରୀ, କୃଷ୍ଣା ଓ କାବେରୀ ନଦୀ ଦ୍ୱାରା ନିଷ୍କାସିତ ହୁଏ । ପୂର୍ବଘାଟ ଏବଂ ପଶ୍ଚିମଘାଟକୁ ଦକ୍ଷିଣରେ ନୀଳଗିରି ସଂଯୁକ୍ତ କରୁଅଛି ।


## ତୁମ ପାଇଁ କାର୍ଯ୍ୟ ୯.୩

ପୂର୍ବଘାଟ ଏବଂ ପଶ୍ଚିମଘାଟ ମଧ୍ୟରେ ଥିବା ପାଞ୍ଚଗୋଟି ପ୍ରଧାନ ପାର୍ଥକ୍ୟକୁ ବାହାର କର ।

| | | |
|---|---|---|
| ୧. ନିରବଚ୍ଛିନ୍ନତା | | |
| ୨. ହାରାହାରି ଉଚ୍ଚତା | | |
| ୩. ବିସ୍ତୃତି | | |
| ୪. ଉଚ୍ଚତମ ଶୃଙ୍ଗ | | |
| ୫. ନଦୀ | | |

## ୪. ଭାରତୀୟ ମରୁଭୂମି

ଭାରତର ମରୁଭୂମି ଆରାବଳୀ ପର୍ବତର ପଶ୍ଚିମ ସୀମାରେ ରହିଅଛି । ଏହା ଥର ମରୁଭୂମି ନାମରେ ନାମିତ । ଏହା ପୃଥିବୀର ନବମ ଉଷ୍ଣ ମରୁଭୂମି ଅଟେ । ଏହା ଗୁଜୁରାଟ ଓ ରାଜସ୍ଥାନ ରାଜ୍ୟ ମଧ୍ୟରେ ବିସ୍ତୃତ । ଏହି ଅଞ୍ଚଳର ପାଣିପାଗ ଶୁଷ୍କ ଏବଂ ଅର୍ଦ୍ଧଶୁଷ୍କ ଅଟେ । ଏହା ବାର୍ଷିକ ୧୫୦ ମିଲିମିଟର ବର୍ଷା ପାଏ । ଏଠାରେ କଣ୍ଟକ ଉଦ୍ଭିଦ ଜନ୍ମେ । 'ଲୁନି' ଏହି ଅଞ୍ଚଳର ପ୍ରଧାନ ନଦୀ ଅଟେ । ଅନ୍ୟ ଜଳ ସ୍ରୋତ ବର୍ଷା ସମୟରେ ଦେଖାଦିଏ । ଅନ୍ୟ ସମୟରେ ବାଲୁକା ମଧ୍ୟରେ ଅଦୃଶ୍ୟ ହୋଇଯାଏ ।



ଚିତ୍ର – ୯.୮ ଭାରତୀୟ ମରୁଭୂମି

ଭାରତୀୟ ମରୁଭୂମି ମୁଁ ହେଉଛି 'ଥର' ।

- ଅଧିକାଂଶ ବର୍ଷ ମୁଁ ଶୁଷ୍କ ରହେ । ଜଳୀୟ ବାଷ୍ପପୂର୍ଣ୍ଣ ବାୟୁ ଆରାବଳୀ ପର୍ବତ ସହିତ ସମାନ୍ତରାଳ ଭାବରେ ଗତିକରେ, ତେଣୁ ମୁଁ ସ୍ୱଳ୍ପ ବୃଷ୍ଟି ପାଇଥାଏ ।

- ମୋର ଶରୀର କ୍ୟାକଟସ୍ ଏବଂ ଅନ୍ୟ କଣ୍ଟକିତ ବୁଦା ଦ୍ୱାରା ବିଦ୍ଧ ହେଉଅଛି ।
- ଯଦି ତୁମେ ତୃଷାର୍ତ୍ତ ତୁମକୁ ବହୁ ଦୂରରେ ଥିବା ମରୁଦ୍ୱୀପ ଏବଂ ଛୋଟ ଜଳଧାରା ପର୍ଯ୍ୟନ୍ତ ଯିବାକୁ ପଡ଼ିବ ।
- ବାଲୁକା ସ୍ତୁପ ମୋ ମରୁଭୂମିର ବୃଦ୍ଧି କରୁଅଛି ।
- ମୋର ଲୋକମାନେ ଉଚ୍ଚକୋଟୀର ସଂସ୍କୃତି ଓ ପରମ୍ପରାକୁ ଅନୁସରଣ କରନ୍ତି ।

## ୫. ଉପକୂଳବର୍ତ୍ତୀ ସମତଳ ଭୂମି

ଭାରତର ଉପକୂଳବର୍ତ୍ତୀ ସମତଳ ଭୂମି, ଆରବ ସାଗର ଓ ବଙ୍ଗୋପ ସାଗର ସହିତ ଉପଦ୍ୱୀପୀୟ ମାଳଭୂମିର ଉଭୟ ପାର୍ଶ୍ୱରେ ଗତିକରିଅଛି । ପଶ୍ଚିମ ଉପକୂଳସ୍ଥ ସମତଳଭୂମି ଅଣଓସାରିଆ ଅଟେ । ଏହା ଆରବସାଗରକୁ ଲାଗି ରହିଅଛି । ଏହାର ଓସାର ୧୦–୨୦ କି.ମି. ଅଟେ । ଏହା କଚ୍ଛର ରାନଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ ଅଟେ । ଏହାକୁ ତିନି ଭାଗରେ ବିଭକ୍ତ କରାଯାଇଅଛି । (କ) କୋଙ୍କଣ ଉପକୂଳ (ମୁମ୍ବାଇଠାରୁ ଗୋଆ ପର୍ଯ୍ୟନ୍ତ) (ଖ) କର୍ଣ୍ଣାଟକ ଉପକୂଳ (ଗୋଆଠାରୁ ମାଙ୍ଗାଲୋର ପର୍ଯ୍ୟନ୍ତ) (ଗ) ମାଲବାର ଉପକୂଳ (ମାଙ୍ଗାଲୋର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ) ପୂର୍ବ ଉପକୂଳ ସମତଳ ଭୂମି ବଙ୍ଗୋପସାଗର ସହିତ ସମାନ୍ତରାଳ ଭାବରେ ରହିଅଛି । ଏହା ପଶ୍ଚିମ ଉପକୂଳସ୍ଥ ସମତଳ ଭୂମିଠାରୁ ଅଧିକ ପ୍ରଶସ୍ତ ଅଟେ । ଏହାର ହାରାହାରି ପ୍ରସ୍ଥ ୧୨୦ କି.ମି. ଅଟେ । ଏହାର ଉତ୍ତର ଭାଗକୁ ଉତ୍ତର ସରକାର ଏବଂ ଦକ୍ଷିଣ ଭାଗକୁ କରମଣ୍ଡଳ ଉପକୂଳ କୁହାଯାଏ । ପୂର୍ବଉପକୂଳସ୍ଥ ସମତଳ ଭୂମି ମହାନଦୀ, ଗୋଦାବରୀ, କୃଷ୍ଣା ଏବଂ କାବେରୀ ନଦୀର ତ୍ରିକୋଣ ଭୂମିକୁ ନେଇ ଗଠିତ ହୋଇଅଛି । ଭାରତର ବୃହତ୍ତମ ଲବଣାକ୍ତ ହ୍ରଦ ଓଡ଼ିଶାର ଚିଲିକା ମହାନଦୀ ତ୍ରିକୋଣ ଭୂମିର ଦକ୍ଷିଣରେ ଅବସ୍ଥିତ । ଏହି ଉପକୂଳବର୍ତ୍ତୀ ସମତଳ ଭୂମିରେ ଧାନ, ମସଲା, ନଡ଼ିଆ, ଲଙ୍କା ପ୍ରଭୃତି ଉତ୍ପାଦିତ ହୋଇଥାଏ । ଏହା ବାଣିଜ୍ୟ ବ୍ୟବସାୟର କେନ୍ଦ୍ରସ୍ଥଳୀ ଅଟନ୍ତି । ଉପକୂଳ ଅଞ୍ଚଳ ମାଛଧରା କାର୍ଯ୍ୟପାଇଁ ଜଣାଶୁଣା । ତେଣୁକରି ଅନେକ ମାଛଧରା ଗାଁ ଏହାର କୂଳରେ ଗଢ଼ି ଉଠିଛି । ମାଲବାର ଉପକୂଳରେ 'ଭୂମନାଡୁ' ପ୍ରସିଦ୍ଧ ଉପହ୍ରଦ ରହିଅଛି ।

## ୬. ଦ୍ୱୀପ ସମୂହ

ଭାରତର ଦୁଇଗୋଟି ଦ୍ୱୀପପୁଞ୍ଜ ରହିଅଛି । ବଙ୍ଗୋପସାଗରରେ ଥିବା ୨୦୪ଗୋଟି ଦ୍ୱୀପ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ନାମରେ ନାମିତ ହୋଇଅଛି ଏବଂ ଆରବ ସାଗରରେ ଥିବା ୪୩ଗୋଟି ଦ୍ୱୀପ ଲାକ୍ଷା ଦ୍ୱୀପପୁଞ୍ଜ ନାମରେ ଅଭିହିତ ହୋଇଅଛି । ବଙ୍ଗୋପସାଗରରେ ଉତ୍ତରରୁ ଦକ୍ଷିଣକୁ ଆଣ୍ଡାମାନ ନିକୋବର ଦ୍ୱୀପୁଞ୍ଜ ଲମ୍ବିଅଛି । ସେମାନେ ଆକାରରେ ଅଡ଼ ଅଟନ୍ତି । ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ 'ବରେନ'ଠାରେ ଗୋଟିଏ ଜୀବନ୍ତ ଆଗ୍ନେୟଗିରି ରହିଅଛି । ଆରବ ସାଗରରେ କେରଳର ମାଲବାର ଉପକୂଳରୁ ଲାକ୍ଷା ଦ୍ୱୀପପୁଞ୍ଜକୁ ଚିହ୍ନଟ କରାଯାଇଛି । ଏହାର କ୍ଷେତ୍ରଫଳ ୩୨ ବର୍ଗ କି.ମି. ଅଟେ । ଲାକ୍ଷା ଦ୍ୱୀପର ରାଜଧାନୀ କାଭାର୍ତ୍ତି ଅଟେ । ଏହି ଦ୍ୱୀପପୁଞ୍ଜ ପ୍ରବାଳ କୀଟ ଦ୍ୱାରା ଗଠିତ ହୋଇଅଛି । ଏଠାରେ ବିଭିନ୍ନ ପ୍ରକାର ଉଦ୍ଭିଦ ଓ ପ୍ରାଣୀ ଦେଖାଯାଆନ୍ତି । ପର୍ଯ୍ୟଟକ ପାଇଁ ଏହା ଏକ ଆକର୍ଷଣର ବିନ୍ଦୁ ଅଟେ । ଏହା ବିଭିନ୍ନ ପ୍ରକାର ଜଳକ୍ରୀଡା ସ୍ନୋକଲିଙ୍ଗ, ଡାଇଭିଙ୍ଗ ପାଇଁ ଏବଂ ଅନ୍ୟ ଖେଳ ପାଇଁ ଜଣାଶୁଣା ଅଟେ ।

## ପାଠଗତ ପ୍ରଶ୍ନାବଳୀ ୯.୪

୧. ସଂକ୍ଷେପରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (ଦୁଇଟି ବାକ୍ୟରୁ ଅଧିକ ହେବ ନାହିଁ)

(କ) 'ଡେକାନ' ଟ୍ରାପ କିପରି ସୃଷ୍ଟି ହୋଇଅଛି ।

(ଖ) ଉପକୂଳସ୍ଥ ସମତଳ ଭୂମିର ଦୁଇଗୋଟି ଆର୍ଥନୈତିକ କାର୍ଯ୍ୟ ବିଷୟରେ ଲେଖ ?

(ଗ) ଆଣ୍ଡାମାନ ନିକୋବର ଅଧିକ ପର୍ଯ୍ୟଟକଙ୍କୁ କହିଁକି ଆକୃଷ୍ଟ କରେ ?

(ଘ) ପଶ୍ଚିମସ୍ଥ ସମତଳ ଭୂମି ଗଠନ କରିବାରେ କେଉଁ ନଦୀମାନେ ସାହାଯ୍ୟ କରୁଛନ୍ତି ।

## ୯.୪ ଭାରତରେ ଜଳ ନିଷ୍କାସନ ପ୍ରଣାଳୀ

ଭୂପୃଷ୍ଠସ୍ଥ ଜଳ ନଦୀମାନଙ୍କ ଦ୍ୱାରା ପ୍ରବାହିତ ହୋଇ ବୋହି ଯିବାକୁ ଜଳ ନିଷ୍କାସନ କୁହାଯାଏ । ଗୋଟିଏ ଅଞ୍ଚଳର ଜଳ ନଦୀ ଏବଂ ଏହାର ଉପନଦୀମାନଙ୍କ ଦ୍ୱାରା ବହିଯିବାକୁ ଡ୍ରେନଏଜ ବେସିନ ବୁଝାଇଥାଏ । ଜଳ ନିଷ୍କାସନ ପ୍ରଣାଳୀର ଅନେକ କାରକ ରହିଅଛି । ସେଗୁଡ଼ିକ ହେଲା ଭୂମିର ଢାଲୁ, ଭୌଗୋଳିକ ଗଠନ, ଜଳର ପରିମାଣ ଏବଂ ଗତି (ତୀବ୍ରତା) । ଗୋଟିଏ ନଦୀ ଜଳ ନିଷ୍କାସନ ସମୟରେ ଅନେକ କାର୍ଯ୍ୟ କରିଥାଏ । ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ଅତ୍ୟଧିକ ଜଳକୁ ସ୍ଥାନାନ୍ତରିତ କରିବା, କ୍ଷୟିତ ଦ୍ରବ୍ୟକୁ ଗୋଟିଏ ସ୍ଥାନରୁ ଅନ୍ୟ ଗୋଟିଏ ସ୍ଥାନକୁ ବୋହିନେବା, ପ୍ରାକୃତିକ ଭାବେ ଜଳସେଚନ ବ୍ୟବସ୍ଥା ଏବଂ ଗୋଟିଏ ଅଞ୍ଚଳର ଜଳସ୍ତରକୁ ନିର୍ବାହ କରିବା । ପରମ୍ପରାଗତ ଭାବରେ ନଦୀର ପ୍ରଚୁର ସ୍ୱଚ୍ଛ ଜଳ ଲୋକଙ୍କ କାମରେ ଲାଗିଥାଏ ଏବଂ ଏହା ନୌଚାଳନା ପାଇଁ ସାହାଯ୍ୟ କରିଥାଏ । ଆଜିର ଦୁନିଆଁରେ ନଦୀର ଗୁରୁତ୍ୱ ବଢ଼ିଯାଇଅଛି । ନଦୀର ଜଳକୁ ବ୍ୟବହାର କରି ଜଳବିଦ୍ୟୁତ ଶକ୍ତି ଉତ୍ପାଦନ କରିବା ସହିତ ଜଳ ଭିତ୍ତିକ କାରଖାନାମାନ ସ୍ଥାପିତ ହୋଇଅଛି । ଆହୁରି ମଧ୍ୟ ଏହା ଟୁରିଷ୍ଟମାନଙ୍କୁ ଆକର୍ଷ କରୁଛି । ସେମାନେ ନୌଚାଳନ ରାଫଟିଙ୍ଗ ଏବଂ ତୀଖରୁ ଲମ୍ଫ ପ୍ରଦାନ କରୁଛନ୍ତି । ବିଭିନ୍ନ ବ୍ୟବହାର ଦୃଷ୍ଟିରୁ ନଦୀଗୁଡ଼ିକ ମାନବ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଏମାନେ ମନୁଷ୍ୟର ଜୀବନରେଖା ରୂପେ ବିବେଚିତ ହେଉଛନ୍ତି । ଅନେକ ସହର ନଦୀକୂଳରେ ସ୍ଥାପିତ ହୋଇଅଛି ଏବଂ ନଦୀକୂଳ ଘନ ଜନସଂଖ୍ୟାରେ ପୂର୍ଣ୍ଣ ଅଟେ । ଯମୁନା ନଦୀକୂଳରେ ଦିଲ୍ଲୀ, ଗଙ୍ଗାନଦୀ କୂଳରେ ପାଟଣା, ବ୍ରହ୍ମପୁତ୍ର ନଦୀ କୂଳରେ ଗୌହାଟୀ, ଗୋଦାବରୀ ନଦୀ କୂଳରେ ନାସିକ ଏବଂ ମହାନଦୀ କୂଳରେ କଟକ ସହର ଏହାର ଉଦାହରଣ ଅଟେ । ଉତ୍ପତ୍ତି ଦୃଷ୍ଟିରୁ ନଦୀଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇଅଛି ।

(କ) ହିମାଳୟ ଜଳ ନିଷ୍କାସନ ପ୍ରଣାଳୀ

(ଖ) ଉପଦ୍ୱୀପୀୟ ଜଳନିଷ୍କାସନ ପ୍ରଣାଳୀ

**ଉପନଦୀ** – ଯେଉଁ ଜଳସ୍ରୋତ କିମ୍ବା ନଦୀ ପ୍ରଧାନ ନଦୀରେ ମିଶି ଜଳ ନିଷ୍କାସିତ କରିଥାଏ ତାକୁ ଉପନଦୀ କୁହାଯାଏ । ଯମୁନା ଏହାର ଉଦାହରଣ ଅଟେ ।

**ତ୍ରିକୋଣ ଭୂମି** – ନଦୀର ମୁହାଣରେ ପଟୁ, ବାଲି, ଗୋଡି, ଜମାହୋଇ ଯେଉଁ ତ୍ରିଭୂଜାକାର ଭୂମି ସୃଷ୍ଟି ହୁଏ ତାକୁ ତ୍ରିକୋଣଭୂମି କହନ୍ତି । ଗାଙ୍ଗେୟ ତ୍ରିକୋଣଭୂମି ଏହାର ଉଦାହରଣ ଅଟେ ।

**ଏସଚୁଆରୀ** – ଗୋଟିଏ ଉପକୂଳବର୍ତ୍ତୀ ଅଞ୍ଚଳ ଯେଉଁଠାରେ ଜୁଆର ସମୟରେ ଲବଣାକ୍ତ ଜଳ ନଦୀର ମଧୁର ଜଳ ସହିତ ମିଶିଥାଏ ତାକୁ ଏସଚୁଆରୀ କୁହାଯାଏ । ନର୍ମଦା ନଦୀରେ ଏସଚୁଆରୀ ଅଛି ।

## ୯.୫ ପ୍ରଧାନ ଜଳ ନିଷ୍କାସନ ପ୍ରଣାଳୀ

ଉତ୍ପତ୍ତି ଦୃଷ୍ଟିରୁ ଭାରତୀୟ ନଦୀଗୁଡ଼ିକୁ ଦୁଇଗୋଟି ପ୍ରଧାନ ନିଷ୍କାସନ ପ୍ରଣାଳୀରେ ବିଭକ୍ତ କରାଯାଇଅଛି । ଆସ ଉଭୟଙ୍କ ମଧ୍ୟରେ ତୁଳନାତ୍ମକ ଆଲୋଚନା କରିବା ।

ହିମାଳୟରୁ ନିର୍ଗତ ନଦୀ –

୧. ଏମାନେ ଚିରସ୍ରୋତା ନଦୀ କାରଣ ଏମାନେ ତୁଷାର ସ୍ରୋତରୁ ଉତ୍ପତ୍ତି ଲାଭ କରିଛନ୍ତି ।

୨. କ୍ଷୟିତ ପ୍ରଣାଳୀରେ ଉପତ୍ୟକାରୁ ବାହିଥିବା ନଦୀ ।

୩. ଏମାନେ ଯେତେବେଳେ ଉର୍ବର ସମତଳ ଭୂମି ଦେଇ ପ୍ରଭାହିତ ହେଉଥାନ୍ତି, ଜଳସେଚନ କାର୍ଯ୍ୟରେ ଲାଗିଥାନ୍ତି ।

୪. ଏହି ନଦୀମାନଙ୍କର ବକ୍ର ଗତିପଥ ରହିଅଛି । ସମୟକ୍ରମେ ଏହା ବଦଳିଯାଇଥାଏ ।

### ୯.୫.୧ ହିମାଳୟ ଜଳ ନିଷ୍କାସନ ପ୍ରଣାଳୀ

ଅଧିକାଂଶ ହିମାଳୟରୁ ବାହାରିଥିବା ନଦୀ ଚିରସ୍ରୋତା ଅଟନ୍ତି । ଚିରସ୍ରୋତା ଅର୍ଥ ନଦୀରେ ବର୍ଷସାରା ଜଳ ରହିଥାଏ । ଏହାର କାରଣ ଅଧିକାଂଶ ନଦୀ ତୁଷାର ସ୍ରୋତ ଏବଂ ବରଫାବୃତ୍ତ ଶୃଙ୍ଗରୁ ଉତ୍ପତ୍ତି ଲାଭ କରିଛନ୍ତି । ଏମାନେ ବୃଷ୍ଟିଜଳ ମଧ୍ୟ ପାଇଥାନ୍ତି । ଏହି ଶ୍ରେଣୀର ନଦୀଗୁଡ଼ିକ ହେଲେ –


୧. ସିନ୍ଧୁ ନଦୀ ପ୍ରଣାଳୀ – ଝେଲମ, ରାବି, ବେୟାସ, ସତଲେଜ

୨. ଗଙ୍ଗା ନଦୀ ପ୍ରଣାଳୀ – ଯମୁନା, ରାମଗଙ୍ଗା, ଘରଘରା, ଗୋମତୀ, ଗଣ୍ଡକ ଏବଂ କୋଶୀ

୩. ବ୍ରହ୍ମପୁତ୍ର ନଦୀ ପ୍ରଣାଳୀ – ଦିବଙ୍ଗ, ଲୋହିତ, ତିସ୍ତା, ମେଘନା ପ୍ରଭୃତି

### ୯.୫.୨ ଉପଦ୍ୱୀପୀୟ ନିଷ୍କାସନ ପ୍ରଣାଳୀ

ତୁମେମାନେ ଉପଦ୍ୱୀପୀୟ ମାଳଭୂମି ବିଷୟରେ ପଢ଼ିସାରିଛ । ଅଧିକାଂଶ ଉପଦ୍ୱୀପୀୟ ନଦୀ ପୂର୍ବଦିଗକୁ ପ୍ରବାହିତ ହୋଇ ବଙ୍ଗୋପସାଗରରେ ପଡିଛନ୍ତି । କେବଳ ନର୍ମଦା ଏବଂ ତାପ୍ତିନଦୀ ପଶ୍ଚିମଘାଟର ପଶ୍ଚିମ ଦିଗରେ ପ୍ରବାହିତ ହେଉଛନ୍ତି । ଏମାନେ ଜଳବିଦ୍ୟୁତ ଶକ୍ତି ଉତ୍ପାଦନ କରିଥାନ୍ତି । କାରଣ ଏଥିରେ ଜଳ ପ୍ରପାତ ସୃଷ୍ଟି ହୋଇଅଛି । ପ୍ରଧାନ ଉପଦ୍ୱୀପୀୟ ନଦୀଗୁଡ଼ିକ ହେଲା – ମହାନଦୀ, ଗୋଦାବରୀ, କୃଷ୍ଣା ଏବଂ କାବେରୀ ।




ଚିତ୍ର – ୯.୯ – ଭାରତର ପ୍ରଧାନ ନଦୀ

## ତୁମ ପାଇଁ କାର୍ଯ୍ୟ ୯.୪

ଆଟଲାସରେ ଭାରତର ପ୍ରାକୃତିକ ଓ ରାଜନୈତିକ ମାନଚିତ୍ରକୁ ଦେଖ । ତଳେ ଚାରିଗୋଟି ନଦୀର ନାମ ଦିଆଯାଇଅଛି । ତଳେ ଦିଆଯାଇଥିବା ଟେବୁଲ୍‌ରେ ଏମାନଙ୍କ ସମ୍ବନ୍ଧରେ ତଥ୍ୟକୁ ଲିପିବଦ୍ଧ କର ।

| ନଦୀର ନାମ | ପ୍ରଧାନ ଉପନଦୀ | ଉତ୍ପତ୍ତି | କେଉଁ ରାଜ୍ୟ ଦେଇ ଗତି କରିଛି | କେଉଁଠାରେ ପଡ଼ିଛି |
|---|---|---|---|---|
| ଗଙ୍ଗା | | | | |
| ବ୍ରହ୍ମପୁତ୍ର | | | | |
| ସିନ୍ଧୁ | | | | |
| ସତଲେଜ | | | | |
| କାବେରୀ | | | | |
| ଗୋଦାବରୀ | | | | |
| କୃଷ୍ଣା | | | | |

ଟିପ୍ପଣୀ

## ତୁମ ପାଇଁ କାର୍ଯ୍ୟ ୯.୫

ଆଟଲାସକୁ ଦେଖ ଗଙ୍ଗାନଦୀ କୂଳରେ ଥିବା ସବୁ ସହର ବାହାର କର ଏବଂ ତାକୁ ଭାରତର ପ୍ରାକୃତିକ ମାନଚିତ୍ରରେ ଦେଖାଅ ।

## ୯.୬ ନଦୀଗୁଡ଼ିକୁ ପରିଷ୍କାର ରଖିବା

ପୃଥିବୀର ସମୁଦାୟ ଜଳ ଭାଗର ୯୭% ଲବଣାକ୍ତ ଜଳ ଏବଂ ବାକି ୩% ମଧୁର ଜଳ । ଏହା ମେରୁ ଅଞ୍ଚଳରେ ବରଫ ଆକାରରେ ରହିଅଛି । ବୃଷ୍ଟିପାତ, ନଦୀ, ହ୍ରଦ ଭୂମି ତଳେ ଥିବା ମଧୁର ଜଳର ପରିମାଣ ୧%ରୁ କମ୍ ଅଛି । ପୃଥିବୀର ସମୁଦାୟ ଜନସଂଖ୍ୟାର ଆବଶ୍ୟକତା ଏହି ସ୍ୱଳ୍ପ ମଧୁର ଜଳ ପୂର୍ଣ୍ଣ କରୁଅଛି । ମଧୁର ଜଳ ଗୋଟିଏ ମୂଲ୍ୟବାନ ସମ୍ପଦ ଅଟେ ଏବଂ ବର୍ଦ୍ଧିତ ଜନସଂଖ୍ୟା ନଦୀ ଏବଂ ହ୍ରଦ ପାଇଁ ସତର୍କ ଘଣ୍ଟି ଅଟେ । ସହର, ଗ୍ରାମ ବା ଅନ୍ୟ ସ୍ଥାନରେ ନଦୀ ପ୍ରବାହିତ ହେଉଥିବାର ତୁମେ ଦେଖିବ । ଭାରତରେ ବହୁ ସଂଖ୍ୟକ ନଦୀ ରହିଅଛି ତାହା ତାହାର କୂଳରେ ବାସ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କର ଜୀବନରେଖା ଅଟେ । ଏହି ନଦୀଗୁଡ଼ିକୁ ବିସ୍ତୃତ ଭାବରେ ଚାରିଗୋଟି ଶ୍ରେଣୀରେ ବିଭକ୍ତ କରାଯାଇଅଛି ।

୧. ନଦୀ ଯେଉଁଗୁଡ଼ିକ କି ହିମାଳୟର ବରଫ ତରଳା ପାଣି ଓ ହିମବାହରୁ ଉତ୍ପତ୍ତି ଲାଭ କରିଛନ୍ତି । ଏଥିଯୋଗୁଁ ଏମାନେ ଚିରସ୍ରୋତା ଅଟନ୍ତି । ଏମାନେ ବର୍ଷର କୌଣସି ସମୟରେ ଶୁଖିଯାଆନ୍ତି ନାହିଁ ।

୨. ଦାକ୍ଷିଣାତ୍ୟ ମାଳଭୂମିର ନଦୀ ଯେଉଁମାନେ କି ବର୍ଷାଜଳ ଉପରେ ନିର୍ଭର କରନ୍ତି ।

୩. ଉପକୂଳବର୍ତ୍ତୀ ନଦୀ ଖାସ କରି ପଶ୍ଚିମ ଉପକୂଳର ନଦୀ, ଯେଉଁମାନେ କି ନାତିଦୀର୍ଘ । ଯେଉଁଥିରେ କି ବର୍ଷସାରା ଜଳ ରହି ନଥାଏ ।

୪. ପଶ୍ଚିମ ରାଜସ୍ଥାନର ମଧ୍ୟଭାଗରେ ଥିବା ନଦୀ, ଯେଉଁମାନେ କି ବୃଷ୍ଟିଜଳ ଉପରେ ନିର୍ଭର କରନ୍ତି ଏହି ନଦୀ ପ୍ରାୟ ସିଲ୍ଟ ହ୍ରଦ ବା ବାଲି ମଧ୍ୟରେ ଜଳ ନିଷ୍କାସନ କରନ୍ତି ।

### ଜୀବନ ଧାରଣ ପଥରେ ନଦୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଅନେକ ସହର ଆଉ ମଧ୍ୟ ପବିତ୍ର ତୀର୍ଥସ୍ଥାନ ନଦୀକୂଳରେ ଅବସ୍ଥିତ – ଆଉ ମଧ୍ୟ ଏହା ବିଚିତ୍ର ଯେ ଗଙ୍ଗା ଏବଂ ଯମୁନା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପବିତ୍ର ଅଟେ । ଏହା ବ୍ୟତୀତ ସେମାନେ ପରିବେଶ ଏବଂ ଅସଂଖ୍ୟ ମନ୍ଦ ଅଭ୍ୟାସ ଦ୍ୱାରା ପ୍ରଦୂଷିତ ହେଉଛନ୍ତି । ନର୍ଦ୍ଦମାର ଦୂଷିତ ଜଳ ମିଶିବା ଦ୍ୱାରା ଭାରତ ନଦୀମାନଙ୍କର ୭୦% ଭାଗ ଜଳ ଦୂଷିତ ହୋଇଥାଏ ।

ପ୍ରାଣୀଜ ଏବଂ ରାସାୟନିକ ଦ୍ରବ୍ୟର ମିଶ୍ରଣ ଫଳରେ ପ୍ରବାହିତ ଜଳ ଦୂଷିତ ହୋଇଥାଏ । ଏହା ଜଳୀୟ ଜୀବନକୁ ପ୍ରଭାବିତ କରିବା ସହିତ ସ୍ୱାସ୍ଥ୍ୟହାନୀର ଅନେକ କାରଣ ହୋଇଥାଏ । ଏହି ପ୍ରଦୂଷଣ ସହିତ ନଦୀମାନଙ୍କ ପ୍ରତି ମନୁଷ୍ୟର କାର୍ଯ୍ୟକଳାପ ଅନେକ ସମସ୍ୟା ସୃଷ୍ଟି କରେ । ସହରବାସୀ ନଦୀମାନଙ୍କୁ ଦୂଷିତ କରିବା କାର୍ଯ୍ୟରେ ସଂପୂର୍ଣ୍ଣ ଲିପ୍ତ । ଉଦାହରଣ ସ୍ୱରୂପ ଦିଲ୍ଲୀରେ ଯମୁନାର ସଂକ୍ରମିତ କଳାପାଣି ଯାହାକି ରାଜଧାନୀ ବାସିନ୍ଦାଙ୍କ କ୍ୱଚିତ ଦୃଷ୍ଟି ଆକର୍ଷଣ କରେ ।

ଏଣୁକରି ଭାରତର ରାଜ୍ୟ ସରକାରଗୁଡ଼ିକ ଜଳ ସମସ୍ୟାକୁ ନିଜର କାର୍ଯ୍ୟ ରୂପେ ଗ୍ରହଣ କରିବା ଉଚିତ୍ । ପ୍ରତ୍ୟେକ ନଦୀକୁ ନିଜର ବୋଲି ଭାବି ଅକ୍ଷେ ବହୁତେ କାର୍ଯ୍ୟ କରିବା ଉଚିତ୍ । ଧ୍ୱନୀ ବିଜ୍ଞାନୀ ଏବଂ ରକ୍ଷଣଶୀଳମାନଙ୍କର ଦୀର୍ଘ ଦାବୀ ଯେ ନଦୀଗୁଡ଼ିକ ସମୟୋଚିତ ସଭାଯୁକ୍ତ ବ୍ୟବହାର ଚାହାନ୍ତି ଏହା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ଏହା ନଦୀମାନଙ୍କ ଜଳର ଗୁଣାତ୍ମକ ବିକାଶ କରିପାରେ । ସରକାର ଜଳ ଶୁଦ୍ଧିକରଣ ଉଦ୍ଦେଶ୍ୟ ରଖି Ganga Action Plan ଏବଂ National River Conservation Plan କାର୍ଯ୍ୟକାରୀ କରିବା ଉଚିତ୍ । ଦେଶରେ ଜଳଚାଷ ଲୋକଙ୍କ ସମର୍ଥନ ଲାଭ କରୁଅଛି । ଏହାଦ୍ୱାରା ମୌସୁମୀ ବୃଷ୍ଟିପାତ ନଦୀ ମଧ୍ୟରେ ସାଇତି ରଖାଯାଇପାରିବ । କେତେକ ନାଗରିକ, ଅନୁଷ୍ଠାନ ଏବଂ ଜନ ଆନ୍ଦୋଳନ ମଧ୍ୟ ଲୋକମାନଙ୍କ ମଧ୍ୟରେ ଦୂଷିତ ନଦୀମାନଙ୍କ ଜଳ ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି କରୁଛନ୍ତି ।

## ତୁମ ପାଇଁ କାର୍ଯ୍ୟ ୯.୬

୧. ତୁମ ଅଞ୍ଚଳର ନଦୀ ଏବଂ ପ୍ରାକୃତିକ ଜଳର ଉତ୍ସ ସମ୍ବନ୍ଧରେ ଜାଣ । ସେଠାରେ କେଉଁସବୁ କାର୍ଯ୍ୟ ହେଉଛି ଦେଖ ।

୨. ମନୁଷ୍ୟମାନଙ୍କର କେଉଁ କାର୍ଯ୍ୟାବଳୀ ଯୋଗୁଁ ନଦୀ ନଷ୍ଟ ହେବାକୁ ଲାଗିଛି ।

୩. ତୁମେ ଏବଂ ତୁମ ସାଙ୍ଗ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଦୂଷିତ ରୋକିବାକୁ ପ୍ରସ୍ତାବ ଦିଅ । ଆହୁରି ମଧ୍ୟ ତୁମେ ସେମାନଙ୍କଠାରୁ କିପରି ସାହାଯ୍ୟ ଆଶା କରୁଛ ଲେଖ ।

୪. ତୁମେ ତୁମ ସାଙ୍ଗ ସହିତ ଗୋଟିଏ ସଭାର ଆୟୋଜନ କରି ଲୋକମାନଙ୍କ ବିପରୀତ କାର୍ଯ୍ୟାବଳୀକୁ କିପରି ରୋକା ଯାଇପାରିବ ଆଲୋଚନା କର ।

ପ୍ରଦୂଷଣ ରୋକିବା ପାଇଁ ବହୁତଗୁଡ଼ିଏ ରାସ୍ତା ବାହାରିପାରେ । ଜଳ ପ୍ରଦୂଷଣକୁ ରେକିବା ପାଇଁ ପ୍ରସ୍ତାବ ଦିଅ ।

## ପାଠଗତ ପ୍ରଶ୍ନାବଳୀ ୯.୫

୧. ଉତ୍ତରରୁ ବାହାରିଥିବା ଗଙ୍ଗାର ଦୁଇଗୋଟି ଉପନଦୀର ନାମ ଲେଖ ।

୨. ମହାନଦୀ ନିକଟରେ କେଉଁ ହ୍ରଦ ରହିଅଛି ?

୩. ଗୋଦାବରୀ ନଦୀ କେଉଁ ରାଜ୍ୟଦେଇ ଗତି କରିଛି ?

୪. କେଉଁ ନଦୀ ତୁଙ୍ଗଭଦ୍ରାର ଉପନଦୀ ଅଟେ ?

## ତୁମେ କ'ଣ ଶିଖିଲ ?

- ଭାରତ ୮°୪' ମିନିଟ ଅକ୍ଷାଂଶରୁ ୩୭°୬' ମିନିଟ ଉତ୍ତର ଅକ୍ଷାଂଶ ମଧ୍ୟରେ ଏବଂ ୬୮°୭' ମିନିଟ ପୂର୍ବ ଦ୍ରାଘିମାରୁ ୯୭°୨୫' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଭାରତର ସ୍ଥଳ ଭାଗର ସୀମାରେଖା ୧୫,୨୦୦

କି.ମି. ଓ ଉପକୂଳର ଦୈର୍ଘ୍ୟ ୬୧୦୦ କି.ମି. ଅଟେ । ଏହାର କ୍ଷେତ୍ରଫଳ ୩.୨୮ ଲକ୍ଷ ବର୍ଗ କି.ମି. ଅଟେ ।

- ଭାରତକୁ ଛଅଗୋଟି ପ୍ରାକୃତିକ ବିଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା ଉତ୍ତରସ୍ଥ ପର୍ବତ, ଉତ୍ତରସ୍ଥ ସମତଳ ଭୂମି, ଉପଦ୍ୱୀପୀୟ ମାଳଭୂମି, ଭାରତୀୟ ମରୁଭୂମି, ଉପକୂଳବର୍ତ୍ତୀ ସମତଳ ଭୂମି ଏବଂ ଦ୍ୱୀପ ସମୂହ ।
- ହିମାଳୟକୁ ତିନିଗୋଟି ସମାନ୍ତରାଳ ପର୍ବତ ଶ୍ରେଣୀରେ ବିଭକ୍ତ କରାଯାଇଅଛି । ବୃହତ୍ତମ ହିମାଳୟ ବା ହିମାଦ୍ରି, ସ୍ୱଳ୍ପଉଚ୍ଚ ହିମାଳୟ ବା ହିମାଚଳ ଏବଂ ବାହ୍ୟ ହିମାଚଳ ବା ସିୱାଲିକ ।
- ଉତ୍ତରସ୍ଥ ସମତଳ ଭୂମି ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ, ବିହାର ଏବଂ ପଶ୍ଚିମବଙ୍ଗରେ ବିସ୍ତୃତ ହୋଇଅଛି । ଏଠାକାର ମୃତ୍ତିକା ଉର୍ବର ହୋଇଥିବାରୁ ଏଠାରେ ବିଭିନ୍ନ ପ୍ରକାରର ଶସ୍ୟ ଉତ୍ପାଦିତ ହୁଏ ।
- ଉପଦ୍ୱୀପୀୟ ମାଳଭୂମି ଆରାବଳୀ ପର୍ବତରୁ ଭାରତର ଦକ୍ଷିଣତମ ପ୍ରାନ୍ତ ପର୍ଯ୍ୟନ୍ତ ଲମ୍ବିଛି । ଏହା ପୁରାତନ ରୂପାନ୍ତରିତ ଶିଳା ଦ୍ୱାରା ଗଠିତ ଏବଂ ଉଚ୍ଚ ସମତଳ ଭୂମି ।
- ଭାରତର ବିଶାଳ ମରୁଭୂମି ଗୁଜୁରାଟ ଏବଂ ରାଜସ୍ଥାନରେ ବିସ୍ତୃତ । ଏଠାରେ ଶୁଷ୍କ ଏବଂ ଅର୍ଦ୍ଧଶୁଷ୍କ ପାଗ ଅନୁଭୂତ ହୁଏ । ଉପକୂଳବର୍ତ୍ତୀ ସମତଳ ଭୂମି ଆରବ ସାଗର ଏବଂ ବଙ୍ଗୋପସାଗର କୂଳରେ ସମାନ୍ତରାଳ ଭାବରେ ରହିଅଛି । ସେଗୁଡ଼ିକ ପୂର୍ବ ଉପକୂଳ ସମତଳ ଭୂମି ଏବଂ ପଶ୍ଚିମ ଉପକୂଳ ସମତଳ ଭୂମି ନାମରେ ନାମିତ ।
- ଭାରତରେ ଦୁଇଗୋଟି ପ୍ରଧାନ ଦ୍ୱୀପପୁଞ୍ଜ ରହିଅଛି । ବଙ୍ଗୋପସାଗରରେ ଥିବା ୨୦୪ଗୋଟି ଦ୍ୱୀପକୁ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ କୁହାଯାଏ । ଆରବ ସାଗରରେ ଥିବା ୪୩ଗୋଟି ଦ୍ୱୀପକୁ ଲାକ୍ଷା ଦ୍ୱୀପପୁଞ୍ଜ କୁହାଯାଏ ।
- ଭାରତୀୟ ନଦୀଗୁଡ଼ିକୁ ଦୁଇଗୋଟି ଶ୍ରେଣୀରେ ବିଭକ୍ତ କରାଯାଇଅଛି । ହିମାଳୟରୁ ନିର୍ଗତ ନଦୀ ଏବଂ ଉପଦ୍ୱୀପରୁ ନିର୍ଗତ ନଦୀ । ହିମାଳୟରୁ ବାହାରିଥିବା ନଦୀମାନଙ୍କ ମଧ୍ୟରେ ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର ପ୍ରଧାନ ଅଟନ୍ତି । ନର୍ମଦା, ତାପ୍ତି, ଗୋଦାବରୀ, କୃଷ୍ଣା, କାବେରୀ ଏବଂ ମହାନଦୀ ଉପଦ୍ୱୀପୀୟ ନଦୀମାନଙ୍କ ମଧ୍ୟରେ ପ୍ରଧାନ ଅଟନ୍ତି ।

## ଅନ୍ତିମ ଅନୁଶୀଳନୀ

୧. ଭାରତର ଅବସ୍ଥିତି ଏବଂ ବିସ୍ତୃତି ବିଷୟରେ ଲେଖ ।

୨. ଭାରତୀୟ ମରୁଭୂମିର ତିନିଗୋଟି ଗୁଣ ଲେଖ ।

୩. ହିମାଳୟରେ ଥିବା ତିନିଗୋଟି ସମାନ୍ତରାଳ ପର୍ବତ ଶ୍ରେଣୀ ମଧ୍ୟରୁ ଦୁଇଗୋଟି ବିଷୟରେ ଲେଖ ।

୪. ହିମାଳୟରୁ ନିର୍ଗତ ଏବଂ ଉପଦ୍ୱୀପରୁ ନିର୍ଗତ ନଦୀମାନଙ୍କ ମଧ୍ୟରେ ଥିବା ଚାରିଗୋଟି ପାର୍ଥକ୍ୟକୁ ଲେଖ ।

୫. କାରଣ ଲେଖ ।

(କ) ଉତ୍ତରସ୍ଥ ସମତଳ ଭୂମିରେ ଉର୍ବର ପଟୁ ମୃତ୍ତିକା ରହିଅଛି ।

(ଖ) ଭାରତୀୟ ମରୁଭୂମିରେ ବହୁତ କମ୍ ଉଦ୍ଭିଦ ଜନ୍ମେ ।

## ପ୍ରକଳ୍ପ

ପରିଦର୍ଶକଙ୍କ ପାଇଁ ତୁମ ଅଞ୍ଚଳର ଗୋଟିଏ ଗାଇଡ ବହି ପ୍ରସ୍ତୁତ କର ।

୧. ଏଥିରେ ତୁମ ଅଞ୍ଚଳର ଅସାଧାରଣ ଭୂପ୍ରକୃତି ଏବଂ ମନୁଷ୍ୟ ପ୍ରକୃତିର ବର୍ଣ୍ଣନା ଥିବା ଦରକାର ।

୨. ପ୍ରାକୃତିକ ଭୂମିରୂପର ତାଲିକା ଯଥା ଜଳବାୟୁ, ଭୂମିର ଗଠନ, ଉଦ୍ଭିଦ, ପ୍ରାଣୀ ଏବଂ ମନୁଷ୍ୟ ସମ୍ବନ୍ଧୀୟ ତଥ୍ୟ ଯଥା କାମ୍ କରିବାର ସୁଯୋଗ, ଆର୍ଥିକ କାର୍ଯ୍ୟକଳାପ, ମନୋରଞ୍ଜନ କାର୍ଯ୍ୟାବଳୀ, ଆଞ୍ଚଳିକ ଭାଷା ଏବଂ ଖାଦ୍ୟ ରହିଥିବ ।

୩. ଗାଇଡ ବହିରେ ଚିତ୍ର / ଡ୍ରଇଁ, ତୁମ ଅଞ୍ଚଳର ସ୍ୱେସିଆଲ ଆକୃତି ସମ୍ବନ୍ଧୀୟ ଚିତ୍ର ରହିବା ଉଚିତ୍ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୯.୧ ୧. (କ) ବଙ୍ଗଳା ଦେଶ, ମିଆଁମାର

(ଖ) ବଙ୍ଗୋପସାଗର ଏବଂ ଆରବ ସାଗର

(ଗ) ଶ୍ରୀଲଙ୍କା

(ଘ) ପାକିସ୍ଥାନ, ଭୁଟାନ

୯.୨ ୧. (କ) କେରଳ, ତାମିଲନାଡୁ

(ଖ) ଜାମୁକାଶ୍ମୀର, ଅରୁଣାଞ୍ଚଳ ପ୍ରଦେଶ

(ଗ) ନେପାଳ, ଭୁଟାନ

(ଘ) ଡାମନ ଏବଂ ଡିଉ, ଦାଦ୍ରା ନଗର ହାବେଳି

୯.୩ ୧. ହିମାଦ୍ରି, ହିମାଚଳ ଏବଂ ସିୱାଲିକ

୨. (କ) ଜାମୁ ଏବଂ କାଶ୍ମୀର

(ଖ) ୧. ନାହିଁ

୨. ନାହିଁ

୩. ହଁ

୩. ଭାରତ, ନେପାଳ, ଭୁଟାନ

୪. ପାତକୋଇ ଓ ମିଜୋ ପାହାଡ





୯.୪ ୧. (କ) ଅଗ୍ନିଉଦ୍‌ଗିରଣ ଯୋଗୁଁ

(ଖ) ୧. କୃଷି ୨. ମାଛଧରା ୩. ବ୍ୟବସାୟ ବାଣିଜ୍ୟ (ଯେକୌଣସି ଦୁଇଟି)

(ଗ) କାରଣ ଦ୍ୱୀପପୁଞ୍ଜ ଗୁଡ଼ିକରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଜଳ କ୍ରୀଡାର ଅଗ୍ରଗତି ହୋଇଅଛି ।

(ଘ) ସତଲେଜ, ବେୟାସ, ରାବି

୯.୫ ୧. ଗଣ୍ଡକ, କୋଶୀ

୨. ଚିଲିକା

୩. ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼

୪. କୃଷ୍ଣା





# ୧୦
# ଜଳବାୟୁ

ମୋନା ଏବଂ ରାଜୁ ପ୍ରଥମକରି ପିତାମାତାଙ୍କ ସହିତ ସିମଲା ଶୈଳନିବାସକୁ ଯିବା ପ୍ରସ୍ତାବ ଶୁଣି ଉତ୍ତେଜିତ ହେଲେ । ସେମାନେ ଲୁଗାପଟା ପ୍ୟାକ କରୁଥିବା ବେଳେ ମାତା ତାଙ୍କୁ କିଛି ଗରମ ପୋଷାକ ପ୍ୟାକ କରିବାକୁ କହିଲେ । ସେମାନେ ଦକ୍ଷିଣ ଭାରତ ତାମିଲନାଡୁ ରାଜ୍ୟର ରାଜଧାନୀ ଚେନ୍ନାଇରେ ରହନ୍ତି । ସେମାନେ ପ୍ରକୃତରେ ଆଶ୍ଚର୍ଯ୍ୟ ହେଲେ କାରଣ ଏହା ମେ ମାସଥିଲା ଏବଂ ଚେନ୍ନାଇରେ ଅସହ୍ୟ ଗରମ ଥିଲା । ସେମାନଙ୍କର ମାଆ କହିଲେ ଯେ ଯଦିଓ ଭାରତରେ ମୌସୁମୀ ଜଳବାୟୁ ଅନୁଭୂତ ହୁଏ କିନ୍ତୁ ସିମଳା ଶୈଳନିବାସ ହୋଇଥିବାରୁ ସେଠାକାର ପାଗ ଥଣ୍ଡା । ସେମାନେ ଦ୍ୱିଧାରେ ପ୍ରଥମେ କେତେକ ପ୍ରଶ୍ନ ସେମାନଙ୍କ ମନରେ ଉଙ୍କି ମାରିଲା । ପାଗ କ'ଣ ? ପାଗ ଏବଂ ଜଳବାୟୁ ମଧ୍ୟରେ ପାର୍ଥକ୍ୟ କ'ଣ ? ଆମ୍ଭେ ଭାରତରେ କାହିଁକି ବିଭିନ୍ନ ଜଳବାୟୁ ଅବସ୍ଥା ଦେଖୁ ? ତୁମେମାନେ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ନିମ୍ନଲିଖିତ ପାଠରୁ ପାଇପାରିବ ।



## ଉଦ୍ଦେଶ୍ୟ

ଏହି ପାଠକୁ ସମ୍ପୂର୍ଣ୍ଣ କରିବା ପରେ ତୁମେ ଜାଣିବାକୁ ସକ୍ଷମ ହେବ ଯେ –

- ଭାରତର ଜଳବାୟୁକୁ ପ୍ରଭାବିତ କରୁଥିବା କାରକର ତାଲିକା ।
- ଜଳବାୟୁର ଗଠନ କୌଶଳ ଏବଂ ବିଭିନ୍ନ ଗୁଣର ବର୍ଣ୍ଣନା ।
- ଋତୁମାନଙ୍କର ପର୍ଯ୍ୟାୟ କ୍ରମିକ ଗତି ଓ ନିର୍ଦ୍ଦିଷ୍ଟ ପ୍ରବୃତ୍ତି ।
- ଭାରତରେ ବୃଷ୍ଟିପାତ ବଣ୍ଟନର ବର୍ଣ୍ଣନା ।
- ଆମର ସାମାଜିକ ଏବଂ ସାଂସ୍କୃତିକ ଜୀବନ କିପରି ଗଭୀର ଭାବରେ ଋତୁଚକ୍ର ସହିତ ଜଡିତ ।
- ପୃଥିବୀର ପର୍ଯ୍ୟାବରଣର ପରିବର୍ତ୍ତନ ଏବଂ ଭାରତୀୟ ଜଳବାୟୁ ଉପରେ ଏହାର ପ୍ରଭାବର ବର୍ଣ୍ଣନା ।

## ୧୦.୧ ଭାରତର ଜଳବାୟୁକୁ ପ୍ରଭାବିତ କରୁଥିବା ନିୟାମକ ବା କାରକ

ଯେତେବେଳେ ମୋନା ଏବଂ ରାଜୁ ପିତାମାତାଙ୍କ ସହିତ ରେଳଗାଡିରେ ଯାତ୍ରା କରୁଥିଲେ, ପିତାମାତାଙ୍କୁ ପାଗ ଏବଂ ଜଳବାୟୁ ମଧ୍ୟରେ ଥିବା ପାର୍ଥକ୍ୟ ପଚାରିଲେ । ସହଯାତ୍ରୀମାନଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ଥିଲେ । ଶ୍ରୀମତୀ ରୂପା ବୁଝାଇ କହିଲେ ଯେ ଜଳବାୟୁ ସବୁବେଳେ ଏକ ବିସ୍ତୃତ ଅଞ୍ଚଳ ବା ଦେଶରେ ଅନୁଭୂତ ହୁଏ । ଏହା





ବଦଳେ ନାହିଁ । ଭାରତରେ ମୌସୁମୀ ଜଳବାୟୁ ଅନୁଭୂତ ହୁଏ । 'ପାଗ' ଛୋଟ ଅଞ୍ଚଳ ତୁମ ଗ୍ରାମ ଓ ସହର ଭଳି ଅଞ୍ଚଳରେ ଅନୁଭୂତ ହୁଏ । ଏହା ବାରମ୍ବାର ବଦଳୁଥାଏ । ସକାଳେ ବର୍ଷାପାଗ ହୋଇଥିଲାବେଳେ ଅପରାହ୍ନରେ ଖରାଟିଆ ପାଗ ହୁଏ । ଶ୍ରୀମତୀ ରୂପା ସିମଳା ଯିବା ବାଟରେ ପାଗର ଅବସ୍ଥା ବଦଳିବାକୁ ଲକ୍ଷ୍ୟ କରିବାକୁ କହିଲେ । ସେମାନେ ହୃଦୟଙ୍ଗମ କଲେ ଯେ ଦକ୍ଷିଣରେ ଉଷ୍ମଆର୍ଦ୍ର ପାଗ ଥିଲା ଏବଂ ଧୀରେ ଧୀରେ ଉତ୍ତର ସମତଳରେ ଏହା ବଦଳିବାରେ ଲାଗିଲା । ଯେତେବେଳେ ସେମାନେ ସିମଳାର ନିକଟବର୍ତ୍ତୀ ହେଲେ ଏହା ଥଣ୍ଡାହେବା ଅନୁଭବ କଲେ । ସେମାନେ ଏହାର କାରଣ ଶିକ୍ଷୟିତ୍ରୀଙ୍କୁ ପଚାରିଲେ । ସେ ପାଗ ଏବଂ ଜଳବାୟୁକୁ ପ୍ରଭାବିତ କରୁଥିବା ଅନେକ କାରକ କଥା ବ୍ୟାଖ୍ୟା କଲେ ।

**? ତୁମେ ଜାଣ କି**

**ଜଳବାୟୁ** – ଏକ ବିଶାଳ ଅଞ୍ଚଳର ୩୦ ବର୍ଷରୁ ଅଧିକ ପାଣିପାଗର ହାରାହାରି ଅବସ୍ଥାକୁ ଜଳବାୟୁ କୁହାଯାଏ ।

**ପାଗ** – କୌଣସି ସ୍ଥାନର ନିର୍ଦ୍ଦିଷ୍ଟ ସମୟର ବାୟୁମଣ୍ଡଳର ଅବସ୍ଥାକୁ ପାଗ କୁହାଯାଏ । କୌଣସି ସ୍ଥାନର ପାଗ ଯଦି ଦୀର୍ଘ ସମୟ ପର୍ଯ୍ୟନ୍ତ ଏକାଭଳି ରହେ ତାକୁ ଋତୁ କହନ୍ତି ।

୧. **ଅବସ୍ଥିତି :** ବିଷୁବରେଖା ନିକଟବର୍ତ୍ତୀ ଅଞ୍ଚଳରେ ଅଧିକ ତାପ ଅନୁଭୂତ ହୁଏ । ଜଣେ ଯଦି ମେରୁ ଆଡକୁ ଗତି କରିବ ତାପ କମିବାରେ ଲାଗିବ । ଭାରତ ଉତ୍ତର ଗୋଲାର୍ଦ୍ଧରେ ବିଷୁବ ରେଖା ନିକଟରେ ୮°୪ ମିନିଟ୍ ଉତ୍ତର ଅକ୍ଷାଂଶରେ ଅବସ୍ଥିତ । କର୍କଟକ୍ରାନ୍ତି 23½° ଭାରତର ମଧ୍ୟଦେଇ ଗତି କରିଛି । ଏହି ଅକ୍ଷାଂଶର ଦକ୍ଷିଣରେ କ୍ରାନ୍ତୀୟ ଜଳବାୟୁ ଆମେ ଦେଖିବା ଏବଂ ଉତ୍ତରରେ ଉପକ୍ରାନ୍ତୀୟ ଜଳବାୟୁ ଦେଖିବା । ଉଦାହରଣ ସ୍ୱରୂପ ଆନ୍ଧ୍ରପ୍ରଦେଶ ହରିୟାଣା ଉଷ୍ମତର ଅଟେ । ବିସ୍ତୃତ ଭାବରେ କହିବାକୁ ଗଲେ କର୍କଟ କ୍ରାନ୍ତିର ଦକ୍ଷିଣକୁ ଥିବା ସ୍ଥାନ ଉତ୍ତରକୁ ଥିବା ସ୍ଥାନ ଅପେକ୍ଷା ଅଧିକ ସୌରତାପ ପାଇଥାଏ ।

୨. **ସମୁଦ୍ରଠାରୁ ଦୂରତା :** ଦକ୍ଷିଣ ଭାରତର ଅର୍ଦ୍ଧେକ ଅଂଶ ତିନି ଦିଗରେ ସମୁଦ୍ର ଦ୍ୱାରା ବେଷ୍ଟିତ । ଆରବସାଗର ପଶ୍ଚିମରେ, ବଙ୍ଗୋପସାଗର ପୂର୍ବରେ ଏବଂ ଦକ୍ଷିଣରେ ଭାରତ ମହାସାଗର ରହିଅଛି । ଏଣୁ ସାମୁଦ୍ରିକ ପ୍ରଭାବ ଯୋଗୁଁ ଏ ଅଞ୍ଚଳରେ ନା ଖରାଦିନେ ଅଧିକ ଗରମ ହୁଏ ନା ଶୀତଦିନେ ଅଧିକ ଥଣ୍ଡା । ଉଦାହରଣ ସ୍ୱରୂପ ଉତ୍ତରଭାରତ ଯାହାକି ସମୁଦ୍ରଠାରୁ ବହୁଦୂରରେ ରହିଅଛି । ସେଠାରେ ଚରମ ଜଳବାୟୁ ଦେଖାଯାଏ ଏବଂ ଦକ୍ଷିଣ ଭାରତର ଅଞ୍ଚଳଗୁଡ଼ିକ ସମୁଦ୍ରର ନିକଟବର୍ତ୍ତୀ ହୋଇଥିବାରୁ ସେଠାରେ ସମଭାବାପନ୍ନ ଜଳବାୟୁ ଅନୁଭୂତ ହୁଏ । ଆମେ ଟେବୁଲ ୧୦.୧ରେ ବିଭିନ୍ନ ସ୍ଥାନରେ ତାପ ଏବଂ ବୃଷ୍ଟିପାତର ତାରତମ୍ୟ ଦେଖିପାରିବା ।

୩. **ସମୁଦ୍ର ପତନରୁ ଉଚ୍ଚତା :** ଏହାର ଅର୍ଥ ସମୁଦ୍ର ପତନରୁ ଉଚ୍ଚତା । ଆମେ ଯଦି ପୃଥିବୀ ପୃଷ୍ଠରୁ ଉଚ୍ଚକୁ ଯିବା ବାୟୁମଣ୍ଡଳ କମ ଘନଥିବା ଜାଣିବା ଆମେ ଅଣନିଶ୍ୱାସୀ ହୋଇଯିବା । ଉଚ୍ଚତା ବଢ଼ିବା ସହିତ ତାପ ମଧ୍ୟ କମିବାକୁ ଲାଗେ । ଉଦାହରଣ ସ୍ୱରୂପ ଯେଉଁ ସହରଗୁଡ଼ିକ ପାହାଡ଼ର ଉପରେ ରହିଅଛି ସେଠାରେ ସିମଳାପରି ଥଣ୍ଡା ଅନୁଭୂତ ହେବ । ଯେଉଁ ସହରଗୁଡ଼ିକ ସମତଳ ଅଞ୍ଚଳରେ ଅବସ୍ଥିତ ସେଠାରେ ଲୁଧିଆନାପରି ଗରମ ଅନୁଭୂତ ହେବ ।

୪. **ପର୍ବତ ଶ୍ରେଣୀର ଅବସ୍ଥିତି :** ପର୍ବତ ଶ୍ରେଣୀର ଅବସ୍ଥିତି ଯେ କୌଣସି ସ୍ଥାନର ଜଳବାୟୁକୁ ବହୁଳ ଭାବରେ ପ୍ରଭାବିତ କରିଥାଏ । ହିମାଳୟ ପର୍ବତଶ୍ରେଣୀ ଯାହାର ହାରାହରି ଉଚ୍ଚତା ୬୦୦୦ ମିଟର

ଅଟେ । ଆମ ଦେଶର ଉତ୍ତରରେ ଅବସ୍ଥିତ । ଏହା କେନ୍ଦ୍ର ଏସିଆରୁ ଆସୁଥିବା ଶୀତଳ ପବନରୁ ଆମ ଦେଶକୁ ରକ୍ଷାକରେ । ଅନ୍ୟ ଦିଗରେ ଜଳୀୟ ବାଷ୍ପପୂର୍ଣ୍ଣ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁକୁ ଏହା ବାଧା ଦିଏ ଏବଂ ଭାରତରେ ବର୍ଷା କରିବାକୁ ବାଧ କରେ । ସେହିପରି ପଶ୍ଚିମଘାଟ ପର୍ବତ ଜଳୀୟବାଷ୍ପ ଧାରଣ କରିଥିବା ବାୟୁକୁ ବାଧାଦେଇ ପଶ୍ଚିମଘାଟର ପଶ୍ଚିମପଟେ ପ୍ରବଳ ବର୍ଷା କରାଇବାକୁ ବାଧ୍ୟକରେ ।

୫. **ଭୂପୃଷ୍ଠସ୍ଥ ପବନର ଦିଗ :** ଭାରତୀୟ ଜଳବାୟୁକୁ ପବନ ପ୍ରବାହ ପ୍ରଣାଳୀ ପ୍ରଭାବିତ କରିଥାଏ । ଏହି ପ୍ରଣାଳୀ ମୌସୁମୀ ବାୟୁ, ଭୂବାୟୁ ଏବଂ ସାମୁଦ୍ରିକ ବାୟୁ ଏବଂ ସ୍ଥାନୀୟ ବାୟୁ ପ୍ରବାହକୁ ନେଇ ଗଠିତ । ଶୀତଦିନେ ସ୍ଥଳଭାଗରୁ ଜଳଭାଗ ଉପରକୁ ବାୟୁ ବହିଥାଏ । ତେଣୁ ସେ ଶୀତଳ ଏବଂ ଶୁଷ୍କ ଅଟେ । ଅନ୍ୟ ଦିଗରେ ଗ୍ରୀଷ୍ମଋତୁରେ ବାୟୁ ସମୁଦ୍ରରୁ ଭୂଭାଗ ଉପରକୁ ବହିଥାଏ । ସମୁଦ୍ରରୁ ଏହା ଜଳୀୟ ବାଷ୍ପ ଧାରଣ କରିଥାଏ । ତେଣୁକରି ସେ ଭାରତର ଅଧିକାଂଶ ଅଞ୍ଚଳରେ ବର୍ଷା କରାଇଥାଏ ।

୬. **ଉର୍ଦ୍ଧ୍ୱସ୍ତରର ବାୟୁ ସ୍ରୋତ :** ସ୍ଥଳବାୟୁ ବ୍ୟତିରେକ ଆଉ ଏକ ସକ୍ରିୟ ବାୟୁସ୍ରୋତ ଅଛି ତାକୁ 'ଜେଟ୍‌ଷ୍ଟ୍ରିମ୍' କୁହାଯାଏ । ସେ ଭାରତୀୟ ଜଳବାୟୁକୁ ପ୍ରଭାବିତ କରିଥାଏ । ଏହି ଜେଟ୍‌ଷ୍ଟ୍ରିମ୍ ହେଉଛି ଦ୍ରୁତଗତିରେ ବହୁଥିବା ଏକ ସଂକୀର୍ଣ୍ଣ ବାୟୁ ସ୍ରୋତ ଯାହାକି ସମୁଦ୍ର ପତନରୁ ୧୨,୦୦୦ ମିଟର ଉଚ୍ଚରେ ପ୍ରବାହିତ ହୁଏ । ସେ ନିଜ ସହିତ ପଶ୍ଚିମସ୍ଥ ବାତ୍ୟାକୁ ଆଣିଥାଏ । ଏହି ଝଡ ଭୂମଧ୍ୟସାଗର ନିକଟରେ ସୃଷ୍ଟି ହୋଇ ପୂର୍ବଦିଗକୁ ଗତି କରିଥାଏ । ସେ ନିଜ ପଥରେ ପାରସ୍ୟ ଉପସାଗରରୁ ଜଳୀୟବାଷ୍ପ ସଂଗ୍ରହ କରି ଭାରତର ଉତ୍ତର ପଶ୍ଚିମ ଦିଗରେ ଶୀତଋତୁରେ ବର୍ଷା କରାଇଥାଏ । ଗ୍ରୀଷ୍ମଋତୁରେ ଏହା ଉତ୍ତରକୁ ଘଞ୍ଚିଯାଇ କେନ୍ଦ୍ର ଏସିଆରେ ପ୍ରବାହିତ ହୁଏ । ଏହିପରି ଏହା ମୌସୁମୀ ବାୟୁକୁ ବୃଷ୍ଟି କରାଇବାରେ ସାହାଯ୍ୟ କରିଥାଏ ।


## ତୁମ ପାଇଁ କାର୍ଯ୍ୟ ୧୦.୧

କେତେକ ସ୍ଥାନର ତାପମାତ୍ରା ଏବଂ ବର୍ଷା

| ସ୍ଥାନ | ତାପମାତ୍ରା ବର୍ଷା | ମାସ | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| | | ଜାନୁଆରୀ | ଫେବୃଆରୀ | ମାର୍ଚ୍ଚ | ଏପ୍ରିଲ | ମେ | ଜୁନ୍ | ଜୁଲାଇ | ଅଗଷ୍ଟ | ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର |
| ଲେହ | ତାପମାତ୍ରା | −୮ | −୭ | −୧ | ୯ | ୧୦ | ୧୪ | ୧୭ | ୧୭ | ୧୨ | ୬ | ୦ | −୬ |
| | ବର୍ଷା | ୧୦ | ୮ | ୮ | ୫ | ୫ | ୫ | ୧୩ | ୧୩ | ୮ | ୫ | ୦ | ୫ |
| ଚେନାଇ | ତାପମାତ୍ରା | ୨୫ | ୨୬ | ୨୮ | ୩୧ | ୩୩ | ୩୩ | ୩୧ | ୩୧ | ୩୦ | ୨୦ | ୨୬ | ୨୫ |
| | ବର୍ଷା | ୪ | ୧୩ | ୧୩ | ୧୮ | ୩୮ | ୪୫ | ୮୭ | ୧୧୩ | ୧୧୯ | ୩୦୬ | ୩୫୦ | ୧୩୫ |

(କ) ଦୁଇଟି ସ୍ଥାନ ମଧ୍ୟରେ ବାର୍ଷିକ ତାପମାତ୍ରାକୁ ଲେଖ ?

(ଖ) ପ୍ରତ୍ୟେକ ସ୍ଥାନର ବୃଷ୍ଟି ବହୁଳ ମାସର ନାମ କ'ଣ ?




ଚିତ୍ର – ୧୦.୧ ଭାରତ ମାନଚିତ୍ର

## ପାଠଗତ ପ୍ରଶ୍ନାବଳୀ ୧୦.୧

୧. ଉପରେ ଦିଆଯାଇଥିବା ମାନଚିତ୍ରକୁ ଦେଖି ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଦିଅ ।

(କ) ଭାରତକୁ ସମାନ ଭାବେ ଦୁଇଗୋଟି ତାପମଣ୍ଡଳରେ ବିଭକ୍ତ କରୁଥିବା ଅକ୍ଷାଂଶର ନାମ ଲେଖ ? ଆହୁରି ମଧ୍ୟ ସେହି ଅକ୍ଷାଂଶର ଡିଗ୍ରୀକୁ ଲେଖ ?

(ଖ) ମାନଚିତ୍ରରେ ଦେଖାଯାଇଥିବା ସେ ନଗରଗୁଡ଼ିକର ନାମ ଲେଖ ଯେଉଁମାନେ ସମୁଦ୍ର ଦ୍ୱାରା ପ୍ରଭାବିତ ହୁଅନ୍ତି ଏବଂଯେଉଁମାନେ ସମୁଦ୍ରଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ ?

(ଗ) କେଉଁ ପର୍ବତ କେନ୍ଦ୍ର ଏସିଆର ଶୀତଳ ପବନରୁ ଆମ ଦେଶକୁ ରକ୍ଷାକରେ ?

(ଘ) ମାନଚିତ୍ରରେ ଥିବା ପବନର ଦିଗକୁ ପର୍ଯ୍ୟବେକ୍ଷଣ କର ଏବଂ କୁହ ଆମଦେଶର ଶୀତଋତୁ କାହିଁକି ଶୁଷ୍କ ଅଟେ ?

ମଡ୍ୟୁଲ - ୨

ଭାରତରେ ପ୍ରାକୃତିକ ପରିବେଶ, ସମ୍ପଦ ଏବଂ ପ୍ରଗତି

ଟିପ୍ପଣୀ

ମୋନା ଏବଂ ରାଜୁ ପାଞ୍ଚଦିନ ରହିଲାପରେ ସିମଳାରୁ ଫେରିଲେ, ସେମାନେ ବହୁତ ଖୁସିଥିଲେ ଏବଂ ନିଜ ସାଙ୍ଗମାନଙ୍କୁ ଅନୁଭୂତି ସମ୍ବନ୍ଧରେ କହିଲେ । କିଛିଦିନ ପରେ ଖବର କାଗଜ ହେଡଲାଇନରେ ମୌସୁମୀ ଠିକ୍ ସମୟରେ ଆସିବ ବୋଲି ପଢ଼ି ଆଶ୍ଚର୍ଯ୍ୟ ହେଲେ । ମୌସୁମୀର ଅର୍ଥ କ'ଣ ? ସେମାନଙ୍କ ଶିକ୍ଷକଙ୍କଠାରୁ ଏହି ପ୍ରଶ୍ନର ଉତ୍ତର ପାଇବାକୁ ସେମାନେ ଇଚ୍ଛା କଲେ । ଆସ ଏହି ବିଭାଗରେ ଏହାକୁ ଖୋଜି ପାଇବା ।

## ୧୦.୨ ମୌସୁମୀ ବାୟୁର କରାମତି

ମନସୁନ ଶବ୍ଦ ଆରବ ଭାଷାର ମୌ-ସିମ ଶବ୍ଦରୁ ଆସିଅଛି, ଯାହାର ଅର୍ଥ କି ଋତୁକାଳୀନ ଅଟେ । ବର୍ଷକ ମଧ୍ୟରେ ବାୟୁ ପ୍ରବାହର ଋତୁକାଳୀନ ଗତିକୁ ଏହା ସୂଚାଇଥାଏ । ଗ୍ରୀଷ୍ମଋତୁରେ ଉତ୍ତର ଭାରତର ଆଭ୍ୟନ୍ତରିଣ ସମତଳ ଅଞ୍ଚଳ ରାଜସ୍ଥାନ, ପଞ୍ଜାବ, ହରିୟାଣା ଏବଂ ପଶ୍ଚିମ ଉତ୍ତର ପ୍ରଦେଶ ଅଧିକ ଉତ୍ତପ୍ତ ହୁଏ । ଏହି ଅଞ୍ଚଳର କେତେକ ସ୍ଥାନରେ ଦୈନିକ ସର୍ବୋଚ୍ଚ ତାପମାତ୍ରା ୪୫° ରୁ ୪୭° ରହିଥାଏ । ତଳେ ଦିଆଯାଇଥିବା (ଟେବୁଲ-୧୦.୧) ଭାରତ ଜଳବାୟୁର ବ୍ୟତିକ୍ରମକୁ ସୂଚାଉଅଛି । ବିଭିନ୍ନ ସ୍ଥାନରେ ତାପମାତ୍ରାର ବ୍ୟତିକ୍ରମ ସମ୍ବନ୍ଧରେ ବୁଝିବାକୁ ଚେଷ୍ଟାକର ।

| ସ୍ଥାନ | ତାପମାତ୍ରା ବର୍ଷା | ମାସ | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| | | ଜାନୁଆରୀ | ଫେବୃଆରୀ | ମାର୍ଚ୍ଚ | ଏପ୍ରିଲ | ମେ | ଜୁନ୍ | ଜୁଲାଇ | ଅଗଷ୍ଟ | ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର |
| ଲେହ | ତାପମାତ୍ରା | -୮ | -୭ | -୧ | ୯ | ୧୦ | ୧୪ | ୧୭ | ୧୭ | ୧୨ | ୬ | ୦ | -୬ |
| | ବର୍ଷା | ୧୦ | ୮ | ୮ | ୫ | ୫ | ୫ | ୧୩ | ୧୩ | ୮ | ୫ | ୦ | ୫ |
| ସିଲଂଗ | ତାପମାତ୍ରା | ୧୦ | ୧୧ | ୧୬ | ୧୯ | ୧୯ | ୨୧ | ୨୧ | ୨୧ | ୨୦ | ୧୭ | ୧୩ | ୧୦ |
| | ବର୍ଷା | ୧୪ | ୨୯ | ୫୬ | ୧୪୬ | ୨୯୫ | ୪୭୬ | ୩୫୯ | ୩୪୩ | ୩୦୨ | ୧୮୮ | ୩୬ | ୧୦ |
| ଦିଲ୍ଲୀ | ତାପମାତ୍ରା | ୧୪ | ୧୭ | ୨୩ | ୨୯ | ୩୪ | ୩୫ | ୩୧ | ୩୦ | ୨୯ | ୨୧ | ୨୦ | ୧୫ |
| | ବର୍ଷା | ୨୧ | ୨୪ | ୧୩ | ୧୦ | ୧୦ | ୬୮ | ୧୮୬ | ୧୭୦ | ୧୨୫ | ୧୪ | ୨ | ୯ |
| ଜୟସାଲମ୍ବର | ତାପମାତ୍ରା | ୧୬ | ୨୦ | ୨୫ | ୩୦ | ୩୩ | ୩୪ | ୩୨ | ୩୧ | ୩୦ | ୨୮ | ୨୨ | ୧୭ |
| | ବର୍ଷା | ୦.୨ | ୦.୧ | ୦.୩ | ୦.୧ | ୦.୫ | ୦.୭ | ୦.୯ | ୮୬ | ୧୪ | ୦୧ | ୦.୫ | ୦.୨ |
| ମୁମ୍ବାଇ | ତାପମାତ୍ରା | ୨୪ | ୨୪ | ୨୪ | ୨୮ | ୩୦ | ୨୯ | ୨୭ | ୨୭ | ୨୭ | ୨୮ | ୨୭ | ୨୫ |
| | ବର୍ଷା | ୪ | ୨ | ୨ | ୨ | ୧୮ | ୪୬୫ | ୬୧୩ | ୩୨୯ | ୨୮୬ | ୬୫ | ୧୮ | ୨ |
| ଚେନାଇ | ତାପମାତ୍ରା | ୨୫ | ୨୬ | ୨୮ | ୩୧ | ୩୩ | ୩୩ | ୩୧ | ୩୧ | ୩୦ | ୨୦ | ୨୬ | ୨୫ |
| | ବର୍ଷା | ୪ | ୧୩ | ୧୩ | ୧୮ | ୩୮ | ୪୫ | ୮୭ | ୧୧୩ | ୧୧୯ | ୩୦୬ | ୩୫୦ | ୧୩୫ |
| ଥିରୁଭାନାମପୁରମ୍ | ତାପମାତ୍ରା | ୨୭ | ୨୭ | ୨୮ | ୨୯ | ୨୯ | ୨୭ | ୨୬ | ୨୬ | ୨୭ | ୨୭ | ୨୭ | ୨୭ |
| | ବର୍ଷା | ୨୩ | ୨୧ | ୩୯ | ୧୦୬ | ୨୦୮ | ୩୫୬ | ୨୨୩ | ୧୪୬ | ୧୩୮ | ୨୭୩ | ୨୦୬ | ୭୫ |


**ଟେବୁଲ ୧୦.୧ : ଭାରତର କେତେକ ମହତ୍ତ୍ୱପୂର୍ଣ୍ଣ ସ୍ଥାନର ତାପମାତ୍ରା ଓ ବୃଷ୍ଟିପାତ**

(ତାପମାତ୍ରାକୁ ସେଲସିଅସରେ ଓ ବୃଷ୍ଟିପାତକୁ ସେ.ମିରେ ପ୍ରକାଶ କରାଯିବ)

### ତୁମେ ଜାଣ କି

- ବାୟୁର ଓଜନ ଅଛି । ଆମ ଉପରେ ଚାପ ପକାଏ । ଯାହାକୁ କି ବାୟୁଚାପ କୁହାଯାଏ ।
- ତାପ ଏବଂ ଚାପ ମଧ୍ୟରେ ବିପରୀତ ସମ୍ପର୍କ ରହିଅଛି । ଯଦି କୌଣସି ଅଞ୍ଚଳର ତାପ ବଢ଼ିଯାଏ ତେବେ ସେ ଅଞ୍ଚଳର ବାୟୁଚାପ କମିଯିବ ।
- ବାୟୁକୁ ଆକୃଷ୍ଟ କରିବା ପାଇଁ ବାୟୁଚାପ ହିଁ ଦାୟୀ ଅଟେ ।


ମେ ମାସରେ ଦିଲ୍ଲୀ ଏବଂ ଯୋଧପୁରର ହାରାହାରି ସର୍ବୋଚ୍ଚ ତାପମାତ୍ରା ୩୦°ସେଣ୍ଟିଗ୍ରେଡ ଠାରୁ ଅଧିକ ଅଟେ । ତେଣୁକରି ଉଚ୍ଚ ତାପମାତ୍ରା ସେହି ଅଞ୍ଚଳର ବାୟୁକୁ ଉତ୍ତପ୍ତ କରିଦିଏ । ଉତ୍ତପ୍ତବାୟୁ ଉପରକୁ ଉଠେ । ଏହାର ନିମ୍ନରେ ଲଘୁଚାପ ଅଞ୍ଚଳ ସୃଷ୍ଟିହୁଏ । ଏହି ଲଘୁଚାପକୁ ମଧ୍ୟ Monsoonal କହନ୍ତି । ଏହା ପଶ୍ଚିମରେ ଜୈସାଲମେର ଏବଂ ପୂର୍ବରେ ଓଡ଼ିଶାର ବାଲେଶ୍ୱର ମଧ୍ୟରେ କେନ୍ଦ୍ରୀଭୂତ ହୋଇ ରହିଥାଏ ।




ଚିତ୍ର –୧୦.୨ (ମେ ମାସର ତାପକୁ ସୂଚିତ କରାଯାଇଅଛି)

ଅନ୍ୟଦିଗରେ ଦେଖିବାକୁଗଲେ ଭାରତ ମହାସାଗର ଉପରେ ଲଘୁଚାପ ରହିଥାଏ । କାରଣ ଭୂଭାଗ ଅପେକ୍ଷା ଜଳ ଉତ୍ତପ୍ତ ହେବାକୁ ଅଧିକ ସମୟ ଦରକାର କରେ । ଏଣୁ ସମୁଦ୍ର ଉପରେ ଗୋଟିଏ ସମ୍ପର୍କିତ ଗୁରୁଚାପ ଅଞ୍ଚଳ ସୃଷ୍ଟି ହୁଏ । ମାନଚିତ୍ର ୧୦.୨କୁ ଦେଖି ଦିଆଯାଇଥିବା ବିଷୟକୁ ବୁଝ ।

ଏହିପରି ଭାରତ ମହାସାଗର ଏବଂ ଭାରତରେ ଉତ୍ତର କେନ୍ଦ୍ର ସମତଳ ଅଞ୍ଚଳ ମଧ୍ୟରେ ତାପ ଏବଂ ଚାପ ମଧ୍ୟରେ ପାର୍ଥକ୍ୟ ଦେଖାଯାଇଥାଏ । ଏହି ପାର୍ଥକ୍ୟ ଯୋଗୁଁ ସମୁଦ୍ରର ଗୁରୁଚାପ ଅଞ୍ଚଳରୁ ଉତ୍ତର ଭାରତ ଲଘୁଚାପ ଅଞ୍ଚଳକୁ ବାୟୁ ବହିବାକୁ ଆରମ୍ଭ କରିଥାଏ । ଏହିପରି ଜୁନମାସ ମଧ୍ୟଭାଗରୁ ଭାରତ ମହାସାଗରର ବିଷୁବମଣ୍ଡଳୀୟ ଅଞ୍ଚଳକୁ ଭାରତ ଉପମହାଦେଶ ଅଞ୍ଚଳକୁ ସାଧାରଣତଃ ବାୟୁ ବହିଥାଏ । ବାୟୁ ଦକ୍ଷିଣ ପଶ୍ଚିମ ଦିଗରୁ ଉତ୍ତର ପୂର୍ବ ଦିଗକୁ ପ୍ରବାହିତ ହୋଇଥାଏ । ବାଣିଜ୍ୟ ବାୟୁର ଏହା ଠିକ୍ ବିପରୀତ ଦିଗରେ (ଉତ୍ତରପୂର୍ବରୁ ଦକ୍ଷିଣ ପଶ୍ଚିମ) ଭାରତରେ ଶୀତଋତୁରେ ପ୍ରବାହିତ ହୁଏ । ବାୟୁର ସମ୍ପୂର୍ଣ୍ଣ ଏହି ବିପରୀତ ଦିଗ ଉତ୍ତର ପୂର୍ବରୁ ଦକ୍ଷିଣ ପଶ୍ଚିମକୁ ପ୍ରବାହିତ ହେବାକୁ ମୌସୁମୀ ବାୟୁ କହନ୍ତି ।




ଚିତ୍ର–୧୦.୩ ଭାରତ ମାନଚିତ୍ର (ଜୁନ ମାସର ତାପ ଲେଖାଯିବ)

ଏହି ବାୟୁ ଉଷ୍ଣ, ସମୁଦ୍ର ଉପରେ ସୃଷ୍ଟି ହୋଇଥାଏ । ତେଣୁ ଏହା ପ୍ରଚୁର ଜଳୀୟବାଷ୍ପ ଧାରଣ କରନ୍ତି । ଯେତେବେଳେ ଏହି ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଭାରତୀୟ ଉପମହାଦେଶ ଉପର ଦେଇ ପ୍ରବାହିତ ହୁଏ ଭାରତର ଚାରିଆଡେ ବିସ୍ତୃତ ଭାବରେ ବର୍ଷା କରାଇଥାଏ । ସମୁଦାୟ ବୃଷ୍ଟିପାତରେ ୮୦% ରୁ ୯୦% ଜୁନଠାରୁ ସେପ୍ଟେମ୍ବର ଏହି ଚାରିମାସ ମଧ୍ୟରେ ଭାରତରେ ହୋଇଥାଏ ।

## ୧୦.୨.୧ ମୌସୁମୀ ବାୟୁର ଗୁଣ ଧର୍ମ

୧. ମୌସୁମୀ ବାୟୁ ଚିରନ୍ତନ ବାୟୁ ପ୍ରବାହ ନୁହେଁ । ସେ ଅନିୟମିତ ଅଟେ । ବିଭିନ୍ନ ବାୟୁମଣ୍ଡଳୀୟ ଅବସ୍ଥା ଏହାକୁ ପ୍ରଭାବିତ କରେ, ତାହା ଆଞ୍ଚଳିକ ଜଳବାୟୁଗତ ଅବସ୍ଥା । ସମୟ – ସମୟରେ ମୌସୁମୀ ଶୀଘ୍ର ଆସେ ଏବଂ ସମୟ ସମୟରେ ବିଳମ୍ବରେ ଆସେ ।

୨. ମୌସୁମୀ ସମାନ ଭାବରେ ବାଣ୍ଟିହୁଏ ନାହିଁ । କେରଳ, ପଶ୍ଚିମବଙ୍ଗ, ଓଡ଼ିଶାର ଉପକୂଳ ଅଞ୍ଚଳ ଅଧିକ ବର୍ଷା ପାଉଥିବାବେଳେ ମଧ୍ୟବର୍ତ୍ତୀ ଅଞ୍ଚଳ ହରିୟାଣା, ମଧ୍ୟପ୍ରଦେଶ କମ୍ ବର୍ଷା ପାଇଥାଏ ।

୩. ଯେତେବେଳେ ମୌସୁମୀ ପହଞ୍ଚେ ଏହା ଅଧିକ ବୃଷ୍ଟି କରାଏ ଏବଂ କେତେଦିନ ପର୍ଯ୍ୟନ୍ତ ବୃଷ୍ଟିପାତ ଲାଗି ରହିଥାଏ । ଏହାକୁ ମୌସୁମୀର ପାଗଳାମୀ କୁହାଯାଏ । ଏହା ପ୍ରଧାନତଃ କେରଳ ଉପକୂଳରେ ହୋଇଥାଏ ଯେଉଁଠାରେ କି ସେ ପ୍ରଥମେ ପହଞ୍ଚେ ।

## ତୁମ ପାଇଁ କାର୍ଯ୍ୟ ୧୦.୨

ନିମ୍ନରେ ଥିବା ଚିତ୍ର ଦେଖି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।



(କ) (ଖ) (ଗ)

ଚିତ୍ର – ୧୦.୪

୧. ଉପରେ ଦିଆଯାଇଥିବା ଚିତ୍ର (କ) (ଖ) (ଗ)ରେ ଋତୁ ଚିହ୍ନଟ କର ।

୨. ସେମାନଙ୍କୁ ସେମାନଙ୍କର କାର୍ଯ୍ୟ ଅନୁସାରେ ସଜାଅ ।

୩. କେଉଁ ଋତୁକୁ ତୁମେ ଅଧିକ ଭଲପାଅ ଓ କାହିଁକି ? ୩୦ ଗୋଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ ।

## ପାଠଗତ ପ୍ରଶ୍ନାବଳୀ ୧୦.୨

ଚିତ୍ର ୧୦.୨, ୧୦.୩ରେ ଥିବା ଆଗୁଆ ମୌସୁମୀର ଗତିକୁ ଦେଖି ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଦିଅ ।

୧. ଲଘୁଚାପ ସୃଷ୍ଟି ହେଉଥିବା ରାଜ୍ୟଗୁଡ଼ିକର ନାମ ଲେଖ ।

୨. ଦକ୍ଷିଣ ଦିଗରୁ ମୌସୁମୀ ବହିଥାଏ । କେଉଁ ରାଜ୍ୟରେ ପ୍ରଥମେ ବାଧା ପାଏ ।

୩. ମୌସୁମୀ ବାୟୁ ଯେତେବେଳେ ବଙ୍ଗୋପସାଗରରେ ପହଞ୍ଚେ ତାହାର ଗତି କେଉଁ ଦିଗକୁ ହୋଇଥାଏ ।

୪. ନିମ୍ନରେ ବୃଷ୍ଟିପାତର ହିସାବ ଦେଖି ନିମ୍ନଲିଖିତ ସହରକୁ ଦେଖି ଚାରିଗୋଟି ନଗରର ହାରାହାରି ମୌସୁମୀ ବାୟୁର ଅବଧି ବର୍ଣ୍ଣନା କର ।

ନଗରମାନଙ୍କର ନାମ

(କ) ମୁମ୍ବାଇ (ଖ) ଦିଲ୍ଲୀ (ଗ) ଜୈସାଲମେର (ଘ) ଶିଲଂ

କେତେମାସ ପରେ ମୋନା ଏବଂ ରାଜୁର ବାପାଙ୍କର ଦିଲ୍ଲୀକୁ ବଦଳି ହୋଇଗଲା । ସେମାନେ ଭାରତର ରାଜଧାନୀ ଦିଲ୍ଲୀରେ ରହିବାକୁ ଉତ୍ତେଜିତ ହେଲେ । ସେମାନେ ଦିଲ୍ଲୀକୁ ସ୍ଥାନାନ୍ତରିତ ହେଲେ । ସେମାନଙ୍କ ପାଇଁ ନୂଆ ଘର, ନୂଆ ସ୍କୁଲ, ନୂଆ ସାଙ୍ଗ ଏବଂ ନୂଆ ବାତାବରଣ ଏବଂ ସବୁକିଛି ନୂଆ ଥିଲା । ସେମାନେ ହୃଦୟଙ୍ଗମ କଲେ ଯେ ବର୍ତ୍ତମାନ ସେଠାରେ ଋତୁ ପରିବର୍ତ୍ତନ ଦେଖିବାକୁ ଯାଉଛନ୍ତି । ଯାହାକୁ କି ସେମାନେ ପୁସ୍ତକରେ ପଢ଼ିଥିଲେ । ବିଭିନ୍ନ ଋତୁ ସମ୍ବନ୍ଧରେ ଅନୁସନ୍ଧାନ ନକରି ନିମ୍ନ ଅଧ୍ୟାୟରେ କିପରି ଘଟୁଛି ଜାଣିବାକୁ ଚେଷ୍ଟାକର ।

## ୧୦.୩ ଋତୁଚକ୍ର

ଭୌଗୋଳିକ ଅବସ୍ଥିତି ଯୋଗୁଁ ଆମଦେଶ ଭାରତରେ ବିଭିନ୍ନ ଋତୁ ଅନୁଭୂତ ହୁଏ । ବର୍ତ୍ତମାନ ତୁମ୍ଭେମାନେ ଭାରତର ଋତୁ ସମ୍ବନ୍ଧରେ ଜାଣିବ ଏବଂ ସେମାନଙ୍କର ଅସାଧାରଣ ଅସ୍ତିତ୍ୱ ସମ୍ବନ୍ଧରେ ମଧ ଆମ ଦେଶରେ ଚାରିଗୋଟି ଋତୁ ଅନୁଭୂତ ହୁଏ ।

(କ) ଶୀତଋତୁ (ଡିସେମ୍ବରରୁ ଫେବୃଆରୀ)


(ଖ) ଗ୍ରୀଷ୍ମଋତୁ (ମାର୍ଚ୍ଚରୁ ମେ)

(ଗ) ବର୍ଷାଋତୁ (ଜୁନ ଠାରୁ ସେପ୍ଟେମ୍ବର)

(ଘ) ଶରତ ଋତୁ (ଅକ୍ଟୋବର ଏବଂ ନଭେମ୍ବର)


ତୁମେମାନେ ନିମ୍ନଲିଖିତ ବିଭାଗରୁ ପ୍ରତ୍ୟେକ ଋତୁ ସମ୍ବନ୍ଧରେ ଅଧିକ କଥା ଜାଣିବ ।

**(କ) ଶୀତଋତୁ :** ଶୀତଋତୁର ଅବଧି ଡିସେମ୍ବର ଠାରୁ ଫେବୃଆରୀ ପର୍ଯ୍ୟନ୍ତ ଅଟେ । ଦକ୍ଷିଣରୁ ଉତ୍ତରକୁ ତାପମାତ୍ରା କମି କମି ଯାଏ ।




ଚିତ୍ର – ୧୦.୫ ଜାନୁଆରୀ ମାସର ତାପମାତ୍ରା

ଡିସେମ୍ବର ଏବଂ ଜାନୁଆରୀ ଶୀତଳତମ ମାସ ଅଟେ । ଉତ୍ତରରେ ହାରାହାରି ତାପ (୧୨° ରୁ ୧୫° ସେଣ୍ଟିଗ୍ରେଡ) ଏବଂ ଦକ୍ଷିଣରେ ହାରାହାରି ତାପ (୨୫° ସେଣ୍ଟିଗ୍ରେଡ) ଅଟେ । ଉତ୍ତର ଏବଂ ଉତ୍ତର ପଶ୍ଚିମ ଭାରତରେ ତୁଷାରପାତ ସାଧାରଣ କଥା । ପଶ୍ଚିମସ୍ଥ ବିଶୃଙ୍ଖଳା ଯୋଗୁଁ ଏହି ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥାଏ । ହିମାଳୟର ଉଚ୍ଚ ଢାଲୁରେ ବରଫପାତ ହୁଏ । ଶୀତରତୁ ମଧ୍ୟରେ ଉତ୍ତର-ପୂର୍ବ ବାଣିଜ୍ୟ ବାୟୁ ଭାରତ ଉପରେ ପ୍ରବାହିତ ହୁଏ । ସେଗୁଡ଼ିକ ଭୂଭାଗରୁ ସମୁଦ୍ରକୁ ବହିଥାଏ । ଏଣୁ ଦେଶର ଅଧିକାଂଶ ଅଞ୍ଚଳରେ ଏହା ଶୁଷ୍କରତୁ ଅଟେ । ଏହି ବାୟୁ ଯୋଗୁଁ ତାମିଲନାଡୁ ଉପକୂଳ ଶୀତରତୁରେ ବର୍ଷା ହୋଇଥାଏ । ଉତ୍ତରପୂର୍ବ ବାଣିଜ୍ୟ ବାୟୁର ଗୋଟିଏ ଅଂଶ ବଙ୍ଗୋପସାଗର ଉପର ଦେଇ ପ୍ରବାହିତ ହୁଏ । ସେ ଜଳୀୟବାଷ୍ପ ସଂଗ୍ରହ କରେ ଯାହାକି ବୃଷ୍ଟିପାତ କରାଏ । ଯେତେବେଳେ ଉପକୂଳ ତାମିଲନାଡୁରେ ବର୍ଷା ହେଉଥାଏ ସେତେବେଳେ ଦେଶର ବାକି ଅଂଶରେ





ଚିତ୍ର – ୧୦.୬ ଜାନୁଆରୀରେ ପବନର ଦିଗ

ପାଗ ଶୁଖିଲା ରହିଥାଏ । ଦେଶର ଉତ୍ତର ଭାଗରେ ଆକାଶ ନିର୍ମଳ ଥାଏ କମ୍ ଉତ୍ତାପ ଓ କମ୍ ଆର୍ଦ୍ରତା ଅନୁଭୂତ ହୁଏ । ରବି ଫସଲ ଉତ୍ପାଦନ ପାଇଁ ଶୀତଦିନର ବର୍ଷାର ଗୁରୁତ୍ୱ ଅଧିକ ଅଟେ ।

**(ଖ) ଗ୍ରୀଷ୍ମଋତୁ :** ଫେବୃଆରୀ ମାସ ଶେଷରେ ଉତ୍ତାପ ବଢ଼ିବାକୁ ଲାଗେ । ତେଣୁ ମାର୍ଚ୍ଚମାସରୁ ମେ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମଋତୁ ଅଟେ । ସମତଳ ଅଞ୍ଚଳରେ, ଭାରତର ପଶ୍ଚିମାଂଶରେ ଏବଂ ଉପଦ୍ୱୀପର ମଧ୍ୟଭାଗରେ ଉଚ୍ଚ ତାପମାତ୍ରା ଅନୁଭୂତ ହୁଏ । ଏଣୁ ଉତ୍ତରସ୍ଥ ସମତଳ ଭୂମିରେ ଲଘୁଚାପ ସୃଷ୍ଟି ହୁଏ ଯାହାକ Monsoonal trough କହନ୍ତି । ଯାହାକି ପଶ୍ଚିମ ରାଜସ୍ଥାନର ଜୈସାଳମେର ଠାରୁ ପୂର୍ବରେ ଝାଡଖଣ୍ଡ ଏବଂ ଓଡ଼ିଶାର କେତେ ଅଂଶ ପର୍ଯ୍ୟନ୍ତ ବିସ୍ତୃତ ହୋଇଥାଏ । ଅଥଚ ଭାରତ ମହାସାଗର ଉପରେ ବିଷୁବ ରେଖାର ଦକ୍ଷିଣରେ ଏହି ଋତୁର ବଳୟ ସୃଷ୍ଟି ହୁଏ । ଉତ୍ତର ପଶ୍ଚିମ ଭାରତରେ, ପ୍ରତିଦିନ ଅପରାହ୍ଣରେ ଧୂଳିଝଡ ସାଧାରଣ କଥା ଅଟେ । ତାକୁ ସ୍ଥାନୀୟ ଭାବରେ 'ଲୁ' କହନ୍ତି । ଏହି ଗରମ ପବନ ପ୍ରଭାବରେ ଅଂଶୁଘାତ ହୋଇଥାଏ । ଏହି ଋତୁ ବିଜୁଳି, ଘଡଘଡି ସହିତ ଝଡ, ବାତ୍ୟା, ଭୀଷଣ ବର୍ଷା କୁଆପଥର ବର୍ଷା ପାଇଁ ଖ୍ୟାତ ଅଟେ । ପଶ୍ଚିମବଙ୍ଗରେ ଏହି ଝଡକୁ କାଳବୈଶାଖୀ

(ବୈଶାଖ ମାସର ଦୁଃଖ) କହନ୍ତି । ଗ୍ରୀଷ୍ମଋତୁର ଶେଷଭାଗରେ ପ୍ରାକ୍‌ମୌସୁମୀ ବର୍ଷା ସାଧାରଣ କଥା ଅଟେ । ଖାସକରି କେରଳ ଏବଂ କର୍ଣ୍ଣାଟକ ରାଜ୍ୟରେ ଏହି ବର୍ଷା ଆମ୍ବ ପାଚିବାରେ ସାହାଯ୍ୟ କରେ ବୋଲି ଏହାକୁ ଆମ୍ବ-ବର୍ଷା ବୋଲି କହନ୍ତି ।




ଚିତ୍ର – ୧୦.୭ ଭାରତରେ ଅଗ୍ରୀମ ମୌସୁମୀ

**(ଗ) ବର୍ଷାଋତୁ (ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଅଗ୍ରଗାମୀ ଋତୁ):** ଗ୍ରୀଷ୍ମଋତୁର ଦଗ୍‌ଧିଭୂତ ତାପରେ ଲୋକେ ବ୍ୟସ୍ତହୋଇ ବ୍ୟଗ୍ରତା ସହିତ ବର୍ଷାକୁ ଅପେକ୍ଷା କରିଥାନ୍ତି ଯାହାକି ସେମାନଙ୍କୁ ମୁକ୍ତି ଦେଇପାରିବ । କୃଷକ ବର୍ଷାକୁ ଅପେକ୍ଷା କରନ୍ତି, ତେଣୁ ଖରିଫ ଫସଲ ପାଇଁ ସେମାନେ କ୍ଷେତ୍ର ପ୍ରସ୍ତୁତ କରିବେ । ଜୁନ୍‌ଠାରୁ ସେପ୍ଟେମ୍ବର Advancing monsoon ଋତୁର ମାସ ଅଟନ୍ତି । ମେ ମାସ ଶେଷବେଳକୁ ମୌସୁମୀ ଉତ୍ତର ଭାରତ ଆଡକୁ ଆକୃଷ୍ଟ ହୁଏ, କାରଣ ଏହି ଅଞ୍ଚଳରେ ତାପମାତ୍ରା ଅଧିକ ହୋଇଥାଏ । ଏହି ଋତୁରେ ବାୟୁର ଦିଗ ସାଧାରଣତଃ ଦକ୍ଷିଣ ପଶ୍ଚିମରୁ ଉତ୍ତର ପୂର୍ବକୁ ହୋଇଥାଏ । ଏହି ବାୟୁ ଶକ୍ତିଶାଳୀ ଏବଂ ଏହାର ଘଣ୍ଟାପ୍ରତି ହାରାହାରି ବେଗ ୩୦ କି.ମି. ଅଟେ । ଏହି ଜଳୀୟବାଷ୍ପପୂର୍ଣ୍ଣ ବାୟୁ ମେ ମାସ ପ୍ରଥମ ସପ୍ତାହରେ ପ୍ରଥମେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜକୁ ଛୁଏଁ । ଜୁନମାସ ପ୍ରଥମ ସପ୍ତାହରେ କେରଳ ଉପକୂଳରେ ବିଜୁଳି ଘଡଘଡି ସହ ବର୍ଷା





କରାଏ । ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ଭାରତ ମଧ୍ୟକୁ ପ୍ରବେଶକରି ଏହାର ପାଣିପାଗରେ ବିରାଟ ପରିବର୍ତ୍ତନ ଆଣେ । ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁଇଟି ଶାଖା ଆରବସାଗରୀୟ ଏବଂ ବଙ୍ଗୋପସାଗରୀୟ ଶାଖାର ରୂପ ନିଏ ।

ଆରବସାଗରୀୟ ଶାଖା ପଶ୍ଚିମଘାଟର ପଶ୍ଚିମ ପାର୍ଶ୍ୱରେ ବାଧାପାଇ ପ୍ରଚୁର ପରିମାଣରେ ବୃଷ୍ଟି କରାଇଥାଏ । ଏହା ମୁମ୍ବାଇରେ ଜୁନ ମାସ ୧୦ ତାରିଖରେ ପହଞ୍ଚେ (୧୦.୭ ଚିତ୍ର ଦେଖ) ଯେତେବେଳେ ଏହି ଶାଖା ପଶ୍ଚିମଘାଟକୁ ଅତିକ୍ରମ କରି ଦାକ୍ଷିଣାତ୍ୟ ମାଳଭୂମି ଏବଂ ମଧ୍ୟପ୍ରଦେଶର କେତେକ ଅଂଶରେ ପ୍ରବେଶ କରେ । ଏହା କମ୍ ବୃଷ୍ଟି କରାଇଥାଏ । କାରଣ ଏହା ବୃଷ୍ଟିଛାୟା ଅଞ୍ଚଳ ଅଟେ । ତାହାପରେ ଏହି ଶାଖା ଜୁନମାସ ୨୦ ତାରିଖରେ ଉତ୍ତରସ୍ଥିତ ସମତଳ ଭୂମିରେ ପ୍ରବେଶ କରେ ।


ମୌସୁମୀ ବାୟୁ ଯାହାକି ବଙ୍ଗୋପସାଗରରୁ ଗତିକରେ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଉତ୍ତରପୂର୍ବ ରାଜ୍ୟ ସମୁହ ଏବଂ ପଶ୍ଚିମବଙ୍ଗର ଉପକୂଳ ଅଞ୍ଚଳକୁ ଛୁଇଁ ଜୁଲାଇମାସ ୧୫ ତାରିଖ ସୁଦ୍ଧା ସମୁଦାୟ ଭାରତ ଉପରେ ଆଚ୍ଛାଦିତ ହୋଇଯାଏ ଏବଂ ଏହା ଭୀଷଣ ବର୍ଷା କରାଏ । ଯେତେବେଳେ ଏହା ପଶ୍ଚିମକୁ ଉତ୍ତରସ୍ଥ ସମତଳ ଭୂମି ଉପରଦେଇ ଗତିକରେ, ବର୍ଷାର ପରିମାଣ କମିଯାଏ । ଉଦାହରଣ କୋଲକାତାରେ ୧୨୦ ସେ.ମି. ଆହ୍ଲାବାଦରେ ୯୧ ସେ.ମି. ଏବଂ ଦିଲ୍ଲୀରେ ୫୬ ସେ.ମି. ବୃଷ୍ଟିପାତ ହୁଏ । ଏଠାରେ ବର୍ଷା କେତେଦିନ ପର୍ଯ୍ୟନ୍ତ ଲାଗି ରହିବାର ତୁମେ ଦେଖିବ ନାହିଁ । ମୌସୁମୀ ବର୍ଷିବାକୁ ଆଗେଇ ଆସେ ଏବଂ ଶୁଷ୍କତା ମଧ୍ୟରେ ଆର୍ଦ୍ରତା ସୃଷ୍ଟି କରେ । ଯେହେତୁ ମୌସୁମୀ ଉତ୍ତପ୍ତ ଏବଂ ଶୁଷ୍କ ଋତୁପରେ ଆସେ । ବର୍ଷା ତାପମାତ୍ରାକୁ କମାଇ ଦିଏ । ଜୁନ ମଧ୍ୟଭାଗରୁ ଜୁଲାଇ ମଧ୍ୟଭାଗ ମଧ୍ୟରେ ୫° ସେଣ୍ଟିଗ୍ରେଡ ରୁ ୮° ସେଣ୍ଟିଗ୍ରେଡକୁ କମିଯିବାର ତୁମେ ଦେଖିପାରିବ । ଏହି ସମୟରେ ଭାରତର ଅନେକ ଅଂଶରେ ବନ୍ୟା ସମସ୍ୟା ଦେଖାଯାଏ । ଭୀଷଣ ବୃଷ୍ଟିପାତ ଯୋଗୁଁ ଏପରି ହୁଏ ଆହୁରି ମଧ୍ୟ ଆମର ଜଳ ସମ୍ପଦକୁ ଠିକ୍ ଭାବରେ ପରିଚାଳନାର ଅଭାବ ଥିବାରୁ, ଆହୁରି ମଧ୍ୟ ଏହି ଋତୁରେ ଅନେକ ଅଞ୍ଚଳରେ ମରୁଡି ଅନୁଭୂତ ହୁଏ ।

## ତୁମ ପାଇଁ କାର୍ଯ୍ୟ ୧୦.୩

ସମ୍ବାଦପତ୍ର କିମ୍ବା ଅନ୍ୟସ୍ତରରୁ ସମ୍ବାଦ ସଂଗ୍ରହ କରି ଭାରତର କେଉଁସବୁ ଅଞ୍ଚଳ କ୍ରମାଗତ ଭାବରେ ବନ୍ୟା ଏବଂ ମରୁଡି ଦ୍ୱାରା ପ୍ରଭାବିତ ହୋଇଥାଏ ତାକୁ ଦେଖ । ନମୁନା ପାଇଁ ଖବରକାଗଜରେ ଥିବା ଖବରକୁ କାଟି ସାଇତି ରଖ । ସେହି ଅଞ୍ଚଳକୁ ଚିହ୍ନିତ କରି ସର୍ବଶେଷ ସମ୍ବାଦକୁ ସଂଗ୍ରହ କର ।

**(ଘ) ଶରତ ଋତୁ (ମୌସୁମୀ ପ୍ରତ୍ୟାବର୍ତ୍ତନ କାଳ) :** ଅକ୍ଟୋବର ଏବଂ ନଭେମ୍ବର ଏହି ଦୁଇମାସ ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀର ସମୟ ଅଟେ । ଉତ୍ତର ଭାରତରେ ସେପ୍ଟେମ୍ବର–ଅକ୍ଟୋବର ମାସରେ ତାପମାତ୍ରା କମିବାକୁ ଆରମ୍ଭ କରେ । ଭାରତର ଉତ୍ତର–ପଶ୍ଚିମ ଭାଗରେ ମୌସୁମୀ ପ୍ରବାହ ଦୁର୍ବଳ ହୋଇପଡ଼େ । ଏହା କ୍ରମେ ଗୁରୁଚାପରେ ପରିବର୍ତ୍ତିତ ହୁଏ । ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ହୋଇଯାଇ ନଭେମ୍ବର ମାସସୁଦ୍ଧା ଉତ୍ତର ଭାରତ ସମତଳ ଅଞ୍ଚଳରୁ ଫେରିବାକୁ ଆରମ୍ଭ କରେ । ଅକ୍ଟୋବର ମାସରେ ପାଗ ଉଷ୍ମ ଓ ଆର୍ଦ୍ର ରହେ କାରଣ ଉଚ୍ଚ ତାପମାତ୍ରା ଏବଂ ଆର୍ଦ୍ରଭୂମି ଅକ୍ଟୋବର ମାସରେ ରହିଥିବାରୁ ଏହି ସମୟରେ ଉତ୍ତରସ୍ଥ ସମତଳ ଭୂମିରେ ଉଷ୍ମ, ଆର୍ଦ୍ରପାଗ କଷ୍ଟଦାୟକ ହୋଇଥାଏ । ଏହାକୁ ସାଧାରଣ ଭାବରେ October heat କହନ୍ତି । ଯାହାହେଉ ଅକ୍ଟୋବର ଶେଷ ଭାଗରେ ତାପମାତ୍ରା କମିବାକୁ ଲାଗେ ଏବଂ ରାତ୍ରି ଆରାମଦାୟକ ହୁଏ । ଏହା ମଧ୍ୟ

ଝଡବାତ୍ୟାର ସମୟ ଯାହାକି ବଙ୍ଗୋପସାଗରରେ ଦେଖାଦିଏ, କାରଣ ଉତ୍ତର ଭାରତର ଲଘୁଚାପ ଏହି ଅଞ୍ଚଳକୁ ଘୁଞ୍ଚିଯାଏ । ଏହି ଝଡ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁର ଉପକୂଳ ଅଞ୍ଚଳରେ ବିଶେଷକରି ମହାନଦୀ, ଗୋଦାବରୀ ଏବଂ କୃଷ୍ଣାର ତ୍ରିକୋଣ ଭୂମି ଅଞ୍ଚଳରେ ଆତଙ୍କ ସୃଷ୍ଟି କରେ ।




ଚିତ୍ର – ୧୦.୮ ମୌସୁମୀ ପ୍ରତ୍ୟାବର୍ତ୍ତନ କାଳ

## ପାଠଗତ ପ୍ରଶ୍ନାବଳୀ ୧୦.୩

ଠିକ୍ ଉତ୍ତର ବାଛ :–

୧. ଗ୍ରୀଷ୍ମଋତୁରେ ଭାରତ ସମତଳ ଅଞ୍ଚଳରେ ପ୍ରବାହିତ ହେଉଥିବା ଉଷ୍ମ–ଶୁଷ୍କ ବାୟୁ

(କ) କାଳ ବୈଶାଖୀ (ଖ) ଲୁ (ଗ) ବାଣିଜ୍ୟ ବାୟୁ (ଘ) ଉପରେଥିବା ସମସ୍ତ

୨. ଆରବସାଗରୀୟ ଶାଖାକୁ କେଉଁ ପର୍ବତଶ୍ରେଣୀ ବାଧା ଦିଏ ?

(ଖ) ଆରାବଳୀ (ଖ) ପୂର୍ବଘାଟ (ଗ) ପଶ୍ଚିମଘାଟ (ଘ) ରାଜମହଲ ପାହାଡ





୩. ବଙ୍ଗୋପସାଗରର କ୍ରାନ୍ତୀୟ ଝଡ ସାଧାରଣତଃ – ମଧ୍ୟରେ ହୁଏ

(କ) ଦକ୍ଷିଣ ପଶ୍ଚିମ (ଖ) ଭାସମାନ ପାଗଥିବା ଋତୁ (ଗ) ପ୍ରତ୍ୟାବର୍ତ୍ତନ ମୌସୁମୀ ଋତୁ

(ଘ) ଶୀତଋତୁ

୪. ମାର୍ଚ୍ଚମାସରେ କେଉଁ ସ୍ଥାନଟି ଉଷ୍ଣତମ ।

(କ) ଦିଲ୍ଲୀ (ଖ) ଶିଲଂ (ଗ) ଦାକ୍ଷିଣାତ୍ୟ ମାଳଭୂମି (ଘ) ପଞ୍ଜାବ

୫. ମୌସୁମୀ କୁହାଯାଏ :

(କ) ଋତୁକାଳୀନ ବାୟୁ (ଖ) ଅସ୍ଥାୟୀ ବାୟୁ (ଗ) ସ୍ଥାୟୀବାୟୁ (ଘ) ସ୍ଥାନୀୟ ବାୟୁ

ମୋନା ଏବଂ ରାଜୁର ଋତୁ, ଏହାର କ୍ରମିକଗତି, କାରଣ ଏବଂ ପ୍ରଭାବ ସମ୍ବନ୍ଧରେ ଥିବା ଧାରଣା ପରିଷ୍କାର ହୋଇଗଲା । କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏବଂ ନିର୍ଦ୍ଦିଷ୍ଟ ସମୟ ପାଇଁ ଯଦି ମୌସୁମୀ ଆସେ ତାହାହେଲେ ଭାରତରେ ବୃଷ୍ଟିପାତ ଅସମାନ ହେବ କି ? ଏହି ପ୍ରଶ୍ନର ଉତ୍ତର ବୃଷ୍ଟିପାତ ବଣ୍ଟନ ମାନଚିତ୍ରରେ ଦେଖିବାକୁ ଚେଷ୍ଟାକର ।

## ୧୦.୪ ବୃଷ୍ଟିପାତର ବଣ୍ଟନ

ବର୍ଷକ ମଧ୍ୟରେ ନିର୍ଦ୍ଦିଷ୍ଟ ସମୟରେ ଭାରତରେ ବୃଷ୍ଟିପାତର ବଣ୍ଟନ ଅସମାନ ହୋଇଥାଏ । ଯଦି ଆମେ ଉତ୍ତରସ୍ଥ ସମତଳ ଭୂମି ଦେଇ ପୂର୍ବରୁ ପଶ୍ଚିମକୁ ଗତି କରିବା ଆମେ ଦେଖିବା ଯେ, ଭାରତରେ ବୃଷ୍ଟିପାତ କମୁଛି । ଭାରତର ଉପଦ୍ୱୀପ ଅଞ୍ଚଳରେ ଉପକୂଳ ଅଞ୍ଚଳ ଅପେକ୍ଷା ଆଭ୍ୟନ୍ତରୀଣ ଅଞ୍ଚଳରେ ବୃଷ୍ଟିପାତ କମ୍ ହୋଇଥାଏ । ଉତ୍ତରପୂର୍ବ ଭାରତରେ ଉଚ୍ଚତା ବୃଷ୍ଟିପାତ ବଢ଼ିଥାଏ । ବୃଷ୍ଟିପାତ ବଣ୍ଟନରେ ଭାରତ ଏକ ଅଦ୍ୱିତୀୟ ଉଦାହରଣ, ପୃଥିବୀର ବୃଷ୍ଟିବହୁଳ ଏବଂ ବୃଷ୍ଟିବିରଳ ଅଞ୍ଚଳ ଭାରତରେ ହିଁ ରହିଅଛି । ତୁମେ ଭାବିପାରୁଛ କାହିଁକି ? ଭାରତରେ ବୃଷ୍ଟିପାତର ସ୍ଥାନୀୟ ତାରତମ୍ୟ ନିମ୍ନଲିଖିତ ଶିରୋଲେଖାରେ ଦେଖାଯାଇପାରେ । ଦିଆଯାଇଥିବା ମାନଚିତ୍ରକୁ ଦେଖି ଦିଆଯାଇଥିବା ରାଜ୍ୟଗୁଡ଼ିକ କେଉଁ ଶ୍ରେଣୀର ବାହାର କର ।

(କ) ଅତ୍ୟଧିକ ବୃଷ୍ଟିପାତ ଅଞ୍ଚଳ (୨୦୦ ସେ.ମି. ରୁ ଅଧିକ) ଭାରତର ପଶ୍ଚିମ ଉପକୂଳ, ଉତ୍ତର-ପୂର୍ବ ଭାରତର ଉପହିମାଳୟ ଅଞ୍ଚଳ ଏବଂ ମେଘାଳୟ ରାଜ୍ୟର ଗାରେ, ଖାସି ଓ ଜୟନ୍ତିଆ ପାହାଡ଼ିଆ ଅଞ୍ଚଳରେ ଅତ୍ୟଧିକ ବୃଷ୍ଟିପାତ ହୁଏ ।

(ଖ) ମଧ୍ୟମ ଧରଣର ବୃଷ୍ଟିପାତ (୧୦୦ ସେ.ମି. ରୁ ୨୦୦ ସେ.ମି.) ପଶ୍ଚିମଘାଟର କେତେକ ଅଞ୍ଚଳ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ବିହାର ଆହୁରି ଅନେକ ରାଜ୍ୟରେ ୧୦୦ ରୁ ୨୦୦ ସେ.ମି. ବର୍ଷା ହୋଇଥାଏ ।

(ଗ) କମ୍ ବୃଷ୍ଟିପାତ ଅଞ୍ଚଳ (୬୦ ରୁ ୧୦୦ ସେ.ମି.) ଉତ୍ତର ପ୍ରଦେଶର କେତେକ ଅଞ୍ଚଳ, ରାଜସ୍ଥାନ, ଦାକ୍ଷିଣାତ୍ୟ ମାଳଭୂମିର ଆଭ୍ୟନ୍ତରିଣ ଅଞ୍ଚଳ କମ୍ ବୃଷ୍ଟିପାତ ହୋଇଥାଏ ।


(ଘ) ବୃଷ୍ଟିବିରଳ ଅଞ୍ଚଳ (୬୦ ସେ.ମିରୁ କମ୍) : ଗୁଜୁରାଟ ଓ ରାଜସ୍ଥାନର ପଶ୍ଚିମପାର୍ଶ୍ୱ, ଲାଦାଖ, ଦକ୍ଷିଣ କେନ୍ଦ୍ରାଞ୍ଚଳ ବାର୍ଷିକ ୨୦ ସେ.ମି. ବର୍ଷା ପାଇନଥାଏ, ତେଣୁ ଏଗୁଡ଼ିକ ବୃଷ୍ଟି ବିରଳ ଅଞ୍ଚଳ ଅଟେ ।

## ତୁମ ପାଇଁ କାର୍ଯ୍ୟ ୧୦.୪

ତଳେ ଦିଆଯାଇଥିବା ଟେବୁଲରେ ଭାରତର ପର୍ବଗୁଡ଼ିକର ତାଲିକା ପ୍ରସ୍ତୁତ କର । ଆର୍ଥିକ ଗୁରୁତ୍ୱ ଦୃଷ୍ଟିରୁ ତୁମ ଅଞ୍ଚଳର କେଉଁ ଋତୁଟି କାହିଁକି ଗୁରୁତ୍ୱପୂର୍ଣ୍ଣ ଅଟେ ।

| ପର୍ବପର୍ବାଣୀର ତାଲିକା | କେଉଁ ଅଞ୍ଚଳରେ ପାଳନ କରାଯାଏ | ମାସ ଏବଂ ତାରିଖ | ଋତୁ | ଆର୍ଥିକ ଗୁରୁତ୍ୱ |
|---|---|---|---|---|
| | | | | |
| | | | | |
| | | | | |
| | | | | |

ପର୍ବଋତୁ ଅମଳଋତୁ ମଧ୍ୟରେ ଥିବା ସମ୍ପର୍କକୁ ଦେଖିପାରୁଛ କି, ଦୟାକରି ଗୋଟିଏ କାରଣକୁ ଲେଖ ।




ଚିତ୍ର – ୧୦.୯ ଭାରତର ବାର୍ଷିକ ବୃଷ୍ଟିପାତ

## ୧୦.୫ ସାମାଜିକ ସାଂସ୍କୃତିକ ଜୀବନ

ତୁମେ ବର୍ତ୍ତମାନ ଋତୁଚକ୍ର ସମ୍ବନ୍ଧରେ ଭଲ ଭାବରେ ଜାଣିଲ । ଆମ ମନରେ ଦ୍ୱିତୀୟ ପ୍ରଶ୍ନବାଚୀ ଉଠୁଛି ଯେ ଋତୁ ଏବଂ ଆମ ଜୀବନ ମଧ୍ୟରେ ସମ୍ପର୍କ କ'ଣ ? ସେମାନେ ଆମ ଜୀବନଚର୍ଯ୍ୟାକୁ ପ୍ରଭାବିତ କରୁଛନ୍ତି ଏହା କ'ଣ ଏତେ ଗୁରୁତ୍ୱପୂର୍ଣ୍ଣ ? ଏହାର ଉତ୍ତର ହଁ, ସେମାନେ ଆମର ସାମାଜିକ ଏବଂ ସାଂସ୍କୃତିକ ଜୀବନକୁ ପ୍ରଭାବିତ କରନ୍ତି, ଭାରତ ଗୋଟିଏ କୃଷିପ୍ରଧାନ ଦେଶ ହୋଇଥିବାରୁ କୃଷିର ପ୍ରଧାନ ଆର୍ଥିକ କାର୍ଯ୍ୟକଳାପ ସଂପୂର୍ଣ୍ଣ ଋତୁଚକ୍ର ଉପରେ ନିର୍ଭର କରେ । ଖରିଫ ଫସଲ ପାଇଁ ବର୍ଷାଋତୁ ଏବଂ ଅମଳପାଇଁ ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀ ଋତୁ ଆବଶ୍ୟକ ଅଟେ । ରବିଚାଷ ଶୀତଋତୁରେ ହୋଇଥାଏ । ଜେଦ୍‌ଚାଷ ଶୀତଋତୁ ଶେଷଭାଗରେ ହୁଏ । ଆମଦେଶ ଭଳି କୌଣସି ଜାତିର ଆର୍ଥିକ ପ୍ରଗତିର ପ୍ରତିବନ୍ଧକ ହେଉଛି ବନ୍ୟା ଏବଂ ମରୁଡି ଆମ ଦେଶରେ କୃଷିଭିତ୍ତିକ ଅର୍ଥନୀତି ପ୍ରଚଳିତ ଅଟେ ।

ଆମର ସମସ୍ତ କାର୍ଯ୍ୟକଳାପ ଋତୁ ସହିତ ଜଡିତ । ଶୀତଋତୁ ଆସିବାରୁ ଦିନ ଛୋଟ ହୋଇଯାଏ । ଆମେ ଗରମ ପୋଷାକ କିଣିବା ଆରମ୍ଭ କରୁ । ଆମ ଖାଦ୍ୟରେ ଚିନାବାଦାମ, ବାଦାମ ଏବଂ ତାପଉତ୍ପାଦକ ଖାଦ୍ୟର ଗୁରୁତ୍ୱ ବଢ଼ିଯାଏ, ଥଣ୍ଡା ପାଗ ସତ୍ତ୍ୱେ ଲୋକମାନେ ଅନେକ ପର୍ବ ପାଳନ କରନ୍ତି, ଅନେକ ରାଜ୍ୟରେ ମକର ସଂକ୍ରାନ୍ତି ପାଳନ କରନ୍ତି । ବସନ୍ତ ପଞ୍ଚମୀକୁ ଫେବୃଆରୀରେ ପାଳନ କରାଯାଏ । ଯେଉଁଥିରେକି ଲୋକେ ଭଲ ଫସଲ ଫଳିବା ପାଇଁ ପ୍ରାର୍ଥନା କରନ୍ତି । ଗ୍ରୀଷ୍ମଋତୁ ଅତ୍ୟନ୍ତ ଶୁଷ୍କଋତୁ ଅଟେ । କିନ୍ତୁ ଏହା ଆମକୁ ରସୁଆଳ ଫଳ, ଆଇସକ୍ରିମ ଏବଂ ବିଭିନ୍ନ ପ୍ରକାର ପାନୀୟ କଥା ମନେ ପକାଇଦିଏ । ଏହି ଋତୁରେ କ'ଣ ସବୁ ଫଳ ମିଳେ ? ହୋଲି ଏବଂ ବୈଶାଖୀ ଏହି ଋତୁର ପ୍ରଧାନ ପର୍ବ ଅଟେ । ଗ୍ରୀଷ୍ମଋତୁର ଶେଷଭାଗରେ କୃଷକମାନେ ସେମାନଙ୍କର କ୍ଷେତ ପ୍ରସ୍ତୁତ କରନ୍ତି । ତେଣୁ ସେମାନେ ବର୍ଷାକୁ ସ୍ୱାଗତ ଜଣାନ୍ତି । ଏହି ସମୟରେ କେରଳର ଲୋକମାନେ ଓନମ୍ ଯାହାକି ସେମାନଙ୍କର କୃଷି ସହିତ ସଂପୃକ୍ତ ପର୍ବ ପାଳନ କରନ୍ତି । ମୌସୁମୀ ପରବର୍ତ୍ତୀ ସମୟ ହେଉଛି ଅମଳ ସମୟ । ଏହି ସମୟରେ ଭାରତ ଚାରିଆଡେ ଦଶହରା, ଦୁର୍ଗାପୂଜା, ଦିୱାଲି ପାଳନ କରାଯାଏ ।

## ୧୦.୬ ପୃଥିବୀ ପର୍ଯ୍ୟାବରଣ ପରିବର୍ତ୍ତନର ଭାରତ ଜଳବାୟୁ ଉପରେ ପ୍ରଭାବ

ଏହି ବିଷୟକୁ ପଢ଼ିବା ପରେ ତୁମେ ବୁଝି ଯାଇଥିବ ଯେ ଭାରତ ଅଧିକ ଭାଗ୍ୟବାନ ଯାହାର ଗ୍ରୀଷ୍ମ, ଶୀତ, ବସନ୍ତ ଓ ବର୍ଷା ଏହିପରି ଚାରିଗୋଟି ଋତୁ ରହିଅଛି । ଯାହାହେଉ ବର୍ତ୍ତମାନ ଦିନମାନଙ୍କରେ ଋତୁ ଚକ୍ରରେ ବାଧାସୃଷ୍ଟି ହେବାର ଯେ କେହି ଜାଣିପାରୁଛନ୍ତି । ଏହା ପୃଥିବୀର ଉଷ୍ଣତା ବୃଦ୍ଧି ଯୋଗୁଁ ହେଉଅଛି । ଏହା ବର୍ତ୍ତମାନ ପୃଥିବୀର ଜ୍ୱଳନ୍ତ ଅଧ୍ୟାୟ ଅଟେ । ଏହା ରାଜନୀତି, ସମାଜ ଓ ଅର୍ଥନୀତି ଉପରେ ବାଧାସୃଷ୍ଟି କରୁଛି । ଏହା ଆମର ଜୀବନ, ଜୀବନଚର୍ଯ୍ୟାର ପ୍ରତ୍ୟେକ କ୍ଷେତ୍ରକୁ ପ୍ରଭାବିତ କରୁଅଛି । ପୃଥିବୀ ଉଷ୍ଣତା ବୃଦ୍ଧିର ଗଭୀର ପ୍ରଭାବ ପୃଥିବୀ ଜଳବାୟୁ ଉପରେ ପଡୁଛି । ଭାରତ କିପରି ଏଥିରୁ ମୁକ୍ତ ରହିବ । ତୁମେ ଏକଥା ଭାବନାହିଁ ଯେ ସମସ୍ତଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ । ସମସ୍ତେ ଏହା ଜାଣିବା ଦରକାର ଏବଂ ଚିନ୍ତାକର ଆମ୍ଭମାନଙ୍କ ମଧ୍ୟରୁ କିପରି ପ୍ରତ୍ୟେକେ ଏହାକୁ କମାଇବାକୁ ସହଯୋଗ କରିବା ।

ଆସ ବୁଝିବା ପୃଥିବୀ ତାପବୃଦ୍ଧି କ'ଣ ? ବିଗତ ଦଶନ୍ଧି ମଧ୍ୟରେ ସହରୀକରଣ, ଶିଳ୍ପସ୍ଥାପନ ଏବଂ ଜନସଂଖ୍ୟା ବୃଦ୍ଧି ଯୋଗୁଁ ବାୟୁମଣ୍ଡଳ ବିଷାକ୍ତ ହୋଇଯାଇଅଛି । ମନୁଷ୍ୟର କାର୍ଯ୍ୟକଳାପ ଯୋଗୁଁ ବାୟୁମଣ୍ଡଳର କାର୍ବନଡାଇଅକ୍ସାଇଡ, କ୍ଲୋରୋଫ୍ଲୋରୋ ଅନ୍ୟ ହାନିକାରକ ଗ୍ୟାସର ପରିମାଣ ବଢ଼ିଯାଇଅଛି । ପ୍ରାୟ ସୂର୍ଯ୍ୟତାପର ୫୧% ଭାଗ ଭୂପୃଷ୍ଠ ଗ୍ରହଣ କରୁଛି ଯାହାକି ଏହାର ତାପକୁ ବୃଦ୍ଧିକରି ଦେଉଅଛି । ତାପର ବାକି ଅଂଶ ପ୍ରତିଫଳିତ

ହୋଇ ବାୟୁମଣ୍ଡଳକୁ ଫେରିଆସୁଛି । ଏହା ତାପକୁ ବଢ଼ାଇ ଦେବାରେ ସାହାଯ୍ୟ କରୁଛି । ବର୍ତ୍ତମାନ ବାୟୁମଣ୍ଡଳ କଳୁଷିତ ହେବା ଯୋଗୁଁ ପ୍ରତିଫଳିତ ତାପର କେତେ ଅଂଶ ଗ୍ରୀନହାଉସ ଗ୍ୟାସଦ୍ୱାରା ଅଟକିଯାଉଛି, ପ୍ରଧାନତଃ କାର୍ବନଡାଇଅକ୍ସାଇଡ ଭୂପୃଷ୍ଠର ତାପକୁ ବଢ଼ାଇଦିଏ । ଏହାକୁ ଦେଖାଇବାକୁ ପ୍ରମାଣ ଅଛି ଯେ $CO_2$ସ୍ତର ତଥାପି ବଢୁଅଛି । U.N. ଅଧୀନରେ GHGS କୁ କମାଇବାକୁ ଅନେକ ଦେଶ ଏକ ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି । ବର୍ତ୍ତମାନର ଆନ୍ତର୍ଜାତିକ ରାଜିନାମାଗୁଡ଼ିକ ଯଥେଷ୍ଟ ପରିମାଣରେ ଜଳବାୟୁରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ଆଣିବାର ସଫଳ ହୋଇନାହିଁ । ଆମେ ଭଲଭାବରେ ଜାଣିଛୁ ଯେ ୭୦% ଭାରତୀୟ କୃଷିର ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି । ତାପମାତ୍ରାରେ ଯେକୌଣସି ପରିବର୍ତ୍ତନ କୃଷିକ୍ଷେତ୍ରରେ ବିପରୀତ ପ୍ରଭାବ ପକାଇବ । ଏହା ଭାରତର ସାମାଜିକ ଏବଂ ଆର୍ଥିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ । ଏହି ଅଧ୍ୟାୟର ଅଧ୍ୟୟନ ପରେ ଆମ୍ଭେମାନେ ପରିଷ୍କାର ଭାବରେ ଦେଖିବା ଯେ, ମାନବର ଜୀବନଯାପନ ପ୍ରଣାଳୀରେ ଜଳବାୟୁର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଅଛି । ଆମ ଖାଦ୍ୟ, ଆମ ପର୍ବପର୍ବାଣୀ ଆମ ଅର୍ଥନୀତି ଆଉ ସବୁକିଛି ଋତୁଚକ୍ର ସହିତ ଜଡ଼ିତ ଅଛି । ଯଦି ଋତୁଗୁଡ଼ିକ ଅନୁକୂଳ ହୁଏ ମନୁଷ୍ୟର ଜୀବନ ସୁଖମୟ ଏବଂ ଆରାମଦାୟକ ହେବ । ତେଣୁ ପାଗର ଅବସ୍ଥା କୃଷି, ସ୍ୱାସ୍ଥ୍ୟ, ପରିବହନ କ୍ଷେତ୍ରରେ ପ୍ରଭାବ ପକାଇଥାଏ । ଏହା ଗୁରୁତ୍ୱପୂର୍ଣ୍ଣ ଯେ ଆମେ ସମସ୍ତେ ସି.ଏଫ. ଅନ୍ୟ କ୍ଷତିକାରକ ଗ୍ୟାସକୁ କମାଇବା ପାଇଁ ଜୀବନଧାରଣ ପଦ୍ଧତିରେ କିଛି ପରିବର୍ତ୍ତନ ଆଣିବା ।

## ତୁମ ପାଇଁ କାର୍ଯ୍ୟ ୧୦.୬

ପ୍ରାକୃତିକ ଜଳବାୟୁ ସମ୍ବନ୍ଧୀୟ ଘଟଣା ଯଥା : ଭୂମିକମ୍ପ, ବାତ୍ୟା ଏବଂ ଭୌଗୋଳିକ ତଥ୍ୟ ସମ୍ବଳିତ ଏକ ଡାଏରୀ ଆମ ନିକଟରେ ରଖିବା ସେଥିରେ ଘଟଣାର ନାମ, ତାରିଖ ଏବଂ ପ୍ରଭାବର ତଥ୍ୟ ଲିପିବଦ୍ଧ କରିବା ।

## ପାଠଗତ ପ୍ରଶ୍ନାବଳୀ ୧୦.୪

୧. ଭାରତରେ ବୃଷ୍ଟିପାତର ବଣ୍ଟନ କାହିଁକି ଅସମାନ ଅଟେ ?

୨. ସର୍ବନିମ୍ନ ବୃଷ୍ଟି ପାଉଥିବା ଭାରତର ତିନିଗୋଟି ସ୍ଥାନର ନାମ ଲେଖ ।

୩. ଖରିଫ ଫସଲ ଏବଂ ରବିଫସଲ ହେଉଥିବା ମାସଗୁଡ଼ିକର ନାମ ଲେଖ ।

୪. କେତେବେଳେ ଜେଠ୍‌ଋତୁ ଆମେ ଅନୁଭବ କରୁ ?

୫. ପୃଥିବୀର ଉତ୍ତାପ ବୃଦ୍ଧିରେ ମନୁଷ୍ୟର କାର୍ଯ୍ୟାବଳୀ ସବୁ କ'ଣ ?

## ତୁମେ କ'ଣ ଶିଖିଲ ?

- ଭାରତର ଜଳବାୟୁ ଅନେକ କାରକ ଦ୍ୱାରା ପ୍ରଭାବିତ ହୁଏ । ସେଗୁଡ଼ିକ ହେଲା ଅବସ୍ଥିତି, ସମୁଦ୍ରଠାରୁ ଦୂରତା, ଉଚ୍ଚତା, ପର୍ବତଶ୍ରେଣୀର ଅବସ୍ଥିତି, ଭୂପୃଷ୍ଠସ୍ଥ ବାୟୁର ଦିଗ ଏବଂ ଉର୍ଦ୍ଧ୍ୱସ୍ତରର ବାୟୁସ୍ରୋତ ।

- ଭାରତରେ ବାୟୁ ପ୍ରବାହର ପ୍ରଣାଳୀ ଓଲଟା ଅଟେ । ଯାହାକୁ କି ମୌସୁମୀ କହନ୍ତି, ଏହା ଏକ ଧାରାରେ ଆସେ ।
- ଭାରତରେ ଋତୁଗୁଡ଼ିକ ପର୍ଯ୍ୟାୟକ୍ରମରେ ଆସେ । ଏହାର ଚାରିଗୋଟି ପ୍ରଧାନ ଋତୁ ଅଛି । ସେଗୁଡ଼ିକ ହେଲା ଶୀତ, ଗ୍ରୀଷ୍ମ, ବର୍ଷା, ଶରତ ।
- ଆମର ଦୈନିକ ଜୀବନରେ ଋତୁଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ଆମର କାର୍ଯ୍ୟାବଳୀ ଏବଂ ଖାଦ୍ୟାଭ୍ୟାସକୁ ପ୍ରଭାବିତ କରେ ।
- ଭାରତର ଜଳବାୟୁରେ ପୃଥିବୀର ଉତ୍ତାପ ବୃଦ୍ଧିର ପ୍ରଭାବ ପରିଲକ୍ଷିତ ହୁଏ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଜଳବାୟୁ ପ୍ରଭାବିତ କରୁଥିବା ପାଞ୍ଚଗୋଟି କାରକକୁ ଲେଖ ? ଉଦାହରଣ ଦେଇ ପ୍ରତ୍ୟେକ କାରକର ବ୍ୟାଖ୍ୟାକର ।

୨. ଜଳବାୟୁ ଏବଂ ପାଗ ମଧ୍ୟରେ ଥିବା ପାର୍ଥକ୍ୟକୁ ଲେଖ ।

୩. ଉଦାହରଣ ଦେଇ ପବନର ଦିଗ କିପରି ଜଳବାୟୁକୁ ପ୍ରଭାବିତ କରେ ଲେଖ ।

୪. ମୌସୁମୀ ଶବ୍ଦର ସଂଜ୍ଞା ଲେଖ । ବାଣିଜ୍ୟ ବାୟୁ ବିପରୀତ ଦିଗରେ ଗତିକରିବାର ପ୍ରଧାନ କାରଣ ଲେଖ ।

୫. ଶୀତ ଋତୁର ଚାରିଗୋଟି ଗୁଣଧର୍ମ ଲେଖ ।

୬. ଗ୍ରୀଷ୍ମ ଋତୁର ଚାରିଗୋଟି ମୁଖ୍ୟ ପ୍ରକୃତି ବିଷୟରେ ଲେଖ ।

୭. ଉଦାହରଣ ସହିତ ପୃଥିବୀର ଉତ୍ତାପ ବୃଦ୍ଧିର ଭାରତ ଉପରେ କିପରି ପ୍ରଭାବ ପଡ଼େ ଲେଖ । ଏହା ପଛରେ କ'ଣ କାରଣ ଥାଇପାରେ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୧୦.୧ ୧. (କ) କର୍କଟକ୍ରାନ୍ତି 23½° ଉତ୍ତର

(ଖ) ସମୁଦ୍ର ଦ୍ୱାରା ସଂପୃକ୍ତ : ୧. ମୁମ୍ବାଇ, ୨. ଚେନ୍ନାଇ ସମୁଦ୍ର ସହିତ ସଂପୃକ୍ତ ନୁହେଁ, ୩. ଲକ୍ଷ୍ନୌ, ୪. ଦିଲ୍ଲୀ

(ଗ) ହିମାଳୟ ପର୍ବତଶ୍ରେଣୀ

(ଘ) ଉତ୍ତରପୂର୍ବରୁ ପବନ ବହେ ତେଣୁ ସେ ଭୂଭାଗରୁ ବହେ । ସେଗୁଡ଼ିକ ଶୁଷ୍କ ତେଣୁ ଦେଶକୁ ବୃଷ୍ଟି ଦେବାକୁ ଅକ୍ଷମ ଅଟନ୍ତି ।

୧୦.୨ ୧. ରାଜସ୍ଥାନ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ଓ ଓଡ଼ିଶାର କିଛି ଅଂଶ ।

୨. କେରଳ

୩. ଦକ୍ଷିଣରୁ ଉତ୍ତରକୁ ଏବଂ ଉତ୍ତରପୂର୍ବ ଏବଂ ଉତ୍ତର ପଶ୍ଚିମ

୪. (କ) ମୁମ୍ବାଇ – ଚାରିମାସ (ଖ) ନାଗପୁର – ଚାରିମାସ

(ଗ) ଦିଲ୍ଲୀ – ଚାରିମାସ (ଘ) ଶିଲଂ – ଛଅମାସ

୧୦.୩ ୧. (ଖ) ଲୁ ୨. (ଗ) ପଶ୍ଚିମଘାଟ

୩. (ଗ) ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀବାୟୁ ୪. (ଗ) ଦାକ୍ଷିଣାତ୍ୟ ମାଳଭୂମି

୫. (କ) ଋତୁକାଳୀନ ବାୟୁ

୧୦.୪ ୧. ମୌସୁମୀବାୟୁ ଯେତେବେଳେ ଉପକୂଳରୁ ପ୍ରବେଶ କରେ ସେ ସେଠାରେ ସର୍ବାଧିକ ବର୍ଷା କରାଏ । ସେ ସେତେବେଳେ କେନ୍ଦ୍ର ଏବଂ ଉତ୍ତରସ୍ଥ ଅଞ୍ଚଳରେ ପହଞ୍ଚେ ଶୁଷ୍କ ହୋଇଯାଇଥାଏ, ତେଣୁ କମ୍ ବର୍ଷା କରାଏ ।

୨. କମ୍ ବୃଷ୍ଟିପାତ ଅଞ୍ଚଳ : –

(କ) ଉତ୍ତରସ୍ଥ ଲେହ ଲଦାଖ ଅଞ୍ଚଳ (ଖ) ପଶ୍ଚିମ ରାଜସ୍ଥାନ (ଗ) ଦକ୍ଷିଣ କେନ୍ଦ୍ରୀୟ ଅଂଶ

୩. ଖରିଫ – ଜୁନ ଏବଂ ଜୁଲାଇ, ରବି – ଅକ୍ଟୋବର ଏବଂ ନଭେମ୍ବର

୪. ଶୀତଋତୁର ଶେଷରୁ ତଥା ମାର୍ଚ୍ଚରୁ ମଇ ।

୫. ସହରୀକରଣ, ଶିଳ୍ପାୟନ, ଅରଣ୍ୟ ନଷ୍ଟ, ଜୀବସ୍ମ ଇନ୍ଧନ ଜାଳିବା ପ୍ରଭୃତିରେ ।

# ୧୧
# ଜୈବ ବିବିଧତା

ତୁମେ ତୁମ ଚତୁର୍ଦ୍ଦିଗରେ ବିଭିନ୍ନ ପ୍ରକାର ଘାସ, ଗଛ, ବୁଦା, କୀଟ, ପକ୍ଷୀ, ଜୀବ ଏବଂ ସୁନ୍ଦର ଭୂମିରୂପ ଦେଖୁଅଛ । ଆମ୍ଭେମାନେ ଖାଦ୍ୟ, ଜାଳେଣୀ, ଔଷଧ ଅନ୍ୟ ଦରକାରୀ ଦ୍ରବ୍ୟ ପାଇଁ ବିଭିନ୍ନ ପ୍ରକାରର ଉଦ୍ଭିଦ ଓ ପ୍ରାଣୀମାନଙ୍କ ଉପରେ ନିର୍ଭର କରୁ, ଯାହା ବ୍ୟତୀତ ଆମେ ବଞ୍ଚିପାରିବା ନାହିଁ । ଚାରି ବିଲିୟନ ବର୍ଷରୁ ଅଧିକ ବିବର୍ତ୍ତନର ଫଳ ସ୍ୱରୂପ ଆମ୍ଭେମାନେ ଏ ପ୍ରକାର ପ୍ରଜାତିକୁ ପାଇପାରିଛୁ । ତଥାପି ଏହି ଉନ୍ନତ ଧରଣର ଜୈବ ବିଭିନ୍ନତା ସତର୍କ କରାଇ ଦ୍ରୁତ ଗତିରେ ନଷ୍ଟ ହେବାରେ ଲାଗିଛି । ଏହାର କାରଣ ହେଉଛି ମନୁଷ୍ୟର କାର୍ଯ୍ୟକଳାପ । ଯାହା ବି ହେଉ ବହୁତଗୁଡ଼ିଏ ଜିନିଷ ଅଛି ଯାହାକୁ କି ଆମେ ସମସ୍ତେ ସଂରକ୍ଷଣ କରପାରିବା ସେଗୁଡ଼ିକ ହେଲା ବିଭିନ୍ନ ଜାତିର ଉଦ୍ଭିଦ ଜୀବଜନ୍ତୁ ଏବଂ ଅନ୍ୟ ଜୀବନ୍ତ ପଦାର୍ଥ ଏହି ମୂଲ୍ୟବାନ ଜୀବନର ବିଭିନ୍ନତାକୁ ରକ୍ଷା କରିବାକୁ ତୁମେ ସାହାଯ୍ୟ କରିପାରିବ । ଏହି ବିଭିନ୍ନ ପ୍ରକାରର ଉଦ୍ଭିଦ ଜୀବଜନ୍ତୁ ଏବଂ କ୍ଷୁଦ୍ର ସଜୀବ ପଦାର୍ଥ ବିଷୟରେ ଜାଣିବା ଆମପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ପାଠରେ ଆମ୍ଭେମାନେ କେତେକ ଉଦ୍ଭିଦ, ପ୍ରାଣୀ, ସେମାନଙ୍କର ଗୁରୁତ୍ୱ, ଭାରତରେ ସେମାନଙ୍କ ବଣ୍ଟନ ସମ୍ବନ୍ଧରେ ଶିକ୍ଷା ଲାଭ କରିବା ଏବଂ ସେମାନଙ୍କର ସଂରକ୍ଷଣ ବିଷୟରେ ଶିକ୍ଷା ଲାଭ କରିବା ।


## ଉଦ୍ଦେଶ୍ୟ

ଏହି ପାଠ ପଢ଼ିସାରିଲା ପରେ ତୁମ୍ଭେମାନେ ଜାଣିବାକୁ ସକ୍ଷମ ହେବ –

- ଜୈବ ବିବିଧତା ଆକାରର ବ୍ୟାଖ୍ୟା ।
- ଭାରତରେ ଜୈବ ବିବିଧତା ସ୍ଥିତିର ବ୍ୟାଖ୍ୟା ।
- ଜୈବ ବିଭିନ୍ନତାର ଗୁରୁତ୍ୱର ସ୍ଥିତି ।
- ଭାରତରେ ପ୍ରାକୃତି, ଉଦ୍ଭିଦ ଏବଂ ବନ୍ୟ ଜୀବଙ୍କର ବର୍ଣ୍ଣନା ।
- ଭାରତର ମାନଚିତ୍ରରେ ଅରଣ୍ୟ, ବନ୍ୟଜନ୍ତୁ ସଂରକ୍ଷଣ କେନ୍ଦ୍ର, ଜାତୀୟ ପାର୍କ, ଜୀବମଣ୍ଡଳ ସଂରକ୍ଷଣ କେନ୍ଦ୍ର ଏବଂ ଆଦ୍ରଭୂମିର ଚିହ୍ନଟ ଏବଂ
- ଆମ ଅଞ୍ଚଳରେ ଥିବା ପ୍ରାକୃତିକ ଉଦ୍ଭିଦ ଏବଂ ବନ୍ୟଜନ୍ତୁଙ୍କ ସଂରକ୍ଷଣ ପାଇଁ ଆମର ଭୂମିକା ।

## ୧୧.୧ ଜୈବ ବିବିଧତା

ଜୀବ ବିଭିନ୍ନତା ବା ଜୈବ ବିଭିନ୍ନତା ଜୀବତତ୍ତ୍ୱ ବିଭିନ୍ନତା ଗୋଟିଏ ସଂଜ୍ଞା ଯେଉଁଥିରେ କି ପୃଥିବୀ ପୃଷ୍ଠର ବିଭିନ୍ନ ପ୍ରକାର ଜୀବ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଅଛି, ଆହୁରି ମଧ୍ୟ ଯେଉଁଥିରେ କି ପ୍ରାକୃତିକ ବାତାବରଣର ବିଭିନ୍ନ ଉପାଦାନ ତାପମାତ୍ରା, ମୃତ୍ତିକା ଏବଂ ଜଳ ସମ୍ବନ୍ଧରେ ବର୍ଣ୍ଣନା ହେଉଅଛି । ଗୋଟିଏ ଅଞ୍ଚଳରେ ଥିବା ବିଭିନ୍ନ ବଂଶ, ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା । ପ୍ରଜନନ ସମ୍ବନ୍ଧୀୟ ବିଭିନ୍ନତା ବଂଶ ସମ୍ବନ୍ଧୀୟ ବିଭିନ୍ନତା ଜୀବ ଏବଂ ଉଦ୍ଭିଦ ମଧ୍ୟରେ ଥିବା ବିଭିନ୍ନତାକୁ ଏହା ସହିତ ମିଶାଇ ଦିଆଯାଇଅଛି । ଉଦ୍ଭିଦ ଏବଂ ପ୍ରାଣୀ, ଜୈବ ବିଭିନ୍ନତାର ଏକକ କ୍ଷୁଦ୍ର ଉପାଦାନ ଅଟନ୍ତି । ତୁମେ ଜାଣିଛ କି ଅଦୃଶ୍ୟ କ୍ଷୁଦ୍ର ଅଣୁଜୀବ ଜୈବ ବିଭିନ୍ନତା ସୃଷ୍ଟି କରିବାରେ ଏକ ବିରାଟ ଭୂମିକା ଗ୍ରହଣ କରନ୍ତି ।




ଚିତ୍ର – ୧୧.୧ ଜୈବ ବିବିଧତା

**Gens** : - ମୂଳ ଜୀବତତ୍ତ୍ୱର ବଂଶାନୁକ୍ରମିକ ଆଧାର । ବ୍ୟକ୍ତି ବିଶେଷଙ୍କ gens ସମାଜ, ଜାତିରୁ ଆସିଥାଏ । Gense ନିର୍ଦ୍ଦିଷ୍ଟ ଶ୍ରେଣୀ ବା ଜୀବର ଗୁଣ ଧର୍ମକୁ କଣ୍ଟ୍ରୋଲ କରିଥାଏ ।

**Species** : - ଗୋଟିଏ ଦଳର ଅତ୍ୟନ୍ତ ସମାନ ଗୁଣ, ଧର୍ମ ଏବଂ ପ୍ରଜନନ କ୍ଷମତା ରଖୁଥିବା ଶ୍ରେଣୀକୁ କହନ୍ତି ।

**Ecosystem** : - ଭୂଭାଗର ଯେ କୌଣସି ଅଂଶ ଯାହାକି ଜୀବ ଏବଂ ଜୀବ ବିହୀନ ଉପାଦାନକୁ ନେଇ ଗଠିତ ତାକୁ Ecosystem କହନ୍ତି ।

## ୧୧.୧.୧ ଭାରତରେ ଜୈବ ବିବିଧତାର ସ୍ଥିତି

ଆମ୍ଭେମାନେ ଯେତେବେଳେ ମେରୁ ଅଞ୍ଚଳରୁ ବିଷୁବ ଅଞ୍ଚଳକୁ ଗତିକରୁ ଜୈବ ବିବିଧତା ବଢ଼ିବାରେ ଦେଖୁ । ଭାରତ ୮°୪' ଉତ୍ତର ଅକ୍ଷାଂଶରୁ ୩୭°୬' ମିନିଟ ଉତ୍ତର ଅକ୍ଷାଂଶ ମଧ୍ୟରେ ଏବଂ ୬୮°୭' ମିନିଟ ପୂର୍ବ ଦ୍ରାଘିମାରୁ ୯୭°୨୫' ମିନିଟ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏହି ଅସାଧାରଣ ଅବସ୍ଥିତି ଯୋଗୁଁ ଭାରତରେ ଜୈବ ବିଭିନ୍ନତା ଅଧିକ ମାତ୍ରାରେ ରହିଅଛି । ଯଦିଓ ପୃଥିବୀ ଭୂଭାଗର ଶତକଡା ୨.୪ ଭାଗ ଭାରତରେ ରହିଅଛି, କିନ୍ତୁ ପୃଥିବୀର ଜୈବ ବିବିଧତାରେ ଏହାର ଯୋଗଦାନ ପ୍ରାୟ ଶତକଡା ୮ ଭାଗ । ପୃଥିବୀରେ ୧.୭୫ ଲକ୍ଷ ପ୍ରଜାତିର ଜୀବ ଥିବାର ଗଣନା କରାଯାଇଅଛି । ପୃଥିବୀର ଶତକଡା ୬ ଭାଗ ପ୍ରଜାତି ଭାରତରେ ଦେଖାଯାଏ । ଭାରତର ଅରଣ୍ୟମାନଙ୍କରେ ୪୫,୦୦୦ ପ୍ରକାରର ଗଛ ଅଛି ଯାହାକି ପୃଥିବୀରେ ଉଦ୍ଭିଦର ଶତକଡା ୧୨ ଭାଗ ଭାରତରେ ଅଛି । ପୃଥିବୀର ଜୈବ ବିବିଧତାର ବାରଗୋଟିର ବାରଗୋଟିରୁ ଦୁଇ ଗୋଟି Hot Spot ଭାରତରେ ରହିଅଛି । ସେଗୁଡ଼ିକ ଉତ୍ତର ପୂର୍ବ ଅଞ୍ଚଳ ଏବଂ ପଶ୍ଚିମଘାଟ ପାର୍ବତ୍ୟ ଅଞ୍ଚଳ ।

- ଗୋଟିଏ ଜୈବ ବିବିଧତାର **Hot Spot** ହେଉଛି ଗୋଟିଏ ଅଞ୍ଚଳ ଯେଉଁଠାରେ ବିଶେଷ ପ୍ରକାରର ଉଦ୍ଭିଦର ଶ୍ରେଣୀ ଦେଖାଯାଏ । ଏହା କେତେକ ସୀମିତ ଅଞ୍ଚଳର ଦେଖାଯାଏ ।
- **Mega Biodiversity** - ବିଭିନ୍ନ ଶ୍ରେଣୀର ଉଦ୍ଭିଦ ଏବଂ ଜୀବମାନଙ୍କର ସମାବେଶ ଯାହାକି କୌଣସି ଅନ୍ୟ ସ୍ଥାନରେ ଦୃଷ୍ଟିଗୋଚର ହୁଅନ୍ତି ନାହିଁ ତାକୁ Mega biodiversity କୁହାଯାଏ ।


## ୧୧.୨ ଜୈବ ବିଭିନ୍ନତାର ଗୁରୁତ୍ୱ

ପୃଥିବୀ ପୃଷ୍ଠରେ ଜୀବସ୍ଥିତିର ମୂଳ ଦେଉଛି ଜୈବ ବିଭିନ୍ନତା । ଏହାର ଗୁରୁତ୍ୱକୁ ନଗଣ୍ୟ ବୋଲି କୁହାଯାଇ ପାରିବ ନାହିଁ । ବିଭିନ୍ନ ପ୍ରକାର ଜୀବନ୍ତ ଦ୍ରବ୍ୟ ଗୋଟିଏ ପ୍ରାକୃତିକ ପରିବେଶରେ ରହିଅଛି । ଗୋଟିଏ Ecosystemରୁ ସେମାନେ ପରସ୍ପର ନିର୍ଭରଶୀଳ ଏବଂ ସମ୍ପର୍କରେ ଜଡିତ । ତୁମେ ଜାଣିଛ କି ଯେଉଁ ଅଞ୍ଚଳରେ ଏକାପରି ଜଳବାୟୁ ଅନୁଭୂତ ହୁଏ ସେହି ଅଞ୍ଚଳରେ ଏକ ପ୍ରକାର ଉଦ୍ଭିଦ ମଣ୍ଡଳ ଦେଖାଯାଏ । ଯେ କୌଣସି ଜାଗାର ଉଦ୍ଭିଦ ପ୍ରକୃତି ପ୍ରାଣୀମାନଙ୍କୁ ନିୟନ୍ତ୍ରଣ କରେ । ଯେତେବେଳେ କୌଣସି ସ୍ଥାନର ଉଦ୍ଭିଦ ମଣ୍ଡଳର ପରିବର୍ତ୍ତନ ଆସେ ପ୍ରାଣୀ ଜୀବନ ମଧ୍ୟ ବଦଳେ । ଏହାର ପ୍ରଭାବ ସମଭାବରେ ମନୁଷ୍ୟ ଉପରେ ମଧ୍ୟ ପଡେ । ଏହି ପ୍ରଣାଳୀରେ କୌଣସି ଉପାଦାନ ନଷ୍ଟ ହେଲେ ଅନ୍ୟ ଉପାଦାନ ଉପରେ ଏହାର ବିପରୀତ ପ୍ରଭାବ ପଡିଥାଏ । ଆମ୍ଭେମାନେ Ecosystemର ଅଭ୍ୟନ୍ତରିଣ ଅଂଶ ଅଟୁ । ବୃକ୍ଷକୁ କାଟିବା ଦ୍ୱାରା, ପ୍ରାଣୀମାନଙ୍କୁ ମାରିବା ଦ୍ୱାରା ମନୁଷ୍ୟ ପ୍ରାଣୀ ଓ ଉଦ୍ଭିଦ ମଧ୍ୟରେ ଥିବା ସନ୍ତୁଳନ ନଷ୍ଟ ହୁଏ । Ecosystem ମନୁଷ୍ୟ ସମାଜ ଦ୍ୱାରା କିପରି ପ୍ରଭାବିତ ହୁଏ ? ଖବର କାଗଜ ଏବଂ ପତ୍ରିକାରୁ କିଛି ଲେଖା ସଂଗ୍ରହ କର ଯାହାକି ତୁମକୁ ମନୁଷ୍ୟ ସମାଜର Ecosystem ଉପରେ ଥିବା ସଂଘର୍ଷକୁ ବୁଝିବାକୁ ସାହାଯ୍ୟ କରିବ । ଆମକୁ ନିଶ୍ଚିତ ରୂପରେ ବୁଝିବାକୁ ହେବ ଯେ ଗୋଟିଏ ଅଞ୍ଚଳର ପ୍ରାକୃତିକ ପରିବେଶରେ ସମସ୍ତ ଉଦ୍ଭିଦ ପ୍ରାଣୀମାନେ ପରସ୍ପର ନିର୍ଭରଶୀଳ ଏବଂ ସମ୍ପର୍କରେ ଜଡିତ । ଏହି Ecosystem ମନୁଷ୍ୟ ଜୀବନର ବିଭିନ୍ନ କ୍ଷେତ୍ରରେ ଅତ୍ୟନ୍ତ ମୂଲ୍ୟମାନ ଅଟେ । ଯାହାକି ନିମ୍ନଲିଖିତକୁ ସଂଯୋଗ କରୁଅଛି ।

- ଖାଦ୍ୟ, ପାଣି, ତନ୍ତୁ ଓ ଜାଳେଣୀ ଯୋଗାଇବାରେ
- ଜଳବାୟୁ ଏବଂ ରୋଗ ନିୟନ୍ତ୍ରଣ କରିବାରେ । ଉଦାହରଣ ସ୍ୱରୂପ ଶୀତ ଋତୁରେ ମନୁଷ୍ୟ ଥଣ୍ଡା ଏବଂ କାଶ ଦ୍ୱାରା ଆକ୍ରାନ୍ତ ହୁଏ ଏବଂ ବର୍ଷାରେ ପାକସ୍ଥଳୀ ଯନ୍ତ୍ରଣାରେ (ପେଟ ରୋଗରେ) ।

## ୧୧.୨.୧ ଜୈବ ବିଭିନ୍ନତା ନଷ୍ଟ ହେବାର କାରଣ

ଜନସଂଖ୍ୟା ବୃଦ୍ଧି ଏବଂ ମନୁଷ୍ୟର ଜୀବନଯାପନ ପ୍ରଣାଳୀ ବଦଳିବା ଦ୍ୱାରା ପ୍ରାକୃତିକ ସମ୍ପଦର ବାଣିଜିକ ସ୍ଥାନାନ୍ତରିକରଣର ଫଳ ସ୍ୱରୂପ ଜୈବ ବିଭିନ୍ନତା ନଷ୍ଟ ହୁଏ । ପରିଣାମ ସ୍ୱରୂପ ମନୁଷ୍ୟର ବଞ୍ଚି ରହିବା ପାଇଁ ପ୍ରକୃତି ଯେଉଁ ଦ୍ରବ୍ୟ ଏବଂ ସେବା ଯୋଗାଉଥିଲା ତାହା ଉପରେ ପ୍ରକୃତିର ବିପରୀତ ପ୍ରଭାବ ପଡେ । ଜୈବ ବିବିଧତା ନଷ୍ଟ ହେବା ଦ୍ୱାରା କେବଳ ଯେ ପ୍ରାକୃତିକ ପରିବେଶ ନଷ୍ଟ ହୁଏ ତାହା ନୁହେଁ ଆହୁରି ମଧ ଏହା ମନୁଷ୍ୟର ସାମାଜିକ ସାଂସ୍କୃତିକ, ଧାର୍ମିକ ଏବଂ ଆଧାତ୍ମିକ କ୍ଷେତ୍ରକୁ ନଷ୍ଟ କରେ ।




ଚତ୍ର – ୧୧.୨ ଜୈବ ବବଧତା ନଷ୍ଟ ହେବାର କାରଣ

### ତୁମେ ଜାଣ କି

- ଯୁକ୍ତରାଷ୍ଟ୍ର ଆମେରିକା ୨୦୧୦ ମସିହାକୁ ଜୈବବିବିଧତା ଆନ୍ତର୍ଜାତିକ ବର୍ଷ ରୂପେ ଘୋଷଣା କରିଥିଲା ।
- IUCN ଅନୁସାରେ ୨୦୧୦ ସୁଦ୍ଧା ୫୨,୦୧୭ ମଧ୍ୟରୁ ୧୮,୭୮୮ ପ୍ରଜାତିର (ଜୀବ ଓ ଉଦ୍ଭିଦ ଜାତି) ଲୁପ୍ତ ପ୍ରାୟ ଅବସ୍ଥାରେ ଥିଲେ । ପୃଥିବୀର ୫,୪୦୦ ସ୍ତନ୍ୟପାୟୀ ଜୀବମାନଙ୍କ ମଧ୍ୟରୁ ୭୮ ଲୁପ୍ତ ୧୮୮ ଭୀଷଣ ବିପଦର ସମ୍ମୁଖୀନ ଏବଂ ୪୯୨ ଆଘାତ ପ୍ରାପ୍ତ । ଉଭୟଚର ପ୍ରାଣୀ ମଧ ଲୁପ୍ତ ପ୍ରାୟ । ୬୨୮୫ ପ୍ଲାନେଟ ମଧ୍ୟରୁ ୧,୮୯୫ ପ୍ଲାନେଟର ଜୀବଶ୍ରେଣୀ ଅତ୍ୟଧିକ ଭୟଭୀତ ଅବସ୍ଥାରେ ରହିଛନ୍ତି ।

- ବ୍ୟକ୍ତିଗତ ପ୍ରଜାତିର ଲୁପ୍ତ ହେବା ଦ୍ୱାରା ପ୍ରକୃତି ନଷ୍ଟ ହେଉଛି, ଭୂମିର ବ୍ୟବହାରରେ ବ୍ୟତିକ୍ରମ ଦେଖାଦେଇଛି, ଜଳବାୟୁରେ ପରିବର୍ତ୍ତନ ହେଉଅଛି, ମୃତ୍ତିକା ଦୂଷିତ ହେଉଅଛି ଏବଂ ମୃତ୍ତିକା କ୍ଷୟ ବିପଦର ରୂପ ନେଇଅଛି । ବିଭିନ୍ନ ପ୍ରଜାତିର ଲୁପ୍ତ ପାଇଁ ଏହିସବୁ ହେବା କଥା ତୁମେ କ'ଣ ଭାବୁଛ ?

## ତୁମ ପାଇଁ କାର୍ଯ୍ୟ ୧୧.୧

ତୁମେ ତୁମ ଅଞ୍ଚଳର ତିନିଗୋଟି ଶ୍ରେଣୀର ଉଦ୍ଭିଦ ଏବଂ ଜୀବ / ପକ୍ଷୀଙ୍କ ନାମ ଉଲ୍ଲେଖ କରିପାରିବ । ତୁମ ଅଞ୍ଚଳ ପାଇଁ ସେମାନଙ୍କ ଅବଦାନ କ'ଣ ? ତୁମ ପାଇଁ ଗୋଟିଏ ଉଦାହରଣ ଦିଆଯାଇଅଛି ।

| କ୍ର.ସଂ | ଉଦ୍ଭିଦ | ବିଶେଷତା | କ୍ର.ସଂ | ଜୀବ / ପକ୍ଷୀ | ବିଶେଷତା |
|---|---|---|---|---|---|
| ୧. | ନିମ୍ବ | ଆମକୁ ଔଷଧ, କାଠ ଅମ୍ଳଜାନ ଏବଂ ଛାଇଦିଏ | ୧. | ଶାଗୁଣା | ପରିବେଶକୁ ଶବରୁ ମୁକ୍ତ ରଖେ, ଦୂଷିତ ପଦାର୍ଥରୁ ମଧ୍ୟ ମୁକ୍ତ ରଖେ, ରୋଗ ବ୍ୟାପିବାକୁ ଦିଏ ନାହିଁ, ମୂଷା ଭଳି କ୍ଷତିକରୁଥିବା ପ୍ରାଣୀକୁ ଆୟତ କରେ । |
| ୨. | | | ୨. | | |
| ୩. | | | ୩. | | |
| ୪. | | | ୪. | | |

## ପାଠଗତ ପ୍ରଶ୍ନାବଳୀ ୧୧.୧

୧. ଜୈବ ବିବିଧତା ପୃଥିବୀ ପୃଷ୍ଠରୁ ପ୍ରାଣୀ ବା ଉଦ୍ଭିଦମାନଙ୍କୁ ଲୁପ୍ତ କରିବାର ମୂଳ କାରଣ କ'ଣ । ଦୁଇଗୋଟି କାରଣ ଦେଇ ଉତ୍ତର ପ୍ରତିପାଦନ କର ।

୨. ତିରିଶଗୋଟି ଶବ୍ଦ ମଧ୍ୟ Hot Spot ର ବ୍ୟାଖ୍ୟା କର ।

## ୧୧.୩ ପ୍ରାକୃତିକ ଉଦ୍ଭିଦ ଏବଂ ବନ୍ୟ ପ୍ରାଣୀ

ଆମ୍ଭମାନଙ୍କର Ecosystem ରେ ଉଦ୍ଭିଦ ଏବଂ ପ୍ରାଣୀ ମୂଲ୍ୟବାନ ସମ୍ପଦ ଅଟନ୍ତି । ଆମ୍ଭେମାନେ ସମସ୍ତେ ଜାଣୁ ଯେ ଗଛ ଆମକୁ କାଠଗଣ୍ଡି ଦିଏ, ମନୁଷ୍ୟ ଏବଂ ଜୀବମାନଙ୍କୁ ଆଶ୍ରୟ ଦିଏ, ଆମ୍ଭେମାନେ ନିଶ୍ୱାସରେ ନେଉଥିବା ଅମ୍ଳଜାନ ଯୋଗାଏ, ମୃତ୍ତିକା କ୍ଷୟକୁ ରୋକେ, ବନ୍ୟା, ବାତ୍ୟା ପ୍ରଭୃତି ପ୍ରାକୃତିକ ଦୁର୍ବିପାକରୁ ରକ୍ଷା କରେ, ଭୂଗର୍ଭସ୍ଥ ଜଳ ସ୍ତରକୁ ବୃଦ୍ଧି କରିବାରେ ସାହାଯ୍ୟ କରେ, ଆମକୁ ଫଳ, ମୂଳ ଦିଏ, ଲାଟେକ୍ସ, ତାରପିନ, ତେଲ, ଝୁଣା, ଔଷଧୀୟ ବୃକ୍ଷ ଦିଏ, ଆମ୍ଭମାନଙ୍କର ଶିକ୍ଷା ପାଇଁ ଅତି ଦରକାରୀ କାଗଜ ଦିଏ । ଏସବୁ ଗଛଗୁଡ଼ିକର ଅସଂଖ୍ୟ

ବ୍ୟବହାରରୁ କେତେକ ମାତ୍ର । ବନ୍ୟପ୍ରାଣୀ କହିଲେ ପଶୁ, ପକ୍ଷୀ, କୀଟ, ସରୀସୃପ, ଜଳଚର ଜୀବକୁ ବୁଝାଏ । ସେମାନେ ଆମକୁ ଦୁଗ୍ଧ, ମାଂସ, ଚମଡା ଏବଂ ଉଲ ଯୋଗାନ୍ତି । ମହୁମାଛି ପରି କୀଟ ଆମକୁ ମହୁ ଯୋଗାଏ, ଫୁଲର ପରାଗ ସଙ୍ଗମରେ ସାହାଯ୍ୟ କରେ । Ecosystem ରେ ତା'ର ଗୁରୁତ୍ୱପୂର୍ଣ୍ଣ ପଚନକାରୀର ଭୂମିକା ରହିଅଛି । ପକ୍ଷୀମାନେ କୀଟମାନଙ୍କୁ ଖାଇ ବଞ୍ଚନ୍ତି ଆହୁରି ମଧ୍ୟ ପଚନକାରୀର କାମ କରନ୍ତି । ଶାଗୁଣା ମୃତ ଜୀବକୁ ଖାଇ ମେହନ୍ତର ପରି ପରିବେଶକୁ ପରିଷ୍କାର ରଖେ । ତେଣୁ ଜୀବ ବଡ଼ ହେଉ କିମ୍ବା ସାନ Ecosystem ରେ ସେମାନେ ସନ୍ତୁଳନ ରକ୍ଷା କରନ୍ତି ।

## ୧୧.୩.୧ ଭାରତର ପ୍ରାକୃତିକ ଉଦ୍ଭିଦ

ପୃଥିବୀର ଅନ୍ୟ ଅଞ୍ଚଳ ପରି ଭାରତର ପ୍ରାକୃତିକ ଉଦ୍ଭିଦ ଜଳବାୟୁ ପ୍ରକୃତି ଏବଂ ମୃତ୍ତିକା ଦ୍ୱାରା ପ୍ରଭାବିତ ହୋଇଥାଏ । ଆମ୍ଭେମାନେ ଚିତ୍ର ୧୧.୩ ଦେଖି ଭୂପ୍ରକୃତିର ଅବସ୍ଥା ବିଷୟରୁ ଜାଣିପାରିବା ଯେ ତାପମାତ୍ରା, ବୃଷ୍ଟିପାତ, ଭୂପ୍ରକୃତି ଅନୁସାରେ ଭାରତର ଉଦ୍ଭିଦ ମଣ୍ଡଳରେ ଭିନ୍ନତା ଦେଖାଦିଏ ଯାହାକୁ କି ତଳେ ସଂକ୍ଷେପରେ ଲେଖାଯାଇଅଛି । ଘଞ୍ଚ ପ୍ରାକୃତିକ ଉଦ୍ଭିଦ ଭାରତର ଉତ୍ତରପୂର୍ବ ଅଞ୍ଚଳରେ, ପଶ୍ଚିମଘାଟ ପାର୍ବତ୍ୟାଞ୍ଚଳରେ, ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜରେ ଦେଖାଯାଏ । ଉତ୍ତରସ୍ଥ ସମତଳ ଭୂମି, ଭାରତରେ ଉତ୍ତର ପଶ୍ଚିମ ଅଞ୍ଚଳରେ ବହୁତ କମ୍ ଉଦ୍ଭିଦ ରହିଅଛି । ଏହି ଅଞ୍ଚଳରେ କୃଷି କାର୍ଯ୍ୟ କରାଯାଏ । ଦକ୍ଷିଣ ଅଞ୍ଚଳ ବୁଦା ଜାତୀୟ ମିଶ୍ରିତ ପର୍ଣ୍ଣମୋଚୀ ଅରଣ୍ୟରେ ପରିପୂର୍ଣ୍ଣ ଅଟେ । ଭାରତର ପ୍ରାକୃତିକ ଉଦ୍ଭିଦକୁ ନିମ୍ନଲିଖିତ ଶ୍ରେଣୀରେ ବିଭକ୍ତ କରାଯାଇପାରେ ।

୧. କ୍ରାନ୍ତୀୟ ଚିରହରିତ ଅରଣ୍ୟ

୨. କ୍ରାନ୍ତୀୟ ପର୍ଣ୍ଣମୋଚୀ ଅରଣ୍ୟ

୩. କଣ୍ଟକ ଅରଣ୍ୟ

୪. ଜୁଆରିଆ ଅରଣ୍ୟ

୫. ହିମାଳୟସ୍ଥ ଅରଣ୍ୟ

> ମନୁଷ୍ୟ ଦ୍ୱାରା ମଧ୍ୟ ଜଙ୍ଗଲ ସୃଷ୍ଟି ହୋଇପାରେ । ଏହା ସହର ଅଞ୍ଚଳରେ ସୃଷ୍ଟି ହୋଇପାରେ । ଏହି ପାଠରେ ପ୍ରାକୃତିକ ଉଦ୍ଭିଦ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।

### ୧. କ୍ରାନ୍ତୀୟ ଚିରହରିତ ଅରଣ୍ୟ

ବର୍ଷସାରା ଏହି ଅଞ୍ଚଳର ଜଳବାୟୁ ଉଷ୍ଣ ଏବଂ ଆର୍ଦ୍ର ରହୁଥିବାରୁ ଏଠାରେ ଚିରହରିତ ଅରଣ୍ୟ ଦେଖାଯାଏ । କୌଣସି ନିର୍ଦ୍ଦିଷ୍ଟ ଋତୁରେ ଗଛଗୁଡ଼ିକର ପତ୍ର ଝଡିଯାଏ ନାହିଁ । ତେଣୁ କରି ଏମାନେ ଚିରହରିତ ଅଟନ୍ତି । ଯେଉଁ ଅଞ୍ଚଳରେ ବାର୍ଷିକ ୨୦୦ ସେ.ମି.ରୁ ଅଧିକ ବର୍ଷା ହୁଏ କମ୍ ସମୟ ପାଇଁ ଶୁଷ୍କ ଋତୁ ଅନୁଭୂତ ହୁଏ ସେଠାରେ ଏହି ଅରଣ୍ୟ ଦେଖାଯାଏ । ଏଠାକାର ବୃକ୍ଷଗୁଡ଼ିକ ୬୦ ମିଟରରୁ ଅଧିକ ଉଚ୍ଚ ହୋଇଥାନ୍ତି । ଏହି ଅରଣ୍ୟ ଘଞ୍ଚ ଏବଂ ଏଠାରେ ମିଶ୍ରିତ ଉଦ୍ଭିଦ ଦେଖାଯାଏ । ଏଠାରେ ଗଛ, ବୁଦା, ଲତାର ମିଶ୍ରଣ ଘଟିଛି । ଏଣୁକରି ଏଗୁଡ଼ିକ ଆର୍ଥିକ ଦୃଷ୍ଟିକୋଣରୁ ବଞ୍ଚିତ । ଗୋଟିଏ ଛୋଟ ଅଞ୍ଚଳରେ ବହୁ ଜାତୀୟ ଗଛ ଅଧିକ ପରିମାଣରେ ଅଛି । କ୍ରାନ୍ତୀୟ ଚିରହରିତ ଅରଣ୍ୟରେ ରୋଜଉଡ, ଏବୋନି, ମେହୋଗାନୀ, ରବର କ୍ୟାକଉଡ ଏବଂ ବାଉଁଶ ପ୍ରଭୃତିର ବୃକ୍ଷ ଦେଖାଯାଏ । ଭାରତରେ ଏହି ପ୍ରକାର ଅରଣ୍ୟ ଅତ୍ୟଧିକ ବର୍ଷା ହେଉଥିବା ପଶ୍ଚିମଘାଟ ପର୍ବତ ଉପରେ ଆସାମର

ଉପର ଅଂଶ, ଲାକ୍ଷାଦ୍ୱୀପ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଦେଖାଯାଏ । ଏଠାରୁ ମିଳୁଥିବା କଠିନ କାଠକୁ ଆସବାବ ନିର୍ମାଣ ଓ ହସ୍ତଶିଳ୍ପରେ ବ୍ୟବହାର କରାଯାଏ । ଏହା ମୃତ୍ତିକାକ୍ଷୟ ଓ ଭୂପାତକୁ ରୋକେ ।

### ୨. କ୍ରାନ୍ତୀୟ ପର୍ଣ୍ଣମୋଚୀ ଅରଣ୍ୟ


ଏହି ଅଞ୍ଚଳର ବୃକ୍ଷଗୁଡ଼ିକ ବର୍ଷକ ମଧ୍ୟରେ ଥରେ ପତ୍ର ଝଡା ଦେଇଥାନ୍ତି । ଏଣୁକରି ଏମାନଙ୍କୁ କ୍ରାନ୍ତୀୟ ପର୍ଣ୍ଣମୋଚୀ ଅରଣ୍ୟ କୁହାଯାଏ । ଭାରତର ବିସ୍ତୃତ ଅଞ୍ଚଳରେ ଏହି ଅରଣ୍ୟ ରହିଅଛି । ଯେଉଁ ଅଞ୍ଚଳରେ ବାର୍ଷିକ ୭୫ ସେ.ମି.ରୁ ୨୦୦ ସେ.ମି. ବୃଷ୍ଟିପାତ ହୁଏ ସେଠାରେ ଏହି ପ୍ରକାର ଅରଣ୍ୟ ଦେଖାଯାଏ । ଏହି ପ୍ରାକୃତିକ ଉଦ୍ଭିଦର ବଣ୍ଟନ ଦକ୍ଷିଣାତ୍ୟ ମାଳଭୂମିର କେତେକ ଅଞ୍ଚଳକୁ ଛାଡି ଦେଲେ ସବୁଆଡେ ହୋଇଅଛି । ଏହା ବ୍ୟତୀତ ଉତ୍ତର ପୂର୍ବାଞ୍ଚଳ, ପଶ୍ଚିମଘାଟ ପାର୍ବତ୍ୟାଞ୍ଚଳ ଏବଂ ପୂର୍ବ ଉପକୂଳରେ ଏ ପ୍ରକାର ଉଦ୍ଭିଦ ଦେଖାଯାଏ ନାହିଁ । ଏହି ପ୍ରକାର ଅରଣ୍ୟକୁ କୃଷି କରିବା ପାଇଁ ମନୁଷ୍ୟ ଦ୍ୱାରା ସଫା କରାଯାଇଥାଏ । ତଥାପି ହିମାଳୟ ପାଦଦେଶର ଉପଦ୍ୱୀପର ପାହାଡିଆ ଅଞ୍ଚଳରେ ଏବଂ ଭାରତ ମଧ୍ୟ ଭାଗରେ ଏହି ଅରଣ୍ୟର କ୍ଷୁଦ୍ର କ୍ଷୁଦ୍ର ଅଂଶ ରହିଅଛି । ବୃଷ୍ଟିପାତର ପାର୍ଥକ୍ୟ ଯୋଗୁଁ ଏହି ଅରଣ୍ୟକୁ ଶୁଷ୍କ ପର୍ଣ୍ଣମୋଚୀ ଏବଂ ଆଦ୍ର ପର୍ଣ୍ଣମୋଚୀ ଏହିପରି ଦୁଇଭାଗରେ ବିଭକ୍ତ କରାଯାଇଅଛି ।

**(କ) ଆର୍ଦ୍ର ପର୍ଣ୍ଣମୋଚୀ ଅରଣ୍ୟ** – ଯେଉଁ ଅଞ୍ଚଳରେ ବାର୍ଷିକ ୧୦୦ ରୁ ୨୦୦ ସେ.ମି. ବୃଷ୍ଟିପାତ ହୁଏ ସେଠାରେ ଆର୍ଦ୍ର ପର୍ଣ୍ଣମୋଚୀ ଅରଣ୍ୟ ଦେଖାଯାଏ । ଏଗୁଡ଼ିକ ପ୍ରଧାନତଃ ଦେଶର ପୂର୍ବଭାଗରେ, ଉତ୍ତରପୂର୍ବ ହିମାଳୟର ପାଦ ଦେଶରେ, ଝାଡଖଣ୍ଡ, ଓଡ଼ିଶା ଏବଂ ଛତିଶଗଡ ଏବଂ ପଶ୍ଚିମଘାଟର ପୂର୍ବ ପଟେ ଦେଖାଯାଏ । ଶାଗୁଆନ, ବାଉଁଶ, ଶିଶୁ, ଚନ୍ଦନ, ଶାଳ, ଖଇର, କୁସୁମ, ଅର୍ଜୁନ, ମହୁଆ, ଜାମୁ ଏବଂ ତୁତ ପ୍ରଭୃତି ଏହି ଅରଣ୍ୟର ପ୍ରଧାନ ବୃକ୍ଷ ଅଟେ ।

**(ଖ) ଶୁଷ୍କ ପର୍ଣ୍ଣମୋଚୀ ଅରଣ୍ୟ** – ଯେଉଁ ଅଞ୍ଚଳରେ ବାର୍ଷିକ ୭୫ ସେ.ମି.ରୁ ୧୦୦ ସେ.ମି. ବୃଷ୍ଟିପାତ ହୁଏ ସେଠାରେ ଶୁଷ୍କ ପର୍ଣ୍ଣମୋଚୀ ଅରଣ୍ୟ ଦେଖାଯାଏ । ଏହି ଅରଣ୍ୟ ଉପଦ୍ୱୀପୀୟ ମାଳଭୂମିର ଆଭ୍ୟନ୍ତରୀଣ ଅଞ୍ଚଳରେ, ଉତ୍ତରପ୍ରଦେଶର ସମତଳ ଅଞ୍ଚଳରେ, ମଧ୍ୟପ୍ରଦେଶ ଏବଂ ବିହାରରେ ଦେଖାଯାଏ । ଏହି ଅଞ୍ଚଳରେ ଶାଗୁଆନ, ଶାଳ, ପିପ୍ଳୀ ଏବଂ ନିମ୍ବ ଜାତୀୟ ବୃକ୍ଷ ଜନ୍ମିଥାଏ ।

### ୩. କଣ୍ଟକ ଅରଣ୍ୟ (କଣ୍ଟାବୁଦା)

ଯେଉଁ ଅଞ୍ଚଳରେ ବାର୍ଷିକ ୭୫ ସେ.ମି.ରୁ କମ୍ ବୃଷ୍ଟିପାତ ହୁଏ ସେଠାରେ କଣ୍ଟକଗୁଚ୍ଛ ଏବଂ ବୁଦା ଜାତୀୟ ଉଦ୍ଭିଦ ଦେଖାଯାଏ । ଏହି ଅଞ୍ଚଳର ଜଳବାୟୁ ପ୍ରଧାନତଃ ଶୁଷ୍କ ହୋଇଥିବାରୁ ଏବଂ ସମୟ ସମୟରେ ଆର୍ଦ୍ର ହୋଇଥିବାରୁ ଏଠାରେ ଘଞ୍ଚ ଅରଣ୍ୟ ଦେଖାଯାଏ ନାହିଁ । ସେଗୁଡ଼ିକ ପ୍ରଧାନତଃ ଉତ୍ତର ପଶ୍ଚିମ ଭାରତ, ଉପଦ୍ୱୀପୀୟ ମାଳଭୂମିର ଆଭ୍ୟନ୍ତରୀଣ ଅଞ୍ଚଳ, ଗୁଜୁରାଟର ଅର୍ଦ୍ଧ ଶୁଷ୍କ ଅଞ୍ଚଳ, ରାଜସ୍ଥାନ, ଛତିଶଗଡ, ଉତ୍ତର ପ୍ରଦେଶ, ହରିୟାଣା, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ରର କେତେକ ଅଞ୍ଚଳରେ ଦେଖାଯାଏ । ଏହି ଅଞ୍ଚଳରେ ମାଟିର ଭିତରକୁ ଯାଇଥିବା ଚେରର ଛୋଟ ଛୋଟ ବୃକ୍ଷ ଏବଂ ବୁଦା ଦେଖାଯାଏ । ଏହି ବୃକ୍ଷର ଗଛଗୁଡ଼ିକର କାଣ୍ଡ ରସଯୁକ୍ତ ଅଟେ । ପତ୍ରଗୁଡ଼ିକ ମୋଟା ଏବଂଛୋଟ ଛୋଟ ହୋଇଥାଏ । ଯାହା ଫଳରେ କି ବାଷ୍ପମୋଚନ କମ୍ ପରିମାଣରେ ହୋଇଥାଏ । ଆକାଶିଆ, ସମିଳି, ବାବୁଲ, କଣ୍ଟାବୁଦା, ଖଇର, ଖଜୁରୀ, ତାଳ ପ୍ରଭୃତି ଏହି ଅଞ୍ଚଳର ସାଧାରଣ ଗଛ ଅଟେ ।




ଚିତ୍ର – ୧୧.୩ ଭାରତର ପ୍ରାକୃତିକ ଉଦ୍ଭିଦ ଜାତି

## ୪. ଜୁଆରିଆ ଅରଣ୍ୟ

ଜୁଆର ପାଣି ମାଡୁଥିବା ସମୁଦ୍ର କୂଳବର୍ତ୍ତୀ ଆର୍ଦ୍ର ଭୂମିରେ ଜୁଆରିଆ ଅରଣ୍ୟ ଦେଖାଯାଏ । ଯେଉଁଠାରେ ପଙ୍କ, ପଟୁ, ଲୁଣାପାଣି ରହିଥାଏ ସେଠାରେ ଏପ୍ରକାର ଅରଣ୍ୟ ସୃଷ୍ଟି ହୁଏ । ଗଛର ଡାଳ, ଚେର କିଛି ସମୟ ପାଇଁ ପାଣିରେ ବୁଡି ରହିଥାଏ । ସେଗୁଡ଼ିକ ମ୍ୟାନଗ୍ରୋଭ ଅରଣ୍ୟ କୁହାଯାଏ । ମ୍ୟାନଗ୍ରୋଭ ଅରଣ୍ୟ ଚିରହରିତ ଅଟେ । ଏଠାରେ ଗଛଗୁଡ଼ିକର ପତ୍ର ମୋଟା ଅଟେ । ଏହି ପ୍ରକାର ଅରଣ୍ୟ ଗଙ୍ଗାର ତ୍ରିକୋଣ ଭୂମି ସୁନ୍ଦରବନ, ମହାନଦୀ, ଗୋଦାବରୀ, କୃଷ୍ଣା ଓ କାବେରୀ ନଦୀର ତ୍ରିକୋଣ ଭୂମିରେ ଏବଂ ଆଣ୍ଡାମାନ–ନିକୋବର ଦ୍ୱୀପପୁଞ୍ଜରେ ଦେଖାଯାଏ । ସୁନ୍ଦରବନ ଅଞ୍ଚଳରେ କେବଳ ସୁନ୍ଦରୀ ବୃକ୍ଷ ଦେଖାଯାଇଥାଏ । ଜୁଆରିଆ ଅରଣ୍ୟରେ ତାଳ, ନଡିଆ, କିଆ ଏବଂ ଅଗର ଶ୍ରେଣୀର ବୃକ୍ଷ ମୁଖ୍ୟତଃ ଦେଖାଯାଏ । ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ଯେ ଏହି ପ୍ରକାର ଅରଣ୍ୟ ବାଣିଜିକ ଦୃଷ୍ଟିକୋଣରୁ ଦୂରରେ ରହେ । ଏହି ପ୍ରକାର ଅରଣ୍ୟ ଉପକୂଳ ଅଞ୍ଚଳରେ ରହିଥାଏ । ଏହା ବାତ୍ୟା କବଳରୁ ସୁରକ୍ଷା ପ୍ରଦାନ କରେ ।

## ୫. ହିମାଳୟସ୍ଥିତ ଉଦ୍ଭିଦ

ନାମରୁ ଜଣାପଡୁଛି ଯେ ଏହି ପ୍ରକାର ଅରଣ୍ୟ ହିମାଳୟ ପାର୍ବତ୍ୟାଞ୍ଚଳରେ ଦେଖାଯାଏ । ଉତ୍ତାପ କମିବା ଓ ଉଚ୍ଚତା ବଢ଼ିବା କାରଣରୁ ଅରଣ୍ୟରେ ତାରତମ୍ୟ ଦେଖାଯାଏ । ପର୍ବତର ଢ଼ାଲୁ ଅଞ୍ଚଳ ଏବଂ ସୂର୍ଯ୍ୟତାପ ପାଉଥିବା ଅଞ୍ଚଳ

ଏହି ଅରଣ୍ୟକୁ ପ୍ରଭାବିତ କରେ । ଏଠାରେ Ecosystem ଭଙ୍ଗୁରତା କ୍ଷୀଣ ଅଟେ । ନିକଟବର୍ତ୍ତୀ ଦଶନ୍ଧିରେ ହିମାଳୟସ୍ଥ ଅରଣ୍ୟଗୁଡ଼ିକ ବହୁ ପ୍ରକାରେ ଶୋଷଣ କରାହେଉଅଛି । ୧୦୦୦ ମିଟର ଉଚ୍ଚତାରେ ଥିବା ଅଞ୍ଚଳ ଯେଉଁଠାରେ ଉଷ୍ଣଜଳ ବାୟୁ ଓ ଅଧିକ ବର୍ଷା ହୁଏ ସେଠାରେ ଘଞ୍ଚ ଅରଣ୍ୟ ଦେଖାଯାଏ । ଏହି ଅଞ୍ଚଳ କ୍ରାନ୍ତୀୟ ଅରଣ୍ୟ ସହିତ ସମାନ । ଶାଳ ଏବଂ ବାଉଁଶ ଏହି ଅଞ୍ଚଳର ମୁଖ୍ୟ ବୃକ୍ଷ ଅଟେ । ୧୦୦୦ ରୁ ୨୦୦୦ ମିଟର ଉଚ୍ଚତା ମଧ୍ୟରେ ଓସାରିଆ ପତ୍ର ବିଶିଷ୍ଟ ଓକ୍, ଚେଷ୍ଟନଟ ପ୍ରଭୃତି ଚିରହରିତ ବୃକ୍ଷ ଦେଖାଯାଏ । ଏହି ଉଚ୍ଚତାରେ ପୂର୍ବ ହିମାଳୟରେ ଉପକ୍ରାନ୍ତୀୟ ପାଇନ ବୃକ୍ଷ ଦେଖାଯାଏ । ଏହି ଅଞ୍ଚଳରେ ସାଧାରଣତଃ 'ଚିର' ବୃକ୍ଷ ଦେଖାଯାଏ । ହିମାଳୟର ୧୫୦୦ ମିଟରରୁ ୩୫୦୦ ମିଟର ଉଚ୍ଚତା ମଧ୍ୟରେ ଯେଉଁଠାରେ କି ବାର୍ଷିକ ୧୦୦ ସେ.ମି. ରୁ ୨୫୦ ସେ.ମି. ବର୍ଷା ହୁଏ । ସେଠାରେ ଆର୍ଦ୍ର ତାପ ବିଶିଷ୍ଟ ଅରଣ୍ୟ ଦେଖାଯାଏ । ଓକ ଓ ଚେଷ୍ଟନଟ, ସିଡାର, ସିଲଭର, ଫିଲ, ସ୍ପ୍ରସ ଏବଂ ଦେବଦାରୁ ଶ୍ରେଣୀର ବୃକ୍ଷ ସେଠାରେ ଦେଖାଯାଏ । ଏଗୁଡ଼ିକ କାଠଗଣ୍ଡି ବିସ୍ତୃତ ଭାବରେ କାମରେ ଲାଗୁଅଛି । ହିମାଳୟର ଯେ ଶେଷ ଭାଗରେ ଉଦ୍ଭିଦ ରହିଅଛି । ତାହା ଆଲପାଇନ ନାମରେ ଖ୍ୟାତ । ଏହା ୩୦୦୦ ମିଟରରୁ ୩୮୦୦ ମିଟର ଉଚ୍ଚତା ମଧ୍ୟରେ ଦେଖାଯାଏ । ବିସ୍ତୃତ ଉଚ୍ଚଭୂମି ଓ ଘାସୁଆ ଭୂମି ଯୋଗୁଁ ପାଇନ, ବ୍ରିଚ, ସିଲଭର, ଫିଲ ପ୍ରଭୃତି ଚିରହରିତ ବୃକ୍ଷ ବାଣ୍ଟିହୋଇ ରହିଥାଏ ।

## ପାଠଗତ ପ୍ରଶ୍ନାବଳୀ ୧୧.୨

୧. କ୍ରାନ୍ତୀୟ rain forest କୁ କାହିଁକି ଚିରହରିତ କହନ୍ତି ୩୦ଗୋଟି ଶବ୍ଦ ମଧ୍ୟରେ ଉତ୍ତର ଦିଅ ।

୨. କାରଣ ଦର୍ଶାଅ –

(କ) ବିଗତ ବର୍ଷମାନଙ୍କରେ ପୂର୍ବ ଉପକୂଳରେ ଥିବା ଜୁଆରିଆ ଅରଣ୍ୟ ବାତ୍ୟା ଦ୍ୱାରା କାହିଁକି ନଷ୍ଟ ହେଉଅଛି କାରଣ ଲେଖ ।

.................................................................

.................................................................

(ଖ) ହିମାଳୟ ଅରଣ୍ୟଗୁଡ଼ିକ କ୍ରାନ୍ତୀୟ ଚିରହରିତ ଅରଣ୍ୟ ତୁଳନାରେ ଆର୍ଥିକ ଦୃଷ୍ଟିକୋଣରୁ କାହିଁକି ଗୁରୁତ୍ୱପୂର୍ଣ୍ଣ ଅଟେ । କାରଣ ଲେଖ ।

.................................................................

.................................................................

## ୧୧.୩.୨ ଭାରତର ବନ୍ୟପ୍ରାଣୀ

ତୁମେ ପୂର୍ବରୁ ପଢ଼ିଅଛ ଯେ ଭାରତରେ ଭୌଗୋଳିକ ସ୍ଥିତି ଅସମାନ ରହିଥିବାରୁ ଏଠାରେ ଅଧିକ ବନ୍ୟପ୍ରାଣୀ ଅଛନ୍ତି । ଭାରତର ବନ୍ୟପ୍ରାଣୀ ଏକ ବିରାଟ ପ୍ରାକୃତିକ ପରମ୍ପରା ଅଟନ୍ତି । ପୃଥିବୀର ୮୦ ଭାଗ ପ୍ରାଣୀ ଏବଂ ଉଦ୍ଭିଦ ଭାରତରେ ଦେଖାଯାଏ । ଅନେକ ଉଦ୍ଭିଦର ଅଂଶ ବିଶେଷ ମନୁଷ୍ୟ ଏବଂ ଅନ୍ୟ ଜୀବମାନଙ୍କ ସ୍ୱାସ୍ଥ୍ୟ






ରକ୍ଷାରେ ଲାଗିଥାଏ । ବିଗତ ଦଶନ୍ଧିରେ ମନୁଷ୍ୟର ଅନୁପ୍ରବେଶ ଭାରତୀୟ ବନ୍ୟପ୍ରାଣୀମାନଙ୍କ ପାଇଁ ଆତଙ୍କ ସୃଷ୍ଟି କରିଅଛି । ପ୍ରଥମ କରି ୧୯୩୫ ମସିହାରେ ଜାତୀୟ ଉଦ୍ୟାନ, ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ଏବଂ ନିଷିଦ୍ଧ ଅଞ୍ଚଳ ସ୍ଥାପିତ ହୋଇଥିଲା । ଏହା ପରବର୍ତ୍ତୀ ସମୟରେ ବୃଦ୍ଧି ପାଇଥିଲା ଏବଂ ୧୯୭୨ରେ ବନ୍ୟପ୍ରାଣୀ ବୋର୍ଡ ଗଢ଼ାଯାଇ ପଶୁ, ପକ୍ଷୀମାନଙ୍କର ସୁରକ୍ଷାର ବ୍ୟବସ୍ଥା କରାଯାଇଥିଲା । ପ୍ରାକୃତିକ ଜୀବମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ପକ୍ଷୀ ଏବଂ ଉଦ୍ଭିଦମାନଙ୍କୁ ୫୫୭ଟି ବନ୍ୟପ୍ରାଣୀ ସାଞ୍ଚୁରୀ, ୯୬ଟି ଜାତୀୟ ପାର୍କ ୨୫ଟି ଜଳାଭୂମି ଏବଂ ୧୫ଗୋଟି ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ରରେ ସଂରକ୍ଷିତ କରି ଭାରତର ସବୁ ରାଜ୍ୟରେ ରଖାଯାଇଅଛି । ଏହା ବ୍ୟତୀତ ୩୩ଗୋଟି ଉଦ୍ଭିଦ ଉଦ୍ୟାନ (ବଟାନିକାଲ ବଗିଚା) ୨୭୫ଟି ପ୍ରାଣୀ ଉଦ୍ୟାନ, ହରିଣପାର୍କ, ସଫାରୀପାର୍କ, ଆକ୍ୱାରିୟମ ଅଛି ଯାହାକି ଲୋକମାନଙ୍କର ନିଜ ନିଜ ଅଞ୍ଚଳର ବନ୍ୟପ୍ରାଣୀ ଏବଂସେମାନଙ୍କ ଦୟନୀୟ ଅବସ୍ଥା ପ୍ରତି ଧ୍ୟାନ ଆକର୍ଷଣ କରୁଛି । ଭାରତରେ ବନ୍ୟପ୍ରାଣୀ ସଂରକ୍ଷଣକୁ କାର୍ଯ୍ୟକାରୀ କରିବା ପାଇଁ କେତେକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଅଛି । ସେଗୁଡ଼ିକ ହେଲା ୧୯୭୩ର ବ୍ୟାଘ୍ର ପ୍ରକଳ୍ପ ଏବଂ ୧୯୯୨ର ହାତୀ ଅଭୟାରଣ୍ୟ । ଏଗୁଡ଼ିକ ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ କେତେକ ବନ୍ୟପ୍ରାଣୀ ଲୁପ୍ତ ଅବସ୍ଥାରେ ରହିଛନ୍ତି । ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣରେ ତାଙ୍କର ଭୂମିକା ବିଷୟରେ ଜାଣି ନାହାନ୍ତି ସେ ପର୍ଯ୍ୟନ୍ତ ସେ ଯୋଜନା ମଧ୍ୟରୁ ଗୋଟିଏ ହେଲେ କାର୍ଯ୍ୟକାରୀ ହୋଇପାରିବ ନାହିଁ ।

**(କ) ବନ୍ୟପ୍ରାଣୀ ଅଭୟାରଣ୍ୟ –** ବନ୍ୟପ୍ରାଣୀ ଅଭୟାରଣ୍ୟର ମୂଳ ଲକ୍ଷ୍ୟ ହେଉଛି ବନ୍ୟପ୍ରାଣୀମାନଙ୍କର ବିଭିନ୍ନ ଅଭ୍ୟାସ ଓ ସେମାନଙ୍କୁ ସୁରକ୍ଷା ଯୋଗାଇବା । ଭାରତରେ ବନ୍ୟପ୍ରାଣୀ ଅଭୟାରଣ୍ୟଗୁଡ଼ିକ ପ୍ରାୟ ୨୦୦୦ ବିଭିନ୍ନ ପକ୍ଷୀମାନଙ୍କର, ୩୫୦୦ ଶ୍ରେଣୀର ସରୀସୃପମାନଙ୍କର ପ୍ରାୟ ୩୦,୦୦୦ ବିଭିନ୍ନ ପ୍ରକାର କୀଟମାନଙ୍କର ଏବଂ ୧୫୦୦୦ ରୁ ଅଧିକ ଶ୍ରେଣୀର ବୃକ୍ଷମାନଙ୍କର ଘର ପାଲଟିଅଛି । ଏହି ଅଭୟାରଣ୍ୟ ଏବଂ ସଂରକ୍ଷିତ ଅରଣ୍ୟଗୁଡ଼ିକ ଲୁପ୍ତପ୍ରାୟ ପଶୁ, ପକ୍ଷୀ ଯଥା ଏସିଆଟିକ୍ ହାତୀ, ରୟାଲ ବେଙ୍ଗଲବାଘ, ବରଫ ଅଞ୍ଚଳର ଚିତାବାଘ ଓ ସାଇବେରିଆର ବଗମାନଙ୍କର ଘର ପାଲଟିଅଛି । କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ଜୀବମାନଙ୍କ ପାଇଁ ଅନେକ ବନ ସଂରକ୍ଷଣ କେନ୍ଦ୍ର ଏବଂ ଅଭୟାରଣ୍ୟଗୁଡ଼ିକ ପ୍ରସିଦ୍ଧ ଅଟେ । ଉଦାହରଣ ସ୍ୱରୂପ ଆସାମର କାଜିରଙ୍ଗା ଗଣ୍ଡାମାନଙ୍କ ପାଇଁ, କେରଳର ପେରିୟାର ଅରଣ୍ୟ ହାତୀମାନଙ୍କ ପାଇଁ ପ୍ରସିଦ୍ଧ ଅଟେ । ଭାରତରେ ୫୫୧ଗୋଟି ବନ୍ୟପ୍ରାଣୀ ଅଭୟାରଣ୍ୟ ରହିଅଛି, ଭାରତ କେତେକ ସ୍ଥାନାନ୍ତରିତ ହୋଇଥିବା ପଶୁ ପକ୍ଷୀମାନଙ୍କର ଘର ଅଟେ । ଏମାନେ ଅଲିଭରିଡଲେ, ସାମୁଦ୍ରିକ କଇଁଚ, ସାଇବେରିଆର ବଗ ଏବଂ ଫ୍ଲାମିଙ୍ଗୋ ଅଟନ୍ତି । ଯେଉଁମାନେ କି ନିଜ ଜନ୍ମିତ ସ୍ଥାନ ଛାଡି ଭାରତରେ ରହିଛନ୍ତି ।

**(ଖ) ଜାତୀୟ ଉଦ୍ୟାନ –** ଜାତୀୟ ଉଦ୍ୟାନଗୁଡ଼ିକୁ ସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ପ୍ରାକୃତିକ ଓ ଐତିହାସିକ ବସ୍ତୁ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଏବଂ ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ମନୋରଞ୍ଜନ ଯୋଗାଇବା । ୧୯୭୦ ସୁଦ୍ଧା ଭାରତରେ ପାଞ୍ଚଗୋଟି ଜାତୀୟ ଉଦ୍ୟାନ ଥିଲା । ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ଗୋଟିଏ ବୋର୍ଡ ଗଢ଼ାଗଲା । ଏହି ଆଇନ ଅନୁସାରେ ବନ୍ୟପ୍ରାଣୀମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଇଅଛି । ଏହି ଆଇନର ଦୁଇଗୋଟି ମୁଖ୍ୟ ଉଦ୍ଦେଶ୍ୟ ହେଲା ଲୁପ୍ତପ୍ରାୟ ପ୍ରାଣୀମାନଙ୍କୁ ସୁରକ୍ଷା ଯୋଗାଇବା, ଦେଶର ଘୋଷିତ ଜାତୀୟ ଉଦ୍ୟାନଗୁଡ଼ିକୁ ଆଇନ ଅନୁଯାୟୀ ସୁରକ୍ଷା ପ୍ରଦାନ କରିବା ।




ଚିତ୍ର – ୧୧.୪ ଭାରତର ଜାତୀୟ ଉଦ୍ୟାନ, ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ପକ୍ଷୀ ଅଭୟାରଣ୍ୟ

ଟେବୁଲ ୧୧.୧ ବିରଳ ଶ୍ରେଣୀର ପ୍ରାଣୀ ଜାତୀୟ ଉଦ୍ୟାନରେ ଦେଖାଯାନ୍ତି ।

| ଜାତୀୟ ଉଦ୍ୟାନ (ବନ୍ୟପ୍ରାଣୀ ଅଭୟାରଣ୍ୟ) | ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କ ସୁରକ୍ଷା |
|---|---|
| ୧. ଦାଚିଗ୍ରାମ (ଜାମୁ ଓ କାଶ୍ମୀର) | ହନ୍‌ଗୁଲ, କସ୍ତୁରୀ ମୃଗ |
| ୨. କରବେଟ (ଉତ୍ତରାଞ୍ଚଳ) | ବାଘ, ହାତୀ, ଚିତାବାଘ, ହରିଣ |
| ୩. ଦୁଧଓ୍ୱା (ଉତ୍ତର ପ୍ରଦେଶ) | |
| ୪. ବାନ୍ଦୀପୁର (କର୍ଣ୍ଣାଟକ) | ବାଘ ଏବଂ ବାରସିଙ୍ଗା |
| ୫. କାମ୍ହା (ମଧ୍ୟପ୍ରଦେଶ) | ବାଘ ଏବଂ ବାରସିଙ୍ଗା |
| ୬. ପେରିୟାର (କେରଳ) | – |





| | |
|---|---|
| ୭. ଭାରତପୁର (ରାଜସ୍ଥାନ) | ହାତୀ |
| ୮. ଦେସେଟ୍ ପାର୍କ (ରାଜସ୍ଥାନ) | ହାତୀ ଏବଂ ବାଘ |
| ୯. ଗିର (ଗୁଜୁରାଟ) | ବିଭିନ୍ନ ପ୍ରକାର ଜଳପକ୍ଷୀ |
| ୧୦. କାଜିରଙ୍ଗା (ଆସାମ) | ମରୁଗଧିଆ, କୋକିଶିଆଳ, ସିଂହ, ଚିତାବାଘ, ଚିତାଲ, ଗଣ୍ଡା, ବଣ୍ୟମହିଷି |
| ୧୧. ମାନସ (ଆସାମ) | ହାତୀ, ଗଣ୍ଡା, ବଣ୍ୟମହିଷି |
| ୧୨. ନାମଡାଫା (ଅରୁଣାଚଳ ପ୍ରଦେଶ) | ବାଘ, ଗୌର ବଣ୍ୟମହିଷି |
| ୧୩. ସୁନ୍ଦରାବନ (ପଶ୍ଚିମବଙ୍ଗ) | ରୟାଲ ବେଙ୍ଗଲ ବାଘ |

**(ଗ) ଆର୍ଦ୍ରଭୂମି** – ଆର୍ଦ୍ରଭୂମି ହେଉଛି ଗୋଟିଏ ଅଞ୍ଚଳ ଯେଉଁଠାରେ ମାଟି ବର୍ଷସାରା କିମ୍ବା ଋତୁକାଳୀନ ଆର୍ଦ୍ର ଥାଏ । ଏହି ଅଞ୍ଚଳଗୁଡ଼ିକ ଆହୁରି ମଧ୍ୟ ସମ୍ପୂର୍ଣ୍ଣ ବା ଆଂଶିକ ଜଳ ପ୍ଲାବିତ ହୋଇଥାଏ । କାଦୁଅ, ସନ୍ତସନ୍ତିଆ, ଆର୍ଦ୍ରଭୂମି, ଆର୍ଦ୍ରଭୂମିର ଅନ୍ତର୍ଗତ ଅଟେ । ଆର୍ଦ୍ରଭୂମିରେ ଲୁଣାପାଣି, ମଧୁର ପାଣି କିମ୍ବା ଖାରିଆ ପାଣି ମିଳିଥାଏ । ଅଧିକାଂଶ ଆର୍ଦ୍ରଭୂମି ଦୂଷିତ ଜଳକୁ ପ୍ରାକୃତିକ ଉପାୟରେ ପରିଷ୍କାର କରିଥାଏ । ଆର୍ଦ୍ରଭୂମିଗୁଡ଼ିକ ecosystemର ବିପରୀତ କାର୍ଯ୍ୟକରେ ବୋଲି ବିବେଚିତ ହୁଏ । ଆର୍ଦ୍ରଭୂମିରେ ଉଦ୍ଭିଦ ଜୀବନ ରହିଥିବାର ଦେଖାଯାଏ । ଏଠାକାର ଗଛଗୁଡ଼ିକ ହେଲା ମ୍ୟାନଗ୍ରୋଭ, ଜଳକଇଁ, କ୍ୟାଟାଇଲସ, ସେଜ, ଟାମାର୍ୟାକ, କଳାସ୍ପ୍ରସ, ସାଇପ୍ରେସ୍, ଗମ । ଏଠାକାର ଜୀବଜନ୍ତୁ ହେଲେ, ବିଭିନ୍ନ ପ୍ରକାର ଉଭୟଚର ପ୍ରାଣୀ, ସରୀସୃପ, ପକ୍ଷୀ, କୀଟ ଏବଂ ଜଳଚର ପ୍ରାଣୀ । ଆର୍ଦ୍ରଭୂମି ଜଳବାୟୁ ପରିବର୍ତ୍ତନରେ ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରେ । ଅଙ୍ଗାରକୁ ଶୋଷଣ କରିବାର ଯୋଗ୍ୟତା ଏହାର ଅଛି, ଜଳକୁ ସଞ୍ଚୟ କରିବା ଓ ରେଗୁଲେଟ୍ କରିବାର ଯୋଗ୍ୟତା ଏହାର ରହିଅଛି । ଆର୍ଦ୍ରଭୂମି ଉପରେ ଚୁକ୍ତିର ଆନ୍ତର୍ଜାତିକ ଗୁରୁତ୍ୱ ରହିଅଛି । ଏହାକୁ ରାମସାର ଚୁକ୍ତି ମଧ୍ୟ କୁହାଯାଏ । ଏହା ଏକ ଆନ୍ତର୍ଜାତିକ ସନ୍ଧି । ଏହି ସନ୍ଧିର ମୂଳ ଉଦ୍ଦେଶ୍ୟ ହେଲା ଆନ୍ତର୍ଜାତିକ ଆର୍ଦ୍ରଭୂମିର ତାଲିକା ପ୍ରସ୍ତୁତ କରିବା । ଦ୍ୱିତୀୟ ଏବଂ ପରବର୍ତ୍ତୀ ଲକ୍ଷ୍ୟଟି ହେଲା ପୃଥିବୀର ଆର୍ଦ୍ରଭୂମିଗୁଡ଼ିକର ସୁରକ୍ଷା କରି ବିଜ୍ଞତାପୂର୍ବକ ତାକୁ ବ୍ୟବହାରରେ ଲଗାଇବା । 'ଆର୍ଦ୍ରଭୂମିଗୁଡ଼ିକ ନଷ୍ଟ ପ୍ରାୟ ଭୂମି' ଲୋକମାନଙ୍କର ଏ ଯେଉଁ ଭୁଲ ଧାରଣା ଅଛି ଶିକ୍ଷା ଦ୍ୱାରା ତାକୁ ଦୂର କରିବା ।

**? ତୁମେ ଜାଣ କି**

ଭାରତରେ ପ୍ରାୟ ୨୫ଗୋଟି ଆର୍ଦ୍ରଭୂମି କିମ୍ବା ରାମସର ଅଞ୍ଚଳ ଚିହ୍ନଟ କରାଯାଇଅଛି ।

ଟେବୁଲ – ୧୧.୨ ଭାରତର ଆର୍ଦ୍ରଭୂମି ସ୍ଥାନ

| କ୍ର.ସଂ. | ନାମ | ରାଜ୍ୟ | ଆକାର (ବର୍ଗ କି.ମି.) |
|---|---|---|---|
| ୧. | ଅଷ୍ଟାମୁଡି | କେରଳ | ୬୧୪ |
| ୨. | ଭିତର କନିକା ମ୍ୟାନଗ୍ରୋଭସ୍ | ଓଡ଼ିଶା | ୬୫୦ |
| ୩. | ଚିଲିକା ହ୍ରଦ | ଓଡ଼ିଶା | ୧୧୬୫ |

| | | | |
|---|---|---|---|
| ୪. | ପୂର୍ବ କୋଲକାତା ଆର୍ଦ୍ରଭୂମି | ପଶ୍ଚିମବଙ୍ଗ | ୧୨୫ |
| ୫. | କୋଲେରୁ ହ୍ରଦ | ଆନ୍ଧ୍ରପ୍ରଦେଶ | ୯୦୧ |
| ୬. | ଲୋକଟାକ ହ୍ରଦ | ମଣିପୁର | ୨୬୬ |
| ୭. | କାଲିମେର ବିନ୍ଦୁ | ତାମିଲନାଡୁ | ୩୮୫ |
| ୮. | ପୋଙ୍ଗଡ୍ୟାମ ହ୍ରଦ | ହିମାଚଳ ପ୍ରଦେଶ | ୧୫୭ |
| ୯. | ସମ୍ବର ହ୍ରଦ | ରାଜସ୍ଥାନ | ୨୪୦ |
| ୧୦. | ଟସମୋରିରି | ଜାମ୍ମୁ କାଶ୍ମୀର | ୧୨୦ |
| ୧୧. | ଅପରଗଙ୍ଗା ନଦୀ | ଉତ୍ତର ପ୍ରଦେଶ | ୨୬୬ |
| ୧୨. | ଭେମବାନାଡ–କୋଲ ଆର୍ଦ୍ରଭୂମି | କେରଳ | ୧୫୧୨ |
| ୧୩. | ଉଲାର ହ୍ରଦ | ଜାମ୍ମୁ–କାଶ୍ମୀର | ୧୮୯ |
| ୧୪. | ହାରିକି ହ୍ରଦ | ପଞ୍ଜାବ | ୪୧ |
| ୧୫. | ଭୋଜ ଆର୍ଦ୍ରଭୂମି | ମଧ୍ୟପ୍ରଦେଶ | ୩୨ |


**(ଘ) ଜୀବମଣ୍ଡଳ ସଂରକ୍ଷଣ** – ଜୈବ ସଂରକ୍ଷଣ କେନ୍ଦ୍ର ହେଉଛି ବିଭିନ୍ନ ଉଦ୍ଦେଶ୍ୟମୂଳକ ସୁରକ୍ଷିତ ଅଞ୍ଚଳ ଯେଉଁଠାରେ ବିଭିନ୍ନ ପ୍ରକାର ଜୀବଜନ୍ତୁମାନଙ୍କୁ ସଂରକ୍ଷିତରେ ରଖାଯାଇଅଛି । ଏହା  ର ପ୍ରତିନିଧିତ୍ୱ କରୁଛି । ଭାରତ ସରକାର ୧୫ଗୋଟି ଜୀବସଂରକ୍ଷଣ କେନ୍ଦ୍ର ସ୍ଥାପନ କରିଛନ୍ତି । ଯାହାକି ଗୋଟିଏ ପ୍ରାକୃତିକ ଅଞ୍ଚଳକୁ ନେଇ ଗଠିତ ଏବଂ ଏହା ପ୍ରାୟ ଏକ ବା ଏକାଧିକ ଜାତୀୟ ଉଦ୍ୟାନକୁ ଯାହାକି ତାହାର ପାଖରେ ରହିଛି, ଆର୍ଥିକ ବ୍ୟବହାର ପାଇଁ ତା ସାଙ୍ଗରେ ମିଶାଇ ଦିଆଯାଇଛି । କେବଳ ଯେ ଉଦ୍ଭିଦ ଏବଂ ଜୀବମାନଙ୍କୁ ସୁରକ୍ଷିତ ଅଞ୍ଚଳରେ ସୁରକ୍ଷା ପ୍ରଦାନ କରାଯାଇଅଛି ତାହା ନୁହେଁ, ମନୁଷ୍ୟ ସମାଜ ଯେଉଁମାନେ ସେହି ଅଞ୍ଚଳରେ ବାସ କରୁଛନ୍ତି ଏବଂ ତାଙ୍କର ଜୀବନର ପଥକୁ ସୁରକ୍ଷା ପ୍ରଦାନ କରିଅଛି । ସେଗୁଡ଼ିକୁ ସ୍ଥାପନ କରିବାର ମୂଳ ଉଦ୍ଦେଶ୍ୟ ହେଲା –

- ଉଦ୍ଭିଦ, ପ୍ରାଣୀ ଏବଂ ଅଣୁଜୀବମାନଙ୍କର ବିଭିନ୍ନତା ଏବଂ ଏକତାର ସଂରକ୍ଷଣ ।
- ସେହି ଅଞ୍ଚଳର ଜୀବ ଏବଂ ଉଦ୍ଭିଦମାନଙ୍କର ଜୀବନଶୈଳୀରେ ଉନ୍ନତି ପାଇଁ ।
- ସେହି ଅଞ୍ଚଳର ବିଭିନ୍ନ ଜୀବମାନଙ୍କର ସୁରକ୍ଷା, ରିସର୍ଚ୍ଚ, ଶିକ୍ଷା, ସଜାଗତା ଏବଂ ପ୍ରଶିକ୍ଷଣର ଉନ୍ନତି ବିଧାନ ପାଇଁ ।

**ଟେବୁଲ ୧୧.୩ ଜୀବ ସଂରକ୍ଷଣ**

| | ନାମ | ରାଜ୍ୟର ନାମ |
|---|---|---|
| ୧. | ନୀଳଗିରି | ତାମିଲନାଡୁ, କେରଳ ଏବଂ କର୍ଣ୍ଣାଟକ |
| ୨. | ମାନାର ଉପସାଗର | ତାମିଲନାଡୁ |
| ୩. | ସୁନ୍ଦରବନ | ପଶ୍ଚିମବଙ୍ଗ |

| | | |
|---|---|---|
| ୪. | ନନ୍ଦାଦେବୀ | ଉତ୍ତରାଖଣ୍ଡ |
| ୫. | ଦିହାଙ୍ଗ ଦିବାଙ୍ଗ | ଅରୁଣାଚଳ ପ୍ରଦେଶ |
| ୬. | ପଞ୍ଚମାରୀ | ମଧ୍ୟପ୍ରଦେଶ |
| ୭. | ସିମିଳିପାଳ | ଓଡ଼ିଶା |
| ୮. | ଅଚ୍ଛନକମାର ଏବଂ ଅମର କଣ୍ଟକ | ମଧ୍ୟପ୍ରଦେଶ ଏବଂ ଛତିଶଗଡ |
| ୯. | ମାନସ | ଆସାମ |
| ୧୦. | କାଞ୍ଚନଜଂଘା | ସିକିମ |
| ୧୧. | ଅଗସ୍ତ୍ୟମାଳା | କେରଳ |
| ୧୨. | ଗ୍ରେଟନିକୋବର | ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ |
| ୧୩. | ନୋକରେକ | ମେଘାଳୟ |
| ୧୪. | ଡିବ୍ରୁ ସାଇଖୋଓ୍ୱା | ଆସାମ |
| ୧୫. | କଚ୍ଛର ରାନ | ଗୁଜୁରାଟ |




ଚିତ୍ର – ୧୧.୫ (ଭାରତର ଜୀବ ସଂରକ୍ଷଣ କେନ୍ଦ୍ର)

## ୧୧.୪ ଜୈବ-ବିବିଧତା ସଂରକ୍ଷଣର ଆବଶ୍ୟକତା

୧୧.୧ ବିଭାଗରେ ଗୋଟିଏ ଅଞ୍ଚଳର Gensମାନଙ୍କର ସମୁଦାୟ ସଂଖ୍ୟା (ବଂଶାବଳୀ) ସେମାନଙ୍କ ଶ୍ରେଣୀ ଏବଂ ecosystem ସମ୍ବନ୍ଧରେ ବର୍ଣ୍ଣନା କରାଯାଇଅଛି । ଆହୁରି ମଧ୍ୟ ଆମ୍ଭେମାନେ ଶିଖିଅଛୁ ଯେ ପୃଥିବୀ ପୃଷ୍ଠରେ ଆମର ସ୍ଥିତି ପାଇଁ ଜୈବ ବିବିଧତା ନିହାତି ଦରକାର । ଆମେ ଖାଦ୍ୟ, ଜଳ, ବାସ ଓ ଆଶ୍ରୟ ପ୍ରକୃତିରୁ ପାଇପାରିଛୁ । ଏ ସମସ୍ତେ ପରସ୍ପର ସହିତ ଜଡିତ ଏବଂ ସ୍ୱାଧୀନ । ଯଦି କୌଣସି ଗୋଟିଏ ଉପାଦାନର ବିଲୟ ଘଟେ, ଜୈବ ବିବିଧତାର ଅନ୍ୟ ଉପାଦାନ ଉପରେ ଏହାର ସମୂହ ପ୍ରଭାବ ପଡିବ । ଯଦି ଆମେ ପ୍ରାକୃତିକ ପ୍ରାଣୀ ଏବଂ ଉଦ୍ଭିଦମାନଙ୍କର ସୁରକ୍ଷା ଚାହୁଁ ତେବେ ପଛକୁ ବୁଲି ଦେଖିବା ଦରକାର ଯେ ଆମେ ତାଙ୍କୁ କିପରି ଶୋଷଣ କରୁଛୁ । ଜୀବନଶୈଳୀକୁ ପଛକୁ ବୁଲି ଦେଖିବା ଏବଂ ଏହାଦ୍ୱାରା ପ୍ରକୃତି କିପରି କ୍ଷତିଗ୍ରସ୍ତ ହେଉଛି ତାହାକୁ ଦେଖିବାକୁ ସମୟ ଆସି ଉପଗତ ହୋଇଛି । ଉଦ୍ଭିଦ ଆମ ଜୀବନର ଏକ ଅଂଶ ଅଟେ । ଆସ ଦେଖିବା ଉଦ୍ଭିଦ ଓ ଉଦ୍ଭିଦ ଜୀବନ ଆମ ଉପରେ କିପରି ପ୍ରଭାବ ବିସ୍ତାର କରୁଛି ।

- ଜୈବ-ବିବିଧତାର ଉଦ୍ଭିଦ ହେଉଛି ଚାବିକାଠି, ଉଦ୍ଭିଦ ବିନା ପ୍ରାଣୀ ଏବଂ କେତେକ ଅଣୁଜୀବ ବାସସ୍ଥାନ, ଖାଦ୍ୟ ଏବଂ ଅମ୍ଳଜାନର ଅଭାବରେ ମୃତ୍ୟୁବରଣ କରିବେ ।
- ଗଛର ଚେର ମାଟିକୁ ଧରିରଖେ ଏବଂ ତାକୁ ବାତ୍ୟା ଓ ବନ୍ୟା କବଳରୁ ରକ୍ଷା କରେ ।
- ଜଳଚକ୍ର (Water cycle) ରେ ଗଛ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଗଛ ଭୂଗର୍ଭ ଏବଂ ବାୟୁମଣ୍ଡଳ ସହିତ ଯୋଗସୂତ୍ର ସ୍ଥାପନ କରେ । ଏହା ଭୂମିତଳ ଜଳକୁ ଚେର ଦ୍ୱାରା ଟାଣି ନେଇ ପତ୍ର ରନ୍ଧ୍ର ବାଟେ ଜଳୀୟ ବାଷ୍ପ ଆକାରରେ ବାୟୁମଣ୍ଡଳକୁ ଛାଡେ ।
- ଉଦ୍ଭିଦ ପ୍ରାକୃତିକ ପ୍ରତିବନ୍ଧକ ଅଟେ । ଏହା ଭୂପୃଷ୍ଠ ଉପରର ଜଳ ପ୍ରବହାର ଗତିକୁ ଧୀର କରିଦିଏ ।
- ବୃକ୍ଷଗୁଡ଼ିକ ଅଙ୍ଗାରଆତ୍ମୀକରଣ (Photosynthesis) ଜରିଆରେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ବାଷ୍ପକୁ ଦୂର କରି ଅମ୍ଳଜାନ ଭରିଦିଏ । ଉଦ୍ଭିଦ ଦ୍ୱାରା ବାୟୁବଣ୍ଡଳର ଅନ୍ୟ ଦୂଷିତ ପଦାର୍ଥ ଛାଣି ହୋଇଯାଏ ।
- ସବୁଜ ଗୃହ ପ୍ରଭାବ (Green House Effect) ଉପରେ ଉଦ୍ଭିଦ ସ୍ଥିର ପ୍ରଭାବ ପକାଏ । ପ୍ରଧାନ ଗ୍ରୀନ ହାଉସ ଗ୍ୟାସ ଅଙ୍ଗାରକାମ୍ଳକୁ ବହୁ ପରିମାଣରେ ଉଦ୍ଭିଦ ପରିଷ୍କାର କରିଦିଏ ।
- ସୁଷମ ଖାଦ୍ୟ ବଣ୍ଟନରେ ବନ୍ୟପ୍ରାଣୀ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । Ecological Balance ରକ୍ଷା କରିବାରେ ଏହା ସାହାଯ୍ୟ କରେ । ଏହାର ଫଳ ସ୍ୱରୂପ ସ୍ୱାସ୍ଥ୍ୟକର ଜୈବ-ବିବିଧତା ଦେଖାଦିଏ ।
- ଏହି ଅଦୃଶ୍ୟ ଅଣୁଜୀବ ମେହନ୍ତରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏମାନେ ମୃତ୍ତିକାର ଉର୍ବରତା ବଢ଼ାଇ ଦିଅନ୍ତି । ଏମାନଙ୍କ ପାଖରେ ପ୍ରଚୁର ଔଷଧୀୟ ଗୁଣ ରହିଅଛି ।

ତୁମେ ବର୍ତ୍ତମାନ ଅନୁଭବ କରିପାରୁଥିବ ଯେ ଜୈବ-ବିବିଧତା ସୁରକ୍ଷାର ବହୁମୂଲ୍ୟ ରହିଅଛି । ଏହା ଯେ କେବଳ ପୃଥିବୀ ଏବଂ ଜାତୀୟ ପାଇଁ ନୁହେଁ ଆହୁରି ମଧ୍ୟ ପୃଥିବୀର ଯେ କୌଣସି ଅଂଶର ସ୍ଥାନୀୟ ଲୋକମାନଙ୍କ ବଞ୍ଚି ରହିବା ପାଇଁ ଏହାର ମୂଲ୍ୟ ଅଧିକ ।

ଆମେ ପୃଥିବୀର ଦାୟିତ୍ୱ ସମ୍ପନ୍ନ ନାଗରିକ ହୋଇଥିବାରୁ ଆମର ନିର୍ଦ୍ଦିଷ୍ଟ ଭୂମିକା ବୁଝିବା ଦରକାର । ଜୀବନଯାପନ ପ୍ରଣାଳୀକୁ ପସନ୍ଦ କରିବା ଦାୟିତ୍ୱ ଆମର ଜୈବ–ବିବିଧତା ସୁରକ୍ଷାକୁ ଏହା ହିଁ ଆମର ଦାନ ।

## ଜୈବ–ବିବିଧତା ସୁରକ୍ଷାରେ ଲୋକଙ୍କ ଅଂଶ ଗ୍ରହଣ

**( A Case Study)**

ପଚିଶ ବର୍ଷ ବୟସର ରାଜେନ୍ଦ୍ର ସିଂହ ଚାକିରି ଛାଡି ଗ୍ରାମର ଉନ୍ନତି ପାଇଁ ନିଜକୁ ନିୟୋଜିତ କଲେ । ଚାରିଜଣ ସାଙ୍ଗ ସହିତ ଗୋଟିଏ ବସଭଡା କରି ଆଲୱାର ନିକଟରେ ଗୋଟିଏ ନିର୍ଜନ ଗ୍ରାମକୁ ଗଲେ । ସେତେବେଳେ ଆଲୱାର ବୋକା, ଖଣିଶ୍ରମିକ ପାଇଁ ଖୋଲା ହୋଇଯାଇଥିଲା । ଯେଉଁମାନେ କି ଏହାର ଅରଣ୍ୟ ଓ ଜଳଧାରାକୁ ଧ୍ୱଂସ କରିଦେଇଥିଲେ । ଏହାର ନଦୀ ଏବଂ ଝରଣା ଶୁଖିଯାଇଥିଲା, ଶସ୍ୟକ୍ଷେତ୍ର ମଧ୍ୟ ଶୁଖିଯାଇଥିଲା । ମୌସୁମୀ ବର୍ଷା ହେବା ଫଳରେ ପ୍ରଳୟଙ୍କରୀ ବନ୍ୟା ଆସୁଥିଲା । ଏହିସବୁ ଦୁର୍ବିପାକ ଯୋଗୁଁ, ଗାଁର ଲୋକମାନେ ଶସ୍ୟକ୍ଷେତ୍ର  ଛାଡି ପଳାଇଯାଇଥିଲେ । ପୁରୁଷମାନେ କାମ କରିବାକୁ ସହରକୁ ପଳାଇଥିଲେ, ମହିଳାମାନେ ଶୁଷ୍କ ଭୂମିରୁ କିଛି ଶସ୍ୟ ଉତ୍ପାଦନ କରୁଥିଲେ ଏବଂ ପାଣି ସଂଗ୍ରହ କରିବାକୁ ଦିନରେ କେତେ କି.ମି. ଦୂରକୁ ଯାଉଥିଲେ । ଯେତେବେଳେ ରାଜେନ୍ଦ୍ର ୧୯୮୫ ମସିହାରେ ସେଠାରେ ପହଞ୍ଚିଥିଲା ସେଠାକାର ଅବସ୍ଥା ଏହିପରି ଥିଲା । ତା ପୂର୍ବରୁ ସେ ଯାଯାବର ଲୋକଙ୍କ ସହିତ କାମ କରିଥିଲେ । ଗ୍ରାମ୍ୟ ଅଞ୍ଚଳରେ ଥିବା ପ୍ରାକୃତିକ ସମ୍ପଦର ବ୍ୟବହାର ସମ୍ବନ୍ଧରେ ଜାଣିବାକୁ ଚେଷ୍ଟା କରିଥିଲେ ।

ସ୍ଥାନୀୟ ଗ୍ରାମର ଜଣେ ବୃଦ୍ଧଙ୍କ ପରାମର୍ଶରେ ଗ୍ରାମର ଲୋକମାନଙ୍କୁ ଏକତ୍ରିତ କରିବା ଆରମ୍ଭ କଲେ । କୌଣସି ପ୍ରକାର ମରାମତି କରି ପୁରୁଣା କୃଷିକ୍ଷେତ୍ର ଉପରେ ନିର୍ଭର କରିବାକୁ ଶିକ୍ଷା ଦେଲେ । ଗ୍ରାମ ସ୍ୱାବଲମ୍ବନ କ୍ୟାମ୍ପର ଆୟୋଜନ କଲେ । ଏହା ପ୍ରତିବର୍ଷ ଚାଳିଶ ଦିନ ପାଇଁ ଗ୍ରୀଷ୍ମମାସମାନଙ୍କରେ ବିଭିନ୍ନ ଶହଶହ ଗ୍ରାମ ପାଇଁ ପରିଚାଳିତ ହୋଇଥିଲା । ଏହି କ୍ୟାମ୍ପରେ ଗ୍ରାମ ସ୍ୱାବଲମ୍ବନ, ମୃତ୍ତିକା ସଂରକ୍ଷଣ, ବିହନର ଉନ୍ନତିକରଣ, ଚେରମୂଳ ଔଷଧର ସଂଗ୍ରହ ଏବଂ ଶ୍ରମଦାନ ସମ୍ବନ୍ଧରେ ଆଲୋଚନା କରାଗଲା । ଏହିସବୁ କାର୍ଯ୍ୟକ୍ରମରେ ସିଂହ ସହଯୋଗ  କଲେ ଏବଂ ଗ୍ରାମର ଲୋକମାନଙ୍କୁ ମିଶାଇଲେ । ସେ ୮୬୦୦ Johad ନିର୍ମାଣ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କଲେ (Johad  ହେଉଛି ଜଳରେ ଚାଷ ହେଉଥିବା ଭୂମି) ୧୦୫୮ଟି ଗ୍ରାମରେ ୬୫୦୦ ବର୍ଗ କି.ମି. ଭୂମିକୁ ଏହା ବ୍ୟାପିଥିଲା । ଏମାନଙ୍କ ମଧ୍ୟରୁ ୩୫୦୦ TBS ଦ୍ୱାରା ନିର୍ମାଣ କରାଯାଇଥିଲା ଏହାର ପରବର୍ତ୍ତି ଫଳ ସ୍ୱରୂପ ବାକି ଥିବା ୫୧୦୦ କୁ ଏହା ପ୍ରଭାବିତ କରିଥିଲା ।

ତାଙ୍କର ଦୃଢ଼ ନିଶ୍ଚୟ ଦୂରଦୃଷ୍ଟି, ଉତ୍ସର୍ଗୀକରଣ ମନୋଭାବ ଆରାବଳୀ ପାହାଡର ୧୦୫୮ ଗ୍ରାମର ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିଦେଇଥିଲେ । ସେ ଶୁଷ୍କ ଭୂମିକୁ କୃଷି ଭୂମିରେ ବଦଳାଇ ଦେଇଥିଲେ । ଜଙ୍ଗଲର ଶୂନ୍ୟ ବିସ୍ତୃତ ଅଞ୍ଚଳରେ ବନୀକରଣ କରି ବନ୍ୟଜନ୍ତୁ ସଂରକ୍ଷଣ କେନ୍ଦ୍ରରେ ପରିଣତ କରାଇଲେ । ପାଣିର ବ୍ୟବସ୍ଥା କରି ଶୁଷ୍କ ନଦୀକୁ ଚିରସ୍ରୋତା ନଦୀରେ ପରିଣତ କରାଇଲେ । ଜଳଚର ଜୀବ ଏବଂ ପକ୍ଷୀମାନଙ୍କ ଆଶ୍ରୟସ୍ଥଳର ବ୍ୟବସ୍ଥା କରାଇଲେ । ପ୍ରାଣୀମାନଙ୍କ ଜୀବନ ଜୀବନ୍ତ ହୋଇଉଠିଲା । ମରୁଭୂମିର ଚତୁର୍ଦ୍ଦିଗ ଜୀବନ୍ତ ହୋଇଉଠିଲା ।





### ? ତୁମେ ଜାଣ କି

ପ୍ରକୃତିକୁ ରକ୍ଷା କରିବା ପାଇଁ ଏହା ଯଥେଷ୍ଟ ।

ଆମେ ପ୍ରକୃତିରୁ ଯାହା ନେଉଛୁ ତା ବଦଳରେ କ'ଣ ସବୁ ଫେରାଉଛୁ ଭାବ । ଆମେ ଯଦି ଗୋଟିଏ ଗଛ କାଟିବା ଏହା ବଦଳରେ ଦୁଇଗୋଟି ଗଛ ରୋପଣ କରିବା ଉଚିତ । ସେହି ଜିନିଷଗୁଡ଼ିକ କିଣିବା ଯେଉଁଗୁଡ଼ିକ ଜୀବମାନଙ୍କ ଉପରେ ଟେଷ୍ଟ ହେଉନାହିଁ । କାଗଜ ନଷ୍ଟ କର ନାହିଁ । ବ୍ୟବହୃତ କାଗଜକୁ ପୁଣି ବ୍ୟବହାର କର ।

## ତୁମ ପାଇଁ କାର୍ଯ୍ୟ ୧୧.୨

ତୁମ ରାଜ୍ୟରେ ଥିବା ଯେକୌଣସି ଆର୍ଦ୍ରଭୂମିକୁ ଖୋଜି ବାହାର କର । ତୁମେ ରହୁଥିବା ସ୍ଥାନରୁ ଏହାର ଦୂରତା କେତେ ?

## ପାଠଗତ ପ୍ରଶ୍ନାବଳୀ ୧୧.୩

୧. ବନ୍ଧନୀ ମଧ୍ୟରେ ଦିଆଯାଇଥିବା ତଥ୍ୟକୁ ନେଇ ଠିକ୍ ରୂପରେ ଶୂନ୍ୟସ୍ଥାନ ପୂରଣ କର ।

(କ) ବର୍ତ୍ତମାନ ------- ଟି ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ଅଛି । (୪୪୧, ୫୫୧)

(ଖ) ଆସାମର ------- ଗଣ୍ଡାମାନଙ୍କ ପାଇଁ ଜଣାଶୁଣା । (ମାନସ, କାଜିରଙ୍ଗା)

(ଗ) ହରିକି ଜଳାଭୂମି --------- ଚିହ୍ନଟ କରାଯାଇଅଛି । (ପଞ୍ଜାବ, ହିମାଚଳ ପ୍ରଦେଶ)

(ଘ) --------- ଜୀବସଂରକ୍ଷଣ କେନ୍ଦ୍ର ତାମିଲନାଡୁରେ ଅଛି । (ମାନର ଉପସାଗର, ପଞ୍ଚମାରୀ)

୨. ଆର୍ଦ୍ରଭୂମିକୁ ବ୍ୟାଖ୍ୟା କର ।

...............................................

୩. ତୁମ ଚତୁର୍ଦ୍ଦିଗରେ ଥିବା ଜୈବ-ବିବିଧତାର ସୁରକ୍ଷା ପାଇଁ ତୁମେ କ'ଣ କରିପାରିବ ତାହା ମଧ୍ୟରୁ ତିନିଗୋଟି କାର୍ଯ୍ୟକୁ ଲେଖ ।

(କ) ...............................................

(ଖ) ...............................................

(ଗ) ...............................................

## ତୁମେ କ'ଣ ଶିଖିଲ ?

- ଆମେ ଅଧିକ ଭାଗ୍ୟବାନ ଯେ ଆମେ ଯେଉଁ ଗ୍ରହରେ ରହୁଅଛୁ ସେଠାରେ ଜୈବ ବିବିଧତା ଦେଖାଯାଏ ।
- ଆମ୍ଭେମାନେ ପ୍ରକୃତିର ଅଂଶ ବିଶେଷ ହୋଇଥିବାରୁ ଏହାର ସୁରକ୍ଷା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।
- ଯାହାର ଭରଣା ହେଉନଥିବା ପ୍ରାକୃତିକ ସମ୍ପଦ ଏବଂ ଜୈବ-ବିବିଧତାର ସୁରକ୍ଷା ପାଇଁ ପୃଥିବୀ ସାରା ଲୋକେ ଚେଷ୍ଟା କରୁଛନ୍ତି ।
- ପ୍ରାକୃତିକ ଉଦ୍ଭିଦ ଏବଂ ବନ୍ୟଜନ୍ତୁ ଜୈବ ବିବିଧତାର ଗୁରୁତ୍ୱପୂର୍ଣ୍ଣ ଦିଗ ଅଟନ୍ତି ।
- ପୃଥିବୀରେ ଥିବା ଚାରିଗୋଟି ବଡ଼ ଜୈବ ବିବିଧତା ଦେଶମାନଙ୍କ ମଧ୍ୟରେ ଭାରତ ଗୋଟିଏ ଅଟେ । ଯାହାକି ବନ୍ୟପ୍ରାଣୀରେ ଭରପୁର ଏବଂ ପ୍ରାକୃତିକ ଉଦ୍ଭିଦ ପାଇଁ ଧନୀ ଦେଶ ଅଟେ ।
- ଏହି ପ୍ରାକୃତିକ ସମ୍ପଦର ସୁରକ୍ଷା ଆବଶ୍ୟକତା ଏବଂ ଆଶଙ୍କା ସମ୍ବନ୍ଧରେ ଜାଣିବା ପ୍ରକୃତ ଗୁରୁତ୍ୱପୂର୍ଣ୍ଣ ଅଟେ ।

## ଅନ୍ତିମ ଅନୁଶୀଳନୀ

୧. ଜୈବ-ବିବିଧତାର ସଂଜ୍ଞା ଲେଖ, ପ୍ରାକୃତିକ ଉଦ୍ଭିଦ, ବନ୍ୟପ୍ରାଣୀ ଏବଂ ଅଣୁଜୀବମାନଙ୍କ ମଧ୍ୟରେ ଥିବା ସମ୍ବନ୍ଧରେ ବ୍ୟାଖ୍ୟା କର ।

୨. ଭାରତରେ ଥିବା କ୍ରାନ୍ତୀୟ ଚିରହରିତ ଅରଣ୍ୟର ଗୁଣ ବଣ୍ଟନ ବିଷୟରେ ବିସ୍ତୃତ ଭାବରେ ଲେଖ ।

୩. ଆର୍ଦ୍ର ପର୍ଣ୍ଣମୋଚୀ ଅରଣ୍ୟ ଓ ଶୁଷ୍କ ପର୍ଣ୍ଣମୋଚୀ ଅରଣ୍ୟ ମଧ୍ୟରେ ଥିବା ଦୁଇଗୋଟି ପାର୍ଥକ୍ୟକୁ ଲେଖ ।

୪. ଭାରତରେ ଜୀବ ସଂରକ୍ଷଣ କେନ୍ଦ୍ର ସ୍ଥାପନ କରିବାର ତିନିଗୋଟି ଉଦ୍ଦେଶ୍ୟକୁ ଲେଖ ।

୫. ଜୈବ-ବିବିଧତା ନଷ୍ଟ ହେବାର ଚାରିଗୋଟି ମୁଖ୍ୟ କାରଣ ଲେଖ ।

୬. ପ୍ରାକୃତିକ ଉଦ୍ଭିଦ, ବନ୍ୟପ୍ରାଣୀ ଏବଂ ଅଣୁଜୀବ ସଂରକ୍ଷଣର ଆବଶ୍ୟକତା ରହିଅଛି । ଏହାର ଯୁକ୍ତିଯୁକ୍ତ କାରଣମାନ ଲେଖ ।

୭. ତଳେ ଦିଆଯାଇଥିବା ସାରଣୀକୁ ପଢ଼ି ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଦିଅ ।

| ଜାତୀୟ ପାର୍କ / ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର | ସଂରକ୍ଷିତ ବଣୁଆଜୀବ |
|---|---|
| ୧. କାଜିରଙ୍ଗ | ୧. ବାଘ |
| ୨. ମାନସ | ୨. ହାତୀ |
| ୩. ପେରିୟାର | ୩. କସ୍ତୁରୀମୃଗ |

| | |
|---|---|
| ୪. କରବେଟ | ୪. ସିଂହ |
| ୫. ଡାଚିଗ୍ରାମ | ୫. ଗଣ୍ଡା |
| | ୬. ବନ୍ୟ ମହିଷ |
| | ୭. ଚିତାବାଘ |
| | ୮. ଭାଲୁ |

(କ) ଯେଉଁ ଜାତୀୟ ଉଦ୍ୟାନରେ ସେମାନେ ସୁରକ୍ଷିତ ସଂଯୋଗ ସ୍ଥାପନ କର ।

(ଖ) ଯେଉଁମାନେ କୌଣସି ଜାତୀୟ ଉଦ୍ୟାନରେ ସଂରକ୍ଷିତ ନୁହଁନ୍ତି, ତାହା ଚାରିପଟେ ଗୋଲ ବୁଲାଅ ।

(ଗ) ଯେଉଁ ଜୀବମାନେ ଏକାଧିକ ଜାତୀୟ ଉଦ୍ୟାନରେ ସଂରକ୍ଷିତ ଅଛନ୍ତି ସେମାନଙ୍କର ନାମ ଲେଖ ।

୮. ଚିତ୍ର–୧୧.୩ କୁ ଦେଖି କହ

(କ) ତୁମ ରାଜ୍ୟରେ ଥିବା ବିଭିନ୍ନ ଶ୍ରେଣୀର ଉଦ୍ଭିଦକୁ ଖୋଜି ବାହାର କର ।

(ଖ) କେଉଁ ଅଞ୍ଚଳରେ କଣ୍ଟାବୁଦା ରହିଅଛି ?

(ଗ) କେଉଁ ଅଞ୍ଚଳରେ ଜୁଆରିଆ ଅରଣ୍ୟ ରହିଅଛି ଏବଂ ସେହି ଅଞ୍ଚଳରେ ଏହା କାହିଁକି ସୀମାବଦ୍ଧ ହୋଇ ରହିଅଛି ?

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୧୧.୧ ୧. ପୃଥିବୀ ପୃଷ୍ଠରେ ଜୀବ ତିଷ୍ଠି ରହିବା ପାଇଁ ଜୈବ–ବିବିଧତା ହିଁ ମୂଳ ଅଟେ । କାରଣ ଏହା ଜୀବନର ବିଭିନ୍ନ କ୍ଷେତ୍ରରେ ଅତ୍ୟଧିକ ମୂଲ୍ୟବାନ ଅଟେ । ଯାହାକି ଆମକୁ ଖାଦ୍ୟ, ପାନୀୟ, ବସ୍ତ୍ର ଯୋଗାଏ ଏବଂ ଏହା ଜଳବାୟୁ ଏବଂ ରୋଗକୁ ନିୟନ୍ତ୍ରଣ କରେ ।

୨. Bio-diversity hotspot ହେଉଛି ଗୋଟିଏ ଅଞ୍ଚଳ ଯେଉଁଠାରେ କି ଉଚ୍ଚତର ସ୍ଥାୟୀ ଶ୍ରେଣୀର ଜୀବ ଅଛନ୍ତି । ସ୍ଥାୟୀ ଶ୍ରେଣୀ ତାହାକୁ କହିବା ଯାହା କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦେଖାଯାଆନ୍ତି । ବର୍ଷସାରା ଯେଉଁ ଅଞ୍ଚଳର ଜଳବାୟୁ ଉଷ୍ମ ଏବଂ ଆର୍ଦ୍ର ରହିଥାଏ ସେହି ଅଞ୍ଚଳର ଗଛଗୁଡ଼ିକ ବର୍ଷସାରା ସବୁଜ ପତ୍ରରେ ଆଚ୍ଛାଦିତ ହୋଇ ରହିଥାନ୍ତି । ଗଛଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ଋତୁରେ ପତ୍ରଝଡା ଦିଅନ୍ତି ନାହିଁ । ତେଣୁ ସେମାନେ ଚିର ସବୁଜ ରହନ୍ତି ।

୧୧.୨ ୨. (କ) ପୂର୍ବ ଉପକୂଳରେ ଥିବା ଜୁଆରିଆ ଅରଣ୍ୟ ବାତ୍ୟାକୁ ପ୍ରତିରୋଧ କରେ । ବିଗତ ବର୍ଷମାନଙ୍କରେ ପ୍ରଳୟଙ୍କରୀ ବାତ୍ୟା ହୋଇ ଅଶେଷ କ୍ଷତି ସାଧନ କରିଅଛି ।

(ଖ) କ୍ରାନ୍ତୀୟ ଚିରହରିତ ଅରଣ୍ୟଗୁଡ଼ିକ ଘଞ୍ଚ ଅଟେ, ଏଠାରେ ସବୁ ପ୍ରକାର ମିଶ୍ରିତ ଉଦ୍ଭିଦ ଦେଖାଯାଏ, ସେମାନଙ୍କ ଅର୍ଥନୈତିକ ଶୋଷଣ ବର୍ଦ୍ଧନ ଯୋଗ୍ୟ ନୁହେଁ, ହିମାଳୟ ଅଞ୍ଚଳର ଅରଣ୍ୟଗୁଡ଼ିକ କମ୍ ଘଞ୍ଚ ହୋଇଥିଲେ ମଧ୍ୟ ଏମାନେ ଅର୍ଥନୈତିକ ଶୋଷଣ ମୁକ୍ତ ଅଟନ୍ତି ।

**୧୧.୩** ୧. (କ) ୫୧

(ଖ) କାଜିରଙ୍ଗା

(ଗ) ପଞ୍ଜାବ

(ଘ) ମାନାର ଉପସାଗର

୨. ଆର୍ଦ୍ରଭୂମି ହେଉଛି ଗୋଟିଏ ଅଞ୍ଚଳ ଯେଉଁଠାରେ ମୃତ୍ତିକା ବର୍ଷସାରା କିମ୍ବା ଋତୁକାଳୀନ ଜଳୀୟ ବାଷ୍ପପୂର୍ଣ୍ଣ ଥାଏ । ସେହି ଅଞ୍ଚଳଗୁଡ଼ିକ ସମ୍ପୂର୍ଣ୍ଣ ରୂପେ କିମ୍ବା ଆଂଶିକ ରୂପେ ଜଳ ଦ୍ୱାରା ପ୍ଳାବିତ ହୋଇଥାଏ ।

୩. ତୁମ ଚତୁର୍ଦ୍ଦିଗରେ ଥିବା ଜୈବବିବିଧତାର ସୁରକ୍ଷା ପାଇଁ କେତେଗୁଡ଼ିଏ ପଦକ୍ଷେପ ତୁମ ଦ୍ୱାରା କରାଯାଇପାରିବ । (କ) ଗଛ କାଟିବା ବନ୍ଦ କରି (ଖ) ଅଧିକ ଗଛ ଲଗାଇ (ଗ) ସମସ୍ତ ଜୀବକୁ ସୁରକ୍ଷା ପ୍ରଦାନ କରି (ଘ) ଆହାତ ପଶୁପକ୍ଷୀମାନଙ୍କ ପାଇଁ ଡାକ୍ତରଖାନା ସ୍ଥାପନ କରି (ଙ) ଅଳିଆ ଏବଂ ଦୂଷିତ ପଦାର୍ଥ ଫୋପାଡିବା ବନ୍ଦ କରି ।

# ୧୨
# ଭାରତରେ କୃଷି

ପୂର୍ବ ପାଠମାନଙ୍କରେ ଆମେମାନେ ଭାରତର ପ୍ରାକୃତିକ ଗଠନ, ଜଳବାୟୁ ଏବଂ ପ୍ରାକୃତିକ ଉଦ୍ଭିଦ ସମ୍ବନ୍ଧରେ ପଢ଼ିଅଛୁ । ବର୍ତ୍ତମାନ ଆମ୍ଭେମାନେ କୃଷି ଯାହାକି ଭାରତର ଅର୍ଥନୀତିର ମେରୁଦଣ୍ଡ ଅଟେ ସେହି ବିଷୟରେ ଅଧ୍ୟୟନ କରିବା । ଭାରତ ଜନସଂଖ୍ୟାର ୭୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ । ଏହା ଭାରତୀୟ ଲୋକମାନଙ୍କୁ ଜୀବନଯାପନ କରିବାକୁ ବୃତ୍ତି ଯୋଗାଏ । ଏହା ମନୁଷ୍ୟ ଏବଂ ପ୍ରାଣୀମାନଙ୍କର ପ୍ରଧାନ ଆବଶ୍ୟକତାକୁ ପୂରଣ କରେ । ଏହା କୃଷିଭିତ୍ତିକ କାରଖାନାମାନଙ୍କୁ କଞ୍ଚାମାଲ ଯୋଗାଏ । ଭାରତର ଭୌଗୋଳିକ ଅବସ୍ଥା କୃଷିପାଇଁ ଅସାଧାରଣ ଅଟେ । କାରଣ ଏହା ଅନେକ ଅନୁକୂଳ ଅବସ୍ଥା ଯୋଗାଏ । ସେଗୁଡ଼ିକ ହେଲା ସମତଳ ଅଞ୍ଚଳ, ଉର୍ବର ମୃତ୍ତିକା, ଦୀର୍ଘସ୍ଥାୟୀ ଉତ୍ପାଦନ ଋତୁ, ଜଳବାୟୁ ଅବସ୍ଥାରେ ପରିବର୍ତ୍ତନ । ଅସାଧାରଣ ଭୌଗୋଳିକ ଅବସ୍ଥା ବ୍ୟତୀତ ଭାରତ କୃଷି ଉତ୍ପାଦନ ବଢ଼ାଇବା ପାଇଁ ବୈଜ୍ଞାନିକ କୌଶଳକୁ କାମରେ ଲଗାଯାଉଅଛି ।

ଏହି ପାଠରେ ଆମ୍ଭେମାନେ ବିଭିନ୍ନ ପ୍ରକାର କୃଷି, ଶସ୍ୟ ଉତ୍ପାଦନର ଢଙ୍ଗ ଏବଂ ବିଭିନ୍ନ ଭୌଗୋଳିକ କାଗଜ ସହିତ ସମ୍ପର୍କ ସ୍ଥାପନ ବିଷୟରେ ଆଲୋଚନା କରିବା । ଏହି ପାଠରେ ଆହୁରି ମଧ୍ୟ ଭାରତୀୟ କୃଷି କିପରି କେତେକ ପ୍ରଧାନ ଚାଲେଞ୍ଜର ସମ୍ମୁଖୀନ ହେଉଛି ଆଲୋଚନା କରାଯାଇଅଛି ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିସାରିବା ପରେ ତୁମେ ଜାଣିବାକୁ ପାଇବ –

- ଭାରତରେ ବିଭିନ୍ନ ପ୍ରକାର କୃଷିର ବର୍ଣ୍ଣନା ।
- ଭାରତୀୟ କୃଷିର ମୂଖ୍ୟ ଲକ୍ଷଣର ବର୍ଣ୍ଣନା ।
- ବିଭିନ୍ନ ମୃତ୍ତିକା ଏବଂ ଜଳବାୟୁର ଅବସ୍ଥା ସହିତ ଶସ୍ୟମାନଙ୍କର ସମ୍ପର୍କ ସ୍ଥାପନ ।
- ଭାରତ ମାନଚିତ୍ରରେ ମୁଖ୍ୟ ଶସ୍ୟ ଉତ୍ପାଦନ ଅଞ୍ଚଳକୁ ଚିହ୍ନଟ ।
- ଭାରତୀୟ କୃଷିରେ କୃଷକମାନେ ସମ୍ମୁଖୀନ ହେଉଥିବା ଅସୁବିଧାର ବ୍ୟାଖ୍ୟା ।





## ୧୨.୧ ଭାରତରେ କୃଷିର ପ୍ରକାର ଭେଦ

ତୁମେ ଜାଣ ଭାରତର ଭୂ–ରୂପରେ ବ୍ୟତିକ୍ରମ ରହିଅଛି । ତୁମେ ଭାରତୀୟ ଭୂଗଠନ ସମ୍ବନ୍ଧରେ ପୂର୍ବରୁ ପଢ଼ିଅଛ । ଏହି ଦେଶରେ ହିମାଳୟ ପର୍ବତ ଶ୍ରେଣୀ, ପଶ୍ଚିମରେ ଜାମ୍ମୁକାଶ୍ମୀରଠାରୁ ଉତ୍ତର ପୂର୍ବରେ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ବିସ୍ତୃତ । ପୂର୍ବଘାଟ ଏବଂ ପଶ୍ଚିମଘାଟ ନାମରେ ପର୍ବତ ଶ୍ରେଣୀ ଏଠାରେ ରହିଅଛି । ଇଣ୍ଡୋ–ଗଙ୍ଗା ନାମରେ ଭାରତର ଏକ ବଡ଼ ସମତଳ ଭୂମି ଅଛି ଯାହାକି ପୃଥିବୀର ବଡ଼ ସମତଳ ଭୂମିମାନଙ୍କ ମଧ୍ୟରେ ଅନ୍ୟତମ ଅଟେ । ମଧ୍ୟଭାଗ ମାଳଭୂମି ରୂପରେ ବିଦ୍ୟମାନ । ଭୂମିରୂପରେ ବ୍ୟତିକ୍ରମ ବ୍ୟତୀତ ଜଳବାୟୁ ଅବସ୍ଥାରେ ବିଭିନ୍ନତା ଏବଂ ମୃତ୍ତିକାରେ ପ୍ରକାର ଭେଦ ଏହି ଦେଶରେ ରହିଅଛି । ଏହି ପ୍ରାକୃତିକ ବିଭିନ୍ନତା ବ୍ୟତୀତ ଅନ୍ୟ କାରକ ମଧ୍ୟ ରହିଅଛି । ସେଗୁଡ଼ିକ ହେଲା ଜଳ ସେଚନର ସୁଲଭତା, ଯନ୍ତ୍ରପାତିର ବ୍ୟବହାର, ଆଧୁନିକ କୃଷି ଉତ୍ପାଦନ ଯଥା ଅଧିକ ଅମଳକ୍ଷମ ବିହନ, କୀଟନାଶ ପାଇଁ କୀଟନାଶକ (insecticides ଏବଂ pesticides)ର ବ୍ୟବହାର । ନିମ୍ନରେ କେତେକ ପ୍ରଧାନ କୃଷି ବିଷୟରେ ଆଲୋଚନା କରାଯାଇଅଛି ।

**୧. ପ୍ରୟୋଜନ ଭିତ୍ତିକ ଏବଂ ବାଣିଜ୍ୟ ଭିତ୍ତିକ କୃଷି :–** ଭାରତରେ ଅଧିକାଂଶ କୃଷକ ପ୍ରୟୋଜନ ଭିତ୍ତିକ କୃଷି କରିଥାନ୍ତି । ନିଜର ବ୍ୟବହାର ପାଇଁ କୃଷି କରିବା ଏହାର ଅର୍ଥ ଅଟେ । ଅନ୍ୟ କଥାରେ କହିବାକୁ ଗଲେ ସମୁଦାୟ ଉତ୍ପାଦନ କୃଷକ ଏବଂସେମାନଙ୍କର ପରିବାରଙ୍କ ବ୍ୟବହାରରେ ଲାଗିଥାଏ । ସେମାନଙ୍କ ପାଖରେ ବଜାରରେ ବିକ୍ରୟ କରିବାକୁ ବଳକା ଶସ୍ୟ ନଥାଏ । ଏହି ପ୍ରକାର କୃଷିରେ କୃଷିକ୍ଷେତ୍ର ଛୋଟ ଏବଂ କ୍ଷୁଦ୍ର ହୋଇଥାଏ । କୃଷି ପ୍ରଣାଳୀ ପୁରୁଣାକାଳିଆ ଢଙ୍ଗରେ ସରଳ ଉପାୟରେ ହୋଇଥାଏ । ଅନ୍ୟ କଥାରେ କହିବାକୁ ଗଲେ ଟ୍ରାକ୍ଟର ପରି ଆଧୁନିକ ଯନ୍ତ୍ରପାତିର ଅନୁପସ୍ଥିତି ଏବଂ ରାସାୟନିକ ସାର, କୀଟନାଶକ ଔଷଧର ମଧ୍ୟ ଅନୁପସ୍ଥିତି ଏହି ଚାଷରେ ପରିଲକ୍ଷିତ ହୋଇଥାଏ । ଏହି କୃଷିରେ କୃଷକ ବିଶେଷ କରି ଖାଦ୍ୟ ଶସ୍ୟ, ତୈଳବୀଜ, ଡାଲିଜାତୀୟ ଶସ୍ୟ, ପନିପରିବା ଏବଂ ଆଖୁ ଚାଷ କରିଥାଏ । ବାଣିଜ୍ୟିକ କୃଷି, ପ୍ରୟୋଜନିକ କୃଷିର ଠିକ୍ ଓଲଟା ଅଟେ । ଏହି କୃଷିରେ କୃଷି ଉତ୍ପାଦନଗୁଡ଼ିକୁ ଟଙ୍କା ରୋଜଗାର ପାଇଁ ବଜାରରେ ବିକ୍ରୟ କରାଯାଏ । ଏହି ପ୍ରଣାଳୀରେ କୃଷକମାନେ ଆଧୁନିକ ଯନ୍ତ୍ରପାତି, କୃତ୍ରିମ ସାର, କୀଟନାଶକ ଔଷଧ, ଅମଳକ୍ଷମ ବିହନ ବ୍ୟବହାର କରନ୍ତି ଏବଂ ଜଳସେଚନ ମଧ୍ୟ କରିଥାନ୍ତି । କପା, ଝୋଟ, ଆଖୁ, ଚିନାବାଦାମ ପ୍ରଭୃତି ଆମ ଦେଶର ପ୍ରଧାନ ବାଣିଜ୍ୟିକ କୃଷି ଅଟେ । ଯାହାକି ଦେଶର ବିଭିନ୍ନ ସ୍ଥାନରେ ଚାଷ କରାଯାଏ । ଯଦିଚ ହରିୟାଣାର ଲୋକେ ରୁଟି ଖାଆନ୍ତି, ବାଣିଜ୍ୟ ଉଦ୍ଦେଶ୍ୟରେ ସେଠାରେ ଧାନ ଚାଷ କରାଯାଏ । ଭାରତର ପୂର୍ବ ଏବଂ ଉତ୍ତର ପୂର୍ବ ଅଞ୍ଚଳରେ ଧାନ ଚାଷଟା ହେଉଛି ପ୍ରୟୋଜନ ଭିତ୍ତିକ କୃଷି ।

**୨. ସଘନ କୃଷି ଏବଂ ବ୍ୟାପକ କୃଷି :–** ଉଭୟ ମଧ୍ୟରେ ମୂଳ ପାର୍ଥକ୍ୟ ହେଉଅଛି ୟୁନିଟ ପିଛା ଉତ୍ପାଦନ କ୍ଷେତ୍ରରେ କମ୍, ବେଶି । ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ପୂର୍ବ ସୋଭିଏତ ଋଷ ତୁଳନାରେ ଭାରତ ସଘନ କୃଷିରେ ତାଙ୍କର ସମକକ୍ଷ ନୁହେଁ । ଯେତେବେଳେ ଆମେ ବିସ୍ତୃତ ଅଞ୍ଚଳରେ ଚାଷ କରୁ ତାକୁ ସଘନ କୃଷି କହୁ । ଏଠାରେ ସମୁଦାୟ ଉତ୍ପଦନ ଅଧିକ ହୋଇପାରେ କିନ୍ତୁ ୟୁନିଟ୍ ପିଛା ଉତ୍ପାଦନ କମ୍ ଅଟେ । ଭାରତର ପଞ୍ଜାବ ହରିୟାଣା ଏବଂ ପଶ୍ଚିମ ଉତ୍ତର ପ୍ରଦେଶରେ ସଘନ କୃଷି କରାଯାଉଅଛି । ଏକର ପିଛା ଅଧିକ ଉତ୍ପାଦନକୁ ରେକର୍ଡ କରାଯାଇଅଛି । ଜାପାନ ହେଉଛି ସଘନ କୃଷିର ଉଦାହରଣ କାରଣ ଏଠାରେ ଥିବା କମ୍ ଜମିରେ ଅଧିକ ଉତ୍ପାଦନ କରାଯାଉଅଛି । ଏହି ପ୍ରକାର ପରିସ୍ଥିତି ଭାରତର କେରଳ ରାଜ୍ୟରେ ଅନୁସରଣ କରାଯାଉଅଛି ।

**୩. ରୋପଣ କୃଷି :–** ରୋପଣ କୃଷି ହେଉଛି କୃତ୍ରିମ ଏବଂ ସ୍ଥିତି ସ୍ଥାପକ କୃଷି । ଏହା ହେଉଛି ଗୋଟିଏ ଅଞ୍ଚଳ ଯେଉଁଠାରେ ବିକ୍ରି ଉଦ୍ଦେଶ୍ୟରେ ଅର୍ଥକାରୀ ଫସଲ ଉତ୍ପାଦନ କରାଯାଏ । ଏହି କୃଷି ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିକ୍ରି ଉଦ୍ଦେଶ୍ୟରେ କରାଯାଉଥିବା ଅର୍ଥକାରୀ ଫସଲ ସହିତ ସଂଶ୍ଳିଷ୍ଟ । ଚା, କଫି, ରବର, କଦଳୀ ଏବଂ ମସଲା ରୋପଣ କୃଷି ଉଦାହରଣ ଅଟେ । ଉନବିଂଶ ଶାତବ୍ଦୀରେ ଭାରତରେ ଇଂରେଜମାନଙ୍କ ଦ୍ୱାରା ଏହି ପ୍ରକାର କୃଷି ପ୍ରବର୍ତ୍ତନ କରାଯାଇଥିଲା ।

**୪. ମିଶ୍ରିତ କୃଷି :–** ପର୍ଯ୍ୟାୟ କ୍ରମେ ଯେଉଁ ଅଞ୍ଚଳରେ କୃଷି ଉତ୍ପାଦନ ସହିତ ପଶୁପାଳନ କରାଯାଏ ତାକୁ ମିଶ୍ରିତ କୃଷି କହନ୍ତି । ଏଠାର କୃଷକ ମିଶ୍ରିତ କୃଷି କରି ଅନ୍ୟ କୃଷି ଅପେକ୍ଷା ଆର୍ଥିକ କ୍ଷେତ୍ରରେ ଅଧିକ ସ୍ୱଚ୍ଛଳ ଅଟନ୍ତି ।

ସବୁ ପ୍ରକାର କୃଷିର ଶ୍ରେଣୀ ବିଭାଗ, ପ୍ରକୃତି ଏବଂ ଉଦ୍ଦେଶ୍ୟ ଉପରେ ନିର୍ଭରଶୀଳ ଅଟେ । କଦଳୀଚାଷ ରୋପଣ କୃଷିର ଅନ୍ତର୍ଗତ । ଏହାକୁ ମଧ୍ୟ ବାଣିଜ୍ୟିକ କୃଷିର ଶ୍ରେଣୀଭୁକ୍ତ କରାଯାଇପାରେ ।

## ତୁମେ ଜାଣ କି

**ସବୁଜ ବିପ୍ଳବ :–** (Green Revolution) ଭାରତରେ କୃଷି କ୍ଷେତ୍ରରେ ନିମ୍ନଲିଖିତ କାରଣ ଯୋଗୁଁ ଅଧିକ ଉତ୍ପାଦନକୁ ସବୁଜ ବିପ୍ଳବ କୁହାଯାଏ । କାରଣ ୧. ଉନ୍ନତ ଅଧିକ ଅମଳକ୍ଷମ ବିହନର ପ୍ରୟୋଗ ୨. ବ୍ୟାପକ ଜଳସେଚନର ସୁବିଧା ୩. ଉତ୍ପାଦନ ବଢ଼ାଇବାକୁ ରାସାୟନିକ ସାରର ପ୍ରୟୋଗ ।

**ଶ୍ୱେତ ବିପ୍ଳବ :–** (White Revolution) ଏହା ଦୁଗ୍ଧ ଉତ୍ପାଦନ ବଢ଼ାଇବାକୁ ବୁଝାଇଥାଏ । ଆଞ୍ଚଳିକ ଏବଂ ଋତୁକାଳୀନ ଅସମାନତାକୁ ଦୂର କରିବାକୁ ଜାତୀୟ ଦୁଗ୍ଧ ସଂଗ୍ରହ କେନ୍ଦ୍ର ସ୍ଥାପନ କରାଯାଇଅଛି । କୌଶଳପୂର୍ଣ୍ଣ ଫଳ ମଧ୍ୟରେ ନିମ୍ନଲିଖିତ ବିଷୟ ପ୍ରତି ଗୁରୁତ୍ୱ ଦିଆଯାଇଅଛି । ୧. ସ୍ୱଦେଶୀ ଗାଈମାନଙ୍କୁ ଅଧିକ କ୍ଷୀର ଦେବା ପାଇଁ ଇଉରୋପୀୟ ଷଣ୍ଢମାନଙ୍କ ସହିତ ତାଙ୍କର ସଙ୍ଗମ କରାଯାଉଅଛି ୨. କ୍ଷୀରକୁ ବହୁତ ସମୟ ସାଇତି ରଖିବାର ବ୍ୟବସ୍ଥା ୩. ଗ୍ରାମାଞ୍ଚଳର ଲୋକଙ୍କଠାରୁ ଶୁଦ୍ଧ କ୍ଷୀର ସଂଗ୍ରହ କରିବା ୪. ସଂରକ୍ଷିତ ଦୁଗ୍ଧକୁ ସ୍ଥଳପଥ ଓ ଆକାଶପଥ ଦ୍ୱାରା ବଡ଼ ବଡ଼ ସହରକୁ ପଠାଇବା ।

**ନୀଳ ବିପ୍ଳବ : –** (Blue Revolution) ଏହା ମଧୁର ଜଳ ଏବଂ ସମୁଦ୍ରର ଲୁଣି ଜଳରୁ ମାଛ ଧରିବାକୁ ବୁଝାଏ ।

**ପିଙ୍କ୍ ବିପ୍ଳବ : –** (PIN Revolution) ଏହା ହିମାଚଳ ପ୍ରଦେଶ ଓ ଜାମ୍ମୁ ଏବଂ କାଶ୍ମୀରର ସେଓ ଉତ୍ପାଦନ ବୃଦ୍ଧିକୁ ବୁଝାଏ ।

## ତୁମ ପାଇଁ କାର୍ଯ୍ୟ ୧୨.୧

ତୁମେ ରହୁଥିବା ଏକ କି.ମି. ପରିସର ମଧ୍ୟରେ କେଉଁ ପ୍ରକାର ଶସ୍ୟ ଉତ୍ପାଦିତ ହୁଏ ଖୋଜି ବାହାର କର । ତଳେ ଦିଆଯାଇଥିବା ସାରଣୀରେ ଲିପିବଦ୍ଧ କର ଓ ତାର କାରଣ ଲେଖ –

| ଶସ୍ୟର ନାମ | ରାଜ୍ୟ | କେଉଁ ପ୍ରକାର କୃଷି | କାରଣ |
|---|---|---|---|
| ଉଦାହରଣ – ସେଓ | ହିମାଚଳ ପ୍ରଦେଶ | ବାଣିଜ୍ୟିକ | ଉପଯୁକ୍ତ ଜଳବାୟୁ ଏବଂ ବଜାରରେ ଆବଶ୍ୟକତା ଅଧିକ |
| | | | |



## ୧୨.୨ ଭାରତୀୟ କୃଷିର ପ୍ରଧାନ ଲକ୍ଷଣ

**(କ) ପ୍ରୟୋଜନିକ କୃଷି –** ଭାରତର ଅଧିକାଂଶ ଅଞ୍ଚଳରେ ପ୍ରୟୋଜନ ଭିତ୍ତିକ କୃଷି ହୁଏ ବୋଲି ବର୍ଣ୍ଣିତ ହୋଇଅଛି । ସ୍ୱାଧୀନତା ପରେ ଏହି କୃଷି ପ୍ରଣାଳୀର ଅନେକ ପରିବର୍ତ୍ତନ ହେବା ସତ୍ତ୍ୱେ ମଧ୍ୟ ବହୁ ପୂର୍ବକାଳରୁ ଏବଂ ଏବେ ମଧ୍ୟ ଏହି ପ୍ରକାର କୃଷି କରାଯାଉଅଛି ।

**(ଖ) କୃଷି ଉପରେ ଜନ ସଂଖ୍ୟାର ଚାପ –** ସହରୀ କରଣ ଏବଂ ଶିଳ୍ପର ବିକାଶ ହେବା ସତ୍ତ୍ୱେ ମଧ୍ୟ ଜନସଂଖ୍ୟାର ୭୦ ଭାଗ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କୃଷି ଉପରେ ନିର୍ଭରଶୀଳ ।

**(ଗ) କୃଷିର ଯନ୍ତ୍ରୀକରଣ –** ଭାରତରେ ସବୁଜ ବିପ୍ଳବ ଷଷ୍ଠ ଦଶନ୍ଧିର ଶେଷଭାଗ ଓ ସପ୍ତମଦଶନ୍ଧିର ଆରମ୍ଭରେ ଆରମ୍ଭ କରାଯାଇଥିଲା । ସବୁଜ ବିପ୍ଳବ ଚାଳିଶ ବର୍ଷରୁ ଅଧିକ କାଳରୁ ଆରମ୍ଭ ହୋଇଥିଲେ ମଧ୍ୟ କୃଷିକ୍ଷେତ୍ରରେ ନୂତନ କୌଶଳ ଏବଂ ଯନ୍ତ୍ରପାତିର ସ୍ୱପ୍ନ ବହୁତ ଦୂରରେ ରହିଅଛି ।

**(ଘ) ମୌସୁମୀବାୟୁ ଉପରେ ନିର୍ଭରଶୀଳ –** ସ୍ୱାଧୀନତା ପରଠାରୁ ଜଳସେଚନ କ୍ଷେତ୍ରରେ ଦୃତ ଅଗ୍ରଗତି ଘଟିଅଛି । ତଥାପି ଆଜି ପର୍ଯ୍ୟନ୍ତ ଦେଶର ଏକ ତୃତୀୟାଂଶ କୃଷିଭୂମିକୁ ଜଳ ଯୋଗଇ ଦିଆଯାଇପାରୁଅଛି । ଫଳସ୍ୱରୂପ ଦେଶର ବାକି ଦୁଇଭାଗ ଶସ୍ୟ ଉତ୍ପାଦନ କରୁଥିବା ଜମି ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ । ତୁମେ ଜାଣିଛ ଯେ ଭାରତରେ ମୌସୁମୀ ବାୟୁ ଅନିଶ୍ଚିତ ଅବିଶ୍ୱାସନୀୟ ଅଟେ । ଜଳବାୟୁର ପରିବର୍ତ୍ତନ ଯୋଗୁଁ ଏହା ଆହୁରି ମଧ୍ୟ ଅବିଶ୍ୱାସନୀୟ ହୋଇଯାଇଅଛି ।

**(ଙ) ବିଭିନ୍ନ ପ୍ରକାରର ଶସ୍ୟ –** ଭାରତରେ କାହିଁକି ବିଭିନ୍ନ ପ୍ରକାର ଶସ୍ୟ ଉତ୍ପାଦିତ ହୁଏ ତୁମେ ଅନୁମାନ କରିପାରୁଛ କି ? ଏହି ପାଠରେ ଆରମ୍ଭରେ ବର୍ଣ୍ଣନା କରାଯାଇଅଛି ଯେ ଭାରତର ଭୂମିରୂପ, ଜଳବାୟୁ ଏବଂ ମୃତ୍ତିକାରେ ଭିନ୍ନତା ଦେଖାଯାଏ । ଭାରତରେ କ୍ରାନ୍ତୀୟ ଏବଂ ଉଷ୍ଣ ଉଭୟ ପ୍ରକାର ଜଳବାୟୁ ଅନୁଭୂତ ହୁଏ । ଉଭୟ ଜଳବାୟୁର ଶସ୍ୟ ଏଠାରେ ଉତ୍ପାଦିତ ହୁଏ । ପୃଥିବୀରେ ବହୁତ କମ୍ ଦେଶ ଅଛି ଯାହାର ଜଳବାୟୁକୁ ଭାରତ ସହିତ ତୁଳନା କରାଯାଇପାରେ । ଯେତେବେଳେ ଆମ୍ଭେମାନେ ବିଭିନ୍ନ ପ୍ରକାର ଶସ୍ୟ ସମ୍ବନ୍ଧରେ ଆଲୋଚନା କରିବା ସେତେବେଳେ ତୁମେ ବୁଝିପାରିବ । ଗୋଟିଏ ମନୋଭାବ ପାଇବାକୁ ତୁମେ ଏକ ନମ୍ବର ଟେବୁଲକୁ ଦେଖ ।

**(ଚ) ଖାଦ୍ୟ ଶସ୍ୟର ଅଗ୍ରାଧିକାର –** ଭାରତୀୟ କୃଷି ବହୁସଂଖ୍ୟକ ଲୋକଙ୍କୁ ଅନ୍ନ ଯୋଗାଏ ତେଣୁ ଭାରତର କୃଷକଙ୍କୁ ଚାରିଆଡେ ଖାଦ୍ୟଶସ୍ୟ ଉତ୍ପାଦନ କରିବାକୁ ଅଗ୍ରାଧିକାର ଦିଆଯାଇଅଛି । ସାମ୍ପ୍ରତିକ ବର୍ଷମାନଙ୍କରେ

ଖାଦ୍ୟଶସ୍ୟ ଉତ୍ପାଦନ ହେଉଥିବା ଭୂମିର ପରିମାଣ କମିଯାଇଅଛି । କାରଣ କୃଷିଭୂମିଗୁଡ଼ିକୁ ବାଣିଜିକ ଉତ୍ପାଦନ କ୍ଷେତ୍ରରେ ଲଗାଯାଉଅଛି ।

**(ଛ) ଋତୁକାଳୀନ ଢାଞ୍ଚା –** ଭାରତରେ ତିନିଗୋଟି କୃଷି ଋତୁ ରହିଅଛି । ତୁମେ ଖରିଫ, ରବି, ଜେଦ ବିଷୟରେ ଶୁଣିଛ । ଏହି ତିନି ଋତୁରେ କେତେକ ନିର୍ଦ୍ଦିଷ୍ଟ ଶସ୍ୟ ଉତ୍ପାଦନ କରାଯାଏ । ଉଦାହରଣ ସ୍ୱରୂପ ଧାନ ହେଉଛି ଖରିଫ ଶସ୍ୟ ଏବଂ ଗହମ ହେଉଛି ରବି ଶସ୍ୟ ।

## ପାଠଗତ ପ୍ରଶ୍ନାବଳୀ ୧୨.୧

୧. ଦୁଇଗୋଟି ଉଦାହରଣ ଦେଇ ସଘନ କୃଷି ଓ ବ୍ୟାପକ କୃଷି ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ । ପୂର୍ବରୁ ପଢ଼ିଥିବା ଭାରତ କୃଷିର ପ୍ରଧାନ ଲକ୍ଷଣକୁ ଭିତ୍ତିକରି ତୁମ ଅଞ୍ଚଳର ଗୋଟିଏ କୃଷି ସମ୍ବନ୍ଧରେ ଲେଖ । ଉଦାହରଣ ସ୍ୱରୂପ ହରିୟାଣାରେ ଜଳସେଚିତ ଅଞ୍ଚଳ ଅଧିକ ଥିବାରୁ ମୌସୁମୀ ବାୟୁ ଉପରେ ଏହା କମ୍ ନିର୍ଭର କରେ ।

## ୧୨.୩ ଭାରତର ପ୍ରଧାନ ଶସ୍ୟ

ଭାରତ ପ୍ରାୟ ସବୁ ପ୍ରକାର ଶସ୍ୟ ଉତ୍ପାଦନ କରେ । ତୁମେ ଭାବିପାରୁଛ କି କାହିଁକି ? ଆମେ ଯଦି କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଗୁଜୁରାଟର ପଶ୍ଚିମ ଉପକୂଳରୁ ଏକଦମ ପୂର୍ବରେ ଥିବା ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ଦେଖିବା ସେଠାରେ ହଜାର ପ୍ରକାର ଶସ୍ୟ ଉତ୍ପାଦିତ ହେଉଥିବାର ଦେଖିବା । ସମସ୍ତ ଶସ୍ୟକୁ ଆମେ ଚାରିଗୋଟି ମୁଖ୍ୟ ଶ୍ରେଣୀରେ ବିଭକ୍ତ କରିବା । ପ୍ରତ୍ୟେକ ଶ୍ରେଣୀର ମୁଖ୍ୟ ଶସ୍ୟ ବିଷୟରେ ଆସ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିବା ।


**ଟେବୁଲ – ୧୨.୧**

| କ୍ର.ନଂ. | କି ପ୍ରକାର ଶସ୍ୟ | ଅର୍ଥ | ପ୍ରଧାନ ଶସ୍ୟ |
|---|---|---|---|
| ୧. | ଖାଦ୍ୟଶସ୍ୟ | ଯେଉଁ ଶସ୍ୟକୁ ମନୁଷ୍ୟ ଖାଦ୍ୟ ଆକାରରେ ଗ୍ରହଣ କରେ | ଧାନ, ଗହମ, ମକା, ବାଜରା ଏବଂ ଡାଲି |
| ୨. | ଅର୍ଥକାରୀ ଫସଲ | ଶସ୍ୟ ଯେଉଁଗୁଡ଼ିକୁ କଞ୍ଚାମାଲ ରୂପେ ବିକ୍ରି ପାଇଁ କରାଯାଏ କିମ୍ବା ରୂପାନ୍ତରିତ କରି ବିକ୍ରୟ କରାଯାଏ । | କପା, ଝୋଟ, ଆଖୁ, ଧୂଆଁପତ୍ର ଏବଂ ତୈଳବୀଜ |
| ୩. | ରୋପଣ କୃଷି | ବିସ୍ତୃତ ଅଞ୍ଚଳର ଚାରା ରୋପଣକରି ଉତ୍ପାଦନ କରାଯାଏ | ଚାହା, କଫି, ନଡିଆ ଏବଂ ତୈଳବୀଜ |
| ୪. | ଉଦ୍ୟାନ କୃଷି | କୃଷିର ଯେଉଁ ବିଭାଗରେ ଫଳ ଓ ପରିବା ଚାଷ କରାଯାଏ | ଫଳ ଏବଂ ପରିବା |

## ୧. ଖାଦ୍ୟ ଶସ୍ୟ

**(କ) ଧାନ –** ଭାରତର ପ୍ରଧାନ ଖାଦ୍ୟ ଶସ୍ୟ ଧାନ ଅଟେ । ଏହା ପ୍ରଧାନ ଖରିଫ ଫସଲ ବା ଗ୍ରୀଷ୍ମକାଳୀନ ଶସ୍ୟ ଅଟେ । ଏହା ଦେଶର ସମୁଦାୟ କୃଷିଭୂମିର ଏକ ତୃତୀୟାଂଶରେ ଚାଷ କରାଯାଏ । ଏହା ଭାରତର ଅର୍ଦ୍ଧାଧିକ ଲୋକଙ୍କୁ ଖାଦ୍ୟ ଯୋଗାଏ । ଭାରତର ଅଧିକାଂଶ ଲୋକ ଭାତ ଖାଇଥାନ୍ତି । ଧାନ ଚାଷ ପାଇଁ କେଉଁ ଭୌଗୋଳିକ ଅବସ୍ଥା ଦରକାର ତୁମେ ଜାଣିଛ କି ? ତୁମେ ଯଦି ଭାରତର ଧାନ ଉତ୍ପାଦିତ ହେଉଥିବା ଅଞ୍ଚଳକୁ ଲକ୍ଷ କରିବ, ଦେଖିବ ଯେ ଏହା ଭାରତର ଏକମାତ୍ର ଖାଦ୍ୟ ଶସ୍ୟ । ଏହା ବିଭିନ୍ନ ଅଞ୍ଚଳରେ ଉତ୍ପାଦିତ ହେଉଥିବାର ନିମ୍ନରେ ତୁମେ ଦେଖିବ ।

**କେତେକ ଭୌଗୋଳିକ ଅବସ୍ଥା ନିମ୍ନରେ ଦିଆଯାଇଅଛି ।**




ଚିତ୍ର – ୧୨.୧ ଭାରତ : ଧାନ ଉତ୍ପାଦନ ସ୍ଥାନ

**ଉତ୍ତାପ** – ଧାନ ଉଷ୍ଣ ଏବଂ ଆଦ୍ର ଅବସ୍ଥା ଦରକାର କରେ । ଅଧିକ ଉତ୍ତାପ ହେବା ଆବଶ୍ୟକ । ୨୨° ସେଲସିଅସ ରୁ ୩୨° ସେଲସିଅସ ଉତ୍ତାପ ଦରକାର କରେ । ହାରାହାରି ୨୪°ସେଲସିଅସ ଉତ୍ତାପ ଆବଶ୍ୟକ ହୋଇଥାଏ ।

**ବର୍ଷା** – ଧାନ ଚାଷ ପାଇଁ ୧୫୦–୩୦୦ ସେଣ୍ଟିମିଟର ବୃଷ୍ଟିପାତ ଆବଶ୍ୟକ ହୋଇଥାଏ । ପଞ୍ଜାବ, ହରିୟାଣା, ପଶ୍ଚିମ ଉତ୍ତର ପ୍ରଦେଶରେ ୧୦୦ ସେଣ୍ଟିମିଟର ରୁ କମ୍ ବୃଷ୍ଟିପାତ ହେଲେ ମଧ୍ୟ ଜଳସେଚନର ସୁବିଧା ଥିବାରୁ ସେଠାରେ ଧାନ ଚାଷ ହୁଏ ।

**ମାଟି** – ଧାନ ବିଭିନ୍ନ ପ୍ରକାର ମୃତ୍ତିକା ଥିବା ଅଞ୍ଚଳରେ ଚାଷ କରାଯାଏ । କିନ୍ତୁ ପଙ୍କୁଆ ଓ ଦୋରସା ମାଟିରେ ଏହା ଭଲ ହୁଏ । ଧାନ ପ୍ରଧାନତଃ ସମତଳ ଅଞ୍ଚଳରେ ଚାଷ କରାଯାଏ । କେରଳର କୁଟିନାଡ ଅଞ୍ଚଳରେ ସମୁଦ୍ର ପତ୍ତନରୁ ନିମ୍ନରେ ଏହା ଚାଷ କରାଯାଏ । ଭାରତର ଉତ୍ତର ପୂର୍ବ ପାହାଡିଆ ଅଞ୍ଚଳ ଏବଂ କାଶ୍ମୀର ଉପତ୍ୟକାରେ ମଧ୍ୟ ଧାନ ଚାଷ କରାଯାଏ ।

**ଶ୍ରମିକ** – ଅଧିକାଂଶ କୃଷିକାର୍ଯ୍ୟ ଶ୍ରମିକ ଦ୍ୱାରା ହୋଇଥାଏ, ତେଣୁ ଏହାକୁ ଶ୍ରମିକ ଭିତ୍ତିକ କୃଷି କହନ୍ତି । ଏହି ଚାଷ ପାଇଁ ମେସିନ ଅଧିକ ଫଳ ପ୍ରଦ ନୁହେଁ ।


**ବଣ୍ଟନ** – ଭାରତର ପ୍ରାୟେ ସବୁ ରାଜ୍ୟରେ ଧାନ ଚାଷ କରାଯାଏ । ପ୍ରଧାନ ଧାନ ଚାଷ ରାଜ୍ୟ ହେଉଛି ତାମିଲନାଡୁ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ବିହାର, ଝାଡଖଣ୍ଡ, ଉତ୍ତରାଖଣ୍ଡ, ଛତିଶଗଡ, ପଞ୍ଜାବ, ଓଡ଼ିଶା, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଆସାମ ଓ ମହାରାଷ୍ଟ୍ର । ଏହା ଆହୁରି ମଧ୍ୟ ହରିୟାଣା, ମଧ୍ୟପ୍ରଦେଶ, କେରଳ ଗୁଜୁରାଟ ଓ କାଶ୍ମୀର ଉପତ୍ୟକାରେ ଚାଷ ହୁଏ (୧୨.୧ ଚିତ୍ରକୁ ଦେଖ) ।

**(ଖ) ଗହମ** – ଧାନ ପରେ ଗହମ ଭାରତର ଦ୍ୱିତୀୟ ମୁଖ୍ୟ ଖାଦ୍ୟ ଶସ୍ୟ ଅଟେ । ଏହା ରବି ଫସଲ ବା ଶୀତଦିନିଆ ଫସଲ ଅଟେ । ଏହା ଶୀତ ଆରମ୍ଭରେ ବୁଣାଯାଏ ଏବଂ ଗ୍ରୀଷ୍ମ ଆରମ୍ଭରେ ଅମଳ ହୁଏ । ଉତ୍ତର ଭାରତରେ ଏହା ସାଧାରଣତଃ ଅକ୍ଟୋବର ଓ ନଭେମ୍ବର ମାସରେ ବୁଣାଯାଏ ଏବଂ ମାର୍ଚ୍ଚ ଓ ଏପ୍ରିଲ ମାସରେ ଅମଳ କରାଯାଏ । ଏହା ଉତ୍ତର ଓ ଉତ୍ତର ପଶ୍ଚିମ ଭାରତର ଲକ୍ଷ ଲକ୍ଷ ଲୋକମାନଙ୍କର ପ୍ରଧାନ ଖାଦ୍ୟ ଅଟେ । ଏହା ଧାନ ଭଳି ନୁହେଁ । ଏହା ରବି ଫସଲ ହୋଇଥିବାରୁ କେବଳ ଶୀତଦିନେ ଉତ୍ପାଦନ କରାଯାଏ ।

**କେତେକ ଭୌଗୋଳିକ ଅବସ୍ଥା –**

**ଉତ୍ତାପ** – ଏହା ମଧ୍ୟମ ଉଚ୍ଚତା ବିଶିଷ୍ଟ ଘାସୁଆ ଅଞ୍ଚଳର ଶସ୍ୟ ଅଟେ । ଏହା ଶୀତଳ ଜଳବାୟୁ ଦରକାର କରେ । ଏହା ପାଇଁ ବୁଣିଲା ବେଳେ ୧୦° ସେଲସିଅସ ରୁ ୧୫° ସେଲସିଅସ ଉତ୍ତାପ ଏବଂ ଅମଳ ବେଳେ ୨୧° ସେଲସିଅସରୁ ୨୬° ସେଲସିଅସ ଉତ୍ତାପ ଦରକାର ହୋଇଥାଏ ।

**ବୃଷ୍ଟିପାତ** – ଗହମ ଚାଷ ଅଞ୍ଚଳରେ ବାର୍ଷିକ ୭୫ ସେ.ମି. ବୃଷ୍ଟିପାତ ହେବା ଦରକାର । ତୁମେ ଜାଣିଛ ଯେ ୧୦୦ ସେ.ମି. ଅଧିକ ବୃଷ୍ଟିପାତ ଅଞ୍ଚଳ ଧାନ ଚାଷ ପାଇଁ ଅନୁକୂଳ ଅଟେ । ଯେଉଁ ଅଞ୍ଚଳରେ ୭୫ ସେ.ମି. ରୁ କମ୍ ବୃଷ୍ଟିପାତ ହୁଏ ଧାନ ପରି ସେଠାରେ ଗହମ ଚାଷ ମଧ୍ୟ ଜଳସେଚନ ଦ୍ୱାରା କରାଯାଏ । ଗହମ ପାଚିଲା ବେଳେ ସ୍ୱଳ୍ପ ବୃଷ୍ଟିପାତ ଉତ୍ପାଦନ ବଢ଼ାଇଥାଏ । ଅନ୍ୟ ଦିଗରେ ଦେଖିବାକୁ ଗଲେ ଫୁଲ ଉଡାଉଥିବାବେଳେ କୁହୁଡି ଏବଂ ପାଚିଲା ବେଳେ କୁଆପଥର ବର୍ଷା ଗହମ ଚାଷରେ ଅଶେଷ କ୍ଷତି ଘଟାଇ ଥାଏ ।




ଚିତ୍ର – ୧୨.୨ ଭାରତ : ଧାନ ଉତ୍ପାଦନ ସ୍ଥାନ

**ମୃତ୍ତିକା** – ଯଦିଓ ଗହମ ବିଭିନ୍ନ ପ୍ରକାର ମୃତ୍ତିକାରେ ଚାଷ କରାଯାଏ କିନ୍ତୁ ଏହାର ଚାଷ ପଟୁ, ଦୋରସା ମଟାଳ ମାଟିରେ ସବୁଠାରୁ ଭଲ ହୋଇଥାଏ । ଗହମ ଚାଷ ପାଇଁ ସମତଳ ଭୂମି ସବୁଠାରୁ ଉପଯୁକ୍ତ ଅଟେ ।

**ବଣ୍ଟନ** – ଭାରତର ପ୍ରଧାନ ଗହମ ଉତ୍ପାଦିତ ହେଉଥିବା ଅଞ୍ଚଳ ହେଲା ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜୁରାଟ, ମହାରାଷ୍ଟ୍ର । ଭାରତର ସମୁଦାୟ ଗହମର ୬୬ ଭାଗ ଗହମ ପଞ୍ଜାବ, ହରିୟାଣା ଏବଂ ଉତ୍ତର ପ୍ରଦେଶରେ ଉତ୍ପାଦିତ ହୋଇଥାଏ । (୧୨.୨ ଚିତ୍ରକୁ ଦେଖ)

**(ଗ) ଜୁଆର** – କମ୍ ସମୟ ଆବଶ୍ୟକ କରୁଥିବା ଜୁଆର ହେଉଛି ଗୋଟିଏ ଉଷ୍ମ ପାଗର ଶସ୍ୟ । ଏହା ଗୋଟିଏ ମୋଟା ଦାନାର ଶସ୍ୟ । ଏହାକୁ ଖାଦ୍ୟ ଏବଂ ଗୋ ଖାଦ୍ୟ ରୂପେ ବ୍ୟବହାର କରାଯାଏ । ଏହା ଖରିଫ ଫସଲ ଅଟେ । ଏହା ମେରୁ ଅଗଷ୍ଟ ମାସ ମଧ୍ୟରେ ବୁଣାଯାଏ ଏବଂ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ଅମଳ





କରାଯାଏ । ଆଜିକାଲି ଜୁଆର ଗରିବ ଲୋକମାନଙ୍କର ପ୍ରଧାନ ଖାଦ୍ୟ ହୋଇଛି । ଭାରତରେ ବହୁତ ପରିମାଣରେ ଜୁଆର ଉତ୍ପାଦନ କରାଯାଏ । ଏହାର ବିଭିନ୍ନ ସ୍ଥାନୀୟ ନାମ ଅଛି । ସେଗୁଡ଼ିକ ହେଲା ଜଓ୍ୱାର, ବାଜରା, ରାଗି, କୋରା, କୋଡନ, କୁଟକି, ହରକା, ବାଉଟି ରାଜଗିରା । ଭାରତରେ ଜଓ୍ୱାର ବାଜରା ଏବଂ ମାଣ୍ଡିଆ ବିସ୍ତୃତ ଅଞ୍ଚଳରେ ଚାଷ କରାଯାଇଛି, କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ଅଞ୍ଚଳଗୁଡ଼ିକ ସମୟର ତୁଳନାରେ କମିବାକୁ ଲାଗିଛି ।

ଏହି ଶସ୍ୟ ଉତ୍ପାଦନର ଭୌଗୋଳିକ ଅବସ୍ଥା ସମ୍ବନ୍ଧରେ ତଳେ ଦିଆଯାଇଅଛି ।

**ଉତ୍ତାପ** – କେଉଁ ଅଞ୍ଚଳରେ ୨୭° ସେଲସିଅସରୁ ୩୨° ସେଲସିଅସ ପର୍ଯ୍ୟନ୍ତ ଉତ୍ତାପ ଅନୁଭୂତ ହୁଏ । ସେଠାରେ ଜୁଆର ଚାଷ କରାଯାଏ ।

**ବୃଷ୍ଟିପାତ** – ଏହାକୁ ଶୁଷ୍କ ଭୂମି ଶସ୍ୟ ବୋଲି ଅଭିହିତ କରାଯାଇଅଛି । ୫୦ ସେ.ମି. ରୁ ୧୦୦ ସେ.ମି. ବୃଷ୍ଟିପାତ ଅଞ୍ଚଳ ଜୁଆର ଚାଷ ପାଇଁ ଉପଯୁକ୍ତ ଅଟେ ।

**ମୃତ୍ତିକା** – ମୃତ୍ତିକାର ଭିନ୍ନତା ଯୋଗୁଁ ମିଲେଟ ଚାଷ ବ୍ୟାପକ ହେଉ ନାହିଁ । ଏହାର ଚାଷ ନିକୃଷ୍ଟ ଧରଣର ପଟୁମାଟି ଏବଂ ଦୋରସା ମାଟିରେ ହୋଇପାରେ ।

**ବଣ୍ଟନ** – ଜଓ୍ୱାର ଏବଂ ବାଜରା ଉଭୟ ଉତ୍ତର ଓ ଦକ୍ଷିଣ ଭାରତରେ ଚାଷ କରାଯାଏ । କିନ୍ତୁ ମାଣ୍ଡିଆ କେବଳ ଦକ୍ଷିଣ ଭାରତରେ ଚାଷ କରାଯାଏ । ଜଓ୍ୱାର ଏବଂ ବାଜରା ମଧ୍ୟପ୍ରଦେଶ, ଗୁଜୁରାଟ, ରାଜସ୍ଥାନ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ର ପ୍ରଦେଶରେ ଚାଷ କରାଯାଏ ।

**(ଘ) ଡାଲିଜାତୀୟ ଶସ୍ୟ** – ଏହା ଅନେକ ଶସ୍ୟକୁ ବୁଝାଏ । ପ୍ରଧାନତଃ ଏହା ଶିମ୍ବ ଜାତୀୟ । ଏହା ଭାରତର ଶାକାହାରୀମାନଙ୍କୁ ପ୍ରୋଟିନ ଯୋଗାଏ । ଯେଉଁମାନେ ମାଛ–ମାଂସ ଖାଆନ୍ତି ତାଙ୍କରି ତୁଳନାରେ ସେମାନେ କମ୍ ପ୍ରୋଟିନ ଡାଲି ଜାତୀୟ ଶସ୍ୟରୁ ପାଇପାରନ୍ତି । ଏହା ଉତ୍କୃଷ୍ଟ ଗୋ–ଖାଦ୍ୟ ଅଟେ । ଏହା ଦାନା କେନ୍ଦ୍ରୀକ ଗୋ–ମେଷାଦି ପଶୁଙ୍କ ଖାଦ୍ୟ ଅଟେ । ଶିମ୍ବ ଜାତୀୟ ଶସ୍ୟର ବାୟୁମଣ୍ଡଳରୁ ଯବକ୍ଷାରଯାନ ନେଇ ମୃତ୍ତିକାରେ ପ୍ରବେଶ କରାଇବାର କ୍ଷମତା ରହିଅଛି । ଏହା ଅନ୍ୟ ଶସ୍ୟ ଉତ୍ପାଦନ ପାଇଁ ମାଟିକୁ ଉର୍ବର କରିଥାଏ । ଭାରତରେ ବିଭିନ୍ନ ପ୍ରକାରର ଡାଲି ଜାତୀୟ ଶସ୍ୟ ମିଳିଥାଏ । ସେଗୁଡ଼ିକ ହେଲା ବୁଟ, ହରଡ (ପାରାମଟର ବା ନାଲି ବୁଟ), ବିରି, ମୁଗ, ମସୁର, କୋଳଥ, ମଟର । ଉପରଲିଖିତ ଡାଲି ଜାତୀୟ ଶସ୍ୟ ମଧ୍ୟରୁ ବୁଟ ଏବଂ ହରଡ ଅଧିକ ବ୍ୟବହାରରେ ଆସେ ।

**ବୁଟ** – ଏହା ସବୁ ଡାଲି ଠାରୁ ଉଚ୍ଚରେ । ଭାରତରେ ୩୭% ବୁଟ ଉତ୍ପାଦିତ ହୁଏ ଏବଂ ବୁଟ ଉତ୍ପାଦିତ ହେଉଥିବା ଭୂମିର ୩୦% ଭାରତରେ ଅଛି । ଏହା ଏକ ରବି ଫସଲ । ଏହା ସେପ୍ଟେମ୍ବରରୁ ନଭେମ୍ବର ମାସ ମଧ୍ୟରେ ବୁଣାଯାଏ ଏବଂ ଫେବୃଆରୀରୁ ଏପ୍ରିଲ ମଧ୍ୟରେ ଅମଳ ହୁଏ । ଏହା କେବଳ ଗୋଟିଏ ମାତ୍ର ଶସ୍ୟ ରୂପେ ଚାଷ କରାଯାଏ । ନଚେତ ଗହମ, ବାର୍ଲି, ଶୋରିଷ ଏବଂ ପେଶୁ ସହିତ ମିଶି ଚାଷ କରାଯାଏ ।

କେତେକ ଭୌଗୋଳିକ ଅବସ୍ଥା ତଳେ ଦିଆଯାଇଅଛି ।

**ତାପମାତ୍ରା** – ଏହା ଅଳ୍ପ ଶୀତଳ ଶୁଷ୍କ ଜଳବାୟୁ ଅଞ୍ଚଳରେ ଚାଷ କରାଯାଏ । ଏହା ପାଇଁ ୨୦° ସେଲସିଅସ ତାପମାତ୍ରାରୁ ୨୫° ସେଲସିଅସ ତାପମାତ୍ରା ଦରକାର ହୋଇଥାଏ ।

**ବୃଷ୍ଟିପାତ** – ବୁଟ ଚାଷ ପାଇଁ ୪୦ ରୁ ୪୫ ସେ.ମି. ବର୍ଷା ଆବଶ୍ୟକ ହୋଇଥାଏ ।

**ବଣ୍ଟନ** – ଯଦିଚ ଜୁଟ ଦେଶର ଅନେକ ଅଞ୍ଚଳରେ ଚାଷ କରାଯାଉଥିଲେ ମଧ୍ୟ ପାଞ୍ଚଗୋଟି ରାଜ୍ୟରେ ୯୦% ଜୁଟ ଚାଷ କରାଯାଏ । ସେ ରାଜ୍ୟଗୁଡ଼ିକ ହେଲା– ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ହରିୟାଣା ଓ ମହାରାଷ୍ଟ୍ର ।

**? ତୁମେ ଜାଣ କି**

୧. ଧାନ ଏବଂ ଗହମ ସଂବେଦନଶୀଳ ଶସ୍ୟ ଅଟେ କିନ୍ତୁ ଜୁଆର ନିଷ୍କ୍ରିୟ ଜଳବାୟୁର ଶସ୍ୟ ଅଟେ ।

୨. ବିଭିନ୍ନ ପ୍ରକାର ଜୁଆରକୁ ଭାରତରେ ପ୍ରଧାନ ଖାଦ୍ୟ ରୂପେ ଖାଇବାର ପରମ୍ପରା ରହିଥିଲା । କିନ୍ତୁ ବହୁ ବର୍ଷରୁ ଅଧିକାଂଶ ଲୋକ ଧାନ ଏବଂ ଗହମକୁ ପ୍ରଧାନ ଖାଦ୍ୟ ରୂପେ ବ୍ୟବହାର କରୁଛନ୍ତି ।

୩. ଜୀବନଶୈଳୀର ରୋଗ ସହିତ ସମ୍ପର୍କ ରହିଅଛି । ଏହାର ପ୍ରକୃତି ରୋଗ ସହାୟକ ଅଟେ । ବର୍ତ୍ତମାନ କେତେକ ରୋଗକୁ କଣ୍ଟ୍ରୋଲ କରିବାକୁ ମିଲେଟ ଉପରେ ଗୁରୁତ୍ୱ ଦିଆଯାଇଅଛି । ତାହାର ଅସଂଖ୍ୟ ତନ୍ତୁ ରହିଅଛି ।

## ତୁମ ପାଇଁ କାର୍ଯ୍ୟ ୧୨.୨

୧. ଭାରତରେ କେଉଁ ଅଞ୍ଚଳ କିମ୍ବା ରାଜ୍ୟର ଧାନ, ଗହମ, ମିଲେଟ ପ୍ରଧାନ ଖାଦ୍ୟ ଅଟେ ବାହାର କର । ନିମ୍ନଲିଖିତ ଭାରତର କେଉଁ ରାଜ୍ୟର ମୁଖ୍ୟ ଖାଦ୍ୟ ଧାନ, ଗହମ ମିଲେଟ ଅଟେ ।


| ରାଜ୍ୟର ନାମ | ପ୍ରଧାନ ଖାଦ୍ୟ |
|---|---|
| ରାଜସ୍ଥାନ | ଗହମ, ବାଜରା |
| କର୍ଣ୍ଣାଟକ | |
| ତୁମ ରାଜ୍ୟ | |

୨. ଭାରତର ଦୁଇଗୋଟି ମାନଚିତ୍ରରେ ଧାନ ଓ ଗହମ କେଉଁ ରାଜ୍ୟର ପ୍ରଧାନ ଖାଦ୍ୟ ଶସ୍ୟ ଦେଖାଅ ।

## ୨. ଅର୍ଥକାରୀ ଫସଲ

ପାଠର ଆରମ୍ଭରେ ଅର୍ଥକାରୀ ଫସଲ ଯାହାକୁ କି ବିକ୍ରି ଉଦ୍ଦେଶ୍ୟରେ ଚାଷ କରାଯାଏ (କଞ୍ଚା ହେଉ ବା ଅର୍ଦ୍ଧ ପ୍ରୋସେସିଙ୍ଗ ହୋଇ)ସେ ବିଷୟରେ ବର୍ଣ୍ଣନା କରାଯାଇଅଛି । ଏହି ପାଠରେ ଆମ୍ଭେମାନେ କେତେକ ମୁଖ୍ୟ ଅର୍ଥକାରୀ ଫସଲ ବିଷୟରେ ଶିକ୍ଷା ଲାଭ କରିବା । ସେଗୁଡ଼ିକ ହେଲା ଆଖୁ, କପା, ଝୋଟ, ଦୁଇଗୋଟି ପାନୀୟ ଫସଲ ହେଲା ଚା, କଫି, ତିନିଗୋଟି ତୈଳବୀଜ ହେଲା ଚିନାବାଦାମ, ସୋରିଷ ଏବଂ ରାଇ ସୋରିଷ ।

**(କ) ଆଖୁ** – ଚିନି ବ୍ୟତୀତ ଜୀବନ କିପରି ହେବ ତୁମେ ଭାବି ପାରୁଛ କି ? ଚିନି ବ୍ୟତୀତ ବଞ୍ଚିବା ଅସମ୍ଭବ ହୋଇପଡିବ । ତୁମେ ଜାଣିଛ କି ଆଖୁ ବାଉଁଶ ବଂଶୀୟ ଅଟେ ଏବଂ ଏହା ବାହାରୁ ଭାରତକୁ ଆସିଥିଲା । ଏହା




ଚିତ୍ର ୧୨.୩ ଭାରତ : ଆଖୁ ଉତ୍ପାଦିତ ସ୍ଥାନ

ଏକ ଖରିଫ ଫସଲ । ଚିନି, ଗୁଡ ଏବଂ ଖଣ୍ଡସାରା ଏହାର ମୂଳ ଉତ୍ସ ଅଟେ । ଆଲକହଲ ପ୍ରଭୃତି ପାଇଁ ଏହା କଞ୍ଚାମାଲ ଅଟେ । ଏହାର ଆଖୁଛେଦାରୁ କାଗଜ ପ୍ରସ୍ତୁତ ହୁଏ । ପେଟ୍ରୋଲ ଜାତ ଦ୍ରବ୍ୟର ଏହା ହେଉଛି ବଦଳ । ଅନ୍ୟ ରାସାୟନିକ ଉତ୍ପାଦନର ଏହା ସେବକ । ଏହାର ଗୋଟିଏ ଅଂଶ ପଶୁ ଖାଦ୍ୟ ରୂପରେ ବ୍ୟବହାର କରାଯାଏ ।

ଆଖୁ ଉତ୍ପାଦନର କେତେ ଭୌଗୋଳିକ ତଥ୍ୟ ନିମ୍ନରେ ଦିଆଗଲା ।

ତାପମାତ୍ରା – ଏହା ଉଷ୍ଣ ଆଦ୍ର ଜଳବାୟୁ ସହିତ ୨୧° ରୁ ୨୭° ସେଲସିଅସ ତାପ ଦରକାର କରେ ।

ବର୍ଷା – ୭୫ ସେ.ମି. ରୁ ୧୫୦ ସେ.ମି. ବର୍ଷା ଆଖୁ ଚାଷ ପାଇଁ ଦରକାର ହୁଏ । ଯେଉଁ ଅଞ୍ଚଳରେ ଏହି ପରିମାଣର ବର୍ଷା ଠାରୁ କମ୍ ବର୍ଷା ହୁଏ, ସେଠାରେ ଜଳସେଚନ କରି ଆଖୁ ଚାଷ କରାଯାଏ ।

ମୃତ୍ତିକା – ଏହା ବିଭିନ୍ନ ପ୍ରକାର ମୃତ୍ତିକା ଥିବା ଅଞ୍ଚଳରେ ଚାଷ କରାଯାଏ । ଯେଉଁ ମୃତ୍ତିକା ଜଳୀୟ ବାଷ୍ପ ଧାରଣ କରେ ସେହି ମୃତ୍ତିକାରେ ଆଖୁ ଚାଷ ହୋଇପାରେ, କିନ୍ତୁ ଗଭୀର ଦୋରସା ମାଟି ଏହା ପାଇଁ ସର୍ବୋତ୍କୃଷ୍ଟ ଅଟେ । କିନ୍ତୁ ମୃତ୍ତିକା ଯବକ୍ଷାରଜାନ, କ୍ୟାଲସିଅମ ଏବଂ ଫସଫରସରେ ସମୃଦ୍ଧ ହୋଇଥିବା ଉଚିତ୍ । ଏହା ଅମ୍ଳ ଓ କ୍ଷାର (ଆଲକାଲାଇନ) ଯୁକ୍ତ ହୋଇ ନଥିବା ଚଟକା, ସମତଳ ଏବଂ ମାଳଭୂମି ଆଖୁଚାଷ ପାଇଁ ଉପଯୁକ୍ତ ଅଟେ, କାରଣ ଜଳସେଚନ ଏବଂ ଚିନି କଳକୁ ଆଖୁ ପରିବହନ କରିବା ପାଇଁ ଏହା ସୁବିଧା ଜନକ ଅଟେ । ଆଖୁଚାଷ ଅଧିକ ଖତସାର ଏବଂ ରାସାୟନିକ ସାର ଆବଶ୍ୟକ କରେ କାରଣ ଏହା ଜମିର ଉର୍ବରତାକୁ ବ୍ୟାପକ ଭାବରେ ଶୀଘ୍ର କମାଇ ଦିଏ ।

ଶ୍ରମିକ – ଏହା ଏକ ଶ୍ରମ ଭିତ୍ତିକ କୃଷି ଏବଂ ଏହା ଶସ୍ତା ଶ୍ରମିକ ଦରକାର କରେ । ସବୁ ସ୍ତରରେ ଯଥେଷ୍ଟ ମାନବ ହାତ ଆବଶ୍ୟକ ହୁଏ । ଚାରା ଲଗାଇବା, କୋଡିବା, ସଫା କରିବା, ଜଳସେଚନ କରିବା, କାଟିବା ଏବଂ କାରଖାନାକୁ ଆଖୁ ବୋହିବା ପାଇଁ ଅଧିକ ଶ୍ରମିକ ଦରକାର ।

ବଣ୍ଟନ – ପୃଥିବୀରେ ଭାରତର ଅଧିକ ଅଞ୍ଚଳରେ ଆଖୁଚାଷ କରାଯାଏ । ଆଖୁ ଚାଷରେ ଭାରତ ବ୍ରାଜିଲ ପରେ ପୃଥିବୀରେ ଦ୍ୱିତୀୟ ସ୍ଥାନ ଅଧିକାର କରିଅଛି । ଭାରତରେ ତିନିଗୋଟି ଭୌଗୋଳିକ ଅଞ୍ଚଳ ରହିଅଛି ଯେଉଁଠାରେ କି ଆଖୁଚାଷ କରାଯାଏ । ସେଗୁଡ଼ିକ ହେଲା –

- ସତଲେଜ – ଗଙ୍ଗା ସମତଳ ଭୂମି – ପଞ୍ଜାବ ଠାରୁ ବିହାର ପର୍ଯ୍ୟନ୍ତ । ସମୁଦାୟ କ୍ଷେତ୍ରଫଳର ୫୧ ଭାଗ ଏବଂ ଦେଶର ସମୁଦାୟ ଉତ୍ପାଦନର ୬୦ ଭାଗ ଆଖୁ ଏଠାରେ ହୋଇଥାଏ ।
- କୃଷ୍ଣ କାର୍ପାସ ମୃତ୍ତିକା ଅଞ୍ଚଳ ମହାରାଷ୍ଟ୍ରରୁ ତାମିଲନାଡୁ ପର୍ଯ୍ୟନ୍ତ ପଶ୍ଚିମ ଘାଟର ପୂର୍ବପାର୍ଶ୍ୱ ।
- ଆନ୍ଧ୍ର ଉପକୂଳ ଏବଂ କୃଷ୍ଣାନଦୀର ଉପତ୍ୟକା ।


(ଖ) କପା – କପା କେବଳ ଭାରତ ନୁହେଁ ସମୁଦାୟ ପୃଥିବୀରେ ତନ୍ତୁଜାତୀୟ ଫସଲ ରୂପେ ଗୁରୁତ୍ୱପୂର୍ଣ୍ଣ । ଏହା କେବଳ ଯେ ଲୁଗା କାରଖାନାକୁ ତୁଳା ଯୋଗାଏ ତାହା ନୁହେଁ କିନ୍ତୁ ଆହୁରି ମଧ୍ୟ ଏହାର ମଞ୍ଜି ବନସ୍ପତି ତେଲ କାରଖାନାରେ ବ୍ୟବହାର କରାଯାଏ । କପାମଞ୍ଜି ଦୁଧିଆଳୀ ଗାଈକୁ ଅଧିକ ଦୁଗ୍ଧ ଦେବା ପାଇଁ ଖାଦ୍ୟ ରୂପେ ଦିଆଯାଏ । ତୁଳା ମୂଳତଃ ଖରିଫ ଫସଲ ଅଟେ ଏବଂ କ୍ରାନ୍ତୀୟ ଏବଂ ଉପକ୍ରାନ୍ତୀୟ ଅଞ୍ଚଳରେ ଉତ୍ପାଦିତ ହୁଏ ।

କେତେକ ଭୌଗୋଳିକ ତଥ୍ୟ ତଳେ ଦିଆଗଲା

ତାପମାତ୍ରା – କପା କ୍ରାନ୍ତୀୟ ଏବଂ ଉପକ୍ରାନ୍ତୀୟ ଅଞ୍ଚଳରେ ଚାଷ କରାଯାଏ । ଏହା ସମତା ରକ୍ଷା କରୁଥିବା ଉଚ୍ଚ ତାପମାତ୍ରା ଦରକାର କରେ । ଏହା ପାଇଁ ୨୧° ରୁ ୩୦° ତାପ ଦରକାର ହୁଏ ।

ବୃଷ୍ଟି – ଯେଉଁ ଅଞ୍ଚଳ ବାର୍ଷିକ ମଧ୍ୟରେ ୨୧୦ ଦିନ ତୁଷାର ମୁକ୍ତ ରହେ ସେଠାରେ କପାଚାଷ ହୁଏ । ଏହା ୫୦ ସେ.ମି. ରୁ ୧୦୦ ସେ.ମି. ମୃଦୁ ବୃଷ୍ଟି ଦରକାର କରେ । ଯେଉଁ ଅଞ୍ଚଳରେ ୫୦ ସେ.ମି. ରୁ କମ୍ ବର୍ଷା ହୁଏ ସେଠାରେ ଜଳସେଚନ କରି କପା ଚାଷ କରାଯାଏ । ଚାଷର ଆରମ୍ଭରେ ଅଧିକ ପରିମାଣରେ ବର୍ଷା ଏବଂ ଅମଳ ବେଳେ ଶୁଷ୍କ ପାଗ ଦରକାର ହୁଏ ।

ମୃତ୍ତିକା – କପା ଚାଷ ଦାକ୍ଷିଣାତ୍ୟ ମାଳଭୂମି ଏବଂ ମାଳବ ମାଳଭୂମିର କୃଷ୍ଣ କାର୍ପାସ ମୃତ୍ତିକା ସହିତ ସଂପୃକ୍ତ ଅଟେ । ଏହା ଆହୁରି ମଧ୍ୟ ସତଲେଜ ଗଙ୍ଗା ସମତଳ ଅଞ୍ଚଳର ଉର୍ବର ମୃତ୍ତିକାରେ ଏବଂ ଉପଦ୍ୱୀପୀୟ ମାଳଭୂମିର ଲୋହିତ ଓ ଲାଟ୍ରାଇଟ ମୃତ୍ତିକା ଅଞ୍ଚଳରେ ଚାଷ କରାଯାଏ ।




ଚିତ୍ର ୧୨.୪ ଭାରତ : ତୁଳା ଉତ୍ପାଦିତ ସ୍ଥାନ

ଶ୍ରମିକ – ବର୍ତ୍ତମାନ ସୁଦ୍ଧା ତୁଳା ସଂଗ୍ରହ ମେସିନ ଦ୍ୱାରା ହୋଇପାରି ନାହିଁ । ତେଣୁ କରି ତୁଳ ସଂଗ୍ରହ କରିବାକୁ ବହୁ ସଂଖ୍ୟକ ଶସ୍ତା ଦକ୍ଷ ଶ୍ରମିକ ଦରକାର ହେଉଛନ୍ତି ।

ବଣ୍ଟନ – ଭାରତରେ ବିସ୍ତୃତ ଅଞ୍ଚଳରେ କପା ଚାଷ କରାଯାଏ । ଚୀନ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ପଛକୁ କପା ଉତ୍ପାଦନରେ ଭାରତ ତୃତୀୟ ସ୍ଥାନ ଅଧିକାର କରିଅଛି । ଭାରତର ଚାରିଗୋଟି ରାଜ୍ୟରେ କପା ଚାଷ ଅଞ୍ଚଳର ଦୁଇ ତୃତୀୟାଂଶ ଏବଂ ଉତ୍ପାଦନର ଦୁଇ ତୃତୀୟାଂଶ ରହିଅଛି । ସେ ରାଜ୍ୟଗୁଡ଼ିକ ହେଲା ପଞ୍ଜାବ, ମହାରାଷ୍ଟ୍ର, ଗୁଜୁରାଟ ଓ ହରିୟାଣା ।

(ଗ) ତୈଳବୀଜ – ବାଣିଜ୍ୟିକ କୃଷି ମଧ୍ୟରେ ତୈଳବୀଜ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବସ୍ତୁତଃ ପୃଥିବୀରେ ଭାରତରେ ବିସ୍ତୃତ ଅଞ୍ଚଳରେ ଅଧିକ ପରିମାଣରେ ଏହାର ଚାଷ କରାଯାଏ । ତୈଳବୀଜରୁ କେବଳ ଯେ ଆମ ଖାଦ୍ୟ ପାଇଁ ତୈଳ ବାହାର କରାଯାଏ ତାହା ନୁହେଁ, ସେଥିରୁ ରଙ୍ଗ, ବାରନିସ, ସାବୁନ, ଲୁବ୍ରିକାଣ୍ଟସ ତେଲ ପ୍ରସ୍ତୁତ କରାଯାଏ । ତୈଳ ବାହାର କଲା ପରେ ଯେଉଁ ବର୍ଜ୍ୟବସ୍ତୁ ରହିଯାଏ ସେଥିରୁ ଗୋ ଖାଦ୍ୟ ପ୍ରସ୍ତୁତ ହୁଏ ।

ଚିନାବାଦାମ – ଏହା ଭାରତର ଅତ୍ୟଧିକ ଦରକାରୀ ତୈଳବୀଜ ଅଟେ । ଚିନାବାଦାମ ଉଭୟ ଖରିଫ ଏବଂ ରବି ଋତୁରେ ଚାଷ କରାଯାଏ । କିନ୍ତୁ ଖରିଫ ଋତୁରେ ୯୦–୯୫ ଭାଗ ଏହାର ଚାଷ ହୁଏ ।

କେତେକ ଭୌଗୋଳିକ ଅବସ୍ଥା ତଳେ ଦିଆଗଲା ।

ତାପମାତ୍ରା – ଏହା କ୍ରାନ୍ତୀୟ ଜଳବାୟୁ ଅଞ୍ଚଳରେ ଚାଷ କରାଯାଏ । ଏହା ୨୦° ସେଲସିଅସ ରୁ ୩୦° ସେଲସିଅସ ତାପ ଆବଶ୍ୟକ କରେ ।

ବୃଷ୍ଟିପାତ – ଚିନାବାଦାମ ଚାଷ ପାଇଁ ୫୦ ସେ.ମି. ରୁ ୭୫ ସେ.ମି. ବର୍ଷା ଆବଶ୍ୟକ ହୋଇଥାଏ । ତୁଷାରପାତ ଦୀର୍ଘସ୍ଥାୟୀ ମରୁଡି, ଲଗାତାର ବର୍ଷା ଏବଂ ପାଣି ଜମି ରହିବା ଚିନାବାଦାମ ଚାଷର ଶତ୍ରୁ ଅଟେ । ଏହାର ଅମଳ ବେଳେ ଶୁଷ୍କ ଶୀତଳ ପାଗ ଦରକାର ।

ମୃତ୍ତିକା – ଜଳ ନିଷ୍କାସିତ ହାଲୁକା ବାଲିଆ ଦୋରସା ମାଟି, ଲୋହିତ, ପୀତ ଏବଂ କୃଷ୍ଣ ମୃତ୍ତିକାରେ ଏହାର ଚାଷ ଭଲ ହୁଏ ।

ବଣ୍ଟନ – ଏହା ଭାରତର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ତୈଳବୀଜ ଅଟେ । ଏହା ଭାରତରେ ଉତ୍ପାଦିତ ହେଉଥିବା ସମସ୍ତ ତୈଳବୀଜର ଅଧା ଅଟେ । ଚିନାବାଦାମ ଉତ୍ପାଦନରେ ପୃଥିବୀରେ ଭାରତ ପ୍ରଥମ ଅଟେ । ପୃଥିବୀ ଉତ୍ପାଦନର ଏକ ତୃତୀୟାଂଶ ଭାରତରେ ହୋଇଥାଏ । ଭାରତରେ ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ଏବଂ ଗୁଜୁରାଟରେ ସର୍ବାଧିକ ଚିନାବାଦାମ ଚାଷ କରାଯାଏ । ଏଠାରେ ଭାରତର ଉତ୍ପାଦନର ୭୦ ପ୍ରତିଶତ ଉତ୍ପାଦିତ ହୋଇଥାଏ । ଅନ୍ୟ ୩୦ ଶତାଂଶ ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ଓଡ଼ିଶାରେ ହୋଇଥାଏ ।


## ୩. ରୋପଣ କୃଷି

(କ) ଚାହା – ଭାରତ ଏହାର ଚାହା ବଗିଚା ପାଇଁ ପ୍ରସିଦ୍ଧ ଅଟେ । ତୁମେ ଆସାମ ଏବଂ ପଶ୍ଚିମବଙ୍ଗର ଦାର୍ଜିଲିଂର ଚାହା ବଗିଚା କଥା ଶୁଣିଥିବ । ଏହା କଥିତ ଅଛି ଯେ ୧୯୩୨ ମସିହାରେ ବ୍ରିଟିଶରମାନଙ୍କ ଦ୍ୱାରା ଚାହା ଚାଷ ଆରମ୍ଭ ହୋଇଥିଲା । ସେମାନେ ଯେତେବେଳେ ବଣୁଆ ଚାହା ଗଛ ଆସାମର ପାହାଡିଆ ଅଞ୍ଚଳ ଏବଂ ଜଙ୍ଗଲ ଅଞ୍ଚଳରେ ଦେଖିଲେ ସେତେବେଳେ ତାହା ଚାଷ ଆରମ୍ଭ କରିଥିଲେ । ଚାହା ଗଛର କଅଁଳ ପତ୍ରକୁ ଶୁଖାଇ ସେଥିରୁ ଚାହା ପ୍ରସ୍ତୁତ କରଯାଏ । ବର୍ତ୍ତମାନ ପୃଥିବୀରେ ଭାରତ ଚାହା ଉତ୍ପାଦନରେ ଅଗ୍ରଣୀ ଦେଶ ଅଟେ । ତାହା ଉତ୍ପାଦନରେ ଚୀନ ଏବଂ ଶ୍ରୀଲଙ୍କା ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

କେତେକ ଭୌଗୋଳିକ ଅବସ୍ଥା ତଳେ ଦିଆଗଲା ।

ତାପମାତ୍ରା – ଏହା ଉଷ୍ଣ ଆଦ୍ର ଜଳବାୟୁ ଦରକାର କରେ । ଚାହା ଚାଷ ପାଇଁ ୨୦° ସେଲସିଅସ ରୁ ୩୦° ସେଲସିଅସ ତାପମାତ୍ରା ଆବଶ୍ୟକ ହୋଇଥାଏ । ଯଦି ତାପମାତ୍ରା ୩୫° ସେଲସିଅସକୁ ବୃଦ୍ଧି ପାଏ ଏବଂ ୧୦° ସେଲସିଅସକୁ କମି ଆସେ ଏହା ଚାହା ବୁଦା ଏବଂ ପତ୍ର ପାଇଁ କ୍ଷତିକାରକ ହୋଇଥାଏ ।

ବୃଷ୍ଟିପାତ – ପୂର୍ବରୁ ବର୍ଣ୍ଣିତ ହୋଇଛି ଯେ ଚାହା ବାର୍ଷିକ ୧୫୦–୩୦୦ ସେ.ମି. ବର୍ଷା ଦରକାର କରେ । ଏହି ବର୍ଷା ବର୍ଷକ ମଧ୍ୟରେ ବାଣ୍ଟି ହୋଇ ହେବା ଦରକାର । ବହୁତ ଦିନ ବର୍ଷା ଛାଡିଯିବା ଚାହା ଚାଷ ପାଇଁ କ୍ଷତିକାରକ ଅଟେ ।




ଚିତ୍ର – ୧୨.୫ ଭାରତ : ଚା ଉତ୍ପାଦିତ ସ୍ଥାନ

ମୃତ୍ତିକା – ଚାହା ଗଛ ଉଚ୍ଚ ଗଡାଣିଆ ଦୋରସା ମାଟିଥିବା ଅଞ୍ଚଳରେ ଭଲ ବଢ଼େ । ଲୌହ ମିଶା ଖଡୁଆ ଜଙ୍ଗଲି ମାଟି ଚାହା ଗଛ ପାଇଁ ସର୍ବୋତ୍କୃଷ୍ଟ ଅଟେ । ଚାହା ହେଉଛି ଛାଇକୁ ଭଲ ପାଉଥିବା ବୁଦା ଗଛ ଛାଇରେ ଏହା ଭଲ ବଢ଼େ ।

ଶ୍ରମିକ – ଚାହା ଚାଷ ପାଇଁ ଶସ୍ତା ଏବଂ ଦକ୍ଷ ଶ୍ରମିକ ଦରକାର ।

ବଣ୍ଟନ – ଭାରତରେ ଉତ୍ପାଦିତ ହେଉଥିବା ଚାହାର ୫୦ ଭାଗ ଆସାମରେ ଉତ୍ପାଦିତ ହୁଏ । ଆସାମର ଚାହା ଚାଷ ଅଞ୍ଚଳ ପାହାଡକୁ ଢାଲୁ ଅଞ୍ଚଳ ଏବଂ ବ୍ରହ୍ମପୁତ୍ର ଏବଂ ସୁରମା ନଦୀର ଉପତ୍ୟକା ଅଟେ । ଚାହା ଉତ୍ପାଦନରେ ପଶ୍ଚିମବଙ୍ଗ ହେଉଛି ଦ୍ୱିତୀୟ ରାଜ୍ୟ । ଏହାର ଦାର୍ଜିଲିଂ, ସିଲଗୁଡି, ଜଲପାଇଗୁଡି ଏବଂ କୁଚବିହାର ଜିଲ୍ଲାରେ ଅଧିକ ଚାହା ଚାଷ କରାଯାଏ । ତାମିଲନାଡୁ ତୃତୀୟ ଚାହା ଉତ୍ପାଦନକାରୀ ରାଜ୍ୟ ଅଟେ । ଏହାର ନୀଳଗିରି ପାହାଡିଆ ଅଞ୍ଚଳରେ ଚାହା ଚାଷ କରାଯାଏ ।

(ଖ) କଫି – କେଉଁଠାରୁ ଭାରତକୁ ପ୍ରଥମେ କଫି ଆସିଥିଲା ତୁମେ ଜାଣିଛ କି ? ଏହା ଇଥୋପିଆର (ଆବିସିନିଆ ମାଳଭୂମି) ସ୍ୱଦେଶୀ ଫସଲ । ଏକାଦଶ ଶତାବ୍ଦୀରେ ଏହା ଇଥୋପିଆରୁ ଆରବକୁ ଆସିଥିଲା । ଆରବରୁ ଏହାର ମଞ୍ଜି ବାବା ଭୂଦାନଙ୍କ ଦ୍ୱାରା ସପ୍ତଦଶ ଶତାବ୍ଦୀରେ କର୍ଣ୍ଣାଟକର ବାବା–ଭୂଦାନ ପାହାଡକୁ ଅଣାଯାଇଥିଲା । ବ୍ରିଟିଶ ଚାରାରୋପଣକାରୀମାନେ ଆଗ୍ରହ ପ୍ରକାଶ କରି ପଶ୍ଚିମଘାଟର ବିସ୍ତୀର୍ଣ୍ଣ ଅଞ୍ଚଳରେ କଫି ଚାଷ କରାଇଥିଲେ ।

କଫିଚାଷ ପାଇଁ କେତେକ ଭୌଗୋଳିକ ଅବସ୍ଥା ତଳେ ଦିଆଗଲା ।

ତାପମାତ୍ରା – ଏହା ଉଷ୍ଣ ଆର୍ଦ୍ର ଜଳବାୟୁ ଦରକାର କରେ । ଏହା ୧୫° ରୁ ୨୮° ସେଲସିଅସ ତାପ ଦରକାର କରେ । ଏହା ସାଧାରଣତଃ ଗଛର ଛାଇରେ ଭଲ ହୁଏ । ତେଣୁ ପ୍ରଚଣ୍ଡ ସୂର୍ଯ୍ୟ କିରଣ, ଉଚ୍ଚତାପମାତ୍ରା ୩୦° ସେଲସିଅସରୁ ଅଧିକ ତାପ, ତୁଷାରପାତ, ବରଫପାତ କଫି ଚାଷ ପାଇଁ କ୍ଷତିକାରକ ଅଟେ । କଫି ଫଳ ପାଚିଲା ବେଳେ ଶୁଖିଲା ପାଗ ଦରକାର ହୁଏ ।

ବର୍ଷା – କଫି ଚାଷ ପାଇଁ ୧୫୦–୨୦୦ ସେ.ମି. ବର୍ଷା ଦରକାର ହୁଏ ।

ମୃତ୍ତିକା – ଜଳ ନିଷ୍କାସିତ ତନ୍ତୁଯୁକ୍ତ ଦୋରସା ମାଟି ଯେଉଁଥିରେ କି ଅଧିକ ଉଦ୍ଭିଦସାର, ଲୌହ କ୍ୟାଲସିଅମର ଖଣିଜଅଂଶ ଥାଏ କଫି ଚାଷ ପାଇଁ ଭଲ ଅଟେ । ମାଟିକୁ ସାରଯୁକ୍ତ କରାଯିବା ଉଚିତ । ଏହିପରି ମୃତ୍ତିକାରେ ଉତ୍ପାଦନ ବଢ଼େ ।

ଶ୍ରମିକ – ମଞ୍ଜିବୁଣିବା, ପରିବହନ, ଗଛରୁ ଡାଳ କାଟିବା, କଫିଫଳ ତୋଳିବା, ଶୁଖେଇବା, ଗୁଣ୍ଡ କରିବା ଏବଂ ପ୍ୟାକିଙ୍ଗ କରିବା ପାଇଁ ଚାହାପରି ଶସ୍ତା ଏବଂ ଦକ୍ଷ ଶ୍ରମିକ ଆବଶ୍ୟକ ।

ବଣ୍ଟନ – ଭାରତର କର୍ଣ୍ଣାଟକ, କେରଳ ଏବଂ ତାମିଲନାଡୁ ରାଜ୍ୟରେ ଅଧିକ କଫି ଚାଷ କରାଯାଏ ।

## ପାଠଗତ ପ୍ରଶ୍ନାବଳୀ ୧୨.୨

୧. କପା ଉତ୍ପାଦନ ପାଇଁ ତିନିଗୋଟି ଭୌଗୋଳିକ ଅବସ୍ଥା ବିଷୟରେ ଲେଖ ।

୨. ଯଦି କପା ଚାଷ କେତେ ବର୍ଷ ପାଇଁ ଫେଲ ମାରେ ଭାରତର ବିଲିୟନ ଲୋକଙ୍କୁ କିପରି ଲୁଗା ଯୋଗାଯିବ ?

୩. ବାଣିଜ୍ୟିକ କୃଷିକୁ କାହିଁକି ଅର୍ଥକାରୀ ଫସଲ କହନ୍ତି ?

## ୧୨.୪ ଭାରତୀୟ କୃଷି ସମ୍ମୁଖୀନ ହେଉଥିବା ମୁଖ୍ୟ ଆହ୍ୱାନ

ଆମେ ଯଦି ସମ୍ମୁଖୀନ ହେଉଥିବା ଡାକରା ଆଡକୁ ଦୃଷ୍ଟି ପକାଇବା ତାହା ହେଲେ ଏହାକୁ ଦୁଇଗୋଟି ଶ୍ରେଣୀରେ ବିଭକ୍ତ କରିବା । ଗୋଟିଏ ହେଲା ନୂଆ କୃଷି ପ୍ରଣାଳୀରେ ତୃଟି, ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ସମସ୍ୟା, ଆସ ମୁଖ୍ୟ ଆହ୍ୱାନଗୁଡ଼ିକ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ।

୧. ଅଧିକାଂଶ ଫସଲ ଉତ୍ପାଦନର ସ୍ଥାଣୁତ୍ୱ – ଧାନ ଗହମ ପରି କେତେକ ପ୍ରଧାନ ଖାଦ୍ୟ ଶସ୍ୟର ଉତ୍ପାଦନରେ କିଛି ସମୟପାଇଁ ସ୍ଥାଣୁତ୍ୱ ଆସିଯାଏ । ଏହି ଅବସ୍ଥା କୃଷି ବୈଜ୍ଞାନିକ, ଯୋଜନାକାରୀ ଏବଂ ଆଇନ

ପ୍ରଣେତାକୁ ବ୍ୟତିବ୍ୟସ୍ତ କରିଦିଏ । ଯଦି ଏହି ଅବସ୍ଥା ଲାଗି ରହେ ତାହା ହେଲେ ଏହା ଆବଶ୍ୟକତା ଏବଂ ଉତ୍ପାଦନ ମଧ୍ୟରେ ବିରାଟ ବ୍ୟବଧାନ ସୃଷ୍ଟି କରିବ । ଭାରତ ସବୁଜ ବିପ୍ଳବର ପଛକୁ ଫେରିଯାଉ କେହି ହେଲେ ଏହା ଚାହାନ୍ତି ନାହିଁ । ସବୁଜ ବିପ୍ଳବର ପୂର୍ବ ଅବସ୍ଥାକୁ ଜାଣିବାକୁ ଚେଷ୍ଟା କର ।

**High Cost of Farm Inputs :**

**୨. କୃଷି କ୍ଷେତ୍ରରେ ବ୍ୟବହୃତ ଦ୍ରବ୍ୟର ଉଚ୍ଚମୂଲ୍ୟ –** ବର୍ଷବର୍ଷ ଧରି କୃଷି କ୍ଷେତ୍ରରେ ବ୍ୟବହୃତ ଦ୍ରବ୍ୟର ମୂଲ୍ୟ ବଢ଼ିବାରେ ଲାଗିଅଛି । କୃତ୍ରିମ ସାର, କୀଟନାଶକ ଦ୍ରବ୍ୟ, HYV ବିହନ, କୃଷି ଶ୍ରମିକଙ୍କ ମଜୁରୀ ପ୍ରଭୃତିକୁ Farm Input କୁହାଯାଏ । ଏହିସବୁ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କ୍ଷୁଦ୍ର ଏବଂ ନାମମାତ୍ର ଚାଷିକୁ ଅସୁବିଧାରେ ପକାଇଥାଏ ।

**୩. ମୃତ୍ତିକାର ଶକ୍ତିହୀନତା –** ଗୋଟିଏ ଦିଗରେ ଦେଖିବାକୁ ଗଲେ ସବୁଜ ବିପ୍ଳବ ଭାରତରୁ ଦୂର ହଟିବା ଭୂମିକା ବହନ କରିଛି । ଅନ୍ୟ ଦିଗରେ ଏହାର ବିପରୀତ ଫଳ ମଧ୍ୟ ଅନୁଭୂତ ହେଉଅଛି । ଏହା ମୃତ୍ତିକାକୁ ଶକ୍ତି ହୀନ କରିଦେଉଅଛି । ମୃତ୍ତିକାର ଶକ୍ତିହୀନତାର ଅର୍ଥ ହେଉଛି ମୃତ୍ତିକାରୁ ସାର କମି ଯାଉଛି । ଗୋଟିଏ ଫସଲକୁ ଗୋଟିଏ ଜମିରେ ବାରମ୍ବାର କରିବାରୁ ଏହା ହେଉଅଛି ଏହା ସାଧାରଣତଃ ଅଞ୍ଚଳରେ Rain Forest ହେଉଅଛି ।

**୪. ଭୂମିତଳ ମଧୁର ଜଳର ଶୂନ୍ୟର କାରଣ –** ସବୁଜ ବିପ୍ଳବର ଦ୍ୱିତୀୟ ପ୍ରଧାନ ବିରୁଦ୍ଧାତ୍ମକ ଫଳ ହେଉଛି ମଧୁର ଭୂମିତଳ ଜଳର ଶୂନ୍ୟତା । ତୁମେମାନେ ଦୃଷ୍ଟି ପକାଅ ଯେଉଁ ଅଞ୍ଚଳରେ ସବୁଜ ବିପ୍ଳବ ସଫଳ ହୋଇଛି କେବଳ ରାସାୟନିକ ସାର ପ୍ରୟୋଗ ଏବଂ ଜଳସେଚନ ଦ୍ୱାରା, ପଞ୍ଜାବ, ହରିୟାଣା ଏବଂ ପଶ୍ଚିମ ଉତ୍ତର ପ୍ରଦେଶର ଅଧିକାଂଶ ଶୁଷ୍କ ଅଞ୍ଚଳରେ ଭୂମିତଳ ଜଳକୁ ଅତ୍ୟଧିକ ବ୍ୟବହାର କରି ଜଳସେଚନ କାର୍ଯ୍ୟ କରାଯାଉଅଛି । ଏହି ରାଜ୍ୟମାନଙ୍କରେ ମଧୁର ଭୂମିତଳ ଜଳ ବର୍ତ୍ତମାନ ସଙ୍କଟାପୂର୍ଣ୍ଣ ଅବସ୍ଥାରେ ରହିଅଛି । ଯଦି ଭୂମି ତଳ ଜଳର ବ୍ୟବହାର ଏହି ରୂପରେ ହୁଏ ଆସନ୍ତା କେତେ ବର୍ଷ ମଧ୍ୟରେ ଏହି ରାଜ୍ୟମାନଙ୍କରେ ଜଳ ଦୁର୍ଭିକ୍ଷ ଦେଖାଦେବ ।

**୫. ପୃଥିବୀର ଜଳବାୟୁ ପରିବର୍ତ୍ତନ ବିପରୀତ ପ୍ରଭାବ –** ବିଭିନ୍ନ ଆହ୍ୱାନ ମଧ୍ୟରେ ପୃଥିବୀର ଜଳବାୟୁ ପରିବର୍ତ୍ତନ ସର୍ବାଧୁନିକ ଅଟେ । ଏହା ଅନୁଧ୍ୟାନ କରାଯାଇଛି ଯେ କୃଷି ଉପରେ ଏହାର ବହୁତ ପ୍ରଭାବ ପଡୁଛି । ଭାରତ ଜନ ସଂଖ୍ୟାର ୭୦ ଭାଗ ଲୋକ ବିଭିନ୍ନ କୃଷି ସମ୍ବନ୍ଧୀୟ କାର୍ଯ୍ୟରେ ନିଯୁକ୍ତ ଅଟନ୍ତି ତେଣୁ ଫଳ କ'ଣ ହେବ ତୁମେ ଅନୁମାନ କରିପାରିବ । ପୂର୍ବାନୁମାନ କରାଯାଇଅଛି ଯେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସମୁଦ୍ରର ତାପମାତ୍ରା ୨° ରୁ ୩° ସେଲସିଅସ ବଢ଼ିଯିବ । ପ୍ରଚଣ୍ଡ ଝଡ ବହିବ, ଅପରିମିତ ବୃଷ୍ଟିପାତ ହେବ । ଏହିସବୁ ପରିବର୍ତ୍ତନ ଧାନ ଏବଂ ଗହମ ଉତ୍ପାଦନ କ୍ଷେତ୍ରରେ ବିପରୀତ ପ୍ରଭାବ ପକାଇବ । ବିଶେଷ କରି ଶୀତଦିନେ ତାପବୃଦ୍ଧି ଉତ୍ତର ଭାରତରେ ଗହମ ଉତ୍ପାଦନକୁ ପ୍ରଭାବିତ କରିବ । ଭାରତର ଉପକୂଳ ଅଞ୍ଚଳର ଧାନଚାଷରେ ଏହା ବାଧା ସୃଷ୍ଟି କରିବ । କାରଣ ଲୁଣି ଜଳର ପ୍ରବେଶ ଏବଂ ବାରମ୍ବାର ବାତ୍ୟାର ଆଗମନ ଧାନ ଚାଷରେ ବ୍ୟାଘାତ ସୃଷ୍ଟି କରିବ ।

**୬. ଜଗତିକରଣର ପ୍ରଭାବ –** ଭାରତର କୃଷିକ୍ଷେତ୍ରରେ ଜଗତିକରଣର ପ୍ରଭାବ ତୁମେ ଦେଖିପାରିବ । ଏହା ଦ୍ୱାରା ପ୍ରତ୍ୟେକ ବିକାଶ ଉନ୍ମୁଖୀ ଦେଶ କ୍ଷତିଗ୍ରସ୍ତ ହେବେ । ସବୁଠାରୁ ବଡ଼ ପ୍ରଭାବ ହେଲା କୃଷକର ରୋଜଗାରକୁ ଏହା ସଂକୁଚିତ କରିଦେବ । ଭାରତର କୃଷିକୁ ଏହା ଆତଙ୍କିତ କରିଦେବ । ଏହାଯୋଗୁଁ ବ୍ୟବହୃତ ଜିନିଷର ଦାମ ବଢ଼ିଯିବ ଏବଂ ଉତ୍ପାଦିତ ହେଉଥିବା ଜିନିଷର ଦାମ କମିଯିବ । ଏହା ସାହାଯ୍ୟରେ ପରିମାଣକୁ କମାଇ ଦେବ ଏବଂ କୃଷକଙ୍କ ସୁରକ୍ଷାରେ ପ୍ରଭାବ ପକାଇବ । ବାଣିଜ୍ୟିକ ଉଦାରିକରଣ କୃଷକମାନଙ୍କୁ ପଦାରେ ପକାଇବ । ସେମାନେ ପ୍ରତିଯୋଗିତାର ସମ୍ମୁଖିନ ହେବେ ।

**ଜଗତିକରଣ** – ଜଗତିକରଣ ଜଗତର ସଭ୍ୟତା, ମନୁଷ୍ୟ ଏବଂ ତାର ରୋଜଗାର ସମ୍ପର୍କ ବୃଦ୍ଧି କରେ ।

**ସବ୍‌ସିଡି (ଛାଡ)** – ବ୍ୟବସାୟୀ ଏବଂ ଲୋକଙ୍କୁ ସରକାରଙ୍କର ଆର୍ଥିକ ସାହାଯ୍ୟ ।

**Liberalization** – ଦେଶର ଯେ କୌଣସି ସ୍ଥାନରେ ଯେ କୌଣସି ସମୟରେ ଆର୍ଥିକ କାର୍ଯ୍ୟକଳାପକୁ ଘରୋଇ ନିର୍ବିଶେଷରେ ସ୍ଥାପନା କରିବାର ସ୍ୱାଧୀନତା ।

**୭. ଖାଦ୍ୟ ସୁରକ୍ଷା ଓ ଯୋଗାଣ** – ସବୁଜ ବିପ୍ଳବ ପୂର୍ବରୁ ଆମେ ଖାଦ୍ୟ ଶାସ୍ୟ ଉତ୍ପାଦନର ଆତ୍ମନିର୍ଭରଶୀଳ ନଥିଲୁ । ୧୯୪୭ ମସିହାରେ ଭାରତ ବିଭାଜିତ ବେଳେ କେନାଲ ଦ୍ୱାରା ଜଳସେଚନ ଅଞ୍ଚଳ, ତୁଳା ଉତ୍ପାଦନ ଅଞ୍ଚଳ ଏବଂ ଗହମ ଉତ୍ପାଦନ ଅଞ୍ଚଳ ପଶ୍ଚିମ ପାକିସ୍ଥାନକୁ ଚାଲିଯାଇଥିଲା । ସେହିପରି ଝୋଟ ଏବଂ ଧାନ ଉତ୍ପାଦନ ଅଞ୍ଚଳ ପୂର୍ବ ପାକିସ୍ଥାନ ଅଞ୍ଚଳରେ ରହିଥିଲା । ଯେଉଁଟାକି ଆଜିକାଲି ବଙ୍ଗଳାଦେଶ ବୋଲାଉଅଛି । ସବୁଜ ବିପ୍ଳବ ହେବା ଫଳରେ ଭାରତର ଖଦ୍ୟଶସ୍ୟ ଉତ୍ପାଦନ ଆଶାତୀତ ଭାବରେ ବଢ଼ିଲା ଏବଂ ଆମେ ଖାଦ୍ୟ ଶସ୍ୟରେ ଆତ୍ମନିର୍ଭରଶୀଳ ହେଲୁ । ଯାହାହେଉ, ବିଗତ ଏକ ଦଶନ୍ଧି ମଧ୍ୟରେ ଖାଦ୍ୟ ଉତ୍ପାଦନ ସ୍ଥାଣୁ ଅବସ୍ଥାରେ ରହିଅଛି । ଅନ୍ୟ ଦିଗରେ ଦେଖିବାକୁ ଗଲେ ଏହି ସମୟରେ ଆମର ଜନସଂଖ୍ୟା ୧୬ ରୁ ୧୮ ଲକ୍ଷ ବଢ଼ିଅଛି । ଯଦିଓ ଭାରତ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଯାଇଛି ଏହାର ଏ ପର୍ଯ୍ୟନ୍ତ ଖାଦ୍ୟ ସୁରକ୍ଷା ନିଶ୍ଚିତ ରୂପରେ ହୋଇପାରିନାହିଁ ଯାହାକି ଖାଦ୍ୟ ଓ ପୁଷ୍ଟିକାରକ ଖାଦ୍ୟର ସୁଲଭତା ଉପରେ ନିର୍ଭର କରେ । ଭାରତ ବର୍ତ୍ତମାନ ସବୁଠାରୁ ବଡ଼ ଡାକରାର ସମ୍ମୁଖୀନ ହେଉଅଛି, ତାହା ହେଉଛି ଏହାର ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇବା ।

**୮. କୃଷକର ଆତ୍ମହତ୍ୟା** – ପ୍ରତ୍ୟେକ ଆତ୍ମହତ୍ୟାର ଏକାଧିକ କାରଣ ରହିଅଛି । ଯେତେବେଳେ ଆତ୍ମହତ୍ୟାକାରୀଙ୍କ ସଂଖ୍ୟା ୨୦୦,୦୦୦ ହେଲା ମୃତ୍ୟୁର ସାଧାରଣ କାରଣକୁ ଖୋଜିବାହାର କରିବାର ଆବଶ୍ୟକତା ପଡ଼ିଲା । ଏହି ମୃତ୍ୟୁ କୃଷିକୁ ବାଣିଜ୍ୟିକରଣ କରିବା ଏବଂ କୃଷକକୁ ଋଣ ଗ୍ରସ୍ତ କରିବା ଉପରେ କେନ୍ଦ୍ରୀଭୂତ । ଖାଦ୍ୟ ଶସ୍ୟ ଉତ୍ପାଦନ କରୁଥିବା କୃଷକ ଅର୍ଥକାରୀ ଫସଲ କରୁଥିବା କୃଷକ ଅଧିକ ଆତ୍ମହତ୍ୟା କରିଥାନ୍ତି । ଏ ପର୍ଯ୍ୟନ୍ତ ଆତ୍ମହତ୍ୟାର ମୂଳକାରଣ ଲୁକାୟିତ ରହିଅଛି । ଗ୍ରାମାଞ୍ଚଳରେ କୃଷିକୁ ବାଣିଜ୍ୟ କରଣ କରିବା ପାଇଁ ଟଙ୍କା ଖଟାଇବା ସବୁଠାରୁ ବଡ଼ ପତନ ଅଟେ । କୃଷି ଉପକରଣର ମୂଲ୍ୟ ବୃଦ୍ଧି ଯୋଗୁଁ ବ୍ୟାଙ୍କରୁ ଋଣ ଆଣିବା ଏବଂ କୃଷିଜାତ ଦ୍ରବ୍ୟର ଉତ୍ପାଦନର ମୂଲ୍ୟ କମିଯିବା ଯୋଗିକ ସମସ୍ୟା ସୃଷ୍ଟି କରୁଅଛି । ନିଜ ଦାୟୀତ୍ୱରେ ଖାଦ୍ୟ ଶସ୍ୟ ଉତ୍ପାଦନକୁ ଅର୍ଥକାରୀ ଫସଲ ଉତ୍ପାଦନରେ ବଦଳିବା ମଧ୍ୟ କୃଷକ ପାଇଁ ଆଉ ଗୋଟିଏ ସମସ୍ୟା । ଅନେକ ସମ୍ପଦକୁ ଘରୋଇକରଣ କରିବା ଆଉ ଗୋଟିଏ ସମସ୍ୟା ଅଟେ । କୃଷକମାନେ ଉପରୋକ୍ତ ସମସ୍ୟାର ଶିକାର ହୋଇଥାନ୍ତି ।

ଏହି ଧ୍ୱଂସଲୀଳା ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଏବଂ ଛତିଶଗଡ଼ ପାଞ୍ଚଗୋଟି ପ୍ରଦେଶରେ ଲାଗି ରହିଅଛି । ୨୦୦୩-୨୦୦୮ ମଧ୍ୟରେ ଏହି ରାଜ୍ୟମାନଙ୍କରେ ସମୁଦାୟ ଆତ୍ମହତ୍ୟାର ଦୁଇ ତୃତୀୟାଂଶ କୃଷକଙ୍କର ହୋଇଅଛି । ମୁଖ୍ୟ କାରଣମାନ ମଧ୍ୟରୁ କୃଷି ଋଣ, ଉତ୍ପାଦନ କମିଯିବା ଏବଂ ଆର୍ଥିକ ଅବସ୍ଥାର ନିମ୍ନକୁ ଗମନ କେତେକାଂଶରେ ଦାୟୀ ଅଟେ । ସାମାଜିକ ସ୍ଥିତିରେ ଅବନତି, ସ୍ଥାନୀୟ ମହାଜନଙ୍କର ଅତ୍ୟଧିକ ସୁଧ ଆଦାୟ, ପରିବାରରେ ପୁରାତନ ଅସୁସ୍ଥତା ଲାଗି ରହିବା, ମନ୍ଦ ଅଭ୍ୟାସର ବଶବର୍ତ୍ତି ପ୍ରଭୃତି କାରଣ କୃଷକର ଜୀବନକୁ କଷ୍ଟଦାୟକ କରିଦିଏ ।

## ତୁମ ପାଇଁ କାର୍ଯ୍ୟ ୧୨.୩

ତୁମେ ଯଦି ଦେଶର ରାଜନୀତିରେ ନେତୃତ୍ୱ ନେଉଅଛ, ଉପର ବର୍ଣ୍ଣିତ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ କ'ଣ ଦୁଇଗୋଟି ପଦକ୍ଷେପ ତୁମେ ନେବ ଓ କିପରି ନେବ ଲେଖ ।

...........................................................................

...........................................................................

...........................................................................

...........................................................................

...........................................................................

## ପାଠଗତ ପ୍ରଶ୍ନାବଳୀ ୧୨.୩

୧. ଜଳବାୟୁ ପରିବର୍ତ୍ତନ ଭାରତୀୟ କୃଷିକୁ କିପରି ପ୍ରଭାବିତ କରେ ? ଦୁଇଗୋଟି ସ୍ଥିତିକୁ ବ୍ୟାଖ୍ୟା କର ।

...........................................................................

...........................................................................

...........................................................................

...........................................................................

## ତୁମେ କ'ଣ ଶିଖିଲ ?

- ଭାରତରେ ବିଭିନ୍ନ ପ୍ରକାରର ଚାଷର ଅଭ୍ୟାସ ରହିଅଛି । ପ୍ରୟୋଜନ ଭିତ୍ତିକ କୃଷି, ବାଣିଜ୍ୟିକ କୃଷି, ସଘନ କୃଷି, ବ୍ୟାପକ କୃଷି, ରୋପଣ କୃଷି ଏବଂ ମିଶ୍ରିତ କୃଷି ସେ ଅଭ୍ୟାସ ଭିତରୁ ଅନ୍ୟତମ ।
- ଭାରତ କୃଷିର ମୁଖ୍ୟ ଲକ୍ଷଣ ହେଲା ପ୍ରୟୋଜନ ଭିତ୍ତିକ କୃଷି, ଯାହାକି ସମ୍ପୂର୍ଣ୍ଣ ମୌସୁମୀ ବାୟୁ ଏବଂ ପ୍ରାଣୀମାନଙ୍କ ଉପରେ ନିର୍ଭର କରେ । ବିଭିନ୍ନ ଶସ୍ୟ ଉତ୍ପାଦନ ବିଶେଷ କରି ବିଭିନ୍ନ ପ୍ରକାର ଖାଦ୍ୟ ଶସ୍ୟ ଉତ୍ପାଦନ ଉପରେ ଏହା ପର୍ଯ୍ୟବସିତ ।
- ଭାରତୀୟ ଶସ୍ୟକୁ ଚାରିଗୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ ତାହା ହେଲା ଖାଦ୍ୟ ଶସ୍ୟ, ଅର୍ଥକାରୀ ଫସଲ, ରୋପଣ କୃଷି ଏବଂ ଫଳ ଚାଷ ।
- ଭାରତୀୟ କୃଷି ଯେଉଁ ମୁଖ୍ୟ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଅଛି ସେମାନଙ୍କ ମଧ୍ୟରୁ କେତେକ ହେଲା, ଉତ୍ପାଦନରେ ସ୍ଥାଣୁତ୍ୱ, କୃଷି ଯନ୍ତ୍ରପାତିର ଉଚ୍ଚଦର, ମୃତ୍ତିକାର ଉର୍ବରତା ହ୍ରାସ, ଭୂଗର୍ଭସ୍ଥ ମଧୁର ଜଳ ସ୍ତରର

ନିମ୍ନକୁ ଗମନ, ଜଳବାୟୁରେ ପରିବର୍ତ୍ତନ, ଜଗତିକରଣ, ଆର୍ଥିକ ଉଦାରୀକରଣ, ଖାଦ୍ୟ ସୁରକ୍ଷା ଏବଂ କୃଷକର ଆତ୍ମହତ୍ୟା ।

## ଅନ୍ତିମ ଅନୁଶୀଳନୀ

୧. ଭାରତୀୟ କୃଷିର ଚାରିଗୋଟି ଲକ୍ଷଣ ବର୍ଣ୍ଣନା କର ।

୨. ଧାନ ଏବଂ ଗହମ ଉତ୍ପାଦନର ତୁଳନାତ୍ମକ ଭୌଗୋଳିକ କାରଣ ଲେଖ ।

୩. ଚାହା ଏବଂ କଫି ପାଇଁ ସମାନ ଚାରିଗୋଟି ଭୌଗୋଳିକ ଅବସ୍ଥାକୁ ଲେଖ ।

୪. ଭାରତୀୟ କୃଷି ପାଇଁ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଅଛି ତାହା ମଧ୍ୟରୁ ଚାରିଗୋଟିକୁ ବ୍ୟାଖ୍ୟା କର ।

୫. ଖାଦ୍ୟ ସୁରକ୍ଷାର ଧାରଣାକୁ ବ୍ୟାଖ୍ୟା କର । ଏହା କିପରି ଖାଦ୍ୟ ପଦାର୍ଥଠାରୁ ଆତ୍ମନିର୍ଭରଶୀଳ ଲେଖ ।

୬. ଭାରତ ମାନଚିତ୍ରରେ ନିମ୍ନଲିଖିତ ଉତ୍ପାଦନ ଅଞ୍ଚଳକୁ ଚିହ୍ନଟ କର ।

(କ) ଦୁଇଗୋଟି ଶ୍ରମଭିତ୍ତିକ ଶସ୍ୟ ଉତ୍ପାଦିତ ଅଞ୍ଚଳ

(ଖ) ଦୁଇଗୋଟି ଶସ୍ୟ ଯାହାକି ବିଭିନ୍ନ ପାହାଡ କାଟି କରାଯାଏ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୧୨.୧** ୧. ଦୁଇ ପ୍ରକାର କୃଷିର ମୂଳ ପାର୍ଥକ୍ୟ ହେଲା ହେକ୍ଟର ପିଛା ଉତ୍ପାଦନରେ ତାରତମ୍ୟ । ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ପୂର୍ବରୁ ଥିବା ସୋଭିଏତ ଋଷରେ ଅଧିକ ସଘନ କୃଷି କରାଯାଏ । ଜାପାନ ବ୍ୟାପକ କୃଷିରେ ଅଗ୍ରଣୀ ଦେଶ ।

୨. ଛାତ୍ରର ଅନୁଭୂତି ଅନୁସାରେ ।

**୧୨.୨** ୧. (କ) ସମାନ ଭାବରେ ଉଚ୍ଚତାପମାତ୍ରା ୨୧° ରୁ ୩୦° ସେଲସିଅସ ମଧ୍ୟରେ ରହୁଥିବ ।

(ଖ) ଯେଉଁ ଅଞ୍ଚଳ ବର୍ଷକ ମଧ୍ୟରେ ୨୧୦ ଦିନ ତୁଷାର ମୁକ୍ତ ହେଉଥିବ ସେଠାରେ ଏହି ଚାଷ ଅଧିକ ଭାବରେ କରାଯାଏ ।

(ଗ) ଏହା ୫୦ ସେଣ୍ଟିମିଟର ରୁ ୧୦୦ ସେଣ୍ଟିମିଟର ମଧ୍ୟମ ଧରଣର ବୃଷ୍ଟିପାତ ଦରକାର କରେ । ଯେଉଁ ଅଞ୍ଚଳର ୫୦ ସେଣ୍ଟିମିଟର ବର୍ଷାରୁ କମ୍ ହୁଏ, ଜଳସେଚନ କରି ସେଠାରେ କପାଚାଷ କରାଯାଏ ।

(ଘ) ଆରମ୍ଭରେ ଅଧିକ ବର୍ଷା ଅମଳ ବେଳେ ଖରାଟିଆ ଶୁଖିଲା ପାଗ କପା ଉତ୍ପାଦନକୁ ବଢ଼ାଇଥାଏ ।

(ଙ) କୃଷ୍ଣ କାର୍ପାସ ମୃତ୍ତିକା ଅଞ୍ଚଳ କପା ଚାଷ ପାଇଁ ଅନୁକୂଳ ଅଟେ । ଏହା ବ୍ୟତୀତ ଏହା ସତଲେଜ-ଗଙ୍ଗା ସମତଳ ଅଞ୍ଚଳର ଉର୍ବର ପଟୁ ମାଟିରେ ଏବଂ ଉପଦ୍ୱୀପୀୟ ମାଳଭୂମିର ଲାଟେରାଇଟ ମୃତ୍ତିକା ଅଞ୍ଚଳରେ ଉତ୍ପାଦନ କରାଯାଏ ।

(ଚ) ଆଜି ପର୍ଯ୍ୟନ୍ତ କପା ତୋଳା ମେସିନ ଦ୍ୱାରା ହୋଇପାରି ନଥିବାରୁ ଏହାକୁ ସଂଗ୍ରହ କରିବା ପାଇଁ ଶସ୍ତା ଏବଂ ଦକ୍ଷ ଶ୍ରମିକ ଦରକାର ହୋଇଥାନ୍ତି । (ଯେ କୌଣସି ତିନିଗୋଟି)

୨. ପାଠକର ଅନୁଭୂତି ଅନୁସାରେ ।

୩. ବାଣିଜ୍ୟିକ କୃଷି ଅର୍ଥକାରୀ କୃଷି ରୂପେ ଜଣାଶୁଣା କାରଣ ଅର୍ଥ ଉପାର୍ଜନ ପାଇଁ ଏହାର ଅଧିକାଂଶ ଭାଗ ବଜାରରେ ବିକ୍ରୟ କରାଯାଏ ।

**୧୨.୩** ୧. ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉତ୍ତାପ ୨ ରୁ ୩ ଡିଗ୍ରୀ ସେଲସିଅସ ସମୁଦ୍ର ପତ୍ତନରୁ ବଢ଼ିଯିବ । ଅଧିକ ଥର ପ୍ରଳୟଙ୍କାରୀ ବାତ୍ୟା, ପ୍ରବଳ ବୃଷ୍ଟିପାତ ହେବ, ଏହି ସବୁ ପରିବର୍ତ୍ତନ ଧାନ ଏବଂ ଗହମ ଉତ୍ପାଦନରେ ବିପରୀତ ଫଳ ପକାଇବ । ବିଶେଷ କରି ଶୀତଦିନେ ଉତ୍ତାପ ବୃଦ୍ଧି ଉତ୍ତର ଭାରତ ଗହମ ଉତ୍ପାଦନକୁ ପ୍ରଭାବିତ କରିବ । ଭାରତର ଉପକୂଳ ଅଞ୍ଚଳରେ ବାରମ୍ବାର ବାତ୍ୟା ଏବଂ ଲୁଣା ପାଣିର ପ୍ରବେଶ ଧାନଚାଷ ଉପରେ କୁ ପ୍ରଭାବ ପକାଇବ ।

# ୧୩
# ପରିବହନ ଏବଂ ଯୋଗାଯୋଗ

ରାକେଶ ଏବଂ ତାହାର ପତ୍ନୀ ଗୋଟିଏ ଛୋଟ ଗ୍ରାମରେ ବାସ କରୁଥିଲେ । ଦିନେ ସଂଧ୍ୟାରେ ସେଠାରେ ଘଡଘଡି ସହ ଭୀଷଣ ବର୍ଷା ହେଲା । ତାହାର ସ୍ତ୍ରୀର ଭୀଷଣ ପାକସ୍ଥଳୀ ବେଦନା ହେଲା । ଗ୍ରାମସେବିକା ନିକଟତମ ଡାକ୍ତରଖାନାକୁ ନେଇଯିବାକୁ ଉପଦେଶ ଦେଲେ । ସେଠାରେ କୌଣସି ପ୍ରକାରର ପରିବହନର ସୁବିଧା ନଥିଲା । କୌଣସି ଡାକ୍ତର, ଡାକ୍ତରଖାନା ଏବଂ ଆମ୍ବୁଲାନ୍ସ ସହିତ ସମ୍ପର୍କ ରଖିଇବା ରାକେଶ ପକ୍ଷେ ସମ୍ଭବପର ନଥିଲା । ରାକଶେ ତା'ର ବନ୍ଧୁଙ୍କୁ ନିକଟବର୍ତ୍ତୀ ଡାକ୍ତରଖାନାକୁ ନେଇଯିବାକୁ ଅନୁରୋଧ କଲା । ଦୁର୍ଭାଗ୍ୟବଶତଃ ସେମାନଙ୍କର ଟ୍ରାକ୍ଟର କେତେ ମିଟରରୁ ଅଧିକ ଦୂରକୁ ଯାଇ ପାରିଲା ନାହିଁ । କାରଣ ରାସ୍ତା ଭାଙ୍ଗିଯାଇଥିଲା ଏବଂ ବର୍ଷା ପାଣିରେ ବୁଡି ରହିଥିଲା । ରମେଶକୁ କ'ଣ କରିବା ଉଚିତ ଥିଲା ? ସମସ୍ୟା ସମାଧାନର ବାଟ କ'ଣ ? ଆମ ଜୀବନରେ ପରିବହନ ଏବଂ ଯୋଗାଯୋଗର ଗୁରୁତ୍ୱ କେତେ ଏହି ଘଟଣା ସୂଚାଇ ଦିଏ । ଏହି ପାଠରେ ପରିବହନ ଯୋଗାଯୋଗର ପ୍ରକାର, ଗୁରୁତ୍ୱ ଏବଂ ରାଷ୍ଟ୍ରର ପ୍ରଗତିରେ ଭୂମିକା ବିଷୟରେ ଜଣାଇବାକୁ ଯୋଜନା କରାଯାଇଅଛି ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିସାରିଲା ପରେ ତୁମେ ଜାଣିବାକୁ ସକ୍ଷମ ହେବ ଯେ –

- ଲୋକମାନଙ୍କୁ ପରସ୍ପର ସହିତ ଯୋଡିବାକୁ, ଗୋଟିଏ ଅଞ୍ଚଳର ସାମାଜିକ ଅର୍ଥନୈତିକ ବିକାଶ ପାଇଁ ବିଭିନ୍ନ ପରିବହନ ଓ ଯୋଗାଯୋଗ ସ୍ଥାପନ କରାଯାଇଅଛି ।
- ବିଭିନ୍ନ କାର୍ଯ୍ୟ କୁଶଳତା ଅନୁସାରେ ରାସ୍ତାଗୁଡ଼ିକର ଶ୍ରେଣୀ ବିଭାଗ, ଆମ ଦୈନନ୍ଦିନ ଜୀବନରେ, ଏବଂ ଜାତୀୟ ଉନ୍ନତି ପାଇଁ ସଡ଼କ ପଥର ଭୂମିକା ବିଷୟରେ ଜାଣିବା ।
- ପରୀକ୍ଷା କରି ଦେଖ ଯେ ଭାରତରେ ରେଳପଥର ବଣ୍ଟନ ଏବଂ ଘନତ୍ୱକୁ କେଉଁ କାରକଗୁଡ଼ିକ ଅଡୁଆରେ ପକାଉଅଛି । ଏହି କ୍ଷେତ୍ରରେ ଯାନ୍ତ୍ରିକ ଅଗ୍ରଗତିକୁ ଚିହ୍ନିବା ।
- ବିଭିନ୍ନ ପ୍ରକାର ଜଳ ପରିବହନ ବିଷୟରେ ବ୍ୟାଖ୍ୟା ।
- ବଢୁଥିବା ବାୟୁ ପରିବହନର ଗୁରୁତ୍ୱକୁ ଚିହ୍ନିବା ଏବଂ ବଢୁଥିବା ଏହାର ଆର୍ଥିକ ଗୁରୁତ୍ୱକୁ ଜାଣିବା ।
- ଯୋଗାଯୋଗର ଗୁରୁତ୍ୱକୁ ହୃଦୟଙ୍ଗମ କରିବା, ଏହା ଦୂରତା କମାଇ ଲୋକମାନଙ୍କୁ କିପରି ଯୋଡୁଅଛି ଜାଣିବା ।

## ୧୩.୧ ପରିବହନ ଓ ଯୋଗାଯୋଗ ଦେଶର ଜୀବନରେଖା ଅଟେ

ପରିବହନ ଓ ଯୋଗାଯୋଗର ମାଧ୍ୟମ ଆଜିକାଲି ଆମ ଜୀବନର ଏକ ଅଂଶ ହୋଇଯାଇଅଛି । ତାହାର ବିନା ଆମ ଜୀବନ କିପରି ହେବ ତୁମେ ଅନୁମାନ କରିପାରୁଛ କି ? ଏବେ ଅନୁମାନ କର ଯଦି ତୁମେ ଦିନେ ଜାଣିବାକୁ ପାଇବ ଯେ ସମସ୍ତ ଆଧୁନିକ ପରିବହନ ଏବଂ ଯୋଗଯୋଗର ମାଧ୍ୟମ ଇନ୍ଧନ ଅଭାବରୁ ବନ୍ଦ ହୋଇଯାଇଅଛି, ଆହୁରି ମଧ୍ୟ ତୁମେ ଆଗକୁ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛ ଅନୁମାନ କର ।

### ତୁମ ପାଇଁ କାର୍ଯ୍ୟ ୧୩.୧

ତୁମ ସମସ୍ୟାର ତାଲିକା ପ୍ରସ୍ତୁତ କର –


- ..............................................................
- ..............................................................
- ..............................................................
- ..............................................................
- ..............................................................

### ୧୩.୧.୧ ପରିବହନ ଯୋଗାଯୋଗର ଭୂମିକା

ଜିନିଷଗୁଡ଼ିକୁ ଉତ୍ପାଦିତ ହେଉଥିବା ଅଞ୍ଚଳରୁ ବ୍ୟବହୃତ ହେଉଥିବା ଅଞ୍ଚଳକୁ ବୋହିନେଇ ପରିବହନ ବ୍ୟବସ୍ଥା ବ୍ୟବସାୟ ବାଣିଜ୍ୟରେ ସୁବିଧା କରେ । ବଳକା ଥିବା ଅଞ୍ଚଳରୁ ଜିନିଷଗୁଡ଼ିକୁ ନିଅଣ୍ଟ ଥିବା ଅଞ୍ଚଳକୁ ସ୍ଥାନାନ୍ତରିତ କରେ । ପରିବହନ ସୁବିଧା ଦ୍ୱାରା ଲୋକେ କାର୍ଯ୍ୟ ଅନୁସନ୍ଧାନ ପାଇଁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାଇପାରୁଛନ୍ତି । ଶିକ୍ଷା ଲାଭ ପାଇଁ, ଅତି ଜରୁରୀ କାମ ପାଇଁ ଅନ୍ୟ ସ୍ଥାନକୁ ଯାଇପାରୁଛନ୍ତି । ପରିବହନ ପୃଥିବୀର ଘଟଣା ଏବଂ ଗତିକୁ ଆମକୁ ଜଣାଇଥାଏ । ଏହା ଲୋକମାନଙ୍କର ଜୀବନଶୈଳୀ ଏବଂ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆଣେ ।

## ୧୩.୨ ପରିବହନର ବିଭିନ୍ନ ମାଧ୍ୟମ

ପରିବହନର ମାଧ୍ୟମ ଯାହା ଉପରେ ଦେଶର ଲୋକମାନଙ୍କ ସମୃଦ୍ଧି ଏବଂ ପ୍ରଗତି ନିର୍ଭର କରେ ତଳେ ଦିଆଗଲା ।



## ୧୩.୨.୧ ସ୍ଥଳ ପରିବହନ


ସ୍ଥଳ ପରିବହନକୁ ଦୁଇ ଭାଗରେ ବିଭକ୍ତ କରାଯାଇଅଛି

୧. ସଡ଼କ ପଥ

୨. ରେଳ ପଥ

**୧. ସଡ଼କ ପଥ** – ୧୩.୧ର ଚିତ୍ରକୁ ଦେଖ

ଏହି ଚିତ୍ରରେ ପୂର୍ବକାଳ ଏବଂ ବର୍ତ୍ତମାନ କାଳର ପରିବହନ ବ୍ୟବସ୍ଥାରେ ପରିବର୍ତ୍ତନକୁ ତୁମେ ଅନୁମାନ କରିପାର । ତୁମକୁ ୫୦୦ ମିଟର ଦୂରରେ ଥିବା ସାଙ୍ଗ ଘରକୁ ଯିବାକୁ ଅଛି, କୌଣସି ପରିଦର୍ଶକ କିମ୍ବା ସମ୍ପର୍କୀୟ ୨୦୦ କି.ମି.ରେ ରହୁଛନ୍ତି, ସେଠାକୁ ଯିବାକୁ ଅଛି । କୌଣସି ଗ୍ରାମୀଣ ବସ ଧରିବାକୁ ସହରକୁ ଯିବାକୁ ଅଛି । ତେଣୁ ତୁମକୁ ସଡ଼କ ପଥରେ ଯିବାକୁ ହେବ । ତୁମେ ବର୍ତ୍ତମାନ ବୁଝିଯାଇଥିବ ଯେ ସଡ଼କ ପଥ ସାଧାରଣ ଭାବରେ ବ୍ୟବହୃତ ହେଉଥିବାର ମାଧ୍ୟମ ଅଟେ । ଲୋକଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ପାଇଁ ଏବଂ ଦେଶର ସାମାଜିକ – ଆର୍ଥିକ ଅଭିବୃଦ୍ଧି ପାଇଁ ସଡ଼କ ପଥର ଭୂମିକା ଗୁରୁତ୍ୱପୂର୍ଣ୍ଣ, ତାହା ତଳେ ଦିଆଗଲା ।



ଚିତ୍ର – ୧୩.୧ ପରିବହନର ପ୍ରକାର



ଟିପ୍ପଣୀ

- ସଡ଼କପଥ ରିକ୍ସା, କାର, ସାଇକେଲ, ବସ, ସ୍କୁଟର ଏବଂ ଟ୍ରାକ୍ଟର ଦ୍ୱାରା ସେବା ଯୋଗାଇଥାଏ ।
- ଏହାର ନିର୍ମାଣରେ, ମରାମତି ଏବଂ ରକ୍ଷଣାବେକ୍ଷଣରେ ଅନ୍ୟ ପରିବହନ ବ୍ୟବସ୍ଥା ଅପେକ୍ଷା କମ୍ ଖର୍ଚ୍ଚ ଲାଗେ ।
- ଏହା ଅଳ୍ପ କେତେ ଲୋକଙ୍କ ପାଇଁ ଶସ୍ତା ଏବଂ ସୁବିଧାଜନକ ପରିବହନ ବ୍ୟବସ୍ଥା ଏହା ଦ୍ୱାରା ନିକଟବର୍ତ୍ତୀ ସ୍ଥାନକୁ ଅଳ୍ପ ଜିନିଷ ପଠାଯାଇ ପାରୁଅଛି ।
- ସଡ଼କ ପଥ ଦେଇ ଆମେ, ରେଳଷ୍ଟେସନ, ବିମାନବନ୍ଦର ଏବଂ ସାମୁଦ୍ରିକ ବନ୍ଦରକୁ ଯାଇପାରୁଛୁ ।
- ଏହାଦ୍ୱାରା ଦୁଗ୍ଧ, ଫଳ ଏବଂ ପରିବା ଯାହାକି ଶୀଘ୍ର ନଷ୍ଟ ହୋଇଯାଏ, ସେଗୁଡ଼ିକ ଶୀଘ୍ର ଗ୍ରାମରୁ ସହର କିମ୍ୱା ବଡ଼ ବଡ଼ ନଗରକୁ ଏବଂ ଲକ୍ଷ୍ୟସ୍ଥଳକୁ ପଠା ଯାଇପାରୁଅଛି ।
- ସଡ଼କ ଗ୍ରାମ ଓ ସହରକୁ ଯୋଡୁଅଛି । ପାହାଡ, ମରୁଭୂମି, ପର୍ବତ, ମାଳଭୂମିକୁ ସମତଳ କରି ଏହା ନିର୍ମାଣ କରାଯାଇପାରେ ।

## ସଡ଼କ ପଥର ଶ୍ରେଣୀ ବିଭାଗ–

ତୁମେ କ'ଣ ସବୁ ସ୍ଥାନରେ ଏକ ପ୍ରକାର ସଡ଼କ ଦେଖିପାରୁଅଛ ? ନିଶ୍ଚିତ ରୂପରେ ନାହିଁ । କେତେକ ସଡ଼କ କଚ୍ଚା ଏବଂ କେତେକ ପକ୍କା, କେତେକ ଅଣଓସାରିଆ ଅନ୍ୟ କେତେକ ଓସାରିଆ ହୋଇଥାଏ । ରାସ୍ତାଗୁଡ଼ିକୁ କେତେକ ମୂଳ ତଥ୍ୟ ଅନୁସାରେ ବିଭକ୍ତ କରାଯାଇଅଛି ।

(କ) ସଡ଼କ ନିର୍ମାଣର ଦ୍ରବ୍ୟଗୁଡ଼ିକର ବ୍ୟବହାର ଦୃଷ୍ଟିରୁ

(ଖ) ନିର୍ମାଣକାରୀ ଏବଂ ରକ୍ଷଣାବେକ୍ଷଣକାରୀ ଅଧିକାରୀ

**(କ) ସଡ଼କ ନିର୍ମାଣରେ ବ୍ୟବହୃତ ଜିନିଷ –** ମେଟେରିଆଲଗୁଡିକର ବ୍ୟବହାର ଦୃଷ୍ଟିରୁ ସଡ଼କକୁ ଦୁଇ ଭାଗରେ ବିଭକ୍ତ କରାଯାଇଅଛି । ମେଟାଲ୍ ରାସ୍ତା ବା ପକ୍କା ରାସ୍ତା ଏବଂ କଚ୍ଚା ରାସ୍ତା । ମେଟାଲ ରାସ୍ତାଗୁଡ଼ିକ ସାଧାରଣତଃ ଇଟା, ଗୋଡି, ସିମେଣ୍ଟ ଏବଂ ପିଚୁ ଦ୍ୱାରା ତିଆରି ହୋଇଥାଏ । କଚ୍ଚା ରାସ୍ତାଗୁଡ଼ିକ ବାଲି, ମାଟି ନଡା ଦ୍ୱାରା ତିଆରି ହୋଇଥାଏ ।

## ତୁମ ପାଇଁ କାର୍ଯ୍ୟ ୧୩.୨


ରାସ୍ତା ତିଆରି ପାଇଁ ପଦାର୍ଥଗୁଡ଼ିକୁ ଚିହ୍ନଟ କର ।

| ପକ୍କା ରାସ୍ତା | କଚ୍ଚା ରାସ୍ତା |
|---|---|
| | |
| | |
| | |
| | |

### (ଖ) ନିର୍ମାଣକାରୀ ଏବଂ ରକ୍ଷଣାବେକ୍ଷଣକାରୀ ଅଧିକାରୀ

ତୁମେ କେବେ ଅନୁସନ୍ଧାନ କରିଛ କି କିଏ ଏ ରାସ୍ତା ତିଆରି କରୁଛି ଏବଂ ସେମାନେ କେଉଁଠାରୁ ଅର୍ଥ ପାଆନ୍ତି ? ଲୋକମାନେ ଟିକସ ଆକାରରେ ଯେଉଁ ଅର୍ଥ ଦେଇଥାନ୍ତି ସେଥିରୁ ଏହା ତିଆରି ହୁଏ । ବିଭିନ୍ନ ସରକାରୀ ସଂସ୍ଥା ଏହାର ସମତୁଲ ଉନ୍ନତି ପାଇଁ ଦାୟୀ ଅଟନ୍ତି ।

- ଗ୍ରାମ ସଡ଼କର ଉନ୍ନତିକରଣ **'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା'** ଦ୍ୱାରା କେନ୍ଦ୍ର ସରକାରଙ୍କ ପରାମର୍ଶ ଓ ଅନୁଦାନରେ ହେଉଅଛି ।





ଚିତ୍ର – ୧୩.୨ ସ୍ୱର୍ଣ୍ଣ ଚତୁର୍ଭୁଜ

- ଏହା ଗ୍ରାମ-ଗ୍ରାମ ମଧ୍ୟରେ ସଂଯୋଗ ସ୍ଥାପନ କରେ, ମଫସଲ ଅଞ୍ଚଳର ଗ୍ରାମକୁ ପ୍ରଧାନ ସଡ଼କ ସହିତ ସଂଯୋଗ କରେ । ପ୍ରାୟ ଭାରତର ୮୦ ଭାଗ ରାସ୍ତାର ଦୈର୍ଘ୍ୟ ଗ୍ରାମ୍ୟ ରାସ୍ତା ଅଟେ ।

- **ଜିଲ୍ଲା ପରିଷଦ –** ଜିଲ୍ଲାର ସଦର ମହକୁମାକୁ ଜିଲ୍ଲାରେ ଥିବା ନଗର ଏବଂ ସହରଗୁଡ଼ିକ ସହିତ ଯୋଡୁଥିବା ରାସ୍ତାର ନିର୍ମାଣ ଦାୟିତ୍ୱ ଜିଲ୍ଲା ପରିଷଦର ଅଟେ । ଭାରତର ସମୁଦାୟ ସଡକ ପଥର ଶତକଡ଼ା ୧୪ ଭାଗ ରାସ୍ତା ଅଟେ ।

- **ରାଜ୍ୟ ପବ୍ଲିକ ୱାର୍କସ୍ ଡିପାର୍ଟମେଣ୍ଟ –** ଏହି ଡିପାର୍ଟମେଣ୍ଟ ରାଜ୍ୟ ରାଜପଥ ଏବଂ ରାଜ୍ୟର ରାଜଧାନୀକୁ ଜିଲ୍ଲାମାନଙ୍କର ସଦରମହକୁମା ସହିତ ସଂଯୋଗ ସ୍ଥାପନ ପାଇଁ ରାସ୍ତା ତିଆରି କରିଥାଏ ଏବଂ ତାହାର ରକ୍ଷଣାବେକ୍ଷଣ କରିଥାଏ । ଦେଶର ସମୁଦାୟ ସଡ଼କପଥର ଏହା ଶତକଡ଼ା ୪ ଭାଗ ଅଟେ ।




ଚିତ୍ର – ୧୩.୩ (ଉତ୍ତର-ଦକ୍ଷିଣ ଏବଂ ପୂର୍ବ ପଶ୍ଚିମ ଅଳୀନ୍ଦ)

- **ଭାରତର ଜାତୀୟ ରାଜପଥ ଅଧିକାରୀ –** ଜାତୀୟ ରାଜପଥଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଅଟେ, ଯାହାକି ଦେଶର ବିଭିନ୍ନ ଅଞ୍ଚଳ ସହିତ ସଂଯୋଗ ସ୍ଥାପନ କରେ ଏବଂ ରାଜ୍ୟ ରାଜଧାନୀଗୁଡ଼ିକୁ ଭାରତର ବଡ଼ ବଡ଼ ସହରକୁ ଯୋଡିଥାଏ । ଜାତୀୟ ରାଜପଥ ଅଧିକାରୀ ଏହି ରାସ୍ତାଗୁଡ଼ିକୁ ତିଆରି ଏବଂ ମରାମତି କରିଥାଏ । ଦେଶର ସମୁଦାୟ ସଡ଼କ ପଥର ଏହା ଦୁଇ ଭାଗ ହୋଇଥିଲେ ମଧ୍ୟ ୪୦ ଭାଗ ରୋଡ ଟ୍ରାଫିକକୁ ବହନ କରେ । ଉତ୍ତର–ଦକ୍ଷିଣ, ପୂର୍ବ–ପଶ୍ଚିମ ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ସରକାର ଗୋଟିଏ ରାସ୍ତା ଉନ୍ନତିକରଣ ପ୍ରୋଜେକ୍ଟ କରିଛନ୍ତି । ଏହା ସମୟ ଏବଂ ଇନ୍ଧନକୁ କମାଇଦେବ । ତାପରେ ଏହା ଆହୁରି ମଧ୍ୟ ଭାରତର ବଡ଼ ବଡ଼ ସହରକୁ ଦ୍ରୁତଗତିରେ ଟ୍ରାଫିକ୍ ଯିବାରେ ସାହାଯ୍ୟ କରିବ । ଏହା ଜାତୀୟ ସଡ଼କ ନିର୍ମାଣକାରୀ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଅଛି । ପ୍ରଧାନ ଉନ୍ନତ ଧରଣର ରାଜପଥଗୁଡ଼ିକ ହେଲା –

  (କ) **ସ୍ୱର୍ଣ୍ଣ ଚତୁର୍ଭୁଜ –** ଏହା ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତାକୁ ଚତୁର୍ଭୁଜ ଆକାରରେ ଯୋଡୁଅଛି ।

  (ଖ) **ଉତ୍ତର–ଦକ୍ଷିଣ ଅଳିନ୍ଦ** – ଶ୍ରୀନଗର ସହିତ କନ୍ୟାକୁମାରୀକୁ ଯୋଗ କରିବ ।

  (ଗ) **ପୂର୍ବ–ପଶ୍ଚିମ ଅଳିନ୍ଦ** – ପୂର୍ବରେ ଥିବା ସିଲଚରକୁ ପଶ୍ଚିମର ପୌରବନ୍ଦର ସହିତ ସଂଯୁକ୍ତ କରିବ ।

- **ସୀମାନ୍ତ ସଡ଼କ** – ଦେଶର ସୀମାନ୍ତ ଅଞ୍ଚଳରେ ଏହା ନିର୍ମାଣ କରାଯାଇଅଛି । ଯୁଦ୍ଧ ଏବଂ ଜରୁରୀ ପରିସ୍ଥିତି ବେଳେ ପ୍ରତିରକ୍ଷା ବାହିନୀଙ୍କ ପାଇଁ ସହଜରେ ଅସ୍ତ୍ରଶସ୍ତ୍ର ଏବଂ ଆବଶ୍ୟକୀୟ ଦ୍ରବ୍ୟ ଏହି ବାଟେ ପଠାଯାଏ । ଆହୁରି ମଧ୍ୟ ସେହି ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ଉପକାର ପାଇଁ ସୀମାନ୍ତ ସଡ଼କ ତିଆରି ହୋଇଅଛି । ଏହାର ନିର୍ମାଣ ଏବଂ ରକ୍ଷଣାବେକ୍ଷଣ (BRO) Border Road Organisation ଦ୍ୱାରା ହୋଇଥାଏ ।

### ? ତୁମେ ଜାଣ କି

ଭାରତର ସର୍ବପୁରାତନ ଏବଂ ଦୀର୍ଘତମ ରାସ୍ତା ପାସ୍ତୁନ ସମ୍ରାଟଙ୍କ ଆଦେଶକ୍ରମେ ଗାଙ୍ଗେୟ ସମତଳ ଭୂମି ଦେଇ ଉତ୍ତର–ପଶ୍ଚିମରୁ ପୂର୍ବକୁ ତିଆରି ହୋଇଥିଲା । ୧୬ଶହ ଶତାବ୍ଦୀରେ ଶେରସୁର ଏହାକୁ ଗ୍ରାଣ୍ଡଟ୍ରଙ୍କ ରୋଡ ନାମରେ ନାମିତ କରିଥିଲେ । ଏହାକୁ ବର୍ତ୍ତମାନ ଦୁଇ ଭାଗ କରାଯାଇ ଜାତୀୟ ରାଜପଥ–୧ ଅମୃତସରରୁ ଦିଲ୍ଲୀ ପର୍ଯ୍ୟନ୍ତ ଏବଂ ଜାତୀୟ ରାଜପଥ–୨ ଦିଲ୍ଲୀରୁ କୋଲକାତା ପର୍ଯ୍ୟନ୍ତ ନାମିତ କରାଯାଇଅଛି । ୧୯୪୭ ମସିହାରେ ଭାରତର ମୋଟ ସଡ଼କ ପଥର ଦୈର୍ଘ୍ୟ ୪ ଲକ୍ଷ କି.ମି. ଥିଲା ବେଳେ ବର୍ତ୍ତମାନ ଏହା ୩୩୦ ଲକ୍ଷ କି.ମି.କୁ ବୃଦ୍ଧି ପାଇଛି ।

### ତୁମ ପାଇଁ କାର୍ଯ୍ୟ ୧୩.୩

୧୩.୨ ଏବଂ ୧୩.୩ ମାନଚିତ୍ରକୁ ଦେଖି ତୁମ ଘରଠାରୁ ପାଖରେ ଥିବା ଜାତୀୟ ରାଜପଥକୁ ବାହାର କର ଏବଂ କେଉଁ ସଂସ୍ଥା ଏହାର ରକ୍ଷଣାବେକ୍ଷଣ କରୁଛି ଜାଣ ।

## ୨. ରେଳପଥ

ଅନୁର ବାପା ଯେତେବେଳେ ଖବର କାଗଜ ପଢୁଥିଲେ ସେତେବେଳେ କହିଲେ ଯେ ସେମାନଙ୍କର ଦାବି ପୂରଣ ପାଇଁ ଏହା ଏକ ସରଳ ରାସ୍ତା, ଏଥିପାଇଁ କୌଣସି ଗୁରୁତର ଦଣ୍ଡ ନାହିଁ । ଅନୁ ପଚାରିଲା କ'ଣ ଘଟିଲା ? ବାପା ଉତ୍ତର ଦେଲେ ଏହା କିଛି ନୂଆ ନୁହେଁ ଦଳେ ପ୍ରତିରୋଧକାରୀ ରେଳରାସ୍ତାକୁ ଅବରୋଧ କରିଛନ୍ତି, ସେମାନେ ଆଗ୍ରା–ଦିଲ୍ଲୀ ରାସ୍ତାର ଗୋଟିଏ ରେଳଗାଡ଼ିକୁ ଅଟକାଇ ଦେଲେ ଏବଂ ଦୁଇଟି ଯାତ୍ରୀବାହୀ ଡବାରେ ନିଆଁ ଲଗାଇଦେଲେ । ଅନୁ ବାପାଙ୍କୁ ପଚାରିଲା ସେମାନେ କାହିଁକି ରାଗିଗଲେ ? ତୁମକୁ ଏହା କ'ଣ ଜଣାନାହିଁ ରେଳରାସ୍ତା ଏବଂ ରେଳଡବା (ଯାତ୍ରୀବାହୀ) ତିଆରି କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା, ହଜାର ହଜାର ଲୋକଙ୍କ ଶ୍ରମ ଏବଂ ବହୁ ବର୍ଷ ଲାଗିଥାଏ । ଏହା ଆମ୍ଭମାନଙ୍କର ସୁବିଧା ପାଇଁ ଯାତ୍ରୀ ଏବଂ ମାଲକୁ ପଠାଇବା ପାଇଁ ତିଆରି କରାଯାଇଅଛି । ଲୋକଙ୍କର ଏହି କାର୍ଯ୍ୟ ଯାତ୍ରୀମାନଙ୍କୁ ଅସୁବିଧାରେ ପକାଇବ । ଲକ୍ଷ ଲକ୍ଷ ଟଙ୍କାର କ୍ଷତି ଘଟାଇବ ଏବଂ ଏହା ବ୍ୟବସାୟ ଉପରେ ପ୍ରତିକୂଳ ଅବସ୍ଥା ସୃଷ୍ଟି କରିବ । ଅନୁର ରେଳପଥର ଗୁରୁତ୍ୱ ହୃଦୟଙ୍ଗମ କରିଥିବା କଥା ତଳେ ବର୍ଣ୍ଣନା କରାଯାଇଅଛି ।

- ଏହା ସବୁଠାରୁ ଶସ୍ତା ପରିବହନ ବ୍ୟବସ୍ଥା ଯାହାଦ୍ୱାରା ହଜାର ହଜାର ଲୋକ ଦେଶର ଗୋଟିଏ କୋଣରୁ ଅନ୍ୟ କୋଣକୁ ଶିକ୍ଷାଲାଭ ପାଇଁ, ବ୍ୟବସାୟ କରିବା ପାଇଁ, ସୁନ୍ଦର ସ୍ଥାନ ଦେଖିବା ପାଇଁ, ତୀର୍ଥ କରିବା ପାଇଁ ଏବଂ ସମ୍ପର୍କୀୟଙ୍କ ଘର ପରିଦର୍ଶନ ପାଇଁ ଯାଉଛନ୍ତି ।
- ଅର୍ଥ ଉପାର୍ଜନ କରୁଥିବା ସବୁ ଶ୍ରେଣୀର ଲୋକେ ଏଥିରେ ଯାତ୍ରା କରିପାରନ୍ତି କାରଣ ଏଥିରେ ଯାତ୍ରୀ ଆରାମ ଦାୟକ ଯାତ୍ରା କରିପାରନ୍ତି କାରଣ ଏହାର ସ୍ଲିପର କୋଚରେ ବର୍ଥସ୍ ଏବଂ ୱାସରୁମ ରହିଅଛି ।
- ଏହା କୋଇଲା, ସିମେଣ୍ଟ, ଖାଦ୍ୟ ପଦାର୍ଥ, ସାର, ଖଣିଜ ତୈଳ, ଅଟୋମୋବାଇଲ ପ୍ରଭୃତି ଯାହା କି ଦେଶର ସର୍ବାଧିକ ବଡ଼ ବଡ଼ ଜିନିଷ ତାକୁ ଖଣି ଅଞ୍ଚଳରୁ କାରଖାନାକୁ ଏବଂ କାରଖାନାରୁ ବ୍ୟବହୃତ ହେଉଥିବା ଅଞ୍ଚଳକୁ ପଠାଇଥାଏ ।

ଏଥିଯୋଗୁଁ ଯାହାକି ଦେଶର ମୂଲ୍ୟବାନ ସମ୍ପଦ ତାହାର ପରିଚାଳନାରେ ସାହାଯ୍ୟ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ଅଟେ ଏବଂ ଏହା ଦେଶର ଆର୍ଥିକ ସ୍ଥିତିରେ ସହଯୋଗ କରିଥାଏ ।

### ? ତୁମେ ଜାଣ କି

ଭାରତରେ ପ୍ରଥମ ରେଳରାସ୍ତା ବମ୍ବେଠାରୁ ଥାନେ ମଧ୍ୟରେ ୧୮୫୩ ମସିହାରେ ୩୪ କି.ମି. ତିଆରି ହୋଇଥିଲା ।

ବର୍ତ୍ତମାନ ଭାରତରେ ୬୪୦୦୦ କି.ମି. ରେଳରାସ୍ତା ଅଛି । ଯାହା କି ଏସିଆ ମହାଦେଶରେ ପ୍ରଥମ ଓ ପୃଥିବୀରେ ୪ର୍ଥ ସ୍ଥାନ ଅଧିକାର କରିଅଛି ।

ଏହା ୧.୬ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେଇଥିବା ସବୁଠାରୁ ବଡ଼ ସରକାରୀ ସ୍ୱୀକୃତିପ୍ରାପ୍ତ ସଂସ୍ଥା ଅଟେ । ଏହାପାଇଁ ପାର୍ଲିଆମେଣ୍ଟରେ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରାଯାଏ ।

ସୁପରିଚାଳନା ଏବଂ ସୁବନ୍ଦୋବସ୍ତ ପାଇଁ ଏହାକୁ ୧୬ ଗୋଟି ଜୋନରେ ବିଭକ୍ତ କରାଯାଇଅଛି ।

ଯେତେବେଳେ ଅନୁ ଏବଂ ତାର ବାପା ରେଳପଥର ଗୁରୁତ୍ୱ ଉପରେ କଥାବାର୍ତ୍ତା ହେଉଥିଲେ ତାର ଗୋଟିଏ ସାଙ୍ଗ ଜୟା ତାଙ୍କ ଘରକୁ ଆସିଲା । ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢୁଥିଲା କିନ୍ତୁ ତାର ନିଜ ରାଜ୍ୟ ହେଉଛି ସିକିମ୍ । ଜୟା ଯୁକ୍ତିକୁ ବୁଝିଲା, କିନ୍ତୁ ତା ମନରେ ପ୍ରଶ୍ନ ଉଠିଲା ଯେ ସିକିମରେ କାହିଁକି ଦେଶର ଅନ୍ୟସ୍ଥାନ ସହିତ ଉତ୍ତମ ସଂଯୋଗ ନାହିଁ । ସେ କିଛି ସମୟ ପାଇଁ ଠିଆ ହେଲା, ସେ ଅଙ୍କଲଙ୍କୁ ପଚାରିଲା ଯେ ଅନ୍ୟ ରାଜ୍ୟରେ ବିସ୍ତୃତ ରେଳରାସ୍ତା ଥିଲାବେଳେ ତା ରାଜ୍ୟରେ କାହିଁକି ଅଳ୍ପ ରେଳରାସ୍ତା ରହିଅଛି । ଯେଉଁଗୁଡ଼ିକ ରେଳପଥର ଉନ୍ନତି ପାଇଁ ଦାୟୀ ତାକୁ ସେ ବ୍ୟାଖ୍ୟା କରିଦେଲେ ।

- ପାର୍ବତ୍ୟ ଅଞ୍ଚଳରେ ରେଳପଥ ନିର୍ମାଣ କରିବା କଷ୍ଟସାଧ ଏବଂ ବ୍ୟୟସାପେକ୍ଷ ଅଟେ । କିନ୍ତୁ ସମତଳ ଅଞ୍ଚଳରେ ଏହା ସହଜରେ ତିଆରି ହୋଇଥାଏ । ତେଣୁ କରି ଗାଙ୍ଗେୟ ସମତଳ ଅଞ୍ଚଳରେ ରେଳପଥର ବିସ୍ତାର ଅଧିକ । ମରୁଭୂମି, ପାହାଡିଆ ଅଞ୍ଚଳ, ସନ୍ତସନ୍ତିଆ ଭୂମି, ବନ୍ୟା ପ୍ରପୀଡିତ ନିମ୍ନଭୂମି, ଘଞ୍ଚ ଜଙ୍ଗଲ, ନଦୀ ଥିବା ଅଞ୍ଚଳରେ ରେଳପଥର ବିସ୍ତର ହୋଇନାହିଁ ।

- ଉତ୍ତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ପଞ୍ଜାବ ଏବଂ ହରିୟାଣା ରାଜ୍ୟରେ ରେଳପଥର ବିସ୍ତାର ଅଧିକ କାରଣ ଏହି ରାଜ୍ୟଗୁଡ଼ିକରେ ସମତଳ ଭୂମି ଅଧିକ ଅଛି । ସେ ଆହୁରି ମଧ କହିଲେ ଯେ ଏହି ଅଞ୍ଚଳ ହେଉଛି ଭାରତର 'ଖାଦ୍ୟ ପାତ୍ର' । ଏଠାରେ ଅଧିକ ଖାଦ୍ୟ ଶସ୍ୟ ଉତ୍ପାଦିତ ହୁଏ ଏବଂ ରେଳପଥ ଦେଇ ଏଗୁଡ଼ିକ ଦେଶର ବିଭିନ୍ନ ସ୍ଥାନକୁ ପଠାଯାଏ ।

- ଖଣି ଅଞ୍ଚଳ ଏବଂ ଯେଉଁଠାରେ ଶିଳ୍ପର ବିକାଶ ହୋଇଅଛି, ସେଠାରେ ରେଳପଥ ଦ୍ୱାରା ସହଜରେ ଜିନିଷଗୁଡ଼ିକୁ ପଠାଇବାର ସୁବିଧା ଅଛି, ଯେଉଁ ଅଞ୍ଚଳରେ ଶିଳ୍ପର ବିକାଶ ଘଟିନାହିଁ ସେଠାରେ କମ୍ ରେଳରାସ୍ତା ଅଛି । କାରଣ ଲୋକେ ଅଧିକ ରେଳରାସ୍ତା ନିର୍ମାଣ ଖର୍ଚ୍ଚ ବହନ କରିପାରିବେ ନାହିଁ ।

- ଯେଉଁ ଅଞ୍ଚଳଗୁଡ଼ିକ ଘନ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳ । ସେଠାରେ ଲୋକମାନଙ୍କ ଯାତାୟାତ ପାଇଁ ନିଶ୍ଚିତ ରୂପରେ ଅଧିକ ରେଳପଥ ରହିଅଛି ।

- ବଡ଼ ବଡ଼ ସହର କିମ୍ବା ନଗର ଯାହାକି ଚାକିରି ପାଇଁ, ବ୍ୟବସାୟ ପାଇଁ, ଶିକ୍ଷା ପାଇଁ, ବାଣିଜ୍ୟ ପାଇଁ ବ୍ୟାଙ୍କିଙ୍ଗ ପାଇଁ ଲୋକଙ୍କୁ ଆକୃଷ୍ଟ କରେ, ସେଠାକୁ ଶୀଘ୍ର ଯିବା ପାଇଁ ରେଳପଥର ବିସ୍ତାର ଘଟିଅଛି ।

ଅନୁ ବାପା ହସିଲେ ଏବଂ ଜୟାକୁ କହିଲେ, ବିଭିନ୍ନ ଅଞ୍ଚଳ ବିଶେଷ କରି ନିରାଟ ମଫସଲ ଅଞ୍ଚଳକୁ ସଂଯୋଗ କରିବାର ଗୁରୁତ୍ୱକୁ ସରକାର ଉପଲବ୍ଧ କରୁଛନ୍ତି । ବର୍ତ୍ତମାନ ଏହାକୁ ଅଗ୍ରାଧିକାର ଦିଆଯାଇଅଛି । ଜୟା ବୁଝିଗଲା ଯେ କୌଣସି ଲୋକକୁ ପୃଥିବୀର ଯେ କୌଣସି ସ୍ଥାନ ସହିତ ଇଣ୍ଟରନେଟ୍ ଦ୍ୱାରା ଯୋଡା ଯାଇପାରିବ ।

## ଭାରତୀୟ ରେଳପଥ ଦ୍ୱାରା ଯାନ୍ତ୍ରିକ କୌଶଳର ଅଗ୍ରଗତି

ଉତ୍ତରରୁ ଦକ୍ଷିଣ (ଜାମ୍ମୁରୁ କନ୍ୟାକୁମାରୀ) ମଧରେ ସିଧାସଳଖ ରେଳପଥ ଦ୍ୱାରା ସମ୍ପର୍କ ସ୍ଥାପନ କରାଯାଇଅଛି । ୩୭୫୧ କି.ମି. ଦୂରତାକୁ ୭୧ ଘଣ୍ଟାରେ ଅତିକ୍ରମ କରାଯାଇ ପାରୁଅଛି । ପ୍ରଥମ ଶ୍ରେଣୀ ଏ.ସି., ଦ୍ୱିତୀୟ ଶ୍ରେଣୀ ଏ.ସି., ତୃତୀୟ ଶ୍ରେଣୀ ଏ.ସି., ଖାଲି ଏ.ସି. ଚେୟାର କାର, ଦ୍ୱିତୀୟ ଶ୍ରେଣୀ ସ୍ଲିପର ଏବଂ ସାଧାରଣ ଶ୍ରେଣୀର ଏବଂ ବିଭିନ୍ନ ଆର୍ଥିକ ଶ୍ରେଣୀର ଲୋକମାନଙ୍କ ଯାତ୍ରା ପାଇଁ ସୁବିଧା ରହିଅଛି । ବ୍ରଡଗେଜ ରେଳପଥରେ ପ୍ରଦୂଷଣ

ମୁକ୍ତ ଯାତ୍ରା ପାଇଁ ଡିଜେଲ ଏବଂ ବିଦ୍ୟୁତ ଚାଳିତ ଇଞ୍ଜିନ ବ୍ୟବହାର କରାଯାଏ । ଯାତ୍ରୀମାନଙ୍କୁ ଘରେ ବସି ଇଲେକଟ୍ରୋନିକ ଟିକଟ ବୁକ୍ କରିବାର ସୁବିଧା ଯୋଗାଇ ଦିଆଯାଇପାରିଛି । ନିର୍ଦ୍ଦିଷ୍ଟ ମାଲବାହୀ ଡବା ଦ୍ୱାରା ଜିନିଷ ସହିତ ଲୋଡ ହୋଇଥିବା ଟ୍ରକଗୁଡ଼ିକୁ ସିଧାସଳଖ ଉପଭୋକ୍ତା କିମ୍ବା କାରଖାନାକୁ ପଠାଯାଇ ପାରୁଛି ।

## ତୁମ ପାଇଁ କାର୍ଯ୍ୟ ୧୩.୪

ତଳେ ଦିଆଯାଇଥିବା ଗ୍ରୀଡରେ ମୁଖ୍ୟ ରେଲୱେ ଜୋନର ମୁଖ୍ୟ କାର୍ଯ୍ୟାଳୟକୁ ଖୋଜ ।

**GRID**

| | | | | | | |
|---|---|---|---|---|---|---|
| P | O | R | I | T | S | M |
| U | P | N | K | J | O | U |
| K | L | M | T | R | P | M |
| Q | U | W | A | I | T | B |
| K | O | L | K | A | T | A |
| J | A | I | P | I | N | I |
| Z | V | D | U | X | Y | R |
| C | H | E | N | N | A | I |
| T | K | L | J | Q | R | J |
| I | T | H | Q | X | Z | U |
| N | P | I | T | O | J | K |

## ପାଠଗତ ପ୍ରଶ୍ନାବଳୀ ୧୩.୧

୧. ବାକ୍ୟଗୁଡ଼ିକୁ ପୂରଣ କର –

(କ) ପୂର୍ବ ପଶ୍ଚିମ ଅନୀନ୍ଦ ---------- ଓ ---------- କୁ ସଂଯୋଗ କରୁଛି, ଯେହେତୁ ଏହା ----------- ।

(ଖ) ସର୍ବଶ୍ରେଷ୍ଠ ରାଜପଥ ଚାରିଗୋଟି ମହାନଗରୀକୁ ସଂଯୋଗ କରୁଅଛି ଯାହାକି ---------- ରୂପେ ଜଣାଶୁଣା, କାରଣ ଏହା ----------- ଆକାରର ରହିଅଛି ।

୨. (କ) ଯେଉଁ କାରକଗୁଡ଼ିକ ରେଳପଥର ଘନତ୍ୱକୁ ପ୍ରଭାବିତ କରେ ତାହାର ବିସ୍ତୃତ ବ୍ୟାଖ୍ୟା କର । ଯେଉଁ ରାଜ୍ୟମାନଙ୍କରେ ରେଳପଥର ଘନତ୍ୱ କମ୍ ବେଶୀ ତାହାର ନାମ ଲେଖ ଏବଂ ତାହାର ଏପରି ହେବାର କାରଣ ଲେଖ ।

(ଖ) ସଡକ ପରିବହନ ଓ ରେଳ ପରିବହନର ଦୁଇଗୋଟି ଲେଖାଏଁ ସୁବିଧା ଏବଂ ଅସୁବିଧା ବିଷୟରେ ଲେଖ ।

୩. ଭାରତର କେତେକ ରାଜ୍ୟରେ ରେଳପଥର ଅଭାବ ରହିଅଛି । ୩୦ ଗୋଟି ଶବ୍ଦ ମଧ୍ୟରେ ଏହାର ଉତ୍ତର ଲେଖ ।







## ତୁମ ପାଇଁ କାର୍ଯ୍ୟ ୧୩.୫

ତୁମ ପରିବାରକୁ ତଳେ ଦିଆଯାଇଥିବା ରେଲୱେ ରିଜର୍ଭେସନ ଫର୍ମ ଦେଖାଅ । ଅର୍ଥ ଆଲୋଚନା କର ଏବଂ ତଳେ ଦିଆଯାଇଥିବା ସ୍ତମ୍ଭର ଗୁରୁତ୍ୱ ବୁଝି ପୂରଣ କରିବାକୁ ଚେଷ୍ଟା କର ।

**RAILWAY RESERVATION / CANCELLATION REQUISITION FORM**

If you are a Medical Practitioner Please tick ( ) in Box Dr. [ ] (You could be of help in an emergency)

If you want Sr. Citizen concession, please write Yes/No in box [ ] (if yes, please carry a proof of age during the journey to avoid inconvenience of penal charging under extant Railway Rules)

Do you want to be upgraded without any extra charge? Write [ ] Yes/No in the box. (If this option is not exercised, full fare paying passengers may be upgraded automatically)

| | |
|---|---|
| Train No & Name: | Date of Journey: |
| Class: | No.of Berth / Seat: |
| Station From: | Station To: |
| Boarding At: | Reservation Upto: |

| S.No. | Name in Block Letters (not more than 15 chars) | Sex (M/F) | Age | Concession / Travel Authority No. | Choice if any |
|---|---|---|---|---|---|
| | | | | | Lower / Upper Berth |
| | | | | | |
| | | | | | |
| | | | | | Veg / Non-veg Meal for Rajdhani / Shatabdi Express only |
| | | | | | |
| | | | | | |

CHILDREN BELOW 5 YEARS (FOR WHOM TICKET IS NOT TO BE ISSUED)

| S.No. | Name in Block Letters | Sex | Age |
|---|---|---|---|
| | | | |
| | | | |

**ONWARD / RETURN JOURNEY DETAILS**

Train No & Name ____________________ Date ____________
Class ____________ Station From ____________ To ____________
Name of Applicant ________________________________
Full Address ________________________________

**Signature of the Applicant**

**FOR OFFICE USE ONLY**

S.No. of Requisition ____________ PNR No. ____________
Berth/Seat No. ____________ Amount Collected ____________

**Signature of Reservation Clerk**

Note: 1. Maximum permissible passengers are 6 per requisition.
2. One person can give one requisition form at a time.
3. Please check your ticket and balance amount before leaving the window.
4. Forms not properly filled or in illegible forms shall not be entertained.
5. Choice is subject to availability.

(a) Medical Practitioner


(b) Senior of berth (ବରିଷ୍ଠ ନାଗରିକ)

(c) Choice of berth (ବର୍ଥର ପସନ୍ଦ)

(d) Meals available in some trains (କେତେକ ଗାଡିରେ ଖାଦ୍ୟର ବ୍ୟବସ୍ଥା)

## ୧୩.୨.୨ ଜଳପରିବହନ

ଆଗକାଳରେ ଲୋକମାନେ କାହିଁକି ନଦୀ କୂଳରେ ବାସ କରୁଥିଲେ ? ତୁମେ ଶୁଣି ଆଶ୍ଚର୍ଯ୍ୟ ହେଉଛ କି ? ଦୂର ଦେଶ ସହିତ ବାଣିଜ୍ୟ କିପରି ସମ୍ଭବପର ହେଉଥିଲା ? ହଁ ଏହା ନଦୀ ଏବଂ ସମୁଦ୍ର ମଧ୍ୟ ଦେଇ ହେଉଥିଲା । ପ୍ରାଚୀନକାଳରୁ ଆଜି ପର୍ଯ୍ୟନ୍ତ ଜଳପଥ, ପରିବହନର ମାଧ୍ୟମ ହୋଇ ରହିଆସିଅଛି । ଏହାର କାରଣ



ଚିତ୍ର – ୧୩.୪ ଜଳ ପରିବହନ

- ପରିବହନର ଅନ୍ୟ ମାଧ୍ୟମ ଅପେକ୍ଷା ଏହା ଶସ୍ତା କାରଣ ଏହାକୁ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ କୌଣସି ଖର୍ଚ୍ଚ ଲାଗେ ନାହିଁ ।
- ଓଜନଦାର ଏବଂ ବଡ଼ ଆକାରର ଜିନିଷକୁ ପରିବହନ କରିବାକୁ ଏହା ଅତି ଦରକାରୀ । ଗୋଟିଏ ଜାହାଜ ଏକାଥରକେ ଲକ୍ଷ ଲକ୍ଷ ଟନ ଜିନିଷକୁ ବୋହିନେଇ ପାରେ ।
- ପେଟ୍ରୋଲ ଏବଂ ପେଟ୍ରୋଲଜାତ ଦ୍ରବ୍ୟର ପରିବହନ ପାଇଁ ଏହା ଉତ୍କୃଷ୍ଟ ମାଧ୍ୟମ ଅଟେ । କାରଣ ଏହା ଅନ୍ତଃମହାଦେଶୀୟ ପରିବହନ ସହିତ ଜଡିତ । ଭାରତରେ ଖଣିଜ ତୈଳର ଅଭାବ ରହିଅଛି । ଏଣୁ ମଧ୍ୟପ୍ରାଚ୍ୟ ଦେଶମାନଙ୍କରୁ ଏହା ଆମଦାନୀ କରାଯାଏ ।
- ଏହା ଇନ୍ଧନ ମିତବ୍ୟୟୀ ଏବଂ ପରିବେଶ ସୁରକ୍ଷାକାରୀ ପରିବହନ ମାଧ୍ୟମ ଅଟେ ।

ଜଳପଥକୁ ଦୁଇ ଭାଗରେ ବିଭକ୍ତ କରାଯାଇଅଛି । ତୁମେ ତାକୁ ଜାଣିଛ କି ? କାହିଁକି ତାକୁ ଅନ୍ତଃସ୍ଥଳୀୟ ଜଳପଥ ଓ ସାମୁଦ୍ରିକ ପଥ କୁହାଯାଏ ଖୋଜି ବାହାର କର ।

**୧. ଅନ୍ତସ୍ଥଳୀ ଜଳପଥ** – ଭାରତରେ ୧୪,୫୦୦ କି.ମି. ଅନ୍ତସ୍ଥଳୀ ଜଳପଥ ରହିଅଛି । ସେଗୁଡ଼ିକ ନଦୀ, କେନାଲ ଏବଂ ସଂକୀର୍ଣ୍ଣ ଉପସାଗରକୁ ମିଶ୍ରଣ କରିଛି । କିନ୍ତୁ କେବଳ ୩,୭୦୦ କି.ମି. ନଦୀପଥ ମିଶନ ଖଞ୍ଜା ଯାଇଥିବା ଡଙ୍ଗା ଚାଳିବାରେ ସୁବିଧାଜନକ ଅଟେ । ଉତ୍ତରରେ ଗଙ୍ଗା ଏବଂ ବ୍ରହ୍ମପୁତ୍ର ନଦୀରେ, ଦକ୍ଷିଣରେ


ଗୋଦାବରୀ, କୃଷ୍ଣା ଓ କାବେରୀ ନଦୀରେ ମେସିନ ଡଙ୍ଗା ଚାଲୁଅଛି । ଜାତୀୟ ରାଜପଥର ଯାନ ଚଳାଚଳର ପରିମାଣକୁ ଭାରତୀୟ ଅନ୍ତସ୍ଥଳୀ ଜଳପଥ କମାଇ ଦେବାରେ ସକ୍ଷମ ହୋଇଅଛି । ଏହା ଜିନିଷଗୁଡ଼ିକର ପରିବହନରେ ସାହାଯ୍ୟ କରେ ।

**ଭାରତୀୟ ଅନ୍ତସ୍ଥଳୀ ଜଳପଥ ଅଧିକାରୀ –** ୧୯୮୬ ମସିହାରେ ଭାରତୀୟ ଅନ୍ତସ୍ଥଳୀ ଜଳପଥ ବିଭାଗ ଜଳପଥର ବିକାଶ ପରିଚାଳନା ଏବଂ ରକ୍ଷଣାବେକ୍ଷଣର ଦାୟିତ୍ୱ ଭାରତ ଭିତରେ ନେଇଥିଲା । ନିମ୍ନଲିଖିତ ତିନିଗୋଟି ଜଳପଥକୁ ଜାତୀୟ ଜଳପଥ ରୂପେ ଘୋଷଣା କରାଯାଇଅଛି ।

**ଜାତୀୟ ଜଳପଥ ନମ୍ବର–୧** – ଗଙ୍ଗା ନଦୀ ଉତ୍ତର ପ୍ରଦେଶ ଏଲ୍‌ହାବାଦଠାରୁ ପଶ୍ଚିମବଙ୍ଗର ହଳଦିଆ ପର୍ଯ୍ୟନ୍ତ ୧୬୨୦ କି.ମି. ସୁନାବ୍ୟ ।

**ଜାତୀୟ ଜଳପଥ ନମ୍ବର –୨** – ବ୍ରହ୍ମପୁତ୍ର ନଦୀ ଆସାମର ସାଦିଆଠାରୁ ଧୁବ୍ରି ପର୍ଯ୍ୟନ୍ତ ୮୯୧ କି.ମି. ସୁନାବ୍ୟ ।

**ଜାତୀୟ ଜଳପଥ ନମ୍ବର – ୩** – କେରଳର କୋଲାମଠାରୁ କୋଟାପୁରମ୍ ପର୍ଯ୍ୟନ୍ତ ୨୦୫ କି.ମି. କେନାଲ ପଥ ସୁନାବ୍ୟ ଅଟେ ।




ଚିତ୍ର – ୧୩.୫ ଭାରତର ମୁଖ୍ୟ ବନ୍ଦର

**୨. ସାମୁଦ୍ରିକ ଜଳପଥ –** ତୁମେ ଯଦି ଭାରତ ମାନଚିତ୍ରକୁ ଲକ୍ଷ୍ୟ କରିବ ଭାରତର ତିନିଦିଗ ବଙ୍ଗୋପସାଗର, ଆରବ ସାଗର ଏବଂ ଭାରତ ମହାସାଗର ଦ୍ୱାରା ଘେରି ରହିଥିବାର ଦେଖିବା ଭାରତରେ ସାମୁଦ୍ରିକ ଉପକୂଳ ଦୈର୍ଘ୍ୟ ୭୫୧୬ କି.ମି. ଅଟେ । ୧୯୪୭ ମସିହାରେ ଭାରତର କେବଳ ୪୯ଟି ଜାହାଜ ଥିଲା ଯାହାର କ୍ଷମତା ୧,୨.୦୮୩ ଟନ ଜିନିଷ ନେବାର ଥିଲା । ସ୍ୱାଧୀନତା ପରେ ୨୦୦୪ ସୁଦ୍ଧା ଭାରତର ୬୧୬ ଟି ଜାହାଜ ଥିଲା । ଯେଉଁମାନଙ୍କର ଜିନିଷ ବୋହିନେବା କ୍ଷମତା ୭୦୦,୦୦୦ ଟନ ଥିଲା ।

ଭାରତ ଜଳପଥର ଦୁଇଗୋଟି ଶ୍ରେଣୀ ବିଭାଗ ହେଲା –

(କ) **ଉପକୂଳୀୟ ଜାହାଜ ଚଳାଚଳ** – ଭାରତ ଉପକୂଳରେ ଥିବା ବନ୍ଦରମାନଙ୍କ ମଧ୍ୟରେ ଯାତ୍ରୀ ଏବଂ ଜିନିଷ ପରିବହନ ପାଇଁ ଏହା ଉଦ୍ଦିଷ୍ଟ । ନାଭିଗେସନ କମ୍ପାନୀମାନଙ୍କର ପ୍ରାୟ ୧୦୦ ଜାହାଜ ଏହି କାମ କରୁଛନ୍ତି । ଏମାନେ ୭ ଲକ୍ଷ ଟନ ଜିନିଷକୁ ଭାରତର ପ୍ରଧାନ ବନ୍ଦର ୧୨ ଗୋଟି ଓ ମଧ୍ୟମ ଓ ଛୋଟ ୧୮୯ଟି ବନ୍ଦର ମଧ୍ୟଦେଇ କାରବାର କରୁଛନ୍ତି ।

(ଖ) **ଆନ୍ତର୍ଜାତୀୟ ଜାହାଜ ଚଳାଚଳ** – ଭାରତର ଅଧିକାଂଶ ଜାହାଜ ଚଳାଚଳ ଆନ୍ତର୍ଜାତୀୟ ବାଣିଜ୍ୟ ପାଇଁ ଉଦ୍ଦିଷ୍ଟ । ପୂର୍ବ ଉପକୂଳରେ ଥିବା ବନ୍ଦରମାନଙ୍କରୁ ମିଆଁମାର, ମାଲେସିଆ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, ଚାଇନା, ଜାପାନକୁ ଜାହାଜ ଚଳାଚଳ କରେ ଏବଂ ପଶ୍ଚିମ ଉପକୂଳରେ ଥିବା ବନ୍ଦରମାନଙ୍କରୁ ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପ ଏବଂ ଏସିଆର ଦେଶମାନଙ୍କ ବନ୍ଦରମାନଙ୍କୁ ଜାହାଜ ଚଳାଚଳ କରେ । ଏହି ବନ୍ଦରମାନଙ୍କ ଦ୍ୱାରା ଆମଦାନୀ ଓ ରପ୍ତାନୀ କାର୍ଯ୍ୟ ସମ୍ପାଦନ କରାଯାଏ ।

## ପାଠଗତ ପ୍ରଶ୍ନାବଳୀ ୧୩.୨

୧. (କ) ତଳେ ଦିଆଯାଇଥିବା ମାନଚିତ୍ର ଦେଖି ସାରଣୀଟିକୁ ପୂରଣ କର ।

| ବନ୍ଦର | ରାଜ୍ୟ | ଉପକୂଳ |
|---|---|---|
| ମୁମ୍ବାଇ | ମହାରାଷ୍ଟ୍ର | ପଶ୍ଚିମ ଉପକୂଳ |
| | | |
| | | |
| | | |
| | | |
| | | |
| | | |
| | | |


(ଖ) କେଉଁ ଅଞ୍ଚଳରେ ବନ୍ଦର ନାହିଁ ସୂଚାଅ । ନଥିବାର କାରଣ ଲେଖ ।





## ୧୩.୨.୩. ବାୟୁ ପରିବହନ

ତୁମେ କ'ଣ ଗୋଟିଏ ପକ୍ଷୀ ପରି ଉଡିବାକୁ ଚାହୁଁଛ କି ? ଆକାଶ ପଥରେ କୌଣସି ଟ୍ରାଫିକର ସମ୍ମୁଖୀନ ନହୋଇ ତୁମେ ଶୀଘ୍ର ତୁମ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ । ରାଇଟ ବ୍ରଦରଙ୍କ ଦ୍ୱାରା ୧୯୦୩ ମସିହାରେ ତିଆରି ହୋଇଥିବା ଉଡାଜାହାଜର ଡିଜାଇନ ଅନୁସାରେ ଆମର ଆଧୁନିକ ଉଡାଜାହାଜଗୁଡ଼ିକ ତିଆରି ହୋଇଥିଲା । ଭାରତରେ ବାୟୁ ପରିବହନ ୧୯୧୧ ମସିହାରେ ଆରମ୍ଭ ହୋଇଥିଲା । ଆଜିକାଲି ସଡକ ପଥ ଏବଂ ରେଳପଥ ଭଳି ଆକାଶ ପଥ ଗୁରୁତ୍ୱ ବୃଦ୍ଧି ପାଇଅଛି । ଭାରତରେ ଘରୋଇ ଏବଂ ଆନ୍ତର୍ଜାତିକ ବିମାନ ସେବା ଉପଲବ୍ଧ ହୁଏ । ଆସ ଆଧୁନିକ ଯୁଗରେ ଏହାର ଗୁରୁତ୍ୱ ବିଷୟରେ ଆଲୋଚନା କରିବା ।



ଚିତ୍ର ୧୩.୭ ଆକାଶ ପଥ ପରିବହନ

- ବାୟୁ ପରିବହନ ଦ୍ୱାରା ପୃଥିବୀ ଗୋଟିଏ ଗ୍ଲୋବାଲ ଗ୍ରାମ ପାଲଟିଯାଇଅଛି । ଏହା ପରିବହନର ଦ୍ରୁତଗାମୀ ମାଧ୍ୟମ ଅଟେ । ଶହ ଶହ କି.ମି. ଦୂରତାକୁ ଅଳ୍ପ କେତେ ଘଣ୍ଟା ମଧ୍ୟରେ ଲଂଘନ କରି ମନୁଷ୍ୟ ନିଜ ଲକ୍ଷ୍ୟ ସ୍ଥଳରେ ବାୟୁ ପରିବହନ ଦ୍ୱାରା ପହଞ୍ଚିପାରୁଛି ।
- ଏହା ଭୂଭାଗ ପ୍ରତିବନ୍ଧକରୁ ମୁକ୍ତ ଅଟେ । ଭୂଭାଗ ପ୍ରତିବନ୍ଧକ ହେଲା ପର୍ବତଶ୍ରେଣୀ, ଘଞ୍ଚ ଅରଣ୍ୟ, ସନ୍ତସନ୍ତିଆ କିମ୍ବା ବନ୍ୟା ପ୍ଲାବିତ ଭୂମି ।
- ଜାତୀୟ ନିରାପତ୍ତା ପାଇଁ ଏହାର ଗୁରୁତ୍ୱ ଅଧିକ ।
- ଏହା ବିଭିନ୍ନ ମହାଦେଶର ଦେଶଗୁଡ଼ିକୁ ଯୋଡି ପୃଥିବୀକୁ ଗୋଟିଏ ଗ୍ଲୋବାଲ ଗ୍ରାମ କରିପାରିଛି ।
- ଏହା ଫଳ, ପନିପରିବା, ମୂଲ୍ୟବାନ ଦ୍ରବ୍ୟ (ମୂଲ୍ୟବାନ ଔଷଧ) ଏବଂ ବ୍ୟବହାରିକ ଜ୍ଞାନ ସମ୍ପନ୍ନ ମେସିନ ପ୍ରଭୃତିକୁ ସମୟର ଚାହିଦା ଅନୁସାରେ ପଠାଇବା ପାଇଁ ସୁବିଧାଜନକ ମାଧ୍ୟମ ଅଟେ ।
- ପ୍ରାକୃତିକ ଏବଂ ଯେକୌଣସି ବିପର୍ଯ୍ୟୟ ସମୟରେ ଲୋକମାନଙ୍କର ତତ୍‌କ୍ଷଣାତ ରକ୍ଷା କରିବା ପାଇଁ କିମ୍ବା ସେମାନଙ୍କୁ ଅତି ଦରକାରୀ ଜିନିଷ ଯୋଗାଇବା ପାଇଁ ଏହା ଅଧିକ କାମରେ ଲାଗିଥାଏ ।

ଯାତ୍ରା ଏବଂ ପରିବହନ ଖର୍ଚ୍ଚ ଅଧିକ ବାୟୁ ପରିବହନର ବଡ଼ ତ୍ରୁଟି ଅଟେ । ତେଣୁ ଏହା ସାଧାରଣ ଲୋକଙ୍କ ପହଞ୍ଚର ବାହାର ଅଟେ । ବିଗତ ଅଳ୍ପ କେତେ ବର୍ଷ ହେଲା ବାୟୁ ପରିବହନ ଦ୍ରୁତ ଗତିରେ ବଢ଼ି ଚାଲିଅଛି ।

ଭାରତରେ ବାୟୁ ପରିବହନ ବ୍ୟବସ୍ଥାକୁ ନିମ୍ନଲିଖିତ ଶ୍ରେଣୀରେ ବିଭକ୍ତ କରାଯାଇଅଛି ।

## ୧୩.୨.୪ ଘରୋଇ ଏବଂ ଆନ୍ତର୍ଜାତୀୟ ସେବା

ଘରୋଇ ଏବଂ ଆନ୍ତର୍ଜାତୀୟ ସେବା ସରକାର ଏବଂ ଘରୋଇ କମ୍ପାନୀ ଦ୍ୱାରା ହୋଇଥାଏ । ପବନ ହଂସ ହେଲିକପ୍ଟର ଲିମିଟେଡ୍ (ସରକାରୀ ସ୍ୱୀକୃତିପ୍ରାପ୍ତ) ଏହି କମ୍ପାନୀ ତୈଳ ଏବଂ ପ୍ରାକୃତିକ ଗ୍ୟାସ ସଂସ୍ଥାକୁ ପରିବହନ ସେବା ଯୋଗାଇଥାଏ । ଯାହାକି ଦେଶର ଉତ୍ତର ପୂର୍ବରେ ଏବଂ ଇଣ୍ଡିଆନ ଅଏଲ ଅଞ୍ଚଳରେ କାମ କରୁଅଛି ।

## ପାଠଗତ ପ୍ରଶ୍ନାବଳୀ – ୧୩.୩

୧. କେଉଁ ରାଜ୍ୟରେ ଗୋଟିକରୁ ଅଧିକ ଆନ୍ତର୍ଜାତିକ ବିମାନବନ୍ଦର ରହିଅଛି ?

୨. ଦୁଇଗୋଟି ରାଜ୍ୟର ନାମ ଲେଖ ଯେଉଁଠାରେ କି ଆନ୍ତର୍ଜାତିକ ବିମାନ ବନ୍ଦର ନାହିଁ ?

୩. ତୁମ ଘରଠାରୁ ନିକଟରେ କେଉଁ ଘରୋଇ ଏବଂ ଆନ୍ତର୍ଜାତିକ ବିମାନ ବନ୍ଦର ରହିଅଛି ଲେଖ ।

## ୧୩.୩ ଯୋଗାଯୋଗ ଏବଂ ଏହାର ଗୁରୁତ୍ୱ

ତୁମ ଭଉଣୀର ବିବାହ ଠିକ୍ ହୋଇଯାଇଅଛି । ତୁମେ ଚାହୁଁଛ ଯେ ତୁମର ସବୁ ସମ୍ପର୍କୀୟ ଏବଂ ସାଙ୍ଗ ଏହି ବିବାହ ଉତ୍ସବରେ ଯୋଗ ଦିଅନ୍ତୁ । ତୁମେ ସେମାନଙ୍କୁ କିପରି ଜଣାଇବ ? ହଠାତ୍ ତୁମ ଜେଜବାପା ହୃଦଘାତରେ ଆକ୍ରାନ୍ତ ହେଲେ ତୁମ ବାପା ତାଙ୍କ ଅଫିସରେ ଅଛନ୍ତି । ତୁମେ କିପରି ତାଙ୍କୁ ତତ୍‌କ୍ଷଣାତ୍ ଜଣାଇବ ? ତୁମେ କିପରି ଜାଣିବାକୁ ପାଇଥିଲ ଯେ ଟୁସମାନି ଜାପାନରେ ଅଛି ? କିମ୍ବା ଇଜିପ୍ଟର ଲକ୍ଷ ଲକ୍ଷ ଲୋକ ରାଷ୍ଟ୍ରପତିଙ୍କୁ ବିରୋଧ କରୁଛନ୍ତି ? ଉପରେ ବର୍ଣ୍ଣିତ ତୁମର ପ୍ରଶ୍ନଗୁଡ଼ିକର ଉତ୍ତର ଦୈନିକ ଯୋଗାଯୋଗରୁ ହିଁ ପାଇପାରିବ । ଏହାର ଆବଶ୍ୟକତା ଏବଂ ଯୋଗାଯୋଗକୁ ବହନ କରୁଥିବା ବିଭିନ୍ନ ମାଧ୍ୟମ ବିଷୟରେ ତୁମର ଜାଣିବା ଆବଶ୍ୟକ । ଯୋଗାଯୋଗ ହେଉଛି, ଚିନ୍ତା, ଭାବନା, ସମ୍ବାଦ, ଖବର ପ୍ରେରଣାର ଏକ ମାଧ୍ୟମ । ଏହା ତୁମ ଦୁଃଖ ସୁଖରେ ତୁମ ପରିବାର ଲୋକ ଏବଂ ସାଙ୍ଗମାନଙ୍କୁ ଭାଗିଦାର କରାଇପାରିବ ।


ତୁମେ ବର୍ତ୍ତମାନ ବୁଝିପାରିଥିବ ଯେ ଯୋଗାଯୋଗ ମଧ୍ୟ ପରିସ୍ଥିତିକୁ ନେଇ ବଦଳି ପାରେ । ଯୋଗାଯୋଗର ମାଧ୍ୟମ ବିଭିନ୍ନ ପ୍ରକାରର ଅଟେ । ଲୋକେ ଚିଠି ଲେଖି, ଟେଲିଗ୍ରାମ ପଠାଇ, ରେଡିଓ, ଟି.ଭି., କମ୍ପ୍ୟୁଟର ଟେକନୋଲୋଜି, ସମ୍ବାଦପତ୍ର, ପତ୍ରିକା, ଏବଂ ପାମ୍ପଲେଟ ଦ୍ୱାରା ସମ୍ବାଦ ପ୍ରେରଣ କରିପାରୁଛନ୍ତି । ବାଣିଜ୍ୟ-ବ୍ୟବସାୟ ଏବଂ ଅନ୍ୟ ସେବା ପାଇଁ ଲୋକେ ଟେଲିଗ୍ରାମ, ଫ୍ୟାକସ୍ ଏବଂ ଇ-ମେଲ ଦ୍ୱାରା ଖବର ପଠାଇ ପାରନ୍ତି । ଦ୍ରୁତ ସମ୍ବାଦ ପ୍ରେରଣର ମାଧ୍ୟମ ଇ-ମେଲ ଅଟେ ଏହା ପ୍ରାୟ ମାଗଣା ।

ଏହା ମଧ୍ୟ ଜାଣିବା ଦରକାର ଯେ କେଉଁ ଉଦ୍ଦେଶ୍ୟ ପାଇଁ କେଉଁ ଯୋଗାଯୋଗକୁ ପସନ୍ଦ କରିବ ।

ବର୍ତ୍ତମାନ ଯୋଗାଯୋଗର ବିଭିନ୍ନ ମାଧ୍ୟମକୁ ଦୁଇଟି ଗ୍ରୁପରେ ବିଭକ୍ତ କରିବା ।

୧. ବ୍ୟକ୍ତିଗତ ଯୋଗାଯୋଗର ମାଧ୍ୟମ

୨. ଗଣ ଯୋଗାଯୋଗର ମାଧ୍ୟମ




ଚିତ୍ର – ୧୩.୮ ଖ୍ୟାତନାମା ଆନ୍ତର୍ଜାତିକ ବିମାନ ବନ୍ଦର

**୧. ବ୍ୟକ୍ତିଗତ ଯୋଗାଯୋଗର ମାଧ୍ୟମ** – ଏହାକୁ ଆମ୍ଭେମାନେ ଦୁଇଟି ଅଂଶରେ ବିଭକ୍ତ କରିବା ।

(କ) ଡାକ ସେବା

(ଖ) ଟେଲିଫୋନ ସେବା

**(କ) ଡାକ ସେବା** – ଡାକସେବା ହେଉଛି ସର୍ବ ପୁରାତନ ଯୋଗାଯୋଗ ବ୍ୟବସ୍ଥା । ଚିଠି ଲେଖାର ଗୁରୁତ୍ୱ ହ୍ରାସ ପାଇନାହିଁ କିନ୍ତୁ ବର୍ତ୍ତମାନ ମଧ୍ୟ ଏହାର ଗୁରୁତ୍ୱ ରହିଅଛି । ଭାରତର ଡାକସେବା ପୃଥିବୀର ସର୍ବବୃହତ ଡାକ ସେବା ଅଟେ । ୨୦୦୧ ସୁଦ୍ଧା ଭାରତରେ ୧,୫୫,୦୦୦ ଡାକ ଘର ଥିଲା ଯାହାକି ଲୋକଙ୍କୁ ଚିଠି ପଠାଇବା, ଟଙ୍କା ପଠାଇବା, ପାର୍ସଲ ପଠାଇବା ଏବଂ ଟଙ୍କା ସଞ୍ଚୟ କରିବା ସେବା ଯୋଗାଉଅଛି ।

**(ଖ) ଟେଲିଫୋନ ସେବା** – ଏହା ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ସେବା ମଧ୍ୟରୁ ଅନ୍ୟତମ ଅଟେ । ଏହା ବିସ୍ତୃତ ଭାବରେ ବ୍ୟବହୃତ ଯୋଗାଯୋଗର ମାଧ୍ୟମ ଅଟେ । ଏହା ଶୀଘ୍ର ଏବଂ ବ୍ୟବହାର ଯୋଗ୍ୟ, ଅବିଚ୍ଛିନ୍ନ ଆବଶ୍ୟକତା ପୂରଣ କରିବାରେ ଲାଗିଥାଏ ।

**୨. ଗଣଯୋଗାଯୋଗର ମାଧ୍ୟମ** – ଯେଉଁ ମାଧ୍ୟମରେ ବହୁତଗୁଡ଼ିଏ ଲୋକଙ୍କୁ ସମ୍ବାଦ ଯୋଗାଯାଇ ପାରୁଛି । ତାକୁ ମିଡିଆ କିମ୍ବା ଗଣଯୋଗାଯୋଗ କୁହାଯାଏ । ସେଗୁଡ଼ିକ ହେଲା ରେଡିଓ, ଟେଲିଭିଜନ, ଖବରକାଗଜ, ଚଳଚିତ୍ର, ପୁସ୍ତକ, ପତ୍ରପତ୍ରିକା, ଉପଗ୍ରହ ଯୋଗାଯୋଗ ।

**(କ) ରେଡିଓ (ବେତାର)** – ୧୯୨୭ ମସିହାରେ ମୁମ୍ବାଇ ଏବଂ କୋଲକାତାରୁ ବେତାର ସମ୍ପ୍ରସାରଣ ଆରମ୍ଭ ହୋଇଥିଲା । ଏହା ଲୋକମାନଙ୍କ ମନୋରଞ୍ଜନ ପାଇଁ, ଶିକ୍ଷିତ କରିବା ପାଇଁ ଏବଂ ଦେଶର ଲୋକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ଜଣାଇବା ପାଇଁ ସଂପ୍ରସାରିତ ହୋଇଥିଲା । ବର୍ତ୍ତମାନ ଅଲ୍ ଇଣ୍ଡିଆ ରେଡିଓ ଦେଶର ୯୦% ଅଞ୍ଚଳରେ ୯୮.୮% ଲୋକଙ୍କୁ ସେବା ଯୋଗାଉଅଛି ।

**(ଖ) ଟେଲିଭିଜନ** – ଜାତୀୟ ଟେଲିଭିଜନ ସେବା ୧୯୫୯ ମସିହାର ପୃଥିବୀର ସର୍ବବୃହତ ଭୂମି ସମ୍ପ୍ରସାରଣ ସଂସ୍ଥା ଦ୍ୱାରା ଭାରତରେ ଆରମ୍ଭ ହୋଇଥିଲା । ୮୭% ଲୋକେ ଏହାକୁ ଦେଖିପାରୁଛନ୍ତି । ଟେଲିଭିଜନ ପ୍ରୋଗ୍ରାମ ଜାତୀୟ ଆଞ୍ଚଳିକ ଏବଂ ସ୍ଥାନୀୟ ଦୂରଦର୍ଶନ କେନ୍ଦ୍ର ଦ୍ୱାରା ଘୋଷଣା କରାଯାଇଥାଏ । ଶିକ୍ଷା ପାଇଁ ସମ୍ବାଦ ପରିବେଷଣ ପାଇଁ ଏବଂ ମନୋରଞ୍ଜନ ପାଇଁ ଘରୋଇ ଚ୍ୟାନେଲଗୁଡ଼ିକ ଉପଲବ୍ଧ ହେଉଅଛି ।

**(ଗ) କମ୍ପ୍ୟୁଟର (ଇନ୍‌ଫରମେସନ ଟେକ୍‌ନୋଲୋଜି)** – ଆଜିକାଲି କମ୍ପ୍ୟୁଟର ଯୋଗାଯୋଗ ଆର୍ଥିକ ପ୍ରଗତିର ମୂଳଦୁଆ ପାଲଟିଯାଇଅଛି । ଏହା ସବୁ କ୍ଷେତ୍ରରେ ବ୍ୟବହୃତ ହେଉଅଛି । ବିଶେଷ କରି ଘରେ, ଅଫିସରେ ଦୋକାନରେ, ଡାକ୍ତରଖାନାରେ, ରେଲୱେ ଷ୍ଟେସନରେ, ବିମାନବନ୍ଦରରେ, ବ୍ୟାଙ୍କରେ, ଶିକ୍ଷା ଅନୁଷ୍ଠାନରେ ଏହା ବ୍ୟବହୃତ ହେଉଅଛି ।

## ୧୩.୩.୧ ଅତି ଆଧୁନିକ ଯୋଗାଯୋଗ କୌଶଳ

ବିଗତ ବର୍ଷମାନଙ୍କରେ ନୂତନ କୌଶଳର ବିଦ୍ରୋହ ଦେଖାଦେଲା ଯାହାକି ଲୋକମାନଙ୍କୁ ନିମ୍ନକ୍ତୋ ପ୍ରକାରେ ସାହାଯ୍ୟ କଲା ।

**(କ) ଇଣ୍ଟରନେଟ** – ଏହା ସହଜରେ ବିଭିନ୍ନ ପ୍ରକାର ଖବର ଯୋଗାଏ । ଏହାର ବଟନ ଟିପିଲା ମାତ୍ରେ ଏହା ପୃଥିବୀର ସମସ୍ତ ପ୍ରକାର କମ୍ପ୍ୟୁଟରକୁ ଯୋଡି ଖବର ଯୋଗାଏ ।

**(ଖ) ଭିଡିଓ କନ୍‌ଫରେନ୍‌ସିଙ୍ଗ** – ବହୁ ଦୂରରେ ବସିଥିବା ଲୋକେ ଏହାଦ୍ୱାରା କଥାବର୍ତ୍ତା ହୋଇପାରିବ ଏବଂ ସେମାନଙ୍କର ମତ ଟେଲିକମ୍ୟୁନିକେସନ ଏବଂ କମ୍ପ୍ୟୁଟର ଦ୍ୱାରା ବ୍ୟକ୍ତ କରିପାରିବେ ।

**(ଗ) ଇ–କମର୍ସ** – ଏଥିରେ ଇଣ୍ଟରନେଟ ଏବଂ ଫ୍ୟାକ୍‌ସ ମାଧ୍ୟମରେ ଜିନିଷର କିଣା ବିକାର ସୁବିଧା ଅଛି ।

**(ଘ) ଇଣ୍ଟର ଟେଲିଫୋନି** – ଏହା ସଫଟ ପ୍ରୋଗ୍ରାମ୍ ଅଟେ । ଏହା କମ୍ପ୍ୟୁଟରକୁ ଟେଲିଫୋନ ପରି କାର୍ଯ୍ୟ କରିବାକୁ ସକ୍ଷମ କରେ । ଏହି ସୁବିଧା କଲ୍‌ର ମୂଲ୍ୟକୁ କମାଇଦିଏ ।

**(ଙ) ଇ–ମେଲ୍** – ଏହା ଆଖି ପିଛୁଳାକେ ପୃଥିବୀର ଯେକୌଣସି ଲୋକକୁ ଚିଠି କିମ୍ବା ସମ୍ବାଦ ଇଣ୍ଟରନେଟ ମାଧ୍ୟମରେ ପଠାଇବାର ଧାରା ଅଟେ ।

**(ଚ) ଟେଲି–ମେଡିସିନ** – ଏହି କୌଶଳକୁ ବ୍ୟବହାର କରି ଡାକ୍ତରମାନେ ହଜାର ହଜାର କି.ମି. ଦୂରରେ ଥିବା ସେମାନଙ୍କ ରୋଗୀକୁ ପରାମର୍ଶ ଦେଇପାରୁଛନ୍ତି ।

ଏହିପରି ବୈଜ୍ଞାନିକ ଅଗ୍ରଗତି ଓ କୌଶଳ, ଯୋଗାଯୋଗ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଅଛି । ଲୋକମାନଙ୍କୁ ପରସ୍ପରର ନିକଟବର୍ତ୍ତୀ କରିପାରିଛି ଏବଂ ପୃଥିବୀକୁ ଗ୍ଲୋବାଲ ଗ୍ରାମରେ ପରିଣତ କରିପାରିଅଛି ।

## ତୁମ ପାଇଁ କାର୍ଯ୍ୟ ୧୩.୬

ପୁରୁଣା ତାସ ମୁଠା ନିଅ, ପୁରୁଣା ଖବର କାଗଜ କିମ୍ବା ପତ୍ରିକାରୁ ପୁରୁଣା ଯୋଗାଯୋଗର ଚିତ୍ର ସଂଗ୍ରହ କର । ପ୍ରତ୍ୟେକ ତାସରେ ଗୋଟିଏ ଛବିକୁ ଲଗାଅ । ତାର ପଛ ପାଖରେ ଏହା ସମ୍ବନ୍ଧରେ ଗୋଟିଏ ପ୍ରଶ୍ନ ଲେଖ । ବର୍ତ୍ତମାନ ତୁମ ପାଖରେ ଗୋଟିଏ ସେଟ ଯୋଗାଯୋଗର କାର୍ଡ ଅଛି । ତୁମ ପରିବାର କିମ୍ବା ସାଙ୍ଗ ସହିତ ଖେଳ ।

**ସୂଚନା** – କେଉଁ ଯୋଗାଯୋଗର ମାଧ୍ୟମ ଦ୍ୱାରା ଏକା ସଙ୍ଗରେ ସାରା ଦେଶକୁ ସମ୍ବାଦ ପଠାଇ ପାରିବ । (ଉତ୍ତର – ଟିଭି)

## ପାଠଗତ ପ୍ରଶ୍ନାବଳୀ ୧୩.୪

୧. ଶ୍ରେଣୀ ବିଭାଗ କର – କେଉଁଗୁଡ଼ିକ ବ୍ୟକ୍ତିଗତ ଯୋଗାଯୋଗ, ଗଣଯୋଗାଯୋଗ ଏବଂ ଅନ୍ୟ Electronic Monitor, Utility Van, Tractor, Telegram, Metro Rail, Mobile, Post Card, Fax, News Bulletin, Radio, Ambulance, Facebook, Twitter and Magazine Bulk, SMS.

୨. ତଳେ ଦିଆଯାଇଥିବା ବିବରଣୀ ପାଇଁ ଗୋଟିଏ ଶବ୍ଦ ଲେଖ –

(କ) ଚିନ୍ତାଧାରା, ମନୋଭାବ ଏବଂ ବାର୍ତ୍ତା ଯେଉଁ ପ୍ରଣାଳୀ ଦ୍ୱାରା ବିନିମୟ କରାଯାଏ ।

(ଖ) ଯେଉଁ ସେବା ଦ୍ୱାରା ଚିଠି, ପାରସେଲ ଏବଂ ଟଙ୍କା ପଠାଯାଏ ।

(ଗ) ଯେଉଁ ପ୍ରଣାଳୀ ଦ୍ୱାରା ଇଣ୍ଟରନେଟରେ ଚିଠି ଲେଖାଯାଏ ।

(ଘ) ଭାରତରେ ଯେଉଁ କର୍ତ୍ତୃପକ୍ଷ ରେଡିଓ ମାଧ୍ୟମରେ ସମ୍ବାଦ ପ୍ରେରଣ ପାଇଁ ଦାୟୀ ।

(ଙ) ବର୍ତ୍ତମାନ ଭାରତରେ ଅତ୍ୟଧିକ ସାଧାରଣ ଓ ଜଣାଶୁଣା ବ୍ୟକ୍ତିଗତ ଯୋଗାଯୋଗର ମାଧ୍ୟମ ।

## ତୁମେ କ'ଣ ଶିଖିଲ ?

- ପରିବହନ ଓ ଯୋଗାଯୋଗ ମାଧ୍ୟମରେ ଆବଶ୍ୟକତା ଏବଂ ଗୁରୁତ୍ୱ ।
- ଭାରତରେ ନିର୍ମିତ ହୋଇଥିବା ସଡକ ପଥର ପ୍ରକାର ଭେଦ ।
- ଦେଶର ପ୍ରଗତିରେ ରେଳପଥର ଭୂମିକା ।

- ଜଳପଥର ପ୍ରକାର ଭେଦ ଏବଂ ଦେଶର ବାଣିଜ୍ୟରେ ତା'ର ଗୁରୁତ୍ୱ ।
- ଆକାଶ ପଥର ଆବଶ୍ୟକତା ଭାରତ ଭଳି ଦେଶରେ ତା'ର ଗୁରୁତ୍ୱ ।
- ଆଧୁନିକ ଯୋଗାଯୋଗର ମାଧ୍ୟମ ଏବଂ ଆମ ଜୀବନରେ ସେମାନଙ୍କର ପ୍ରାସଙ୍ଗିକତା ।

## ଅନ୍ତିମ ପ୍ରଶ୍ନାବଳୀ

୧. ପରିବହନ ଏବଂ ଯୋଗାଯୋଗର ମାଧ୍ୟମଗୁଡ଼ିକ ଦେଶର ଅର୍ଥନୀତିର ଜୀବନରେଖା ବୋଲି କାହିଁକି ବିବେଚିତ ହୁଏ ?

୨. ସଡ଼କ ପଥର ତିନିଗୋଟି ଗୁଣ ଏବଂ ତିନିଗୋଟି ଦୋଷକୁ ଦର୍ଶାଅ ?

୩. ଭାରତ ପାଇଁ ଜଳପଥର ଗୁରୁତ୍ୱ କ'ଣ ?

୪. ଭାରତ ମାନଚିତ୍ରରେ ପ୍ରଧାନ ବନ୍ଦରଗୁଡ଼ିକୁ ଅନୁଧ୍ୟାନ କରି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

(କ) ଗଣନା କରି କହ ପୂର୍ବ ଉପକୂଳରେ କେତେଗୋଟି ବନ୍ଦର ଅଛି ।

(ଖ) ଦୁଇଗୋଟି ବନ୍ଦର ଥିବା ରାଜ୍ୟର ନାମ ଲେଖ ।

(ଗ) ଯେଉଁ ରାଜ୍ୟରେ ପାରାଦ୍ୱୀପ ବନ୍ଦର ଅଛି ତାହାର ନାମ ଲେଖ ।

(ଘ) ଗୋଆରେ ଥିବା ବନ୍ଦରର ନାମ ଲେଖ ।

(ଙ) ଭାରତର ଦକ୍ଷିଣତମ ପ୍ରାନ୍ତର ନାମ ଲେଖ ।

୫. ପରିବହନର ଅନ୍ୟ ମାଧ୍ୟମ ଅପେକ୍ଷା ରେଳ ପରିବହନର ଉପକାରଗୁଡ଼ିକ ଲେଖ ।

୬. ତୁମ ଦୈନନ୍ଦିନ କାର୍ଯ୍ୟକଳାପରେ ଯୋଗାଯୋଗର ଗୁରୁତ୍ୱ ଲେଖ ।


୭. ବ୍ୟକ୍ତିଗତ ଏବଂ ଗଣଯୋଗାଯୋଗ ମଧ୍ୟରେ ଥିବା ପାର୍ଥକ୍ୟ ଲେଖ ।

୮. ତୁମ ଶେଷ ରେଳଯାତ୍ରାରେ ସମ୍ମୁଖୀନ ହୋଇଥିବା ପାଞ୍ଚଗୋଟି ସମସ୍ୟା ସମ୍ବନ୍ଧରେ ଲେଖ ।

ପ୍ରତ୍ୟେକ ସମସ୍ୟାର ନିରାକରଣ ପାଇଁ ଅନ୍ତତଃ ପକ୍ଷରେ ଗୋଟିଏ ଉପାୟ ଲେଖ ।

୯. ଭାରତ ମାନଚିତ୍ରରେ ଯେଉଁ ରାଜ୍ୟଗୁଡ଼ିକରେ ଅଧିକ ମଧ୍ୟମ ଧରଣର ଏବଂ କମ ରେଳପଥର ଘନତ୍ୱ ରହିଛି । ତାହାର ନାମ ଲେଖ କାହିଁକି ଏହିପରି ହୋଇଛି ତାହାର କାରଣ ଲେଖ ।

(ସୂଚନା – କଷ୍ଟସାଧ୍ୟ ଭୂମି, ଜଳବାୟୁ ଅବସ୍ଥା, ଅର୍ଥ ପ୍ରଭୃତି)




**ପ୍ରକଳ୍ପ**– ତୁମ ଅଞ୍ଚଳରେ ଥିବା ପାଞ୍ଚଜଣଙ୍କ ସହିତ ସାକ୍ଷାତ କର ଏବଂ ବିଗତ ଦଶବର୍ଷ ଭିତରେ ନୂଆ ସଡକ ପଥ, ରେଳପଥ ନିର୍ମାଣ ବେଳେ କ'ଣ ସବୁ ପରିବର୍ତ୍ତନ ହୋଇଅଛି ସେମାନଙ୍କୁ ପଚାର ।

**କିମ୍ବା**

ଯଦି ତୁମ ଅଞ୍ଚଳ, ଜାଣିଲା ଯେ ରାସ୍ତା ତିଆରି ପାଇଁ କର୍ତ୍ତୃପକ୍ଷ ଦାୟୀ, ତୁମେ ସେ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇ ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କର ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୧୩.୧** ୧. (କ) ସିଲଚର ଏବଂ ପୋରବନ୍ଦର ଦେଶର ପୂର୍ବ ଏବଂ ପଶ୍ଚିମ ସୀମାରେ ରହିଅଛି ।

(ଖ) ସ୍ୱର୍ଣ୍ଣ ଚତୁର୍ଭୁଜ ଗୋଟିଏ ଜ୍ୟାମିତିକ ଚତୁର୍ଭୁଜ, ଯାହାକି ବିଭିନ୍ନ ପ୍ରକାର ଭୂମିରୂପ ଦେଇ ଦେଶ ମଧ୍ୟରେ ଯାଇଅଛି ।

୨. (କ) ନିମ୍ନଲିଖିତ କାରଣ ଯୋଗୁଁ ଏହି ଅଞ୍ଚଳରେ ରେଳପଥର ବିସ୍ତାର ଅଧିକ ।

ପଞ୍ଜାବ ଏବଂ ହରିୟାଣାରେ – କୃଷି ଉତ୍ପାଦନ ଅଧିକ ହେଉଥିବାରୁ ।

ମହାରାଷ୍ଟ୍ର ଏବଂ ଗୁଜୁରାଟ – ଶିଳ୍ପ ବିକାଶ ଯୋଗୁଁ ।

ଝାଡଖଣ୍ଡ ଏବଂ ଛତିଶଗଡ଼ – ଖଣିଜ ସମ୍ପଦର ଭଣ୍ଡାର ଥିବାରୁ

(ଖ) ସମୁଦାୟଙ୍କ ପାଇଁ ଉଭୟ ଗୁରୁତ୍ୱପୂର୍ଣ୍ଣ ପରିବହନର ମାଧ୍ୟମ ।

କୌଣସି ଅଞ୍ଚଳର ଉନ୍ନତି ପାଇଁ ଉଭୟ ଆବଶ୍ୟକ ।

ସାଧାରଣତଃ ବେଶି ଦୂରକୁ ଯିବା ପାଇଁ ରେଳପଥକୁ ବ୍ୟବହାର କରାଯାଏ ।

ଅଳ୍ପ ଦୂରତାକୁ ଅତିକ୍ରମ କରିବା ପାଇଁ ସାଧାରଣତଃ ସଡକ ପଥକୁ ପସନ୍ଦ କରାଯାଏ ।

ରେଳପଥ ଦ୍ୱାରା ବଡ ଆକାରର ଜିନିଷ ପଠାଯାଏ ।

ସଡକ ପଥରେ ଛୋଟ ଛୋଟ ଜିନିଷ ପଠାଯାଏ ।

ରେଳପଥ ଅଧିକ ନିର୍ମାଣ ଖର୍ଚ୍ଚ ଏବଂ ରକ୍ଷଣାବେକ୍ଷଣ ମୂଲ୍ୟ ସହିତ ସମ୍ପୃକ୍ତ ।

ସଡକ ପଥ କମ ନିର୍ମାଣ ଖର୍ଚ୍ଚ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ସହିତ ସମ୍ପୃକ୍ତ ।

୩. କାରଣ ଉଚ୍ଚ ପର୍ବତ ଏବଂ ବନ୍ଧୁର ଭୂମିରୂପ ରହିଛି, ଉଦାହରଣ ସ୍ୱରୂପ ସିକିମ ଏବଂ ଅରୁଣାଚଳ ପ୍ରଦେଶ ।

**୧୩.୨** ୧. (କ) ଟେବୁଲ

| ବନ୍ଦର | ରାଜ୍ୟ | ଉପକୂଳ |
|---|---|---|
| କାଣ୍ଡଳା | ଗୁଜୁରାଟ | ପଶ୍ଚିମ |
| ମୁମ୍ବାଇ | ମହାରାଷ୍ଟ୍ର | ପଶ୍ଚିମ |
| ଜୱାହାରଲାଲ ନେହୁରୁ | ମହାରାଷ୍ଟ୍ର | ପଶ୍ଚିମ |
| ମାର୍ମାଗାଓ | ଗୋଆ | ପଶ୍ଚିମ |
| ନିଉମାଙ୍ଗାଲୋର | କର୍ଣ୍ଣାଟକ | ପଶ୍ଚିମ |
| କୋଚି | କେରଳ | ପଶ୍ଚିମ |
| ତୁତିକୋରିନ | ତାମିଲନାଡୁ | ପୂର୍ବ |
| ଚେନ୍ନାଇ | ତାମିଲନାଡୁ | ପୂର୍ବ |





| | | |
|---|---|---|
| ବିଶାଖାପାଟଣା | ଆନ୍ଧ୍ର | ପୂର୍ବ |
| ପାରାଦ୍ୱୀପ | ଓଡ଼ିଶା | ପୂର୍ବ |
| ହଳଦିଆ | ପଶ୍ଚିମବଙ୍ଗ | ପୂର୍ବ |
| କୋଲକାତା | ପଶ୍ଚିମବଙ୍ଗ | ପୂର୍ବ |

(ଖ) ରାଜସ୍ଥାନ, ହରିୟାଣା, ପଞ୍ଜାବ, ବିହାର ପ୍ରଭୃତି ରାଜ୍ୟରେ କୌଣସି ବନ୍ଦର ନାହିଁ । କାରଣ ଏହି ରାଜ୍ୟଗୁଡ଼ିକ ସମୁଦ୍ରଠାରୁ ଦୂରରେ ରହିଛି ।

**୧୩.୩** ୧. ମହାରାଷ୍ଟ୍ର

୨. ହରିୟାଣା ଏବଂ ରାଜସ୍ଥାନ

୩. ଶିକ୍ଷାର୍ଥୀର ଅନୁଭୂତି ଅନୁସାରେ

**୧୩.୪** ୧. ପରିବହନର ମାଧ୍ୟମ - ଉପଯୋଗୀ ଗାଡି, ଟ୍ରାକ୍ଟର, ମାଟିତଳ ରେଳଗାଡି, ଆମ୍ବୁଲାନ୍ସ, ଟ୍ରଲି, ସାଇକେଲ ।

ଯୋଗାଯୋଗର ମାଧ୍ୟମ - ଟେଲିଗ୍ରାମ, ମୋବାଇଲ, ପୋଷ୍ଟକାର୍ଡ, ଫ୍ୟାକ୍ସ, ଫେସବୁକ୍, ଟୁଇଟର ।

୨. (କ) ଯୋଗାଯୋଗ

(ଖ) ଡାକସେବା

(ଗ) ଇ-ମେଲ

(ଘ) ଅଲଇଣ୍ଡିଆ ରେଡିଓ

(ଙ) ମୋବାଇଲ ଫୋନ

# ୧୪
# ଜନସଂଖ୍ୟା
# ଆମର ସବୁଠାରୁ ବଡ଼ ସମ୍ପଦ

ବହୁତ ଲୋକ କହୁଥିବାର ଆମେ ସମସ୍ତେ ଶୁଣିଅଛୁ ଯେ, ଭାରତର ଜନସଂଖ୍ୟା ଗୋଟିଏ ବଡ଼ ସମସ୍ୟା । ତୁମେ ମଧ୍ୟ ଏହା ଅନୁଭବ କରିପାରୁଥିବ । ତୁମକୁ ଏହା ଜଣାଅଛି ଯେ, ଭାରତର ଜନସଂଖ୍ୟା ଏକ ବିଲିୟନରୁ ଅଧିକ ତଥାପି ଏହା ବଢୁଅଛି । ପରବର୍ତ୍ତୀ ଦଶନ୍ଧିରେ ଏହା ଚୀନର ଜନସଂଖ୍ୟାକୁ ଟପିଯିବ । ଏହା ନିଶ୍ଚିତ ଯେ, ପୃଥିବୀରେ ଏହା ଜନସଂଖ୍ୟା ବହୁଳ ରାଷ୍ଟ୍ର ହୋଇଯିବ । ଏହିପରି ଭାବରେ ଜନସଂଖ୍ୟା ସମ୍ପତ୍ତି ରୂପରେ ଦେଖାଦେବ । ଏହା ପ୍ରଗତିରେ ବାଧାସୃଷ୍ଟି କରିବ ଏବଂ ମନୁଷ୍ୟର ଗୁଣାତ୍ମକ ବିକାଶକୁ ରୋକିବ । କିନ୍ତୁ ଏହା ସତ୍ୟ କି ? ଆସ ଭାବିବା ଏବଂ ବୁଝିବା । ଦେଶପାଇଁ ଜନସଂଖ୍ୟା ସମ୍ପତ୍ତି ଏବଂ ସମ୍ପଦ ନୁହେଁ କି ? ଆଜିକାଲି ଭାରତ ପୃଥିବୀରେ ମାନବଶକ୍ତିର ଅଗ୍ରଣୀ ଦେଶ ବୋଲି ବିବେଚିତ ହେଉଅଛି । Global standing ପାଇଁ ଗୋଟିଏ ବଡ଼ ଅବଦାନ ହେଉଛି ଆମ ଦେଶର ଯୁବଶକ୍ତି, ଶିକ୍ଷିତ ଏବଂ ଉତ୍ପାଦକ୍ଷମ । ସେମାନେ କେବଳ ଯେ ଆମ ଦେଶର ପ୍ରଗତିପାଇଁ କାର୍ଯ୍ୟ କରୁଛନ୍ତି ତାହା ନୁହେଁ ପୃଥିବୀର ଅନ୍ୟକେତେକ ଦେଶ ପାଇଁ ମଧ୍ୟ ସହଯୋଗ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଜନସଂଖ୍ୟା ଦେଶର ଆର୍ଥିକସ୍ଥିତି ପାଇଁ ସବୁଠାରୁ ବଡ଼ ସମ୍ପଦ ଅଟେ । ଜନସଂଖ୍ୟା ଅଛି ଏହି ପାଠରୁ ତୁମେ ଜାଣିପାରିବ ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିସାରିଲା ପରେ ତୁମେ ଜାଣିବାକୁ ସକ୍ଷମ ହେବ ଯେ –

- ଜନସଂଖ୍ୟାକୁ କେବଳ ସଂଖ୍ୟା ଏବଂ ସମସ୍ୟା ନଭାବି ଦେଶର ସବୁଠାରୁ ବଡ଼ ସମ୍ପଦ ବୋଲି ଭାବିବା ।
- ଯେଉଁ ବିଷୟଗୁଡ଼ିକ ଜନସଂଖ୍ୟାକୁ ମାନବ ସମ୍ପଦ କରିଛି ତା'ର ବ୍ୟାଖ୍ୟା ।
- ଅଧିକ, ମଧ୍ୟମ ଏବଂ ସ୍ୱଳ୍ପ ଘନତ୍ୱ ବିଶିଷ୍ଟ ଅଞ୍ଚଳକୁ ବାଛିବା ଏବଂ ଭାରତ ମାନଚିତ୍ରରେ ଏହାକୁ ଦେଖିବା ।
- ଯେଉଁ ବିଷୟଗୁଡ଼ିକ ଜନସଂଖ୍ୟା ବଣ୍ଟନ ଓ ଘନତ୍ୱ ପାଇଁ ଦାୟୀ ତାହାର ବ୍ୟାଖ୍ୟା ।
- ଜନସଂଖ୍ୟା ପରିବର୍ତ୍ତନର ସୂଚନା ଜନସଂଖ୍ୟା ଗଠନ, ଗ୍ରାମ–ସହର ଜନସଂଖ୍ୟା ଗଠନ, ବୟସ ଗଠନ, ଲିଙ୍ଗ–ଗଠନ ଏବଂ ଶିକ୍ଷିତଙ୍କ ସଂଖ୍ୟା ବିଷୟରେ ଜାଣିବା ।
- ବୃଦ୍ଧଗୋଷ୍ଠୀ ଯେଉଁମାନେ କି ଜନସଂଖ୍ୟା କ୍ରିଟିକାଲ ଦଳରେ ଅଛନ୍ତି ବାଳଗୋଷ୍ଠୀ ଯେଉଁମାନେ କି ସାରଯୁକ୍ତ ମାନବ ସମ୍ପଦ ସେମାନଙ୍କ ଆବଶ୍ୟକତାକୁ ଉପଲବ୍ଧ କରିବା ।

- ଭାରତରେ ନାରୀ ସଶକ୍ତିକରଣର ଆବଶ୍ୟକତାକୁ ଚିହ୍ନିବା ।
- ଭାରତ ସରକାର ଗ୍ରହଣ କରିଥିବା ଜନସଂଖ୍ୟା ନୀତିର ମୂଲ୍ୟାଙ୍କନ, ବିଶେଷକରି ମାନବ ସମ୍ବଳର ବିକାଶ ପରିପ୍ରେକ୍ଷିରେ ଜାଣିବା ।

## ୧୪.୧ ସମ୍ପଦ ରୂପରେ ଜନସଂଖ୍ୟା

ସାଧାରଣତଃ ଆମେ ଜନସଂଖ୍ୟାର ଅର୍ଥ ଲୋକମାନଙ୍କ ସମଷ୍ଟିକୁ ବୁଝିଥାଉ । ତଳେ ଦିଆଯାଇଥିବା ବକ୍ସରେ ଆସ ଜନସଂଖ୍ୟାର ଅର୍ଥକୁ ବୁଝିବା । ଏହାକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଭିନ୍ନ ପ୍ରକାର ବ୍ୟାଖ୍ୟା କର । ବିଜ୍ଞାନ ଏବଂ ପ୍ରାଣୀବିଜ୍ଞାନ ବହିରେ ଜନସଂଖ୍ୟାର ଅର୍ଥ ଯାହା, ସାମାଜିକ ବିଜ୍ଞାନ, ଭୂଗୋଳ, ଅର୍ଥଶାସ୍ତ୍ର କିମ୍ବା ସମାଜ ଶାସ୍ତ୍ରରେ ତାହାର ଅର୍ଥ ଭିନ୍ନ ଅଟେ । ଏହାର ଅର୍ଥ ସ୍ୱାତନ୍ତ୍ର ଅଛି ତୁମେ ପରେ ଶିଖିବ । ଏହା କ'ଣ ତୁମେ ଜାଣିବାକୁ ଚାହୁଁଛକି ? ତୁମେ ଏହାକୁ ଷ୍ଟାଟିଷ୍ଟିକ୍ସ ପୁସ୍ତକର ପର୍ଯ୍ୟାଲୋଚନାକୁ ଜାଣିପାରିବ । ବର୍ତ୍ତମାନ ଏହିପାଠରେ ଜନସଂଖ୍ୟା କହିଲେ କୌଣସି ଭୌଗୋଳିକ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ବିଷୟରେ କୁହାଯାଇଛି । ଏହାକୁ ଜନସଂଖ୍ୟାରେ ଦର୍ଶାଯାଇଥାଏ । ପ୍ରାଥମିକ ଅବସ୍ଥାରେ ଲୋକମାନଙ୍କ ସଂଖ୍ୟାକୁ ଦର୍ଶାଯାଇଅଛି କିନ୍ତୁ ଜନସଂଖ୍ୟାକୁ ସଂପଦ କିମ୍ବା ମାନବ ସଂପଦ ରୂପରେ ବିଚାର କରାଯାଇଅଛି ।

**ଜନସଂଖ୍ୟାର ଅର୍ଥ କ'ଣ ?**

- କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରୁଥିବା ଲୋକ ସଂଖ୍ୟା (ତାହା ଗ୍ରାମ, ସହର, ରାଜ୍ୟ, ଦେଶ, ପୃଥିବୀ ହୋଇପାରେ)
- କୌଣସି ଗୋଷ୍ଠୀ, ଜାତି, ଶ୍ରେଣୀ, ସମୁଦାୟ ଲୋକମାନଙ୍କ ସଂଖ୍ୟା । (ସେମାନେ ଅନୁସୂଚିତ ଜାତି, ଜନଜାତି କିମ୍ବା ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଶିଖ୍ ପ୍ରଭୃତି ଧାର୍ମିକ ଗୋଷ୍ଠୀର ଲୋକ ହୋଇପାରନ୍ତି ।)
- ଜୀବ ବିଜ୍ଞାନରେ ନିର୍ଦ୍ଦିଷ୍ଟ ଶ୍ରେଣୀର ପ୍ରାଣୀର ଶଙ୍କରୀକରଣ (ତାହା ବାଘମାନଙ୍କ ସଂଖ୍ୟା, ହରିଣମାନଙ୍କ ସଂଖ୍ୟା ହୋଇପାରେ) ।

ସଂପଦ କ'ଣ ? ଏହା ହେଉଛି କିଛି ଜିନିଷ ଯାହାକୁ ଥରେ କିମ୍ବା ବାରମ୍ବାର ବ୍ୟବହାର କରାଯାଏ । ଆସ ଘର ଭିତରର ଚାରିପାଖକୁ ଦେଖିବା ଆମେ ଆସବାବପତ୍ର, ବହି, ଖାତା, କଲମ, କପ୍ ପ୍ରଭୃତି ଜିନିଷ ଦେଖିବା । ଆମେ ସେଗୁଡ଼ିକୁ ଆମର ସଂପଦ ବୋଲି ବିଚାର କରୁ ଏବଂ ଆମ ଦୈନନ୍ଦିନ ଜୀବନରେ ବ୍ୟବହାର କରୁ ।

ବର୍ତ୍ତମାନ ଆସ ତାହାର ମୂଳତତ୍ତ୍ୱକୁ ଜାଣିବାକୁ ଚେଷ୍ଟା କରିବା । ପ୍ରାକୃତିକ ସଂପଦରୁ ଏଗୁଡିକୁ ତିଆରି କରାଯାଇଅଛି । ଆମେ ଜଙ୍ଗଲରୁ ମିଳୁଥିବା କାଠଗଣ୍ଡିରୁ ଫର୍ଣ୍ଣିଚର ତିଆରି କରୁଛୁ । ବହି ଏବଂ ଖାତା ଜଙ୍ଗଲରୁ ମିଳୁଥିବା କାଠର ମଣ୍ଡରୁ ପ୍ରସ୍ତୁତ ହୋଇଅଛି, କଲମ ପ୍ଲାଷ୍ଟିକ ଯାହାକି ପେଟ୍ରୋଲିୟମର ଉପଜାତ ଦ୍ରବ୍ୟ ସେଥିରୁ ତିଆରି ହୋଇଅଛି । କପ ମୃତ୍ତିକାରୁ ମିଳୁଥିବା ଚିନାମାଟିରୁ ତିଆରି ହୋଇଅଛି । ଏହି ଜିନିଷ ଏବଂ ଆହୁରି ଅନେକ ଜିନିଷ ଯାହାକି ଆମର ଦୈନନ୍ଦିନ ଜୀବନରେ ବ୍ୟବହାରରେ ଲାଗେ ତାକୁ ପ୍ରାକୃତିକ ସମ୍ପଦରୁ ତିଆରି କରାଯାଇଅଛି । ମନୁଷ୍ୟ ଯେ କି ନିଜର ଶାରୀରିକ ଏବଂ ମାନସିକ କାର୍ଯ୍ୟଯୋଗୁଁ ପ୍ରାକୃତିକ ସଂପଦରେ ପରିବର୍ତ୍ତନ ଆଣି ଅନେକ ବ୍ୟବହାର ଉପଯୋଗ ଦ୍ରବ୍ୟ ତିଆରି କରିପାରିଛି ।

**ତୁମେ ଜାଣ କି**

ଭାରତ ସରକାର ୧୯୮୫ ମସିହାରେ ପୂର୍ବରୁ ଥିବା ସାଂସ୍କୃତିକ ମନ୍ତ୍ରଣାଳୟ ସ୍ଥାନରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ସୃଷ୍ଟି କରିଛନ୍ତି । କେତେକ ରାଜ୍ୟ ମଧ୍ୟ ଏହିପରି ମନ୍ତ୍ରଣାଳୟ ଖୋଲିଛନ୍ତି । ଲୋକମାନଙ୍କୁ ମାନବ ସମ୍ବଳରୂପେ ସ୍ୱୀକୃତି ପ୍ରଦାନ କରିବାକୁ ପ୍ରସ୍ତାବ ଗୃହୀତ କରିଛନ୍ତି ।

ଯଦି ସମ୍ବଳଗୁଡ଼ିକ ଜିନିଷ, ଯାହାକୁ ବ୍ୟବହାର ଏବଂ ପୁନଃ ବ୍ୟବହାର କରାଯାଇପାରୁଛି । କିପରି ମାନବକୁ ସମ୍ବଳ ରୂପରେ ବ୍ୟବହାର କରାଯାଇପାରେ ? ଆମେ ସମସ୍ତେ ଜାଣୁ ଯେ, ଖାଦ୍ୟଶସ୍ୟ ଯାହାକି କୃଷିକ୍ଷେତ୍ରରେ ଚାଷ କରାଯାଉଅଛି, ଖଣିଜ ପଦାର୍ଥ ଯାହାକୁ ଉତ୍ତୋଳନ କରାଯାଉଅଛି, ଜିନିଷ ଯାହାକି କାରଖାନାରେ ତିଆରି ହେଉଅଛି । ଏ ସମସ୍ତ କାର୍ଯ୍ୟ ମନୁଷ୍ୟ ଦ୍ୱାରା କରାଯାଉଅଛି, ଦେଶର ଲୋକେ ତାଙ୍କ ଜୀବନକୁ ଆରାମଦାୟକ କରିବାକୁ ଏସବୁ ଉତ୍ପାଦନ କରନ୍ତି । ବିଭିନ୍ନ ପ୍ରକାର ସୁବିଧା ଏବଂ ସେବାର ଉନ୍ନତି ବିଧାନ କରନ୍ତି । ସୁବିଧାଗୁଡ଼ିକ ଯାହାକି ପରିବହନ ଯୋଗାଯୋଗର ମାଧ୍ୟମ ହୋଇପାରେ, ସ୍କୁଲ, କଲେଜ, ହସ୍ପିଟାଲ, ବିଦ୍ୟୁତ ଉତ୍ପାଦନ କେନ୍ଦ୍ର, ଜଳସେଚନ ବ୍ୟବସ୍ଥା ଅନ୍ୟକିଛି ହୋଇପାରେ । ଦେଶର ପ୍ରଗତିରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଏହି ସବୁ ସୁବିଧାକୁ ଉତ୍ପାଦନ କରିବା, ଏଥିରେ ଉନ୍ନତି ଆଣିବା ଏବଂ ତାକୁ ବ୍ୟବହାର ଉପଯୋଗୀ ସମ୍ବଳରେ ପରିଣତ କରିବାରେ ମନୁଷ୍ୟ ହେଉଛି ସର୍ବଶ୍ରେଷ୍ଠ ସମ୍ବଳ । ମନୁଷ୍ୟ ବିନା ଅନ୍ୟସମସ୍ତ ସମ୍ବଳର ବିକାଶ ସାଧନ ହୋଇପାରିବ ନାହିଁକି, ତାହାର ଉପଯୁକ୍ତ ବିନିଯୋଗ ହୋଇପାରିବ ନାହିଁ । ତେଣୁ ଲୋକମାନଙ୍କ ସଂଖ୍ୟା ଏବଂ ଗୁଣ ମିଶ୍ରିତ ଭାବରେ କୌଣସି ଦେଶର ପ୍ରକୃତ ସମ୍ବଳ ଅଟେ ।

ଉପର ତଥ୍ୟକୁ ଦୃଷ୍ଟିରେ ରଖି, ଲୋକମାନଙ୍କର ସଂପୂର୍ଣ୍ଣ ସଂଖ୍ୟା, ଯାହାକି କେତେବର୍ଷ ଅନ୍ତରରେ ଜନଗଣନା ଦ୍ୱାରା ସ୍ଥିରିକୃତ ହୋଇଥାଏ, ତାହା ସଂପଦ ହୋଇପାରେ, କିନ୍ତୁ ଶିକ୍ଷିତ ଜନସଂଖ୍ୟା ଗୋଟିଏ ଦେଶର ମୂଳଧନ ଅଟନ୍ତି । ଲୋକସଂଖ୍ୟାକୁ ମୂଳଧନରେ ବଦଳିବାକୁ ଦେଶ ବିଭିନ୍ନ କ୍ଷେତ୍ରରେ ବହୁତ କଛି କାର୍ଯ୍ୟ କରୁଛି । ସେଗୁଡ଼ିକ ହେଲା, ସ୍ୱାସ୍ଥ୍ୟର ଉନ୍ନତି ଏବଂ ସୁଷମ ଖାଦ୍ୟ ସ୍ଥିତିରେ ପରିବର୍ତ୍ତନ ସେମାନଙ୍କ ଶିକ୍ଷାରେ ଏବଂ ନିର୍ଦ୍ଦିଷ୍ଟ ପ୍ରଶିକ୍ଷଣରେ ଏବଂ ଜୀବନର ସବୁକ୍ଷେତ୍ରରେ ଉନ୍ନତି ଆଣିବା । ଲୋକମାନଙ୍କ ଗୁଣାତ୍ମକ ବିକାଶ ପାଇଁ ରାଜ୍ୟ ଏବଂ ସମାଜ ବହୁତ କିଛି କରୁଅଛି । ପ୍ରତ୍ୟେକ ବ୍ୟକ୍ତି ସାଧ୍ୟମତେ ବିକାଶ କରିବା ଏବଂ ଦେଶର ପ୍ରଗତିରେ ନିଜକୁ ସାମିଲ କରିବା ଏହି କଥା ବର୍ତ୍ତମାନ ଜରୁରୀ ହୋଇପଡ଼ିଛି । ଏଣୁ ଏହାକୁ ବୁଝିବା ଜରୁରୀ ହୋଇପଡ଼ିଛି ଯେ, ମନୁଷ୍ୟ ଉନ୍ନତିକରଣର ବସ୍ତୁ ଅଟେ ଏବଂ ଅଂଶଗ୍ରହଣକାରି ଅଟେ । ଆମେ ପୂର୍ବରୁ ଆଲୋଚନା କରିଥିବା ଲୋକମାନଙ୍କ ସଂଖ୍ୟାକୁ ସମ୍ପଦ କୁହାଯାଇ ନପାରେ କିନ୍ତୁ କେତେଗୁଡିଏ ନିର୍ଦ୍ଦିଷ୍ଟ ଉପାଦାନ ରହିଛି ଯାହା ମନୁଷ୍ୟ ସଂଖ୍ୟାକ ଉପଯୁକ୍ତ ସଂଖ୍ୟାରେ ବଦଳି କରିପାରେ ।

**ତୁମେ ଜାଣ କି**

**ମାନବ ମୂଳଧନ (Human Capital) :**

ସମୟାଦିକ୍ରମେ ବ୍ୟବସାୟ ଅନୁଷ୍ଠାନର କର୍ମଚାରୀଙ୍କ ସଂଜ୍ଞାରେ ପରିବର୍ତ୍ତନ ହୋଇଅଛି । ଆମ୍ଭେମାନେ ବ୍ୟକ୍ତିଗତରୁ ମାନବସମ୍ବଳ, ମାନବସମ୍ବଳରୁ ମାନବ ମୂଳଧନ ଆଡକୁ ଗତିକରୁଛୁ । ଯେଉଁ ଲୋକର ଆର୍ଥିକ ଉପାଦାନ କ୍ଷମତା ରହିଅଛି ତାକୁ ମାନବ ମୂଳଧନ କୁହାଯାଏ । ଏହା ଉତ୍ପାଦନ କୌଶଳ, ଭଣ୍ଡାର ଏବଂ ଶିଳ୍ପକୌଶଳ ଜ୍ଞାନକୁ ସୂଚାଏ ।

**ଜନଗଣନା :** ଯେଉଁ ପ୍ରଣାଳୀରେ କ୍ରମିକ ଭାବରେ ଲୋକମାନଙ୍କ ସଂଖ୍ୟା ଏବଂ ତାଙ୍କ ସମ୍ବନ୍ଧରେ ବିଭିନ୍ନ ରେକର୍ଡ କରାଯାଏ ତାକୁ ଜନଗଣନା କହନ୍ତି । ଜାତୀୟ ଜନସଂଖ୍ୟା ଏବଂ ଦ୍ୱାର ଦ୍ୱାର ଜନଗଣନା ଯାହାକି ପ୍ରତି ୧୦ ବର୍ଷରେ ହୋଇଥାଏ । ଏହି କାର୍ଯ୍ୟକାଳ ଏହାକୁ ଯୋଗ କରିଥାଏ । ଭାରତ ସରକାର ରାଜ୍ୟସରକାରଙ୍କ ସହାୟତାରେ ଜନଗଣନା ପରିଚାଳନା କରିଥାନ୍ତି । ଏହାଦ୍ୱାରା ଲୋକମାନଙ୍କର ସାମାଜିକ, ଅର୍ଥନୈତିକ ସ୍ଥିତି, ଗଣତାନ୍ତ୍ରିକସ୍ଥିତି ସମ୍ବନ୍ଧରେ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଏ ।

### ଯେଉଁ ଉପାଦାନ ଜନସଂଖ୍ୟାକୁ ମାନବ ସମ୍ବଳରେ ପରିଣତ କରିଅଛି ।

ମନୁଷ୍ୟକୁ ମାନବ ସମ୍ବଳରେ ପରିଣତ କରିବାକୁ ଜନସଂଖ୍ୟାର ଭୂମିକା କ'ଣ ? ଉପରଲିଖିତ ଆଲୋଚନାରୁ ତୁମେ ଜାଣିଛ ଯେ ଶିକ୍ଷା, ସ୍ୱାସ୍ଥ୍ୟ, ଲୋକଙ୍କ ପୁଷ୍ଟିସାଧକ ଅବସ୍ଥା ଏବଂ ସେମାନଙ୍କର ନିର୍ଦ୍ଦିଷ୍ଟ ପ୍ରଶିକ୍ଷଣ ପ୍ରଭୃତି ଗୁଣ, ମନୁଷ୍ୟକୁ ମାନବସମ୍ବଳରେ ପରିଣତ କରିବାରେ ତାହାର ପ୍ରଭାବ ମଧ୍ୟ ରହିଅଛି । ସେଗୁଡ଼ିକ ହେଲା (କ) ଜନସଂଖ୍ୟାର ବଣ୍ଟନ (ଖ) ଜନସଂଖ୍ୟାର ସ୍ଥାନାନ୍ତରିକରଣ (ଗ) ଜନସଂଖ୍ୟା ମିଶ୍ରଣ । ଏହି ତିନିଗୋଟି ଉପାଦାନକୁ ବୁଝିବାକୁ ଆମେ ଚେଷ୍ଟା କରିବା ଆସ ଜନସଂଖ୍ୟା ବଣ୍ଟନରୁ ଏହାର ଆରମ୍ଭ କରିବା ।

## ପାଠଗତ ପ୍ରଶ୍ନାବଳୀ ୧୪.୧

୧. ସଂପଦ କହିଲେ କ'ଣ ବୁଝ ?


୨. ମନୁଷ୍ୟକୁ ମାନବସମ୍ବଳରେ ପରିଣତ କରିବା ପାଇଁ ଯେଉଁସବୁ ଉପାଦାନ କାର୍ଯ୍ୟକରୁଛି ଲେଖ ।

## ୧୪.୨ ଜନସଂଖ୍ୟାର ବଣ୍ଟନ

ପ୍ରାକୃତିକ ସମ୍ବଳ କିମ୍ବା ଅନ୍ୟସମ୍ବଳ ବିଷୟରେ ତୁମେ ଜାଣିଥାଇପାର, ସେଗୁଡ଼ିକର ବଣ୍ଟନ ସମାନ ନୁହେଁ, ଉଦାହରଣ ସ୍ୱରୂପ ଅରଣ୍ୟ, ଲୁହାପଥର, କୋଇଲା ପ୍ରଭୃତି ପ୍ରାକୃତିକ ସମ୍ବଳର ବଣ୍ଟନ ପୃଥିବୀ କିମ୍ବା ଆମ ଦେଶରେ ସମାନ ଭାବରେ ହୋଇନାହିଁ । ମାନବସମ୍ବଳର ବଣ୍ଟନ ମଧ୍ୟ ସେହିଭଳି ଅଟେ । ଏହା ପୃଥିବୀର ସବୁଅଞ୍ଚଳରେ ସମାନ ଭାବରେ ବିସ୍ତୃତି ଲାଭ କରିନାହିଁ ଏହା ବଦଳିବାରେ ଲାଗିଛି, କୌଣସି ଅଞ୍ଚଳରେ ରାଜ୍ୟରେ ଏବଂ ସମୁଦାୟ ଦେଶରେ ଜନସଂଖ୍ୟାର ବିସ୍ତୃତିକୁ ଜନସଂଖ୍ୟା ବଣ୍ଟନ କୁହାଯାଏ ।

ତୁମେ ଯେତେବେଳେ ତଳେ ଦିଆଯାଇଥିବା ଭାରତ ମାନଚିତ୍ରକୁ (ଚିତ୍ର ୧୪.୧) ଦେଖିବ ତୁମକୁ ବହୁତ ମଜା ଲାଗିବ । ଏଥିରେ ଭାରତର ରାଜ୍ୟ ଏବଂକେନ୍ଦ୍ରଶାସିତ ଅଞ୍ଚଳରେ ଜନସଂଖ୍ୟାର ବିସ୍ତାର ଦେଖାଯାଇଅଛି । ଏହା ବିନ୍ଦୁ ମଧ୍ୟରେ ଦେଖାଯାଇଅଛି । ପ୍ରତ୍ୟେକ ବିନ୍ଦୁ ୫ ଲକ୍ଷ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏହା ଦେଖାଯାଇଅଛି ଯେ, କେତେକ ରାଜ୍ୟର କ୍ଷେତ୍ରଫଳ ଅଧିକ ହେଲେ ମଧ୍ୟ ବିନ୍ଦୁସଂଖ୍ୟା କମ୍ ଅଛି । ଏହାର ଅର୍ଥ ରାଜ୍ୟର ଲୋକମାନେ ଅଧିକ ଖେଳେଇହୋଇ ରହିଛନ୍ତି କିମ୍ବା ମଧ୍ୟମ ଧରଣର ଖେଳାହୋଇ ରହିଛନ୍ତି । କିନ୍ତୁ ଅନ୍ୟ କେତେକ ରାଜ୍ୟରେ ବିନ୍ଦୁଗୁଡ଼ିକ ଲାଗିଲାଗି ରହିଅଛି । ମାନଚିତ୍ରରେ ବିନ୍ଦୁଗୁଡ଼ିକ ଏତେ ଲାଗି ଲାଗି ଅଛି ଯେ ପେଷ୍ଟ କରିବା ପରି ଜଣା

ପଡୁଅଛି । ସେ ରାଜ୍ୟମାନଙ୍କରେ ଜନସଂଖ୍ୟାର ଘନତ୍ୱ ଅଧିକ ଅଟେ । ଭାରତର ରାଜ୍ୟ ଏବଂକେନ୍ଦ୍ରଶାସିତ ଅଞ୍ଚଳ ଯେଉଁଠାରେ ଜନସଂଖ୍ୟାର ଘନତ୍ୱ, ସ୍ୱଳ୍ପ, ମଧ୍ୟମ ଏବଂ ଅଧିକ ଆସ ତାର ଗୋଟିଏ ତାଲିକା ପ୍ରସ୍ତୁତ କରିବା ।




Based upon Survey of India Outline Map printed in 1996
The territorial waters of India extend into the sea to a distance of twelve nautical miles measured from the appropriate base line.
The boundary of Meghalaya shown on this map is as interpreted from the North-Eastern Areas (Reorganisation) Act, 1971, but has yet to be verified.
Responsibility for correctness of internal details shown on the map rests with the publisher.

© Government of India copyright, 1996

ଚିତ୍ର – ୧୪.୧ ଭାରତର ଜନସଂଖ୍ୟା

## ୧୪.୩ ଜନସଂଖ୍ୟାର ଘନତ୍ୱ


ମାନଚିତ୍ରକୁ ଦେଖିକରି ଯେ କୌଣସି ଦୁଇଗୋଟି ରାଜ୍ୟର ଜନସଂଖ୍ୟା ବଣ୍ଟନରେ ତୁଳନା କରିବା ସମ୍ପୂର୍ଣ୍ଣ ଚିତ୍ତାକର୍ଷକ ଅଟେ । ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗ ରାଜ୍ୟ ଦୁଇଟିକୁ ମାନଚିତ୍ରରେ ଦେଖ । ସେମାନଙ୍କର ଜନସଂଖ୍ୟା ବିସ୍ତାରରେ ପାର୍ଥକ୍ୟ ଦେଖିବ । ସରଳ ଭାବରେ ଦେଖିଦେଲେ ଜଣାଯିବ ଯେ, ପଶ୍ଚିମବଙ୍ଗର ଜନସଂଖ୍ୟା ମହାରାଷ୍ଟ୍ରଠାରୁ ଅଧିକ ଅଟେ । କିନ୍ତୁ ମହାରାଷ୍ଟ୍ର ହେଉଛି ଅଳ୍ପ ଘନତ୍ୱ ବିଶିଷ୍ଟ ରାଜ୍ୟ କାରଣ ଏହାର ଭୂଭାଗର କ୍ଷେତ୍ରଫଳ ପଶ୍ଚିମବଙ୍ଗ ଅପେକ୍ଷା ଅଧିକ ଅଟେ । ଏଣୁକରି ଦୁଇଟି ରାଜ୍ୟର ଜନସଂଖ୍ୟାର ସ୍ଥିତିକୁ ନେଇ ଆମେ ଲୋକଙ୍କ ସଂଖ୍ୟାରେ ତୁଳନା କରି ପାରିବା ନାହିଁ । ଏଣୁକରି ସେହି ରାଜ୍ୟ ଦୁଇଟିର କ୍ଷେତ୍ରଫଳ ନେଇ ବିଚାର କରିବାକୁ ହେବ । ତେଣୁକରି ଜନସଂଖ୍ୟାର ଘନତ୍ୱକୁ ନେଇ କୌଣସି ଅଞ୍ଚଳ ବା ଦେଶର ତୁଳନା କରାଯାଇଅଛି ।

### ? ତୁମେ ଜାଣ କି

ଜନସଂଖ୍ୟାର ଘନତ୍ୱ : ଜନସଂଖ୍ୟାର ଘନତ୍ୱ ହେଉଛି ଗୋଟିଏ ଅଞ୍ଚଳର ୟୁନିଟରେ ବାସକରୁଥିବା ଲୋକଙ୍କ ସଂଖ୍ୟା ପ୍ରତିବର୍ଗ କି.ମି.ରେ ବାସ କରୁଥିବା ଲୋକସଂଖ୍ୟା ଏହିପରି ଏହାକୁ ପ୍ରକାଶ କରାଯାଏ ।

ଏହାକୁ ବାହାର କରିବାର ସୂତ୍ର

ଜନସଂଖ୍ୟାର ଘନତ୍ୱ : $\dfrac{\text{ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସକରୁଥିବା ଲୋକଙ୍କ ସଂଖ୍ୟା}}{\text{ସେହି ଅଞ୍ଚଳରେ ସମୁଦାୟ ଭୂମିର କ୍ଷେତ୍ରଫଳ}}$




ଚିତ୍ର–୧୪.୨ ଭାରତର ଜନସଂଖ୍ୟାର ଘନତ୍ୱ

ଘନତ୍ୱ ସିଦ୍ଧାନ୍ତ କରିବା ପାଇଁ : କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସକରୁଥିବା ଲୋକମାନଙ୍କ ସଂଖ୍ୟାକୁ ସେହି ଅଞ୍ଚଳର ସମୁଦାୟ କ୍ଷେତ୍ରଫଳ ଦ୍ୱାରା ଭାଗ କରିବା, ସେହି ଅଞ୍ଚଳରେ ପ୍ରତିବର୍ଗ କି.ମି.ରେ ବାସ କରୁଥିବା ହାରାହାରି ଲୋକଙ୍କ ସଂଖ୍ୟା । ଉଦାହରଣ ସ୍ୱରୂପ ଗୋଟିଏ ଜିଲ୍ଲାର ଜନସଂଖ୍ୟା ୨୫୦,୦୦୦ ଏବଂ ସେହି ଜିଲ୍ଲାର କ୍ଷେତ୍ରଫଳ ୧୦୦୦ ବର୍ଗ କି.ମି. । ସେହି ଜିଲ୍ଲାର ଜନସଂଖ୍ୟାର ଘନତ୍ୱ ନିମ୍ନଲିଖିତ ପ୍ରକାରରେ ବାହାର କରାଯିବ ।

$$\text{ଜନସଂଖ୍ୟାର ଘନତ୍ୱ :} \quad \frac{\text{୨୫୦୦୦୦ ଜଣ}}{\text{୧୦୦୦ ବର୍ଗ କି.ମି. କ୍ଷେତ୍ରଫଳ}} = \text{୨୫୦ ଜଣ ବର୍ଗ କି.ମି. ପଛର}$$

୧୪.୨ ମାନଚିତ୍ର ଜଣାଇ ଦେଉଅଛି ଯେ, ଭାରତର ଜନସଂଖ୍ୟାର ଘନତ୍ୱ ଅସମାନ ଅଟେ । ଗୋଟିଏ ରାଜ୍ୟରୁ ଅନ୍ୟରାଜ୍ୟକୁ ଏହାର ତାରତମ୍ୟ ଦେଖାଯାଏ ।

## ତୁମ ପାଇଁ କାର୍ଯ୍ୟ ୧୪.୧

**ଭାରତ ଜନସଂଖ୍ୟାର ଘନତ୍ୱ :**

ମାନଚିତ୍ର ୧୪.୨ ଦେଖି କେଉଁ ରାଜ୍ୟରେ ଜନସଂଖ୍ୟାର ଘନତ୍ୱ ସର୍ବାଧିକ (ବର୍ଗ କି.ମି. ରେ ୫୦୦ରୁ ଅଧିକ) କେଉଁ ରାଜ୍ୟରେ ଘନତ୍ୱ ମଧ୍ୟମ ଧରଣର (ବର୍ଗ କି.ମି.ରେ ୧୦୦ ରୁ ୫୦୦) ଏବଂ କେଉଁ ରାଜ୍ୟରେ ସ୍ୱଳ୍ପ ଘନତ୍ୱ (ବର୍ଗ କି.ମି.ରେ ୧୦୦ ରୁ କମ୍) ଚିହ୍ନଟ କର ।

ସର୍ବାଧିକ ଘନତ୍ୱ ବିଶିଷ୍ଟ ରାଜ୍ୟର ନାମ :


ମଧ୍ୟମ ଧରଣର ଘନତ୍ୱ ବିଶିଷ୍ଟ ରାଜ୍ୟର ନାମ :

ସ୍ୱଳ୍ପ ଘନତ୍ୱ ବିଶିଷ୍ଟ ରାଜ୍ୟର ନାମ :

ଜନସଂଖ୍ୟା ଘନତ୍ୱରେ ବ୍ୟତିକ୍ରମର କାରଣକୁ ତୁମେ ବର୍ଣ୍ଣନା କରି ପାରିବ କି ?

ସୂଚନା :– ପ୍ରତିକୂଳ / ନୈରାଶ୍ୟଜନକ ବାୟୁମଣ୍ଡଳର ଅବସ୍ଥା, ବନ୍ଧୁରଭୂମି ଏବଂ ଅନୁର୍ବର ଭୂମି ହେଉଛି ସ୍ୱଳ୍ପ ଘନତ୍ୱ ହେବାର ମୁଖ୍ୟ କାରଣ । ଉର୍ବର ଭୂମି, ପ୍ରଚୁର ବର୍ଷା, ଜଳସେଚନର ସୁବିଧା, ସ୍ୱାସ୍ଥ୍ୟକର ଜଳବାୟୁ ଏବଂ ସହରୀକରଣ, ସର୍ବାଧିକ ଘନତ୍ୱର କାରଣ ଅଟେ । ଯେଉଁ ଅଞ୍ଚଳରେ ମଧ୍ୟମ ଧରଣର ଉର୍ବର ମୃତ୍ତିକା, ମଧ୍ୟମ ଧରଣର ବୃଷ୍ଟିପାତ ହୁଏ, ଜଳସେଚନର କମ ସୁବିଧା ଥାଏ । ବାଲିଆ, ପଥୁରିଆ ଭୂମି ସେ ଅଞ୍ଚଳ ମଧ୍ୟମ ଘନତ୍ୱ ବିଶିଷ୍ଟ ଅଞ୍ଚଳ ଅଟେ ।

ଏହା ଆହୁରି ମଧ୍ୟ ବଦଳୁଛି । ତୁମେ ଚିତ୍ର ୧.୩ରେ ଦେଖିବ ଯେ ୧୯୦୧ ମସିହାରେ ପ୍ରତିବର୍ଗ କି.ମି.ରେ ଭାରତରେ ଜନସଂଖ୍ୟାର ଘନତ୍ୱ ୭୭ ଥିଲା । ଏହା ଦ୍ରୁତଗତିରେ ବୃଦ୍ଧିପାଇ ବର୍ଗ





ଚିତ୍ର–୧୪.୩ ଭାରତ ଜନସଂଖ୍ୟାର ଘନତ୍ୱ (୨୦୦୦–୨୦୦୧)

କି.ମି.ରେ ୩୨୫ ହେଲା । ତୁମେ ଜାଣିବାକୁ ଇଚ୍ଛୁକ ହେବ ଯେ ଭାରତର କେଉଁ ରାଜ୍ୟର ଜନସଂଖ୍ୟାର ଘନତ୍ୱ ସର୍ବାଧିକ, ସବୁଠାରୁ ବେଶି । ଏଥିପାଇଁ ତୁମକୁ ୨୦୦୧ ମସିହାର ନିର୍ବାଚନର ଫଳାଫଳ ଦେଖିବାକୁ ହେବ । କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀର ପ୍ରତିବର୍ଗ କି.ମି.ରେ ଜନସଂଖ୍ୟାର ଘନତ୍ୱ ସର୍ବାଧିକ ଥିଲା (ବର୍ଗ କି.ମି.ରେ ୯୩୪୦) ତା ପଛକୁ ଚଣ୍ଡିଗଡର ଘନତ୍ୱ (ବର୍ଗ କି.ମି.ରେ ୭୯୦୦) ଥିଲା । ଅରୁଣାଚଳ ପ୍ରଦେଶର ସବୁଠାରୁ କମ୍ ଘନତ୍ୱ ଥିଲା । ପ୍ରତି ବର୍ଗ କି.ମି.ରେ ୧୩ ଜଣ ଥିଲା । ରାଜ୍ୟମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଘନତ୍ୱ ସର୍ବାଧିକ ଥିଲା । ପ୍ରତି ବର୍ଗ କି.ମି.ରେ ୯୦୩ ଜଣ ଥିଲା ।

## ଉପାଦାନ ଯାହାକି ଜନସଂଖ୍ୟାର ବଣ୍ଟନ ଏବଂ ଘନତ୍ୱକୁ ପ୍ରଭାବିତ କରେ

ଜନସଂଖ୍ୟାର ବଣ୍ଟନ କାହିଁକି ଅସମାନ ଅଟେ ? ଯେଉଁ ଅଞ୍ଚଳରେ ସମ୍ବଳଗୁଡ଼ିକ ସହଜରେ ଉପଲବ୍ଧ ହେଉଥିବ ସେହି ଅଞ୍ଚଳରେ ବାସ କରିବା ମନୁଷ୍ୟର ପ୍ରବୃତ୍ତି ଅଟେ । ମଧୁରଜଳର ଉପଲବ୍ଧି ଉର୍ବର ମୃତ୍ତିକା, ଖାଦ୍ୟ ଏବଂ ଆଶ୍ରୟ କାର୍ଯ୍ୟ କରିବାର ସୁଯୋଗ ପ୍ରଭୃତି ସେହି ସୁଯୋଗ ହୋଇପାରେ । ଏହି ସମ୍ପଦର ସୁଲଭତା ଭୌଗୋଳିକ ପ୍ରବୃତ୍ତି ଦ୍ୱାରା ପ୍ରଭାବିତ ହୁଏ ଯାହାକି ଅସମାନ ବଣ୍ଟନର କାରଣ ଅଟେ । ତେଣୁ ଯେଉଁସବୁ ଉପାଦାନ ଜନସଂଖ୍ୟାର ବଣ୍ଟନ ଏବଂଘନତ୍ୱକୁ ପ୍ରଭାବ କରୁଛି ତାକୁ ଦୁଇଗୋଟି ଶ୍ରେଣୀରେ ବିଭକ୍ତ କରିପାରିବା ।




ଚିତ୍ର– ୧୪.୪ ଜନସଂଖ୍ୟା ବଣ୍ଟନ ଏବଂ ଘନତ୍ୱ ପ୍ରଭାବ





୧. ପ୍ରାକୃତିକ ଉପାଦାନ, ସାମାଜିକ-ଅର୍ଥନୈତିକ ଉପାଦାନ

### (କ) ପ୍ରାକୃତିକ ଉପାଦାନ :

ତିନିଗୋଟି ମୁଖ୍ୟ ପ୍ରାକୃତିକ ଉପାଦାନ ଯାହାକି ଜନସଂଖ୍ୟା ବଣ୍ଟନ ଏବଂ ଘନତ୍ୱକୁ ପ୍ରଭାବିତ କରେ ସେଗୁଡ଼ିକ ହେଲା– Relief, ଜଳବାୟୁ, ମୃତ୍ତିକା

**Relief :** (ଭୂମିର ଉନ୍ନତ ଗଡାଣିଆ ଅଂଶ) ପାର୍ବତ୍ୟ ଅଞ୍ଚଳ, ଉପତ୍ୟକା ଅଞ୍ଚଳ କିମ୍ବା ସମତଳ ଅଞ୍ଚଳକୁ ତୁମେ ବୁଲିଯାଇଥାଇପାର । ସମତଳ ଅଞ୍ଚଳ ଅପେକ୍ଷା ପାର୍ବତ୍ୟ ଅଞ୍ଚଳରେ କମ୍ ଲୋକ ବାସ କରନ୍ତି । ଗୋଟିଏ ଅଞ୍ଚଳର ଉଚ୍ଚନିଚ୍ଚ ଭୂମିରୂପ ଏବଂ ଏହାର ଉନ୍ନତ ଏବଂ ଗଡ଼ାଣିଆ ଅଞ୍ଚଳ ମଧ୍ୟରେ ଥିବା ପାର୍ଥକ୍ୟକୁ ରିଲିଫ କୁହାଯାଏ । ଏହି ଅଞ୍ଚଳରେ ଏହା ଯାତାୟତରେ ବାଧା ସୃଷ୍ଟି କରେ । ଯେଉଁ ଅଞ୍ଚଳରେ ଲୋକମାନେ ସହଜରେ ଚଳପ୍ରଚଳ ହୋଇପାରନ୍ତି । ସେଠାରେ ଲୋକମାନଙ୍କର ବାସ କରିବା ସହଜ ହୋଇଥାଏ । ତେଣୁ ଆମେ ଦେଖୁଅଛୁ ଯେ ସମତଳ ଅଞ୍ଚଳରେ ଜନସଂଖ୍ୟାର ଘନତ୍ୱ ଅଧିକ କିନ୍ତୁ ବନ୍ଧୁର ଅଞ୍ଚଳ ପାର୍ବତ ଓ ମାଳଭୂମି ଥିବା ଅଞ୍ଚଳରେ ଜନସଂଖ୍ୟାର ଘନତ୍ୱ କମ୍ ଅଟେ । ତୁମେ ଯେତେବେଳେ ଉତ୍ତର ଭାରତ ସମତଳ ଭୂମି ଏବଂ ହିମାଳୟ ପାର୍ବତ୍ୟ ଅଞ୍ଚଳର ତୁଳନା କରିବ ତୁମେ ରିଲିଫର ପ୍ରଭାବ ଜାଣିପାରିବ ।

> ରିଲିଫ : ଭୂମିର ଉଚ୍ଚତା ଭୂମିର ଉଚ୍ଚତାରେ ତଫାତ୍ ଦେଖାଯାଏ ଏହା ପାହାଡ଼ ଏବଂ ଉପତ୍ୟକାର ରୂପ ନେଇପାରେ ।

**ଜଳବାୟୁ :** ବାୟୁମଣ୍ଡଳର ଅବସ୍ଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ, ଯାହାକି ଜନସଂଖ୍ୟା ବଣ୍ଟନ ଓ ଘନତ୍ୱକୁ ପ୍ରଭାବିତ କରେ । ଅନୁକୂଳ ଜଳବାୟୁ ଲୋକମାନଙ୍କୁ ବସବାସ କରିବାକୁ ସୁବିଧା ପ୍ରଦାନ କରେ । ଯେଉଁ ଅଞ୍ଚଳର ଜଳବାୟୁ ଅନୁକୂଳ ସେହି ଅଞ୍ଚଳର ଜନସଂଖ୍ୟାରେ ଘନତ୍ୱ ଅଧିକ ଦେଖାଯାଏ । କିନ୍ତୁ ଯେଉଁ ଅଞ୍ଚଳରେ ଅତ୍ୟଧିକ ଉତ୍ତାପ, ଅତ୍ୟଧିକ ଥଣ୍ଡା, ଅତ୍ୟଧିକ ଶୁଷ୍କତା ଏବଂ ଜଳାଭୂମି ଆଦି ଅଛି ସେଠାରେ ଜନସଂଖ୍ୟାର ବଣ୍ଟନ ଏବଂ ଘନତ୍ୱ କମ୍ ଅଟେ । ଭାରତରେ ରାଜସ୍ଥାନ ପରି ଯେଉଁଠାରେ ଶୁଷ୍କ ଜଳବାୟୁ ଅନୁଭୂତ ହୁଏ ଏବଂ ଜାମ୍ମୁକାଶ୍ମୀର ଉପତ୍ୟକା, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ଯେଉଁଠାରେ କି ଅତ୍ୟଧିକ ଥଣ୍ଡା ଜଳବାୟୁ ଅନୁଭୂତ ହୁଏ ସେଠାରେ ଜନସଂଖ୍ୟାର ଘନତ୍ୱ କମ୍ ଅଟେ ।

**ମୃତ୍ତିକା :** ମନୁଷ୍ୟ କୃଷି କରିବା ପାଇଁ ମୃତ୍ତିକାର ଉର୍ବରତା ଉପରେ ନିର୍ଭର କରେ । ଉର୍ବର ମୃତ୍ତିକା ଥିବା ଅଞ୍ଚଳରେ ଅଧିକ ଲୋକ ବାସକରନ୍ତି । ତେଣୁ ପଟୁ ମୃତ୍ତିକା ଥିବା ଉତ୍ତର ଭାରତ ସମତଳ ଭୂମି ଅଞ୍ଚଳରେ ଏବଂ ଉପକୂଳବର୍ତ୍ତୀ ସମତଳ ଭୂମି ଅଞ୍ଚଳରେ ଜନସଂଖ୍ୟାର ଘନତ୍ୱ ଅଧିକ ଅଟେ । ଅନ୍ୟଦିଗରେ ଦେଖିବାକୁ ଗଲେ କମ ଉର୍ବରଥିବା ଭୂମି ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡରେ ଜନସଂଖ୍ୟାର ଘନତ୍ୱ କମ୍ ଅଟେ ।

### (ଖ) ସାମାଜିକ-ଅର୍ଥନୈତିକ ଉପାଦାନ :

ଜନସଂଖ୍ୟାର ଘନତ୍ୱ ଏବଂ ବଣ୍ଟନ ନିମ୍ନଲିଖିତ ସାମାଜିକ-ଅର୍ଥନୈତିକ ଉପାଦାନ ଉପରେ ନିର୍ଭର କରେ ।

**ଶିଳ୍ପାୟନ ଏବଂ ସହରୀକରଣ :** ତୁମେ ଦେଖିଅଛ ଯେ ଶିଳ୍ପ ପ୍ରତିଷ୍ଠିତ ହୋଇଥିବା ସ୍ଥାନରେ ଅଧିକ ଲୋକ ବାସ କରନ୍ତି । ସେମାନେ ଆହୁରି ମଧ୍ୟ ସହର, ନଗର, ଅଞ୍ଚଳରେ ଅଧିକ ସଂଖ୍ୟାରେ ବାସ କରନ୍ତି । ଯେଉଁ ଅଞ୍ଚଳରେ ଅଧିକ ଖଣିଜ ପଦାର୍ଥ ରହିଅଛି । ସେ ଅଞ୍ଚଳ ଲୋକମାନଙ୍କୁ ଆକର୍ଷିତ କରେ । ଝାଡଖଣ୍ଡର ଖଣି ଅଞ୍ଚଳରେ ଜନସଂଖ୍ୟାର ଘନତ୍ୱ ଅଧିକ ଅଟେ କାରଣ ସେ ଅଞ୍ଚଳ କେତେକ ଆର୍ଥିକ କାର୍ଯ୍ୟକୁ ସପୋଟ କରିବା

ସହିତ ବିରାଟ ନିଯୁକ୍ତିର ସୁଯୋଗ ଯୋଗାଇଛି । ଅଧିକନ୍ତୁ ଏହି ଅଞ୍ଚଳରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଉତ୍ତମ ବ୍ୟବସ୍ଥା ଅନ୍ୟ ଅଞ୍ଚଳ ଅପେକ୍ଷା ଅଧିକ ରହିଅଛି । ଆମ୍ଭେମାନେ ଜାଣିଛୁ ଯେ, ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ହାଇଦ୍ରାବାଦ, ଚେନ୍ନାଇ, କୋଲକାତା ପ୍ରଭୃତି ବଡ଼ ବଡ଼ ସହରରେ ଜନସଂଖ୍ୟାର ଘନତ୍ୱ ଅଧିକ ।

**ପରିବହନ ଓ ଯୋଗାଯୋଗ :** ଦେଶର କେତେକ ଅଞ୍ଚଳରେ ଅନ୍ୟ ଅଞ୍ଚଳ ଅପେକ୍ଷା ଅଧିକ ପରିବହନ, ଯୋଗାଯୋଗ ଏବଂ ଅନ୍ୟ ସାଧାରଣ ସେବାର ସୁବିଧା ରହିଅଛି, ଉତ୍ତରଭାରତ ସମତଳ ଭୂମି ଅଞ୍ଚଳରେ ଉତ୍ତମ ପରିବହନର ବ୍ୟବସ୍ଥା ରହିଥିବାବେଳେ ଉତ୍ତରପୂର୍ବ ଅଞ୍ଚଳରେ ପରିବହନ ବ୍ୟବସ୍ଥା ପଛରେ ପଡ଼ିଛି । ଯେଉଁ ଅଞ୍ଚଳରେ ସାଧାରଣ ସୁବିଧାର ଉନ୍ନତି ଘଟିଛି ସେହି ଅଞ୍ଚଳରେ ଅନ୍ୟ ଅଞ୍ଚଳ ଅପେକ୍ଷା ଜନସଂଖ୍ୟାର ଘନତ୍ୱ ଅଧିକ ଅଟେ । ସମୟ-ସମୟରେ ଆମେ ଦେଖୁ ଯେ ସାଂସ୍କୃତିକ ଏବଂ ଧାର୍ମିକ ଅଞ୍ଚଳମାନଙ୍କରେ ଜନସଂଖ୍ୟାର ଘନତ୍ୱ ଅଧିକ ।

ଉପରଲିଖିତ ସମସ୍ତ ତଥ୍ୟକୁ ମିଶାଇ ଆମେ ଦେଖିଲୁ ଯେ ଗାଙ୍ଗେୟ ସମତଳଭୂମିରେ ଜନସଂଖ୍ୟାର ଘନତ୍ୱ ସର୍ବାଧିକ । ଏହାର ନିମ୍ନଲିଖିତ କାରଣମାନ ରହିଅଛି - ସମତଳଭୂମି, ଉର୍ବର ଭୂମି, ଅନୁକୂଳ ଜଳବାୟୁ, ଶିଳ୍ପାୟନ, ସହରୀକରଣ, ପରିବହନରେ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି । ଯେଉଁ ଅଞ୍ଚଳରେ ବନ୍ଧୁର ପାର୍ବତୀୟ ଭୂମି, ପ୍ରତିକୂଳ ଜଳବାୟୁ, ପରିବହନ ଯୋଗାଯୋଗ ବ୍ୟବସ୍ଥାରେ ଅଳ୍ପ ଉନ୍ନତି, ସେଠାରେ ଅରୁଣାଚଳ ପ୍ରଦେଶ ପରି ଜନସଂଖ୍ୟାର ଘନତ୍ୱ କମ୍ ।

## ତୁମ ପାଇଁ କାର୍ଯ୍ୟ ୧୪.୨

ଭାରତର ପ୍ରାକୃତିକ ବିଭାଗର ମାନଚିତ୍ରକୁ ଅନୁଧ୍ୟାନ କର, ପାଠ-୧୧ରେ ଥିବା ଉତ୍ତରସ୍ଥ ଅଞ୍ଚଳ ଏବଂ ଉପଦ୍ୱୀପୀୟ ମାଳଭୂମିକୁ ଅନୁଧ୍ୟାନ କର । ମାତୃଭୂମିର ହସ ହସ ମୁହଁକୁ ଦେଖ । ଚିତ୍ର ୧୪.୧, ୧୪.୨ ଏବଂ ୧୪.୪କୁ ଦେଖ ଏବଂ ଭାରତରେ ଜନସଂଖ୍ୟାର ବଣ୍ଟନ ଏବଂ ଘନତ୍ୱ ସମ୍ବନ୍ଧରେ ଯେଉଁ ତଥ୍ୟ ଦିଆଯାଇଅଛି ମାନଚିତ୍ରରେ ଦେଖ ।

ମାନଚିତ୍ରଗୁଡ଼ିକୁ ମିଶାଇ ତଥ୍ୟ ଅନୁସନ୍ଧାନ କର । କେଉଁ ଅଞ୍ଚଳଗୁଡ଼ିକର ପ୍ରାକୃତିକ ଗଠନ ମନୁଷ୍ୟର ବାସ ଉପଯୋଗୀ ଅଟେ ଚିହ୍ନଟ କର ।

## ପାଠଗତ ପ୍ରଶ୍ନାବଳୀ ୧୪.୨

୧. ୨୦୦୧ ଜନଗଣନା ଅନୁସାରେ ନିମ୍ନଲିଖିତ ରାଜ୍ୟମାନଙ୍କରୁ କେଉଁ ରାଜ୍ୟର ଜନସଂଖ୍ୟାର ଘନତ୍ୱ ସର୍ବାଧିକ ଅଟେ ।

(କ) ପଶ୍ଚିମବଙ୍ଗ (ଖ) କେରଳ

(ଗ) ତାମିଲନାଡୁ (ଘ) ଉତ୍ତର ପ୍ରଦେଶ

୨. ଗୋଟିଏ ଜିଲ୍ଲାର ଜନସଂଖ୍ୟା ୩,୦୦,୦୦୦ ଏବଂ କ୍ଷେତ୍ରଫଳ ୧୦୦୦ ବର୍ଗ କି.ମି. । କେଉଁ ଗୋଟିଏ ଠିକ୍ ଘନତ୍ୱ ?

ଟିପ୍ପଣୀ

(କ) ବର୍ଗ କି.ମି.ରେ ୧୫୦ ଜଣ (ଖ) ବର୍ଗ କି.ମି.ରେ ୨୦୦ ଜଣ


(ଗ) ବର୍ଗ କି.ମି. ରେ ୨୫୦ ଜଣ (ଘ) ବର୍ଗ କି.ମି.ରେ ୩୦୦ ଜଣ

୩. ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇ ପରି ବଡ଼ ବଡ଼ ନଗରୀରେ ଜନସଂଖ୍ୟା ଘନତ୍ୱ ଅଧିକ ହେବାର ଚାରିଗୋଟି କାରଣ ଲେଖ ।

୪. ଉତ୍ତରାଖଣ୍ଡ ରାଜ୍ୟରେ ଜନସଂଖ୍ୟାର ଘନତ୍ୱ କାହିଁକି କମ୍ ତା'ର ଦୁଇଗୋଟି କାରଣ ଲେଖ ।

## ୧୪.୪ ଜନସଂଖ୍ୟା–ପରିବର୍ତ୍ତନ

ଯେ କୌଣସି ଦେଶରେ ମାନବସମ୍ବଳର ଗୁଣାତ୍ମକ ବିକାଶରେ ଜନସଂଖ୍ୟା ପରିବର୍ତ୍ତନ ପ୍ରଭାବ ପକାଇଥାଏ । ଏହି ପରିବର୍ତ୍ତନ ଜନସଂଖ୍ୟା ବୃଦ୍ଧି କିମ୍ବା ଜନସଂଖ୍ୟା ହ୍ରାସ ଦ୍ୱାରା ହୋଇଥାଏ । ଯଦିଓ ପୃଥିବୀର ଜନସଂଖ୍ୟା ବର୍ତ୍ତମାନ ସୁଦ୍ଧା ବୃଦ୍ଧି ପାଉଅଛି କିନ୍ତୁ କେତେକ ଦେଶରେ ଏହା କମିବାକୁ ଲାଗିଅଛି । ଉଭୟ ପ୍ରକାରର ପରିବର୍ତ୍ତନ ମାନବସମ୍ବଳର ଗୁଣାତ୍ମକ ବିକାଶକୁ ପ୍ରଭାବିତ କରୁଅଛି । ଯଦି ଜନସଂଖ୍ୟାର ବୃଦ୍ଧି କ୍ଷିପ୍ରଗତିରେ ହୁଏ, ତାହାହେଲେ ଏହା ଜନସଂଖ୍ୟା ବୃଦ୍ଧି ଏବଂ ଦେଶରେ ଥିବା ସମ୍ବଳ ମଧ୍ୟରେ ଅସମତା ଆଣିବ । ଏହିପରି ଅବସ୍ଥାରେ ମାନବସମ୍ବଳର ଗୁଣାତ୍ମକ ବିକାଶରେ ବିପରୀତ ପ୍ରଭାବ ପକାଇବ । ବହୁଦିନରୁ ଭାରତର ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଅଛି । ୧୯୦୧ରେ ଏହା ୨୩୮ କୋଟି ଥିଲାବେଳେ ୨୦୦୧କୁ ଏହା ୧୦୨୮ କୋଟିକୁ ବୃଦ୍ଧି ପାଇଅଛି । ଜନସଂଖ୍ୟାରେ ଏହିପରି ବୃଦ୍ଧି ଗୋଟିଏ ଶତାବ୍ଦୀର ସମୟ ସୀମାରେଖା ମଧ୍ୟରେ ଚାରିଗୁଣରୁ ଅଧିକ ଅଟେ । ଅନ୍ୟ ପକ୍ଷରେ ପଶ୍ଚିମ ୟୁରୋପର କେତେଗୁଡିଏ ଦେଶ ଅଛି ଯେଉଁଠାରେ ଜନସଂଖ୍ୟା କମିବାରେ ଲାଗିଅଛି । କାହିଁକି ଏହିପରି ହେଉଅଛି ? ଜନସଂଖ୍ୟା ପରିବର୍ତ୍ତନର ସେସବୁ ତଥ୍ୟକୁ ଆସ ଚିହ୍ନଟ କରିବା ।




ଚିତ୍ର – ୧୪.୫ ଜନସଂଖ୍ୟା ବୃଦ୍ଧି

## ଜନସଂଖ୍ୟା ପରିବର୍ତ୍ତନର ଉତ୍ପାଦକ

କୌଣସି ଦେଶରେ ଜନସଂଖ୍ୟା ବୃଦ୍ଧି ଏବଂ ହ୍ରାସର ତିନିଗୋଟି ପ୍ରଧାନ ଗଣତାନ୍ତ୍ରିକ କାରଣ ରହିଅଛି (କ) ଜନ୍ମହାର (ଖ) ମୃତ୍ୟୁହାର (ଗ) ସ୍ଥାନାନ୍ତରିକରଣ ।

ଅନେକ ସାମାଜିକ-ଅର୍ଥନୈତିକ ଉପାଦାନ ଅଛି ଯାହାକି ଜନ୍ମହାର ଏବଂ ମୃତ୍ୟୁହାରକୁ ପ୍ରଭାବିତ କରୁଅଛି । ଏହାଦ୍ୱାରା ଜନସଂଖ୍ୟାର ପରିବର୍ତ୍ତନ ହୋଇଥାଏ ।

ତୁମେ ଚିତ୍ର ୧୪.୫ ରେ ଦେଖିପାରିବ ଯେ ଆମ ଦେଶର ଦ୍ରୁତ ଜନସଂଖ୍ୟା ବୃଦ୍ଧିର କାରଣ ହେଉଛି ଉଚ୍ଚ ଜନ୍ମହାର ଏବଂ ନିମ୍ନ ମୃତ୍ୟୁହାର । ଜାତୀୟସ୍ତରରେ ସ୍ଥାନାନ୍ତରୀକରଣ ଜନସଂଖ୍ୟା ବୃଦ୍ଧିର ଅବହେଳିତ କାରଣ ଅଟେ । ତୁମେ ଯଦି ଚିତ୍ର-୧୪.୫କୁ ଯତ୍ନସହକାରେ ଅନୁଧ୍ୟାନ କରିବ ଦେଖିପାରିବ ଯେ ୧୯୨୧ରୁ ମୃତ୍ୟୁହାର କମିବାରେ ଲାଗିଅଛି । ସେହି ସମୟ ମଧ୍ୟରେ ଜନ୍ମହାର ମଧ୍ୟ କମିବାକୁ ଆରମ୍ଭ କରିଥିଲା । ଜନ୍ମହାର ଅପେକ୍ଷା ମୃତ୍ୟୁହାର ଦ୍ରୁତଗତିରେ କମିବାକୁ ଲାଗିଥିଲା । ତେଣୁ ଜନ୍ମହାର ଏବଂ ମୃତ୍ୟୁହାର ମଧ୍ୟରେ ଶୂନ୍ୟତା ବିସ୍ତୃତିଲାଭ କରିଛି । ଯାହାର ଫଳରେ କି ଜନସଂଖ୍ୟା ବୃଦ୍ଧି ପାଉଅଛି ।

ତୁମେ ଯେତେବେଳେ ଚିତ୍ର-୧୪.୬କୁ ଦେଖିବ ସେଥିରେ ପ୍ରତି ଦଶ ବର୍ଷରେ ଜନସଂଖ୍ୟାର ବୃଦ୍ଧିର ତଥ୍ୟ ପାଇପାରିବ । ୧୯୮୧ ଓ ୧୯୯୧ ଦଶକରେ ଜନସଂଖ୍ୟା ବୃଦ୍ଧି ହାରରେ ସାମାନ୍ୟ ପରିବର୍ତ୍ତନ ହୋଇଥିଲା, ୧୯୯୧ ରୁ ୨୦୦୧ ଦଶନ୍ଧିରେ ମଧ୍ୟ ଜନସଂଖ୍ୟା ବୃଦ୍ଧି କମିବାର ଶୁଭ ସଙ୍କେତ ଅଟେ । ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ଯେ ବୃଦ୍ଧିହାରରେ ହ୍ରାସ ଘଟିବା ସତ୍ତ୍ୱେ ମଧ୍ୟ ସମୁଦାୟ ଜନସଂଖ୍ୟା ଏହି ବର୍ଷମାନରେ ବଢ଼ିବାରେ ଲାଗିଥିଲା । ଜନ୍ମହାର ଓ ମୃତ୍ୟୁହାରକୁ ଭିତ୍ତିକରି ସମୁଦାୟ ସମୟ ୧୯୦୧ ରୁ ୨୦୦୧ ପର୍ଯ୍ୟନ୍ତକୁ ଚାରିଗୋଟି ଶ୍ରେଣୀରେ ବିଭକ୍ତ କରାଯାଇଅଛି । ସେଗୁଡ଼ିକ ହେଲା – ୧. ସ୍ଥିର, ୨. ଅଟଳ, ୩. ଦ୍ରୁତ, ୪. ମନ୍ଥର ।

### ? ତୁମେ ଜାଣ କି

ଜନ୍ମହାର : କୌଣସି ଅଞ୍ଚଳରେ ବର୍ଷକ ମଧ୍ୟରେ ଏକହଜାର ଜନସଂଖ୍ୟାରେ ଜନ୍ମିତ ଶିଶୁମାନଙ୍କ ସଂଖ୍ୟାକୁ ଅଶୋଧିତ ଜନ୍ମହାର କୁହାଯାଏ ।

$$\text{ଜନ୍ମହାର} = \frac{\text{କୌଣସି ଅଞ୍ଚଳରେ ବର୍ଷକ ମଧ୍ୟରେ ଜୀବିତ ଶିଶୁଙ୍କ ସଂଖ୍ୟା}}{\text{ସେହି ଅଞ୍ଚଳର ମଧ୍ୟବର୍ଷ ଜନସଂଖ୍ୟା}} \times ୧୦୦୦$$

ଗୋଟିଏ ଜିଲ୍ଲାରେ ବର୍ଷକ ମଧ୍ୟରେ ଜନ୍ମିତ ଜୀବନ୍ତ ଶିଶୁଙ୍କ ସଂଖ୍ୟା ୮୦୦ ଏବଂ ମଧ୍ୟବର୍ଷ ଜନସଂଖ୍ୟା ୨୫୦୦୦ ।

$$\text{ଅତଏବ ଜନ୍ମହାର} = \frac{୮୦୦}{୨୫୦୦୦} \times ୧୦୦୦ = ୩୨ \text{ ଜଣ ପ୍ରତି ହଜାର ଜନସଂଖ୍ୟାରେ}$$

ମୃତ୍ୟୁହାର : କୌଣସି ଅଞ୍ଚଳରେ ବର୍ଷକ ମଧ୍ୟରେ ପ୍ରତି ହଜାର ଜନସଂଖ୍ୟାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟାକୁ ଅଶୋଧିତ ମୃତ୍ୟୁହାର କୁହାଯାଏ । ତାହା ହେଲେ –


ମୃତ୍ୟୁହାର = $\frac{\text{କୌଣସି ଅଞ୍ଚଳରେ ବର୍ଷକ ମଧ୍ୟରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା}}{\text{ସେହି ଅଞ୍ଚଳର ମଧ୍ୟ – ବର୍ଷ ଜନସଂଖ୍ୟା}} \times ୧୦୦୦$

ଭାବ ଗୋଟିଏ ଜିଲ୍ଲାରେ ବର୍ଷକ ମଧ୍ୟରେ ମୃତ୍ୟୁସଂଖ୍ୟା ୬୦୦ ଏବଂ ମଧ୍ୟ ବର୍ଷ ଜନସଂଖ୍ୟା ୨୫,୦୦୦ ତାହାହେଲେ –

ମୃତ୍ୟୁହାର ହେବ = $\frac{୬୦୦}{୨୫,୦୦୦} \times ୧୦୦୦$ = ୨୪ ଜଣ ପ୍ରତି ହଜାର ଜନସଂଖ୍ୟାରେ,

ପ୍ରାକୃତିକ ବୃଦ୍ଧିହାର : ଜନ୍ମହାର ଏବଂ ମୃତ୍ୟୁହାର ମଧ୍ୟରେ ଥିବା ବ୍ୟବଧାନକୁ ପ୍ରାକୃତିକ ବୃଦ୍ଧିହାର କୁହାଯାଏ, ତେଣୁ ପ୍ରାକୃତିକ ବୃଦ୍ଧିହାର = ଜନ୍ମହାର – ମୃତ୍ୟୁହାର ।

ଯଦି କୌଣସି ଅଞ୍ଚଳର ବର୍ଷକ ମଧ୍ୟରେ ଜନ୍ମହାର ୩୨ ଏବଂ ମୃତ୍ୟୁହାର ୨୪ ହୁଏ ତାହାହେଲେ ପ୍ରାକୃତିକ ବୃଦ୍ଧିହାର ୩୨ – ୨୪ = ୮ ପ୍ରତି ଏକ ହଜାର ଜନସଂଖ୍ୟାରେ ।




ଚିତ୍ର – ୧୪.୬ ଭାରତରେ ଜନସଂଖ୍ୟା ବୃଦ୍ଧି (୧୯୦୧–୨୦୦୧)

ଚିତ୍ର ଆରମ୍ଭରୁ ଆମେ ଦେଖିବା ଯେ, ୧୯୨୧ ମସିହା ବ୍ୟତୀତ ବିଂଶ ଶତାବ୍ଦୀରେ ପୂର୍ଣ୍ଣମାତ୍ରାରେ ଜନସଂଖ୍ୟାର ବୃଦ୍ଧି ଘଟିଅଛି । ୧୯୨୧ ମସିହାରେ ଜନସଂଖ୍ୟା ବୃଦ୍ଧିର ହ୍ରାସ ଘଟିଥିଲା । ୧୯୨୧ ପରେ କ୍ରମାନ୍ୱୟରେ ବୃଦ୍ଧି ପରିଲକ୍ଷିତ ହେଉଅଛି । ତେଣୁକରି ୧୯୨୧ ଜନଗଣନା ବର୍ଷକୁ ଭାରତରେ ବୃହତ୍ତମ ବିଭାଜିକା ବର୍ଷ ବୋଲି କୁହାଯାଏ ।

ଆସ ଭାରତରେ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କାରଣକୁ ବୁଝିବା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଲା ଅଶିକ୍ଷା ଏବଂ ସ୍ୱଳ୍ପଶିକ୍ଷା, ସ୍ୱାସ୍ଥ୍ୟ ହୀନତା ଏବଂ ଖାଦ୍ୟସାରର ଅଭାବ ଏବଂ ଦାରିଦ୍ର୍ୟ । ଆହୁରି ମଧ୍ୟ କେତେକ ସଙ୍କଟପୂର୍ଣ୍ଣ ସାମାଜିକ-ସାଂସ୍କୃତିକ ତଥ୍ୟ ରହିଅଛି । ସେଗୁଡ଼ିକ ହେଲା ପୁତ୍ରସନ୍ତାନକୁ ଅଗ୍ରାଧିକାର, ଅଳ୍ପବୟସରେ ବିବାହ, ଧାର୍ମିକ ବିଶ୍ୱାସ ଏବଂ ସ୍ତ୍ରୀ ଲୋକମାନଙ୍କ ନିମ୍ନସ୍ଥିତି ।

## ପାଠଗତ ପ୍ରଶ୍ନାବଳୀ ୧୪.୩

୧. ଯଦି କୌଣସି ଅଞ୍ଚଳରେ ପ୍ରତିହଜାରରେ ଜନ୍ମହାର ୪୫ ଏବଂ ମୃତ୍ୟୁହାର ୨୫ କେଉଁଟି ପ୍ରାକୃତିକ ବୃଦ୍ଧିହାର ହେବ ।

(କ) ହଜାରରେ ୧୫ (ଖ) ହଜାରରେ ୧୮ (ଗ) ହଜାରରେ ୨୦ (ଘ) ହଜାରରେ ୨୫

୨. ଭାରତରେ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କେଉଁଟି ପ୍ରଧାନ କାରଣ ଅଟେ ବାଛ ।

(କ) ଉଚ୍ଚ ଜନ୍ମହାର ଏବଂ ଉଚ୍ଚମୃତ୍ୟୁହାର

(ଖ) ନିମ୍ନ ଜନ୍ମହାର ଏବଂ ନିମ୍ନ ମୃତ୍ୟୁହାର

(ଗ) ଉଚ୍ଚ ଜନ୍ମହାର ଏବଂ ନିମ୍ନ ମୃତ୍ୟୁହାର

(ଘ) ନିମ୍ନ ଜନ୍ମହାର ଏବଂ ଉଚ୍ଚ ମୃତ୍ୟୁହାର

୩. ୧୯୨୧ ମସିହାକୁ କାହିଁକି ବୃହତ ବିଭାଜିକା ବର୍ଷ ବୋଲି କୁହାଯାଏ ?

## ୧୪.୫ ଜନସଂଖ୍ୟା ଗଠନ

ଆମେ ଏପର୍ଯ୍ୟନ୍ତ ଜନସଂଖ୍ୟାର ବଣ୍ଟନ, ଘନତ୍ୱ ଏବଂ ବୃଦ୍ଧି ସମ୍ବନ୍ଧରେ ପଢ଼ିଅଛୁ । ତୁମେ ଜନ୍ମହାର ଏବଂ ମୃତ୍ୟୁହାର ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବା ସହିତ ଜନସଂଖ୍ୟା ପରିବର୍ତ୍ତନ ସମ୍ବନ୍ଧରେ ତଥ୍ୟଗୁଡ଼ିକୁ ଜାଣିଲ । ଏହାପରେ ଜନସଂଖ୍ୟାର ଗଠନକୁ ପ୍ରଦର୍ଶିତ କରାଯିବ ଯାହାକି କେବଳ ଯେ ଜନସଂଖ୍ୟାର ବୃଦ୍ଧିର ଗତିକୁ ପ୍ରଭାବିତ କରୁଛି ତାହା ନୁହେଁ ଆହୁରି ମଧ୍ୟ ମାନବସମ୍ବଳ ରୂପେ ଜନସଂଖ୍ୟାର ଗୁଣକୁ ପ୍ରଭାବିତ କରୁଅଛି । ଜନସଂଖ୍ୟା ଗଠନ କ'ଣ ? ଜନସଂଖ୍ୟା ଗଠନ ହେଉଛି ଜନସଂଖ୍ୟାର ବର୍ଣ୍ଣନା । ସେଗୁଡ଼ିକ ହେଲା ଆୟୁ, ଲିଙ୍ଗ, ମଫସଲ, ସହରୀକରଣ, ଶିକ୍ଷା, ଅବସ୍ଥିତି । ତେଣୁକରି ତଳେ ଦିଆଯାଇଥିବା ଭାରତରେ ଜନସଂଖ୍ୟାର ଗଠନ ସମ୍ବନ୍ଧୀୟ ତଥ୍ୟକୁ ବୁଝିବାକୁ ଚେଷ୍ଟା କରିବା ।


୧. ଆୟୁ ଗଠନ

୨. ଲିଙ୍ଗ ଗଠନ

୩. ମଫସଲ – ସହର ଗଠନ

୪. ଶିକ୍ଷା – ଗଠନ

**୧. ଆୟୁ ଗଠନ :** ଦେଶର ବର୍ତ୍ତମାନ ଏବଂ ଭବିଷ୍ୟତ ପ୍ରଗତି ପାଇଁ ଜନସଂଖ୍ୟାର ଆୟୁଗଠନ ଗୁରୁତ୍ୱପୂର୍ଣ୍ଣସ୍ଥାନ ଗ୍ରହଣ କରିଛି । ଜନସଂଖ୍ୟାକୁ ଆରମ୍ଭରୁ ତିନିଗୋଟି ବିସ୍ତୃତ ଆୟୁରେ ବିଭକ୍ତ କରାଯାଇଅଛି । (କ) ବାଳଗୋଷ୍ଠୀ – ୧୪ ବର୍ଷ ପର୍ଯ୍ୟନ୍ତ (ଖ) ଯୁବଗୋଷ୍ଠୀ – ୧୫ ରୁ ୬୦ ବର୍ଷ ପର୍ଯ୍ୟନ୍ତ (ଗ) ବୃଦ୍ଧଗୋଷ୍ଠୀ – ୬୦ ବର୍ଷରୁ ଅଧିକ । ଚିତ୍ର ୧୪.୭ରେ ଭାରତର ଉପରବର୍ଣ୍ଣିତ ଆୟୁଗଠନର ଚିତ୍ର ଦିଆଯାଇଅଛି ।




ଚିତ୍ର ୧୪.୭ ଆୟୁ ଗଠନ

ଆମେ ଯଦି ୧୯୭୧ରୁ ତଥ୍ୟକୁ ତୁଳନା କରିବା ଦେଖିବା ଯେ ବାଳଗୋଷ୍ଠୀଙ୍କ ସଂଖ୍ୟା କମିବାରେ ଲାଗିଅଛି ଏବଂ ଯୁବଗୋଷ୍ଠୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଅଛି । ବୃଦ୍ଧଗୋଷ୍ଠୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଅଛି । ଏହିପରି ଭାବରେ ନିର୍ଭରଶୀଳ ଜନସଂଖ୍ୟା ବଢ଼ିବାରେ ଲାଗିଅଛି । ବାଳଗୋଷ୍ଠୀ ଏବଂ ବୃଦ୍ଧଗୋଷ୍ଠୀଙ୍କୁ ନିର୍ଭରଶୀଳ ଜନସଂଖ୍ୟା କୁହାଯାଏ । ଯେତେବେଳେ ସଂଖ୍ୟା ବଢ଼ିଯିବ ସେତେବେଳେ ନିର୍ଭରଶୀଳତାର ହାର ଉପରକୁ ଉଠିଯିବ । ତାହାର ଫଳ ସ୍ୱରୂପ ଦେଶ, ପିଲାମାନଙ୍କ ବୃଦ୍ଧି ଏବଂ ଉନ୍ନତି ପାଇଁ ଏବଂ ବୃଦ୍ଧମାନଙ୍କ ମଙ୍ଗଳ ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବ । ଯେତେବେଳେ କି ସେହି ଅର୍ଥକୁ ଅନ୍ୟ ଉତ୍ପାଦନମୂଳକ ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯାଇ ପାରିଥାନ୍ତା ।

## ? ତୁମେ ଜାଣ କି

$$\text{ନିର୍ଭରଶୀଳଙ୍କ ଅନୁପାତ} = \frac{\text{ନିର୍ଭରଶୀଳ ଜନସଂଖ୍ୟା ୦–୧୪, + ୬୦ ବର୍ଷରୁ ଅଧିକ ବୃଦ୍ଧ}}{\text{କାର୍ଯ୍ୟକ୍ଷମ ଜନସଂଖ୍ୟା (୧୫–୫୯)}} \times \text{୧୦୦}$$

ଯଦି ଗୋଟିଏ ଜିଲ୍ଲାରେ ବାଳଗୋଷ୍ଠୀ ଏବଂ ବୃଦ୍ଧ ଗୋଷ୍ଠୀଙ୍କ ସଂଖ୍ୟା ମିଶି ୭୦୦୦ ଏବଂ କାର୍ଯ୍ୟକ୍ଷମ ଜନସଂଖ୍ୟା (୧୫–୫୯ବର୍ଷ)ଙ୍କ ସଂଖ୍ୟା

୧୮୦୦୦ ତାହାହେଲେ ନିର୍ଭରଶୀଳଙ୍କ ଅନୁପାତ ହେବ $= \frac{\text{୭,୦୦୦}}{\text{୧୮.୦୦୦}} \times \text{୧୦୦} = \text{୩୮.୮୯}$

ଏହାର ଅର୍ଥ ହେଲା ଯେ ପ୍ରତି ୧୦୦ ଜଣ ଜନସଂଖ୍ୟାର ନିର୍ଭରଶୀଳଙ୍କ ସଂଖ୍ୟା ୩୮.୮୯% ଏବଂ ୬୧.୧୧% କାର୍ଯ୍ୟକ୍ଷମଙ୍କ ସଂଖ୍ୟା ।

**ଚିନ୍ତାକର ଏବଂ ବ୍ୟକ୍ତକର**

ତୁମ ଜେଜେବାପା – ଜେଜେମାଆଙ୍କ ବୟସ ୬୦ ବର୍ଷରୁ ଅଧିକ ଏବଂ ସେମାନେ ନିର୍ଭରଶୀଳ ଜନସଂଖ୍ୟା ଶ୍ରେଣୀଭୁକ୍ତ । ତୁମେ କ'ଣ ଭାବୁଛ ସେମାନେ ବୋଝ ? ପରିବାର ଏବଂ ସମାଜ ପାଇଁ ସେମାନଙ୍କର ଅବଦାନ କିଛି ନାହିଁ ? ଯଦି ଉତ୍ତର ହଁ ତେବେ ସେମାନେ କିପରି ସାହାଯ୍ୟ କରୁଛନ୍ତି ? ଯଦି ଉତ୍ତର ନାହିଁ କାହିଁକି ସେମାନେ ସାହାଯ୍ୟ କରୁନାହାନ୍ତି ?

## ପୃଥକ ଜନସଂଖ୍ୟା ଶ୍ରେଣୀରେ ତରୁଣ ଗୋଷ୍ଠୀ

ଜନସଂଖ୍ୟାକୁ ବୁଝିବା ପାଇଁ ତରୁଣ ଗୋଷ୍ଠୀଙ୍କୁ ପୃଥକ ଜନସଂଖ୍ୟା ଶ୍ରେଣୀଭୁକ୍ତ କରିବାପାଇଁ ସବାଶେଷରେ ଜୋର ଦିଆଯାଇଅଛି । ଆରମ୍ଭରୁ ଆମେ ଜନସଂଖ୍ୟାକୁ ତିନିଗୋଟି ଶ୍ରେଣୀରେ ବିଭକ୍ତ କରିଛୁ । ସେମାନେ ହେଲେ ବାଳଗୋଷ୍ଠୀ, ଯୁବଗୋଷ୍ଠୀ ଏବଂ ବୃଦ୍ଧଗୋଷ୍ଠୀ (ବାଲ୍ୟାବସ୍ଥା, ଯୁବାବସ୍ଥା, ବୃଦ୍ଧାବସ୍ଥା) କିନ୍ତୁ ଆମେ ଦେଖୁ ଯେ, ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ପିଲା ନୁହଁନ୍ତି କି ବୟସ୍କ ନୁହନ୍ତି । ତୁମେ ଯଦି ଏହି ଶ୍ରେଣୀଭୁକ୍ତ ହୋଇଥିବ ତୁମ ପିତାମାତା ଏବଂ ବୟସ୍କମାନେ ତୁମକୁ କହୁଥିବେ ତୁମେ କାହିଁକି ଏପରି କରୁଛ ? "ତୁମେ ତ ଆଉ ପିଲା ହୋଇନାହିଁ" । ଅନ୍ୟ ଘଟଣାରେ ସେହି ବୟସ୍କମାନେ କହୁଥିବେ ତୁମେ ଏହା କିପରି କରିପାରିଲ ? "ତୁମେ ତ ବଡ଼ (ବୟସ୍କ) ହୋଇନାହିଁ" । ପ୍ରକୃତରେ ବାଲ୍ୟାବସ୍ଥା ଏବଂଯୌବନାବସ୍ଥା ମଧ୍ୟରେ ଥିବା ଜୀବନର ସମୟ ୧୦ ଠାରୁ ୧୯ ବର୍ଷ କିମ୍ବା ଆଉ ଅଳ୍ପ ଅଧିକ ବର୍ଷ ଅବସ୍ଥାକୁ କୈଶୋର ଅବସ୍ଥା କୁହାଯାଏ । ଏହି ବୟସର ଲୋକଙ୍କୁ କିଶୋର କୁହାଯାଏ । ତୁମେ ପାଠରେ ଦିଆଯାଇଥିବା ବକ୍ସ ଭିତର କଥାକୁ ପଢ଼ି କିଶୋରର ଅର୍ଥ ଭଲରୂପେ ବୁଝିପାରିବ ।

**? ତୁମେ ଜାଣ କି**

କୈଶୋରର ଅର୍ଥ କ'ଣ ?


ଯୁକ୍ତରାଷ୍ଟ୍ର ଆମେରିକା ତଳେ ଏହାର ପରିଭାଷା ବ୍ୟକ୍ତ କରିଛି ।

- କୈଶୋର : ୧୦–୧୯ ବର୍ଷ ବୟସ୍କ ବ୍ୟକ୍ତି
- ଯୁବକ : ୧୫ – ୨୪ ବର୍ଷ ବୟସ୍କ ବ୍ୟକ୍ତି
- Young People : ୧୦ – ୨୪ ବର୍ଷ ବୟସ୍କ ବ୍ୟକ୍ତି

କିନ୍ତୁ ନିର୍ଦ୍ଦିଷ୍ଟ ବୟସର ସୀମାବଦ୍ଧ ଭିତରେ କୈଶୋର ଜନସଂଖ୍ୟାକୁ ଆବଦ୍ଧ କରି ରଖାଯାଇପାରିବ ନାହିଁ କାରଣ ଏହା ବ୍ୟକ୍ତି ଠାରୁ ବ୍ୟକ୍ତି ମଧ୍ୟରେ ଅନ୍ତର ଦେଖାଯାଏ । କୈଶୋର ହେଉଛି ଗୋଟିଏ ବଢ଼ିବା ବୟସ ଯାହାକି ବାଲ୍ୟାବସ୍ଥା ଶେଷରୁ ଯୁବାବସ୍ଥା ଆରମ୍ଭ ପର୍ଯ୍ୟନ୍ତ ସୀମାବଦ୍ଧ ।

କୈଶୋର ଅବସ୍ଥାକୁ ଏହିପରି ଭାବରେ କୁହାଯାଇଅଛି ଯେ, ଏହା ଶାରୀରିକ, ମାନସିକ ଏବଂ ସାମାଜିକ ଅବସ୍ଥାକୁ ପରିପକ୍ୱ କରେ ବାଲ୍ୟାବସ୍ଥାରୁ ଯୁବାବସ୍ଥା ପର୍ଯ୍ୟନ୍ତ । ଏହା ଯୌବନାବସ୍ଥାରୁ ପରିପକ୍ୱାବସ୍ଥା ପର୍ଯ୍ୟନ୍ତ ବିସ୍ତୃତ ଅଟେ ।

ଦର୍ଶାଯାଇଥିବା ଟେବୁଲ ୧.୧ ଅନୁସାରେ କୈଶୋରମାନେ ହେଉଛନ୍ତି ଜନସଂଖ୍ୟାର ଏକ ଅଂଶ ବିଶେଷ ଭାରତରେ ସେମାନଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୨୨% । ୨୦୦୧ ଜନଗଣନା ଅନୁସାରେ ଏହା ହେଉଛି କୈଶୋରମାନଙ୍କର ଅଂଶ । ସେମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଅଛି ୨୦୦୯ ତାଜା ତଥ୍ୟ ଅନୁସାରେ ସେମାନଙ୍କ ଶତାଂଶ ବଢ଼ିବାରେ ଲାଗିଛି । ୨୦୦୦ ମସିହାର ଜାତୀୟ ଜନସଂଖ୍ୟା ପଲିସି ଅନୁସାରେ ସେମାନଙ୍କୁ under-served Population groupରେ ଚିହ୍ନଟ କରାଯାଇଅଛି । କାରଣ ସେମାନଙ୍କ ଆବଶ୍ୟକତା ସମ୍ବନ୍ଧରେ ବର୍ତ୍ତମାନ ସୁଦ୍ଧା ନିର୍ଦ୍ଦିଷ୍ଟ ଭାବରେ କିଛି କୁହାଯାଇ ନାହିଁ । ପଲିସି କୈଶୋରମାନଙ୍କ ବିଭିନ୍ନ ଆବଶ୍ୟକତାର ରଣକୌଶଳ ସମ୍ବନ୍ଧରେ ବର୍ଣ୍ଣନା କରିଛି । ସେଗୁଡ଼ିକ ହେଲା (କ) କୈଶୋରାବସ୍ଥାରେ କୈଶୋରମାନଙ୍କର ଶାରୀରିକ, ମାନସିକ ଓ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନର ସଠିକ ତଥ୍ୟ ଯୋଗାଇବା (ଖ) ସେମାନଙ୍କ ଆବଶ୍ୟକୀୟ ଜୀବନ କୌଶଳର ଉନ୍ନତି କରି ବିପଦ ଶଙ୍କୁଳ ଅବସ୍ଥାରୁ ଦୂରରେ ରହିବାକୁ ଶକ୍ତିଶାଳୀ କରାଇବା । କୈଶୋରମାନଙ୍କର ଶାରୀରିକ, ମାନସିକ ଏବଂ ସାମାଜିକ ସ୍ଥିତିରେ ସୁଧାର ଆଣିବା (ଗ) ଅଧିକ ପୁଷ୍ଟିକର ଖାଦ୍ୟ ସେବା ଯୋଗାଇବା (ଘ) ସେମାନଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ଏବଂ ପରାମର୍ଶ ସେବାର ସୁବିଧା ଯୋଗାଇବା ।




ଚିତ୍ର – ୧୪.୮ (କ) ଭାରତରେ ଲିଙ୍ଗ ଅନୁପାତ

**ସାରଣୀ ୧.୧ : କୈଶୋର (୧୦–୧୯ ବର୍ଷ) ଲିଙ୍ଗଭେଦରେ (ହଜାରରେ) ଭାରତରେ ୧୯୯୧ ଏବଂ ୨୦୦୧ ।**

| ଜନଗଣନା ବର୍ଷ | କୈଶୋରମାନଙ୍କ ସମୁଦାୟ ସଂଖ୍ୟା | ସମୁଦାୟ ଜନସଂଖ୍ୟାର | ପୁରୁଷ | ମୋଟ ପୁରୁଷଙ୍କ ଶତକଡା | ମହିଳା | ମୋଟ ମହିଳାଙ୍କ ଶତକଡା |
|---|---|---|---|---|---|---|
| ୧୯୯୧ | ୧୮୧,୪୧୯ | ୨୧.୪ | ୯୫,୯୬୯ | ୨୧.୯ | ୮୫,୪୫୦ | ୨୧.୦ |
| ୨୦୦୧ | ୨୨୫,୦୬୧ | ୨୧.୯ | ୧୧୯,୫୭୧ | ୨୨.୪ | ୧୦୫,୪୯୦ | ୨୧.୨ |

## ତୁମ ପାଇଁ କାର୍ଯ୍ୟ ୧୪.୩

ସାରଣୀ ୧.୧ : ଦିଆଯାଇଥିବା ତଥ୍ୟକୁ ଦେଖି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଖୋଜ ।

୧. କୈଶୋର ବୟସର ଝିଅମାନଙ୍କ ଅପେକ୍ଷା ପୁଅମାନଙ୍କର ସଂଖ୍ୟା କାହିଁକି ଅଧିକ ଅଟେ । ଯଦିଓ ଜୀବ ବିଜ୍ଞାନ ଅନୁସାରେ (biologially) ଝିଅମାନଙ୍କ ସଂଖ୍ୟା ଅଧିକ ହେବା ଉଚିତ୍ ଥିଲା ।


୨. ୧୯୧୯ ଏବଂ ୨୦୦୧ ଜନଗଣନାରେ ପୁରୁଷ ଏବଂ ମହିଳାମାନଙ୍କ ଅନୁପାତ କେତେ ଥିଲା ?

୩. କିଶୋରମାନଙ୍କୁ କାହିଁକି under served population group ରୂପେ ବିଚାର କରାଯାଉଅଛି ?

୪. ସମାଜ ପାଇଁ କୈଶୋରମାନଙ୍କ ଆବଶ୍ୟକତା କାହିଁକି ରହିଛି ତୁମେ ତାହାର ତାଲିକା ପ୍ରସ୍ତୁତ କରିପାରିବ କି ?

### ୨. ଲିଙ୍ଗ ଗଠନ

ଲିଙ୍ଗ ଗଠନ ଗୋଟିଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସୂଚକ ଯାହାକି କୌଣସି ଦେଶର ମାନବସମ୍ବଳର ଗୁଣକୁ ସୂଚାଇଥାଏ । ଫଳସ୍ୱରୂପ ଲିଙ୍ଗ ଅନୁପାତରେ ଏହାକୁ ସାଧାରଣତଃ ବୁଝାଯାଇଛି । ହଜାର ପୁରୁଷଙ୍କ ପିଛା ମହିଳାଙ୍କ ସଂଖ୍ୟାକୁ ଲିଙ୍ଗ ଅନୁପାତ କୁହାଯାଏ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସୂଚକ । ଯାହାଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ସମୟରେ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଥିବା ନ୍ୟାୟ ବିଚାରକୁ ମପାଯାଇ ପାରିବ । ଲିଙ୍ଗଗତ ଅନୁପାତ ଅନୁକୂଳ ହେବା ଉଚିତ୍ । କିନ୍ତୁ ଆମ ଦେଶରେ ଲିଙ୍ଗ ଅନୁପାତ ମହିଳାମାନଙ୍କ କ୍ଷେତ୍ରରେ ପ୍ରତିକୂଳ ରହିଆସିଅଛି ଏବଂ ମହିଳାମାନଙ୍କ ଅନୁପାତ କମିବାରେ ଲାଗିଅଛି । ୧୯୦୧ ଜନଗଣନା ଅନୁସାରେ ୧୦୦୦ ପୁରୁଷଙ୍କ ପିଛା ମହିଳାମାନଙ୍କ ଅନୁପାତ ୯୭୨ ଥିଲା ପୁଣି ୨୦୦୧ ଜନଗଣନା ଅନୁସାରେ ଏହା ୯୩୩ ତଳକୁ ଖସି ଆସିଥିଲା । ଚିତ୍ର ୧୪.୮ (କ) ଏବଂ (ଖ) ଏହି ଗତି ଦର୍ଶାଯାଇଅଛି ।




ଚିତ୍ର – ୧୪.୮ (ଖ) ଭାରତରେ ଲିଙ୍ଗ ଅନୁପାତ

### ? ତୁମେ ଜାଣ କି

ଲିଙ୍ଗ ଅନୁପାତକୁ ତଳେ ହିସାବ କରାଯାଇଅଛି ।

$$\text{ଲିଙ୍ଗ ଅନୁପାତ} = \frac{\text{ଗୋଟିଏ ଅଞ୍ଚଳରେ ମହିଳାମାନଙ୍କ ମୋଟ ସଂଖ୍ୟା}}{\text{ସେହି ଅଞ୍ଚଳର ମୋଟ୍ ପୁରୁଷଙ୍କ ସଂଖ୍ୟା}} \times \text{୧୦୦୦}$$

ତୁମେ ଭାବ ଗୋଟିଏ ଜିଲ୍ଲାରେ ମହିଳାମାନଙ୍କ ମୋଟ୍ ସଂଖ୍ୟା ୧୨,୦୦୦ ଏବଂ ପୁରୁଷମାନଙ୍କ ମୋଟ୍ ସଂଖ୍ୟା ୧୩,୦୦୦ ତାହାହେଲେ –

$$\text{ଲିଙ୍ଗ ଅନୁପାତ ହେବ} = \frac{\text{୧୨,୦୦୦}}{\text{୧୩.୦୦୦}} \times \text{୧୦୦୦} = \text{୯୨୩ ମହିଳା ୧୦୦୦ ପୁରୁଷଙ୍କ ପିଛା ।}$$

ଆସ ଆମେ ଦେଖିବା ଆମ ଦେଶରେ ଲିଙ୍ଗ ଅନୁପାତ କାହିଁକି ପ୍ରତିକୂଳ ଅବସ୍ଥାରେ ଅଛି ? ଏହାର କାରଣ ହେଉଛି ଆମ ସମାଜରେ ମହିଳାମାନଙ୍କ ପ୍ରତି ପ୍ରଚଳିତ ଭେଦଭାବ । ଗୋଟିଏ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଏହା ମହିଳାମାନଙ୍କ ସପକ୍ଷରେ ରହିଅଛି । କେରଳ ରାଜ୍ୟରେ ୧୦୦୦ ପୁରୁଷଙ୍କ ପିଛା ମହିଳାମମାନଙ୍କ ଅନୁପାତ ୧୦୫୮ ଏବଂ ପଣ୍ଡିଚେରୀ ବା ପୁଡୁଚେରିରେ ୧୦୦୦ ପୁରୁଷ ପିଛା ମହିଳାମନଙ୍କ ସଂଖ୍ୟା ୧୦୦୧ ଅଟେ ।

### ବାଳଲିଙ୍ଗ ଅନୁପାତ :

ଦେଶରେ ବାଳ ଲିଙ୍ଗ ଅନୁପାତ କମିବା ଧାରା ଗୋଟିଏ ବଡ଼ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ୦–୬ ବର୍ଷ ପିଲାମାନଙ୍କ ଅନୁପାତ କ୍ରମାନ୍ୱୟରେ ଆମ ଦେଶରେ କମିବାରେ ଲାଗିଅଛି । ଯଦିଓ ୧୯୯୧ ଏବଂ ୨୦୦୧ ଜନଗଣନା ରିପୋର୍ଟ ସର୍ବୋପରି ଲିଙ୍ଗ ଅନୁପାତରେ ଅଗ୍ରଗତି ହେବାର ସୂଚନା ଦ୍ରୁତଗତିରେ କମିବାର ସୂଚନା ଦେଇଥିଲା । ଭାରତରେ ଥିବା ୨୮ଟି ରାଜ୍ୟ ଏବଂ ୭ଗୋଟି କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ କେରଳ, ମିଜୋରାମ, ସିକିମ ଓ ତ୍ରିପୁରା ୪ଗୋଟି ରାଜ୍ୟ ଏବଂ ଲାକ୍ଷ୍ୟାଦ୍ୱୀପ କେନ୍ଦ୍ରଶାସିତ ଅଞ୍ଚଳରେ ଶିଶୁ ଲିଙ୍ଗ ଅନୁପାତ ସର୍ବୋପରି ଲିଙ୍ଗ ଅନୁପାତରେ ମେଳ ରହିଥିଲା । ଶିଶୁ ଲିଙ୍ଗ ଅନୁପାତରେ ସବୁଠାରୁ ଅଧିକ ପ୍ରଭାବିତ ରାଜ୍ୟଗୁଡ଼ିକ ହେଲା ହରିୟାଣା, ହିମାଚଳପ୍ରଦେଶ, ଗୁଜୁରାଟ, ପଞ୍ଜାବ ଏବଂ ଉତ୍ତରାଖଣ୍ଡ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ହେଲା ଚଣ୍ଡିଗଡ, ଜାତୀୟ ରାଜଧାନୀ ଦିଲ୍ଲୀ । ଶିଶୁ ଲିଙ୍ଗ ଅନୁପାତ କମିବାର ଏହି ରାଜ୍ୟଗୁଡ଼ିକ ଝିଅ ଜନ୍ମ ନହେବା ପାଇଁ ପ୍ରାଧାନ୍ୟ ହେଉଛନ୍ତି । ଏହି ଅଭ୍ୟାସ Civil Society ର ବିରୁଦ୍ଧାଚରଣ କରୁଛି ।

### ୩. ଗ୍ରାମ–ସହର ଗଠନ

ଭାରତ କୃଷକମାନଙ୍କର ଭୂମି ଏବଂ ଗ୍ରାମମାନଙ୍କର ଦେଶ ଅଟେ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରତି ଦଶଜଣରୁ ନଅଜଣ ଗ୍ରାମମାନଙ୍କରେ ରହୁଥିଲେ । ବର୍ତ୍ତମାନ ସୁଦ୍ଧା ଆମ ଜନସଂଖ୍ୟାର ଚାରିଭାଗରୁ ଅଧିକ ଲୋକ ଗ୍ରାମାଞ୍ଚଳରେ ରହୁଛନ୍ତି । ଭାରତର ସହରାଞ୍ଚଳ ତାକୁ କୁହାଯାଇଅଛି ଯାହାର ତିନି ଚତୁର୍ଥାଂଶ ଲୋକ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଅଣକୃଷି କାର୍ଯ୍ୟରେ ନିଯୁକ୍ତ ଅଛନ୍ତି, ଯାହାର ସର୍ବନିମ୍ନ ଜନସଂଖ୍ୟା ୫୦୦୦ ଏବଂ ଯାହାର ଜନସଂଖ୍ୟାର ଘନତ୍ୱ ପ୍ରତିବର୍ଷ କି.ମି. ପ୍ରତି ୪୦୦ ହୋଇଥିବ ।

ଚିତ୍ର ୧୪.୯ରୁ ଜଣାପଡୁଛି ଯେ ଆମ୍ଭେମାନେ ସହର ଆଡକୁ ଦ୍ରୁତବେଗରେ ଆଗେଇ ଚାଲିଛୁ । ଘରର ଅଭାବ, ପାଣିର ଅଭାବ, ବିଦ୍ୟୁତର ଅଭାବ ଏବଂ ବାତାବରଣର ଜବର ଦଖଲ ସତ୍ତ୍ୱେ ଆମ୍ଭେମାନେ ସହର ଆଡକୁ ଦ୍ରୁତ ଗତିରେ ଆଗେଇ ଚାଲିଛୁ ।


**Rural and Urban population**
(1951-2001)

| Year | Population (million) Rural | Population (million) Urban | % of population Rural | % of population Urban |
|---|---|---|---|---|
| 1951 | 299 | 62 | 82.7 | 17.3 |
| 1961 | 360 | 79 | 82.0 | 18.0 |
| 1971 | 439 | 109 | 80.1 | 19.9 |
| 1981 | 524 | 159 | 76.77 | 23.3 |
| 1991 | 629 | 218 | 74.3 | 25.7 |
| 2001 | 742 | 285 | 72.2 | 27.8 |

ଚିତ୍ର ୧୪.୯ ଗ୍ରାମାଞ୍ଚଳ – ସହରାଞ୍ଚଳର ପରିବର୍ତ୍ତନ

## ୪. ସାକ୍ଷରତା

ସାକ୍ଷରତା, ଯେ କୌଣସି ସମାଜର ପ୍ରଗତିର ସୂଚକ ଅଟେ । ଜନଗଣନା ରିପୋର୍ଟରେ କୁହାଯାଇଅଛି ଯେ ସାତବର୍ଷ କିମ୍ବା ତାହାଠାରୁ ଅଧିକ ବର୍ଷର ଲୋକ ଯେ କୌଣସି ଗୋଟିଏ ଭାଷା ଲେଖି, ପଢ଼ି ବୁଝି ପାରୁଥିଲେ ତାକୁ ସାକ୍ଷର କୁହାଯିବ । ୧୯୫୧ ମସିହାରେ ଆମ ଦେଶର ସାକ୍ଷରତା ହାର ୧୮.୩୩ ପ୍ରତିଶତ ଥିଲା, ୨୦୦୧ ମସିହା ବେଳକୁ ଏହା ବଢ଼ି ୬୫.୩୮ ପ୍ରତିଶତରେ ପହଞ୍ଚିଥିଲା । ଆମ ଦେଶର ରାଜ୍ୟମାନଙ୍କ ମଧ୍ୟରେ କେରଳ ରାଜ୍ୟର ସାକ୍ଷରତା ହାର ସର୍ବାଧିକ ଥିଲା, ଏହା ୯୦.୮୬ ପ୍ରତିଶତ ଥିଲା । ତାହାର ପଛକୁ ମିଜୋରାମର ୮୮.୪୯ ପ୍ରତିଶତ ଏବଂ ଲକ୍ଷ୍ୟାଦ୍ୱୀପର ୮୭.୫୨ ପ୍ରତିଶତ । ସାଧାରଣ ଭାବରେ ଦେଖିବାକୁ ଗଲେ ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କର ସାକ୍ଷରତା ହାର କମ୍ ।




ଚିତ୍ର ୧୪.୧୦ ସାକ୍ଷରତା

## ତୁମ ପାଇଁ କାର୍ଯ୍ୟ ୧୪.୪

ତୁମ ଘର ନିକଟରେ ଥିବା ୧୦–୧୫ ଗୋଟି ପରିବାରଠାରୁ ନିମ୍ନଲିଖିତ ତଥ୍ୟ ସଂଗ୍ରହ କର ।

୧. ସାକ୍ଷାତ କରିଥିବା ବ୍ୟକ୍ତିଙ୍କ ନାମ :–

୨. ବୟସ :– ବର୍ଷ :–

୩. ଶିକ୍ଷାଗତ ଯୋଗ୍ୟତା :–

୪. ପରିବାରରେ ଉପାର୍ଜନକ୍ଷମ ଲୋକଙ୍କ ସଂଖ୍ୟା :–

୫. ପରିବାରର ସମୁଦାୟ ଲୋକଙ୍କ ସଂଖ୍ୟା – ପୁରୁଷ :– ମହିଳା : –

୬. ପରିବାରର ଲୋକେ କେଉଁ ବୟସ ଗୋଷ୍ଠୀର

(କ) ୧୪ ବର୍ଷ ବୟସ ମଧ୍ୟରେ :–

(ଖ) ୧୫ ରୁ ୬୦ ବର୍ଷ ବୟସ ମଧ୍ୟରେ :–

(ଗ) ୬୦ ବର୍ଷରୁ ଅଧିକଙ୍କ ସଂଖ୍ୟା :–

୭. ଉପରେ ସଂଗ୍ରହ କରିଥିବା ତଥ୍ୟକୁ ଅନୁସନ୍ଧାନ ଓ ବ୍ୟାଖ୍ୟାକରି :

(କ) ୧୪ ବର୍ଷରୁ କମ୍ -------- ଏବଂ ଏହାର ଶତକଡା ହିସାବରେ --------

(ଖ) ୬୦ ବର୍ଷରୁ ଅଧିକ -------- ଏବଂ ଏହାର ଶତକଡା ହିସାବରେ -------

ଏବେ ଆମେ ବୁଝିବାକୁ ସମର୍ଥ ହେବା ଯେ କୌଣସି ଦେଶର ସର୍ବମୋଟ୍ ଜନସଂଖ୍ୟା ସେ ଦେଶର ସବୁଠାରୁ ବଡ଼ ସମ୍ପଦ ନୁହେଁ । ଦେଶର ଜନସଂଖ୍ୟାର ସଂଖ୍ୟାକୁ ସମ୍ପଦରେ ପରିଣତ କରିବା ପାଇଁ ଲୋକମାନଙ୍କର ଗୁଣାତ୍ମକ ବିକାଶ କରିବା ଆବଶ୍ୟକ । ଜନସଂଖ୍ୟାକୁ ମାନବ ସମ୍ବଳରେ ପରିଣତ କରିବା ପାଇଁ ପୃଥିବୀରେ ଅନେକ ଦେଶଭଳି ଭାରତ ନୀତି ଏବଂ କାର୍ଯ୍ୟକ୍ରମମାନ ଅନୁଶ୍ରୁତ କରି ଆସୁଅଛି । ତେଣୁ ଏହାର ପରବର୍ତ୍ତୀ ବିଭାଗରେ ଭାରତ ସରକାରଙ୍କ ଜନସଂଖ୍ୟା ନୀତି ଏବଂମହିଳା ସଶକ୍ତିକରଣ ସମ୍ବନ୍ଧରେ ବୁଝିବାକୁ ଚେଷ୍ଟା କରିବା ।

## ପାଠଗତ ପ୍ରଶ୍ନାବଳୀ ୧୪.୪

୧. ୨୦୦୧ ଜନଗଣନା ଅନୁସାରେ ଭାରତରେ ଲିଙ୍ଗ ଅନୁପାତ କେତେ ଥିଲା ?

(କ) ୯୨୦ (ଖ) ୯୨୭ (ଗ) ୯୩୩ (ଘ) ୯୪୩

୨. ୨୦୦୧ ଜନଗଣନା ଅନୁସାରେ ସହରବାସୀଙ୍କ ଅନୁପାତ

(କ) ୨୭.୮ (ଖ) ୨୬.୭ (ଗ) ୨୫.୭ (ଘ) ୨୪.୦

୩. ଯଦି ନିର୍ଭରଶୀଳଙ୍କ ସଂଖ୍ୟା ବଢ଼ିବ ତେବେ ଫଳ କ'ଣ ହେବ ?

୪. ଭାରତରେ ଲିଙ୍ଗ ଅନୁକୂଳ ପ୍ରତିକୂଳ ଅବସ୍ଥାରେ ରହିବା ପାଇଁ ଯେଉଁ କାରଣଗୁଡ଼ିକ ଦାୟୀ ତାହା ମଧ୍ୟରୁ ଦୁଇଗୋଟି କାରଣ ଲେଖ ।

## ୧୪.୬ ଭାରତରେ ଜନସଂଖ୍ୟା ନୀତି

ତୁମେ ଜାଣିଛ କି ସ୍ୱାଧୀନତା ପୂର୍ବରୁ ଜନସଂଖ୍ୟା ବୃଦ୍ଧି ଏବଂ ଜନସଂଖ୍ୟା ନୀତିର ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ୧୯୩୮ ମସିହାରେ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଦ୍ୱାରା ଜାତୀୟ ଯୋଜନା କମିଟି ସ୍ଥାପନ କରାଯାଇଥିଲା । ଏହି କମିଟି ତାର ଜନସଂଖ୍ୟା ଉପରେ ଗୋଟିଏ ସବ୍–କମିଟି ସ୍ଥାପନ କରିଥିଲେ । ଏହି କିମିଟି

ତା'ର ୧୯୪୦ ମସିହା ରିଜୋଲ୍ୟୁସନରେ ସାମାଜିକ-ଅର୍ଥନୀତି, ପରିବାର ସମୃଦ୍ଧି, ଜାତୀୟ ଯୋଜନା, ଜନ୍ମ ନିୟନ୍ତ୍ରଣ ଏବଂ ଛୁଆମାନଙ୍କ ସଂଖ୍ୟାରେ ସୀମାବଦ୍ଧତା ଆଣିବା ପାଇଁ ଏବଂ ଶିଶୁସ୍ୱାର୍ଥ ରକ୍ଷା ପାଇଁ କହିଥିଲା ।

ପୃଥିବୀର ଭାରତ ହେଉଛି ପ୍ରଥମ ଦେଶ ଯେ କି ୧୯୫୨ ମସିହାରେ ଗୋଟିଏ ଜାତୀୟ ଜନସଂଖ୍ୟା ପ୍ରୋଗ୍ରାମରେ ପରିବାର ନିୟନ୍ତ୍ରଣ ଉପରେ ଜୋର ଦେଇଥିଲା । ଜନ୍ମହାରକୁ କମାଇବା ଏହି ପ୍ରୋଗ୍ରାମର ଲକ୍ଷ୍ୟ ଥିଲା । ଜାତୀୟ ଅର୍ଥନୀତିର ଆବଶ୍ୟକତା ସହିତ ଜନସଂଖ୍ୟାକୁ ଏକାସ୍ତରରେ ରଖିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା । ତା'ପରଠାରୁ ଭାରତ ତା'ର ଜନସଂଖ୍ୟା ନୀତିକୁ ସମୟାଦିକ୍ରମେ ପ୍ରକାଶ କରୁଅଛି । ଯାହାର ପୂର୍ଣ୍ଣ ବିବରଣୀ ପ୍ରାସଙ୍ଗିକ ପୁସ୍ତକରୁ ପାଇପାରିବ କିମ୍ବା ତୁମେ ଯେତେବେଳେ ଉଚ୍ଚତର ଶ୍ରେଣୀରେ ପଢ଼ିବ ପାଇପାରିବ । ବର୍ତ୍ତମାନ ଆମେ ସର୍ବଶେଷ ଜନସଂଖ୍ୟା ନୀତି ଯାହାକୁ କି ଭାରତ ସରକାର ୨୦୦୦ ମସିହାରୁ କାର୍ଯ୍ୟକାରୀ କରୁଛନ୍ତି ବୁଝିବାକୁ ଚେଷ୍ଟା କରିବା ।

## ଜାତୀୟ ଜନସଂଖ୍ୟା ନୀତି ୨୦୦୦

ଜାତୀୟ ଜନସଂଖ୍ୟ ନୀତି – ୨୦୦୦ ତାହାର ସାକ୍ଷାତକାରରେ ଜନସଂଖ୍ୟାର ଗୁଣାତ୍ମକ ବିକାଶର ହ୍ରାସ ଘଟୁଥିବା କଥା କହିଅଛି । ଏହା ସିଧାସଳଖ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଜୋର ଦିଏ ନାହିଁ । ଏହା ବର୍ଣ୍ଣନା କରେ ଯେ ଆର୍ଥିକ ଓ ସାମାଜିକ ଉନ୍ନତିର ଲକ୍ଷ୍ୟ ହେଉଛି ଲୋକମାନଙ୍କର ଜୀବନ ଧାରଣମାନରେ ଉନ୍ନତି ଆଣିବା । ଏହା ସେମାନଙ୍କର ମଙ୍ଗଳ ଘୋଷଣାକରେ ସେମାନଙ୍କ ପସନ୍ଦ ମୁତାବକ ସୁଯୋଗ ଯୋଗାଏ । ଯାହା ଫଳରେ କି ମନୁଷ୍ୟମାନେ ସମାଜର ଉତ୍ପାଦନକାରୀ ସମ୍ପଦ ହୋଇ ପାରିବେ । ପୂର୍ଣ୍ଣ ବିକାଶକୁ ଉପରକୁ ଉଠାଇବା ପାଇଁ ଜନସଂଖ୍ୟାରେ ସ୍ଥିରତା ଆଣିବା ପ୍ରଧାନ ଆବଶ୍ୟକତା ଅଟେ । ୨୦୦୦ ମସିହା ଜାତୀୟ ଜନସଂଖ୍ୟା ନୀତିର ତତ୍‌କ୍ଷଣାତ୍ ଲକ୍ଷ୍ୟ ନିମ୍ନଲିଖିତ ବିଷୟକୁ ନେଇ ଆଧାରିତ । ସେଗୁଡ଼ିକ ହେଲା ଗର୍ଭନିରୋଧ, ସ୍ୱାସ୍ଥ୍ୟଯତ୍ନ ଶକ୍ତି କେନ୍ଦ୍ର ସ୍ଥାପନ, ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି, ଉପଯୁକ୍ତ ପ୍ରସବ ସେବା ଏବଂ ଶିଶୁ-ସ୍ୱାସ୍ଥ୍ୟ-ଯତ୍ନ କେନ୍ଦ୍ର । ଜାତୀୟ ଜନସଂଖ୍ୟା ନୀତିର ମଧ୍ୟମଧରଣ ଲକ୍ଷ୍ୟ ହେଲା ୨୦୧୦ ସୁଦ୍ଧା ଅସ୍ୱପୋଚାର ଉତ୍ପାଦିକା ଶକ୍ତିରେ ପରିବର୍ତ୍ତନ ଆଣିବା । ଜାତୀୟ ଜନସଂଖ୍ୟା ନୀତିର ଦୀର୍ଘକାଳୀନ ଲକ୍ଷ୍ୟ ହେଲା ଆର୍ଥିକ ଅଭିବୃଦ୍ଧି, ସାମାଜିକ ଉନ୍ନତି, ପରିବେଶ ସୁରକ୍ଷା । ଏହାଦ୍ୱାରା ୨୦୪୫ ମସିହା ସୁଦ୍ଧା ଜନସଂଖ୍ୟା ବୃଦ୍ଧିରେ ସ୍ଥିରତା ଆସିବ ।

### ? ତୁମେ ଜାଣ କି

**ସମୁଦାୟ ଉର୍ବରତା ହାରରେ ପରିବର୍ତ୍ତନ ସ୍ତର :** ସମୁଦାୟ ଅଭିବୃଦ୍ଧି ହାର ଯେଉଁଥିରେ କି ନବଜାତ ଶିଶୁକନ୍ୟା ତାଙ୍କ ଜୀବନ କାଳରେ ଏକମାତ୍ର ସନ୍ତାନ ହେବା ଉଚିତ୍ ଆହୁରି ମଧ୍ୟ ଏହା ଜଣାଶୁଣା ଯେ ପ୍ରତ୍ୟେକ ସ୍ତ୍ରୀ ଲୋକଙ୍କର ଏହି ଝିଅ ବଦଳରେ ଅନେକ ସନ୍ତାନ ଅଛନ୍ତି । ଏହାର ଫଳସ୍ୱରୂପ ଜନସଂଖ୍ୟା ବୃଦ୍ଧିରେ ଶୂନ୍ୟତା ସୃଷ୍ଟି ହେଉଅଛି ।

**ସ୍ଥିର ଜନସଂଖ୍ୟା :** କୌଣସି ସମୟସୀମା ମଧ୍ୟରେ ଯଦି କୌଣସି ସ୍ଥାନରେ ଜନ୍ମହାର ଓ ମୃତ୍ୟୁହାର ସମାନ ରହେ ତେବେ ସେଠାରେ ଜନସଂଖ୍ୟା ସ୍ଥିର ରହେ । ଏହିପରି ଜନସଂଖ୍ୟାରେ ଆୟୁଗଠନ ଏବଂ ବୃଦ୍ଧି ସ୍ଥିରଗତିରେ ଚାଲିଥିବାର ଦେଖାଯାଏ । ଯେଉଁଠାରେ ଅଭିବୃଦ୍ଧି ହାର ଓ ମୃତ୍ୟୁହାର ସମାନ ସେଠାରେ ଜନସଂଖ୍ୟା ସ୍ଥିର ଅଟେ ।

### ଭାରତରେ ମହିଳା ସଶକ୍ତିକରଣ :

ମାନବସମ୍ବଳ ରୂପରେ ଜନସଂଖ୍ୟାର ଗୁଣାତ୍ମକ ବିକାଶ ପାଇଁ ମହିଳା ସଶକ୍ତିକରଣ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଭାରତର ସମୁଦାୟ ଜନସଂଖ୍ୟାର ପ୍ରାୟ ଅଧାଭାଗ ମହିଳା ହୋଇଥିଲେ ମଧ୍ୟ ସେମାନଙ୍କୁ ନୀଚ୍ ଦୃଷ୍ଟିରେ ଦେଖାଯାଉଅଛି ଏବଂ ପାତରଅନ୍ତର ବିଚାର ତାଙ୍କ ପ୍ରତି କରାଯାଉଅଛି । ସେମାନେ ମାନବସମ୍ବଳର ଅଧା ହୋଇଥିଲେ ମଧ୍ୟ ରାଷ୍ଟ୍ରଗଠନରୁ ତାଙ୍କୁ ବଞ୍ଚିତ କରାଯାଉଅଛି । ପ୍ରଗତିଶୀଳ ପୃଥିବୀରେ ଯାହା ଦେଖାଯାଉଛି, ଏଠାରେ ତାହାର ବିପରୀତ ଦେଖାଯାଉଅଛି । ଆମ ଦେଶରେ ମହିଳାମାନଙ୍କ ଭୂମିକାକୁ ସୀମିତ ରଖାଯାଇଅଛି । ସେମାନେ ପରିବାରର ଯତ୍ନନେବା କାମରେ ନିୟୋଜିତ ରହନ୍ତି । ସମସ୍ତ ପ୍ରକାର ପାତର ଅନ୍ତରର ସେମାନେ ଦେଖଣାହାରୀ, ସେମାନଙ୍କ ପ୍ରତି ମନ୍ଦ ବ୍ୟବହାର କରିବା ସହିତ ତାଙ୍କର ଉପରେ ସମସ୍ତ ଦୋଷ ଲଦି ଦିଆଯାଉଅଛି ।

ତୁମେ ଯଦି ଭାରତୀୟ ସମ୍ବିଧାନ ଅଧ୍ୟୟନ କରିବ ତାହାର (ଧାରା ୧୪, ୧୫, ୧୬, ୧୯, ୩୯, ୪୨ ଏବଂ (୫୧) ଧାରାରେ ସମସ୍ତଙ୍କ ପ୍ରତି ସମାନ ବିଚାର ଏବଂ ସମାନତା ପ୍ରଦର୍ଶନ କରିବା ସମ୍ବନ୍ଧରେ ଉଲ୍ଲେଖ ଥିବାର ଦେଖିବା ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଅନେକ ଆଇନ ପାସ କରାଯାଇଅଛି । ସେଗୁଡ଼ିକ ହେଲା (Special marriage Act 1954, Medical Termination of Pregnancy Act 1971) ଏବଂ (Child Marriage Restraint Act 1978) ଏହା ଦୁଃଖର କଥା ଯେ ଏପର୍ଯ୍ୟନ୍ତ ମହିଳାମାନଙ୍କ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ ।

କେତେକ ପଦକ୍ଷେପ ନିଆଯାଇଅଛି ଏବଂ ଆଶା କରାଯାଉଛି ଯେ ମହିଳାମାନଙ୍କ ସ୍ଥିତିରେ ଗୁଣାତ୍ମକ ପରିବର୍ତ୍ତନ ଘଟିବା ଯେତେବେଳେ ସଂବିଧାନର ୭୩ ଏବଂ ୭୪ତମ ସଂଶୋଧନ କରାଗଲା ଗ୍ରାମପଞ୍ଚାୟତ ଏବଂ ପୌର ନିର୍ବାଚନରେ ମହିଳାମାନଙ୍କ ପାଇଁ ୩୩ ଶତାଂଶ ସ୍ଥାନ ସଂରକ୍ଷିତ କରିବାପାଇଁ ବିଲ ପାର୍ଲିଆମେଣ୍ଟରେ ପାସ୍ ହେଲା ସେତେବେଳେ ମହିଳା ସଶକ୍ତିକରଣକୁ ଅଧିକ ଲାଭ ପହଞ୍ଚିଲା । ଅନ୍ୟ ସମ୍ବିଧାନ ସଂଶୋଧନରେ ଉପସ୍ଥାପନ କରାଯାଇଅଛି, ଯାହାର ଲକ୍ଷ୍ୟ ହେଉଛି ଲୋକସଭା ଏବଂ ରାଜ୍ୟ ବିଧାନସଭାମାନଙ୍କରେ ମହିଳାମାନଙ୍କୁ ୩୩ ପ୍ରତିଶତ ସ୍ଥାନ ଦିଆଯିବ ୧୯୯୦ ମସିହାରେ ଗୋଟିଏ ଆଇନ ପାସ୍ କରାଯାଇଥିଲା । ଯାହା ଫଳରେ କି ୧୯୯୨ ମସିହାରୁ ମହିଳାମନଙ୍କ ପାଇଁ ଗୋଟିଏ ଜାତୀୟ କମିଶନ ଗଢା ଯାଇଅଛି । କମିଶନକୁ ବିସ୍ତୃତ କାର୍ଯ୍ୟ କରିବାକୁ କ୍ଷମତା ପ୍ରଦାନ କରାଯାଇଅଛି । ମହିଳାମାନଙ୍କ ପ୍ରତି ଅସଦ ବ୍ୟବହାର କରାଯାଇଥିବା କଥା ତାଙ୍କ ନୋଟିସକୁ ଆସିଲେ ସେ ତାକୁ ଦେଖିବେ ଓ ତନଖି କରିବେ ଏବଂ ସେମାନଙ୍କୁ ନିରାପତ୍ତା ଯୋଗାଇବେ ।

ପରବର୍ତ୍ତୀ ଲକ୍ଷ୍ୟ ହେଲା ମହିଳାମାନଙ୍କ ଅଗ୍ରଗତିରେ ସୁବିଧା ଦେବା, ମହିଳାମାନଙ୍କ ପ୍ରଗତି କରିବା ଏବଂ ପାତରଅନ୍ତରତାକୁ ବାହାର କରିଦେବା । ଏହି ପଦକ୍ଷେପ ସେମାନଙ୍କୁ ଜୀବନର ସବୁକ୍ଷେତ୍ରରେ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟ କରିବାକୁ ସୁନିଶ୍ଚିତ କରିବା Socio-Economic Development and Empowerment of Disadvantage Groups । ପାଠରେ ତୁମେ ମହିଳା ସଶକ୍ତିକରଣ ଆବଶ୍ୟକତା ସମ୍ବନ୍ଧରେ ପଢ଼ିପାର ଶିଖିପାର ଏବଂ ବୁଝିପାର ।

## ପାଠଗତ ପ୍ରଶ୍ନାବଳୀ ୧୪.୫

୧. ଗୋଟିଏ ନିର୍ଦ୍ଦିଷ୍ଟ ଜିଲ୍ଲାରେ ଭୂମିର କ୍ଷେତ୍ରଫଳ ୨୦୦ ବର୍ଗ କି.ମି. ଅଛି । ସେହି ଜିଲ୍ଲାର ରେକର୍ଡ ଅନୁସାରେ ଜନଗଣନା ୧୯୫୧, ୧୯୬୧, ୧୯୭୧, ୧୯୮୧, ୧୯୯୧ ଏବଂ ୨୦୦୧ ଜନଗଣନାରେ ଲୋକଙ୍କ ମୋଟ ସଂଖ୍ୟା ଥିଲା ୧୭୪୦୦, ୨୬୨୦୦, ୩୬୨୦୦, ୪୭୨୦୦, ୫୯୮୦୦ ଏବଂ ୭୫୨୦୦୦ ।

(କ) ଛଅଗୋଟି ଜନଗଣନାରେ ଜନସଂଖ୍ୟାର ଘନତ୍ୱ କେତେ ଥିଲା ବାହାର କର ।

(ଖ) ଦଶନ୍ଧି ଘନତ୍ୱର ପରିବର୍ତ୍ତନକୁ ବାହାର କର ।

(ଗ) ଜନସଂଖ୍ୟା ଘନତ୍ୱ ବାହାର କରିବାରେ ତୁମେ କୌଣସି ସାଧାରଣ ଦିଗ ଦେଖିପାରୁଛ କି ?

## ତୁମେ କ'ଣ ଶିଖିଲ ?

- ନିର୍ଦ୍ଦିଷ୍ଟ ସମୟରେ ଗୋଟିଏ ଦେଶରେ ବାସ କରୁଥିବା ସମୁଦାୟ ଲୋକଙ୍କୁ ଜନସଂଖ୍ୟା କୁହାଯାଏ । ପ୍ରତି ଦଶବର୍ଷରେ ଭାରତ ସରକାରଙ୍କ ଦ୍ୱାରା ଜନସଂଖ୍ୟା ସମ୍ବନ୍ଧୀୟ ବିଭିନ୍ନ ସାମାଜିକ-ଅର୍ଥନୈତିକ, ଗଣତାନ୍ତ୍ରିକ ତଥ୍ୟ ସଂଗ୍ରହ କରିବାକୁ ଜନଗଣନା କୁହାଯାଏ ।
- ୨୦୦୧ ଜନଗଣନା ଅନୁସାରେ ଭାରତର ମୋଟ ଜନସଂଖ୍ୟା ୧୦,୨୮.୭ କୋଟି ଥିଲା । ୧୯୦୧ ଜନଗଣନାଠାରୁ ଏହା ଚାରିଗୁଣରୁ ଅଧିକ ଥିଲା (୧୯୦୧ରେ ଥିଲା ୨୩୮.୩୦ କୋଟି) ଜନ୍ମହାର ମୃତ୍ୟୁହାର ମଧ୍ୟରେ ଥିବା ପାର୍ଥକ୍ୟକୁ ପ୍ରାକୃତିକ ବୃଦ୍ଧିହାର କୁହାଯାଏ ।
- ପ୍ରତି ବର୍ଗ କି.ମି.ରେ ବାସ କରୁଥିବା ଲୋକମାନଙ୍କ ସଂଖ୍ୟାକୁ ଜନସଂଖ୍ୟାର ଘନତ୍ୱ କୁହାଯାଏ । ଭାରତରେ ଏହାର ବଣ୍ଟନରେ ଅଧିକ ଅସମାନତା ଦେଖାଯାଏ । କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀର ଜନସଂଖ୍ୟାର ଘନତ୍ୱ ସର୍ବାଧିକ ଅଟେ । ଏହା ପ୍ରତି ବର୍ଗ କି.ମି.ରେ ୯୨୯୪ ଜଣ ଅଟେ ଏବଂ ଅରୁଣାଚଳ ପ୍ରଦେଶରେ ଜନସଂଖ୍ୟାର ଘନତ୍ୱ ସର୍ବନିମ୍ନ ଅଟେ । ଏହା ପ୍ରତିବର୍ଗ କି.ମି.ରେ ୧୪ ଜଣ ଅଟେ ।
- ୧୦୦୦ ପୁରୁଷଙ୍କ ପିଛା ନାରୀମାନଙ୍କ ସଂଖ୍ୟାକୁ ଲିଙ୍ଗ ଅନୁପାତ କୁହାଯାଏ । ଭାରତରେ ଲିଙ୍ଗ-ଅନୁପାତ ପ୍ରତିକୂଳ ଅବସ୍ଥାରେ ଅଛି । ୨୦୦୧ ଜନଗଣନା ଅନୁସାରେ ପୁରୁଷ ନାରୀ ଅନୁପାତ ୧୦୦୦ ପୁରୁଷରେ ୯୩୩ ଜଣ ମହିଳା ଥିଲେ । ମହିଳା ସଶକ୍ତିକରଣ ଦ୍ୱାରା ଏହାର ଅନୁପାତ ବୃଦ୍ଧି ପାଇପାରେ ।
- ଭାରତର ଜନସଂଖ୍ୟାର ତିନିଗୋଟି ବୟସ ଗୋଷ୍ଠୀରେ ବିଭକ୍ତ କରାଯାଇଅଛି । (କ) ବାଳଗୋଷ୍ଠୀ (୦-୧୪ ବର୍ଷ) (ଖ) ଯୁବଗୋଷ୍ଠୀ (୧୫-୬୦ ବର୍ଷ) (ଗ) ବୃଦ୍ଧଗୋଷ୍ଠୀ (୬୦ରୁ ଅଧିକ ବର୍ଷ) । ବାଳଗୋଷ୍ଠୀ ଏବଂ ବୃଦ୍ଧଗୋଷ୍ଠୀଙ୍କୁ ନିର୍ଭରଶୀଳ ଜନସଂଖ୍ୟା କୁହାଯାଏ । ସମୁଦାୟ ଜନସଂଖ୍ୟାର ଏମାନେ ୪୩ ପ୍ରତିଶତ ଅଟନ୍ତି ।
- ଜାଗ୍ରତ ସମାଜ ପାଇଁ ସାକ୍ଷରତା ଗୁରୁତ୍ୱପୂର୍ଣ୍ଣ ସୂଚକ ଅଟେ । ଜନଗଣନା ଅନୁସାରେ ସାତବର୍ଷରୁ ଅଧିକ କୌଣସି ବ୍ୟକ୍ତି ଯେ କୌଣସି ଗୋଟିଏ ଭାଷା ଲେଖିପଢ଼ି ବୁଝି ପାରୁଥିଲେ ତାକୁ ସାକ୍ଷର କୁହାଯାଏ । ଆମ ଦେଶରେ ସାକ୍ଷରତା ହାର ବହୁତ ବଢ଼ିଯାଇଅଛି । ୧୯୫୧ରେ ଏହା ୧୮.୩୩ ଥିଲା । ୨୦୦୧ ଜନଗଣନାରେ ଏହା ବଢ଼ି ୬୫.୩୭ ପ୍ରତିଶତ ହୋଇଅଛି । ଆମ ଦେଶରେ କେରଳ ରାଜ୍ୟରେ ସାକ୍ଷରତା ହାର ସର୍ବାଧିକ ଅଟେ । ଏହାର ଅନୁପାତ ୯୦.୮୬ ଶତାଂଶ ଅଟେ ।
- ଜାତୀୟ ଜନସଂଖ୍ୟା ନୀତିର ମୂଳ ଲକ୍ଷ୍ୟ ହେଲା ଲୋକମାନଙ୍କ ଜୀବନର ଗୁଣାତ୍ମକ ବିକାଶ କରିବା, ଏହା ଜନ୍ମହାର - ମୃତ୍ୟୁହାରକୁ କମାଇଲେ, ପରିବାରର ମଙ୍ଗଳ କଲେ, ଜନସଂଖ୍ୟାକୁ ସ୍ଥିର ରଖିଲେ ଆର୍ଥିକ ଅଭିବୃଦ୍ଧି ହେଲେ ସାମାଜିକ ଉନ୍ନତି ହେଲେ ଏବଂ ପରିବେଶର ସୁରକ୍ଷା କଲେ ସମ୍ଭବପର ହୋଇପାରିବ । ଜୀବନଶୈଳୀର ଗୁଣାତ୍ମକ ବିକାଶ ହେବା ଫଳରେ ଆମର ବିଶାଳ ଜନସଂଖ୍ୟା ଦେଶର ଉତ୍ପାଦନକାରୀ ସମ୍ପଦରେ ପରିବର୍ତ୍ତନ ହୋଇପାରିବ ।

## ଅନ୍ତିମ ଅନୁଶୀଳନୀ

୧. ଲିଙ୍ଗ ଅନୁପାତର ବ୍ୟାଖ୍ୟା କର । ଭାରତର ଲିଙ୍ଗ ଅନୁପାତ କାହିଁକି ପ୍ରତିକୂଳ ଅବସ୍ଥାରେ ରହିଅଛି ?

୨. ଜନସଂଖ୍ୟା ବୃଦ୍ଧିହାରକୁ ବ୍ୟାଖ୍ୟା କର, ଏହା କେଉଁ ସ୍ତରରେ ପହଞ୍ଚିଅଛି ?

୩. ଭାରତର ବୟସ ଗଠନ ତଥ୍ୟରୁ ଆମେ କ'ଣ ଅନୁମାନ କରିପାରିବା ?

୪. ଆମର ବିଶାଳ ଜନସଂଖ୍ୟାକୁ କିପରି ସମ୍ପଦରେ ପରିଣତ କରିପାରିବା ?

୫. ନିମ୍ନଲିଖିତ ଶବ୍ଦକୁ ବ୍ୟାଖ୍ୟା କର ।

(କ) ଜନସଂଖ୍ୟାର ଘନତ୍ୱ

(ଖ) ଜନ୍ମହାର, ମୃତ୍ୟୁହାର ଏବଂ ବୃଦ୍ଧିହାର

(ଗ) ସାକ୍ଷରତା

୬. ଜାତୀୟ ଜନସଂଖ୍ୟା ନୀତିକୁ ବୁଝାଅ ?

୭. ମହିଳା ସଶକ୍ତିକରଣ ଅର୍ଥ କ'ଣ ? ମହିଳା ସଶକ୍ତିକରଣ କିପରି ସମୁଦାୟ ସମାଜ କିମ୍ବା ଗୋଷ୍ଠୀକୁ ଶକ୍ତିମାନ କରେ ?

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୧୪.୧ ୧. ଯାହାକି ଆମ ଦ୍ୱାରା ବ୍ୟବହୃତ କିମ୍ବା ଅବ୍ୟବହୃତ ହୋଇପାରେ

୨. ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିକାରକ, ସ୍ୱତନ୍ତ୍ର ଟ୍ରେନିଂ

୧୪.୨ ୧. (କ) ପଶ୍ଚିମବଙ୍ଗ

୨. (ଘ) ପ୍ରତି ବର୍ଗ କି.ମି.ରେ ୩୦୦ ଜଣ

୩. (କ) ଶିଳ୍ପାୟନ (ଖ) ସହରୀକରଣ (ଗ) ନିଯୁକ୍ତି ସୁଯୋଗ (ଘ) ପରିବହନ ଯୋଗାଯୋଗର ମାଧ୍ୟମ ।

୪. (କ) ବନ୍ଧୁର ଭୂମିରୂପ

(ଖ) ନୈରାଶ୍ୟଜନକ ଜଳବାୟୁ

୧୪.୩ ୧. (ଗ) ହଜାରରେ ୨୦

୨. (ଗ) ଉଚ୍ଚ ଜନ୍ମହାର ଏବଂ ନିମ୍ନ ମୃତ୍ୟୁହାର

୩. ୧୯୨୧ ବର୍ଷ ଜନସଂଖ୍ୟାର ହ୍ରାସକୁ ଦେଖାଏ କିନ୍ତୁ ତାପରେ ଏହା କ୍ରମାନ୍ୱୟରେ ବୃଦ୍ଧି ପାଇଅଛି ।





୧୪.୪ ୧. (ଗ) ୯୩୩

୨. (କ) ୨୭୮

୩. ସରକାର ନିର୍ଭରଶୀଳ ଜନସଂଖ୍ୟା ପାଇଁ ଅଧିକ ଖର୍ଚ୍ଚ କରୁଛନ୍ତି ଏବଂ ଦେଶର ବୃହତ୍ତର ଉନ୍ନତିମୂଳକ କାମରେ ଖର୍ଚ୍ଚ କରୁଛନ୍ତି ।

୪. (କ) ମହିଳାମାନଙ୍କ ପ୍ରତି ପାତରଅନ୍ତର ।

(ଖ) କନ୍ୟା ଭ୍ରୂଣହତ୍ୟା ଏବଂ ଶିଶୁହତ୍ୟା

୧୪.୫

| ବର୍ଷ | (କ) ଘନତ୍ୱ | (ଖ) ଦଶବର୍ଷରେ ଘନତ୍ୱରେ ପରିବର୍ତ୍ତନ ବୃଦ୍ଧି ପାଇବାରେ ଲାଗିଅଛି | (ଗ) ଜନସଂଖ୍ୟା ଘନତ୍ୱ କ୍ରମାନ୍ୱୟରେ |
|---|---|---|---|
| ୧୯୫୧ | ୮୭ | – | |
| ୧୯୬୧ | ୧୩୧ | ୪୪ | |
| ୧୯୭୧ | ୧୮୧ | ୫୦ | |
| ୧୯୮୧ | ୨୩୬ | ୫୫ | |
| ୧୯୯୧ | ୨୯୯ | ୬୩ | |
| ୨୦୦୧ | ୩୭୬ | ୭୭ | |